Starting Year: 2025

ISSN No. 3049-2807 (Online)
October 2025 . Vol- I . Issue- IV

ବିନ୍ଦୁ ବିମର୍ଶ

BINDU BIMARSHA...

ଅକ୍ଟୋବର-ଡିସେମ୍ବର ୨୦୨୫



ସର୍ବ ଅନୁଭୂତି ସର୍ବେଭୂତେ ତାର,
ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର।

ବିନ୍ଦୁ ବିମର୍ଶ

BINDU BIMARSHA

ସମୀକ୍ଷିତ ଗବେଷଣାତ୍ମକ ଓଡ଼ିଆ ପତ୍ରିକା

ପ୍ରଥମ ବର୍ଷ, ଚତୁର୍ଥ ସଂଖ୍ୟା
ଅକ୍ଟୋବର - ଡ଼ିସେମ୍ବର ୨୦୨୫

Volume No:. I, **Issue No:.** IV
OCTOBER – DECEMBER 2025

ପ୍ରତିଷ୍ଠାତା, ସମ୍ପାଦକ ଓ ପ୍ରକାଶକ
ଡ. ସୌମ୍ୟଜିତ୍ ପଣ୍ଡା

Founder, Editor & Publisher
Dr. Soumyajit Panda

BINDU BIMARSHA

ISSN:3049-2807

BINDU BIMARSHA is a quarterly, peer-reviewed online & print academic journal edited and published by **Dr. Soumyajit Panda** since **2025**. The journal publishes original research and scholarly articles in **Odia language**, **literature**, **folk culture**, **comparative literature**, **literary theory** and research methodology with a focus on **region responsive research**. The publication maintains a rigorous peer-review process and adheres to established academic and ethical standards, continuing its print edition from **2025 to the present**.

City of publication: Jajpur ll **Language of publication:** Odia ll **Year of publication:** 2025

Permanent Official Address

At- Karajanga, Po- Rajendrapur, Ps-Kuakhia, Via– Kabirpur Dist- Jajpur, State-Odisha, Pin- 755009

Contact

Email_ID: bindubimarsha@gmail.com Mobile No. 9439515579

E-ISSN-3049-2807 || Quarterly Peer Review Journal

ସମୀକ୍ଷକ ମଣ୍ଡଳୀ

ପ୍ରଫେସର ନାରାୟଣ ସାହୁ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ
ସଂଯୁକ୍ତ ପ୍ରଫେସର, ଓଡ଼ିଆ ବିଭାଗ ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ପ୍ରଫେସର ମନୋରଞ୍ଜନ ପ୍ରଧାନ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

ପ୍ରଫେସର ଦେବାଶିଷ ପାତ୍ର
ବିଭାଗ ମୁଖ୍ୟ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ଇନ୍ଦ୍ରମଣି ସାହୁ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

ଡ. ଜୟନ୍ତ କୁମାର ଦାସ
ସହାୟକ ଅଧ୍ୟାପକ, ଫକୀରମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର

ଡ. ପରୀକ୍ଷିତ ଭୋଇ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଡ. କଳ୍ପତରୁ ନାୟକ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ

ସମ୍ପାଦକ ମଣ୍ଡଳୀ

ଡ. ସୌମ୍ୟଜିତ୍ ପଣ୍ଡା
ସହାୟକ ଅଧ୍ୟାପକ, ଦୂରନ୍ତର ଶିକ୍ଷାକେନ୍ଦ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ବନଜା ବାସିନୀ ବାରିକ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

ଡ. ବିପ୍ଳବ ରଞ୍ଜନ ପ୍ରଧାନ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଏସ୍.କେ.ସି. ଜି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଜପତି

ଡ. ପ୍ରହ୍ଲାଦ ଖିଲ୍ଲା
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ପ୍ରୀତିରଞ୍ଜନ ମାଝୀ
ସହାୟକ ଅଧ୍ୟାପକ, ସଂସ୍କୃତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ମନୀଷା ସାହୁ
ଓଡ଼ିଆ ଅଧ୍ୟାପକ
ଇସ୍ପାତ ମହାବିଦ୍ୟାଳୟ, ରାଉରକେଲା

ଡ. ମନୋରଞ୍ଜନ ସାହୁ
ଓଡ଼ିଆ ବିଭାଗ ମୁଖ୍ୟ,
ବ୍ରାହ୍ମଣୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ଡ. ଅଭୟ କୁମାର ଦାସ
ଓଡ଼ିଆ ବିଭାଗ ମୁଖ୍ୟ,
ଭଦ୍ରକ ମହିଳା ମହାବିଦ୍ୟାଳୟ, ଭଦ୍ରକ

ଡ. ଶାନ୍ତନୁ କୁମାର ନାୟକ
ଓଡ଼ିଆ ବିଭାଗ ମୁଖ୍ୟ,
ଏରୋନଟିକ୍ ମହାବିଦ୍ୟାଳୟ, କୋରାପୁଟ

ଚିନ୍ମୟ ସାମଲ
ଓଡ଼ିଆ ଅଧ୍ୟାପକ
ପଟ୍ଟାମୁଣ୍ଡେଇ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

E-ISSN-3049-2807 || Quarterly Peer Review Journal

Review Board

Prof.Narayan Sahoo

Retired Professor Department of Odia Language and Literature
Utkal University, Bhubaneswar

Prof. Krushnachandra Pradhan

Adjunct Professor Department of Language and Literature
Fakir Mohan University, Balasore

Prof. Manoranjan Pradhan

Retired Professor Department of Odia Language and Literature
Visva Bharati, Santiniketan

Prof. Debashis Patra

Head, Department of Language and Literature
Fakir Mohan University, Balasore

Dr. Indramani Sahoo

Assistant Professor,
Dept. of Odia Language & Literature,
Visva Bharati University, Santiniketan

Dr. Jayant Kumar Das

Assistant Professor in Odia,
Fakir Mohan University, Balasore

Dr. Parikhita Bhoi

Assistant Professor, Dept. of Odia
Gangadhar Meher University, Sambalpur

Dr. Kalpataru Nayak

Assistant Professor,
Department of Odia
Bouda Government Model College, Bouda

Editorial Board

Dr. Soumyajit Panda

Assistant Professor in Odia
CDOE, Fakir Mohan University, Balasore

Dr. Banaja Basini Barik

Assistant Professor, Department of Odia,
Bhadrak Autonomous College, Bhadrak

Dr. Biplab Ranjan Pradhan

Assistant Professor, Department of Odia,
S.K.C.G. Autonomous College, Gajapati

Dr. Prahallad Khilla

Assistant Professor in Odia,
Fakir Mohan University, Odisha

Dr. Pritiranjan Majhi

Assistant Professor of Sanskrit
Fakir Mohan University, Balasore

Dr. Manisha Sahoo

Lecturer in Odia
Ispat Autonomous College, Rourkela

Dr.Manoranjan Sahu

Lecturer in Odia
Brahmani College, Kendrapara

Dr. Abhay Kumar Das

Head of Department, Odia
Bhadrak Women's College, Bhadrak

Dr. Shantanu Kumar Nayak

Head of Department, Odia
Aeronautics College, Koraput

Mr. Chinmaya Samal

Lecturer in Odia
Pattamundai College, Kendrapara

BINDU BIMARSHA...

E-ISSN-3049-2807 ।। Quarterly Peer Review Journal

ଆମ ବିଷୟରେ

- ବିନ୍ଦୁ ବିମର୍ଶ ଏକ ତ୍ରୈମାସିକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଆଧାରିତ ସମାଲୋଚନାଧର୍ମୀ ପତ୍ରିକା ।
- ଏଣୁ ଏଥିରେ କୌଣସି ପ୍ରକାର ସର୍ଜନାତ୍ମକ ରଚନା (ଗଳ୍ପ, କବିତା, ଉପନ୍ୟାସ, ଅନୁବାଦ ବା ନାଟକ ଆଦି) ଗ୍ରହଣୀୟ ନୁହେଁ।
- ଏହି ପତ୍ରିକା ମଧ୍ୟରେ କେବଳ ଓଡ଼ିଆ ଭାଷାରେ ରଚିତ ସାହିତ୍ୟ ଓ ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶ ହେବ ।
- ଏହା ବ୍ୟତୀତ ଏହି ପତ୍ରିକାରେ ପୁସ୍ତକ ସମୀକ୍ଷା ଓ ଗବେଷକମାନଙ୍କ ସହିତ ହୋଇଥିବା ପତ୍ରାଳାପ ଓ ଲିଖିତ ସାକ୍ଷାତକାର ସ୍ଥାନ ପାଇବ ।
- ପତ୍ରିକାଟି କେବଳ ମୌଳିକ ସମାଲୋଚନାପାଇଁ ଉଦ୍ଦିଷ୍ଟ । ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ଲେଖା ଏଥିରେ ଗ୍ରହଣୀୟ ହେବନାହିଁ।
- ଲେଖାଗୁଡ଼ିକ କେବଳ ୟୁନିକୋଡ଼ ଅକ୍ଷରରେ ଓ ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲରେ ଗ୍ରହଣୀୟ।
- ଲେଖାର ଅକ୍ଷର ଓଡ଼ିଆ କଳିଙ୍ଗ ଲିପିରେ ରହିବା ଆବଶ୍ୟକ।
- ଲେଖାର ନାମ ୧୬(ବୋଲ୍ଡ), ଲେଖକଙ୍କର ନାମ ୧୩(ବୋଲ୍ଡ) ଓ ତାଙ୍କର ଠିକଣା ୧୧ ଅକ୍ଷର ସାଇଜରେ ରହିବ। ଏହା ସହିତ ଆଲୋଚନାଟି ୧୨ ଅକ୍ଷର ସାଇଜରେ ରହିବ । ଆଲୋଚନା ମଧ୍ୟରେ ଉପଶୀର୍ଷକ ଥିଲେ ଏହା ୧୨ ବୋଲ୍ଡ ଅକ୍ଷର ସାଇଜରେ ରହିବା ବିଧେୟ ।
- ଏହା ଏକ ଦେୟମୁକ୍ତ ପ୍ରକାଶନ ମଞ୍ଚ ଏଣୁ ସମୀକ୍ଷକ ଓ ସମ୍ପାଦକମଣ୍ଡଳୀଙ୍କର ଅନୁମୋଦନ ପରେ ଲେଖାଟି ପ୍ରକାଶ ପାଇବ ।
- ଏହା ତ୍ରୈମାସିକ ଆଧାରରେ ପ୍ରକାଶ ପାଉଥିବାରୁ ଲେଖା ପଠାଇବା ପରେ ପ୍ରେରକଙ୍କୁ ୬ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ ।
- ପ୍ରବନ୍ଧ ପ୍ରେରଣ ସମୟରେ ଲେଖକ ପ୍ରକାଶକଙ୍କୁ ଲେଖାଟି ପ୍ରକାଶ କରିବାପାଇଁ ନିଜର ସ୍ୱୀକୃତି ପତ୍ର ପ୍ରେରଣ କରିବା ଅନିବାର୍ଯ୍ୟ । ଏହା ବିନା ଲେଖାଟି ଗ୍ରହଣୀୟ ନୁହେଁ ।

-ସମ୍ପାଦକ ମଣ୍ଡଳୀ

About Us.

- Bindu Bimarsha is a quarterly Odia literary and cultural criticism magazine. Therefore, it does not accept any form of creative writing such as stories, poems, novels, translations, or plays Etc .
- This magazine publishes research-based articles focused on literatur and culture written only in the Odia language.
- Additionally, the magazine includes book reviews, written interviews, and correspondences with researchers.
- The magazine is dedicated solely to original critiques. Previously published works are not accepted.
- Submissions must be made in Unicode font and in Microsoft Word format.
- The articles should be written in the Odia Kalinga script.
- The title of the article should be in 16-point bold font, the author's name in 13-point bold font, and the address in 11-point font. The body of the discussion should be in 12 -point font. If there are subheadings within the article, they should be in 12-point bold font.
- This is a non-commercial publication platform, and articles are published only after approval from the reviewers and editorial board.
- As the magazine is published quarterly, contributors are requested towait up to 6 months after submission.
- At the time of submission, the author must send a consent letter authorizing the publisher to publish the article. Without this letter, the submission will not be accepted.

-Editorial Board

E-ISSN-3049-2807 ।। Quarterly Peer Review Journal

ସମ୍ପାଦକୀୟ...

ଗବେଷଣା କ୍ଷେତ୍ରରେ କେଉଁଠି ?

ଗବେଷଣା କ୍ଷେତ୍ରରେ କେଉଁଠି ?

ବିବୁଧେ, ଚଳିତ ସପ୍ତାହରେ ଆମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ୧୪୮ ଜୟନ୍ତୀ ଉତ୍ସବ ପାଳନ କରୁଛନ୍ତି। ଏହି ଅବସରରେ ଆମେ ଅନେକ ସଭାସମିତି ଉତ୍ସବ ଓ ନାଚ ଗୀତ କରୁଛେ। ହେଲେ ସତ କହିଲେ! ଯେଉଁ ଲୋକ ଜାତି ଓ ଭାଷା ପାଇଁ ନିଜର ସର୍ବସ୍ୱ ତିଳ ତିଳ କରି ଜାଳିଦେଲା ସେହି ଜାତି ଓ ଭାଷାପାଇଁ ଆମର ଅବଦାନ କ'ଣ? ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଆମେ ଆମ ଭାଷା ଓ ସଂସ୍କୃତି ପାଇଁ କ'ଣ କାମ କରିଛେ? ଆମ ଭାଷା, ସଂସ୍କୃତି ଓ ସ୍ୱର୍ଣ୍ଣିମ ସାହିତ୍ୟକୃତିଗୁଡ଼ିକୁ କେତେ ମାତ୍ରାରେ ବିଶ୍ୱ ଦରବାରରେ ପରିଚିତ କରାଇପାରିଛେ? ବିଶ୍ୱସ୍ତରରେ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣାରେ ଆମେ କେଉଁଠି?

ଭାଷା ବ୍ୟବହାର କରୁଥିବା ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଆମେ ବିଶ୍ୱରେ ୨୫ତମ ସ୍ଥାନ ଅଧିକାର କରୁଥିବା ବେଳେ ଉଚ୍ଚକୋଟିର ସାହିତ୍ୟ ରଚନାରେ ଆମର ସ୍ଥାନ ଅତୁଳନୀୟ। ଆମର ସାହିତ୍ୟ କୌଣସି ଦୃଷ୍ଟିରୁ ବିଶ୍ୱର ଶ୍ରେଷ୍ଠ ସାହିତ୍ୟମାନଙ୍କରେ ତୁଳନାରେ କମ୍ ନୁହେଁ, ଅଧିକନ୍ତୁ ଆମଠାରୁ ଅଧିକ କଥିତ ଓ ଜନ ଆଦୃତ ଭାଷା ତୁଳନାରେ ଆମେ ସମୃଦ୍ଧ ସାହିତ୍ୟରେ ଧନୀ। ମାତ୍ର ଭାଷା ଓ ସାହିତ୍ୟରେ ଗବେଷଣା ଓ ନୂତନତା ଦୃଷ୍ଟିରୁ ଦେଖିଲେ ଆମେ ସମ୍ପ୍ରତି ବିଶ୍ୱର ଶ୍ରେଷ୍ଠ ଶତ ଭାଷା ଶ୍ରେଣୀରେ ମଧ୍ୟ ନିଜକୁ ଖୋଜିପାଇବା କଷ୍ଟକର। ଏପରି କାହିଁକି ହୋଇଛି କଣ ଆମେ ସେ ବିଷୟରେ କେବେ ଭାବିଛନ୍ତି କି?

ଏମିତି ନୁହେଁ ଯେ ସରକାର ଭାଷା ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି। କେବଳ ଗତ ଦଶ ବର୍ଷରେ ଓଡ଼ିଶା ଓ କେନ୍ଦ୍ର ସରକାର ଓଡ଼ିଆ ଭାଷା ପାଇଁ ପନ୍ଦର ଶହ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ବିବିଧ ଗଣମାଧ୍ୟମ ଓ ବ୍ୟୟ ଅଟାକଳ ଦେଖିଲେ ଜଣାପଡେ। ହେଲେ ପ୍ରକୃତ ଭୂମିରେ ଦେଖିଲେ ଏତେ ଟଙ୍କା କୁଆଡେ ଯାଉଛି କେଉଁଥିପାଇଁ ଖର୍ଚ୍ଚ ହେଉଛି ବୁଝି ହୁଏନାହିଁ। ସ୍କୁଲରେ ଓଡ଼ିଆ ଭାଷା ଶିକ୍ଷକ ନାହିଁ, ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାରର କଡ଼ା ନିୟମ ନାହିଁ, ଭାଷା ଓ ସାହିତ୍ୟରେ ବିଶ୍ୱସ୍ତରୀୟ ମାନକ ଗବେଷଣା ପ୍ରତିଷ୍ଠାନ ନାହିଁ, ଏପରିକି ବିଶ୍ୱ ମାନକକୁ ସମକକ୍ଷ ହେଉଥିବା ଗବେଷଣାତ୍ମକ ପତ୍ରିକା ମଧ୍ୟ ନାହିଁ କହିଲେ ଚଳେ। ସରକାର ଏଥିପାଇଁ ଯେଉଁମାନଙ୍କୁ ପାଳିଛନ୍ତି ସେମାନେ ଓଡ଼ିଆ ଭାଷାରେ ଗବେଷଣା କରିବା ତ ଦୂରର କଥା, ପ୍ରାଚୀନ ସାହିତ୍ୟଗୁଡ଼ିକର ଠିକ୍ ସମ୍ପାଦନା କି ମୂଲ୍ୟାୟନ ମଧ୍ୟ କରିପାରୁନାହାନ୍ତି। ପୁଣି ଯେଉଁମାନେ ବ୍ୟକ୍ତିଗତସ୍ତରରେ ଏହାର ପ୍ରୟାସ କରୁଛନ୍ତି ତାଙ୍କ ଦୁର୍ଦ୍ଦଶା ନକହିଲେ ଚଳେ। କାରଣ ସେମାନଙ୍କ ପାଖରେ ସଂସାଧନ କି ଅର୍ଥ ନାହିଁ। କଥାରେ ଅଛି "ସୁନା ଥିଲେ କାନ ନାହିଁ, କି କାନ ଥିଲେ ସୁନା ନାହିଁ" ପୁଣି କିଛି ପଙ୍ଗପାଳ ଗୋଷ୍ଠୀ ଓଡ଼ିଆ ଭାଷା ଗବେଷଣା ନାମରେ କୋଟି କୋଟି ଲୁଟୁଛନ୍ତି। ହେଲେ ଫଳ ଶୂନ୍ୟ।

BINDU BIMARSHA...

ଓଡ଼ିଆରେ ଲେଖାଯାଉଥିବା ଅଧିକାଂଶ ଗବେଷଣାତ୍ମକ ପ୍ରବନ୍ଧ ଓ ନିବନ୍ଧ ସମାଲୋଚନା କମ୍, ତୋଷାମଦ ବେଶି। ସେଥିରୁ ପୁଣି ଅଧାରୁ ଅଧିକ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରି ଲେଖାଯାଉଛି। ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଇନ୍‌ଫ୍ଲିବନେଟ୍ (INFLIBNET) ଶୋଧଗଙ୍ଗା ରିପୋଜିଟୋରିର ଗୋଟିଏ ଅଧ୍ୟୟନରେ ଦେଖାଯାଇଛି ଯେ, ୧୯୦୫ ରୁ ୨୦୨୩ ପର୍ଯ୍ୟନ୍ତ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ୧,୧୨୭ଟି ପିଏଚଡି ନିବନ୍ଧ ସଂଗୃହୀତ ହୋଇଛି। ମାତ୍ର ଏଥି ମଧ୍ୟରୁ କିଛି ହତଗଣତି ଗବେଷଣାକୁ ଛାଡ଼ି ଦେଲେ ଅଧିକାଂଶ ନିବନ୍ଧ ପଦବାଚ୍ୟ ହେବେକି ନାହିଁ ସନ୍ଦେହ। ଯଦି ଏହି ନିବନ୍ଧଗୁଡ଼ିକର ଠିକ୍ ଭାବରେ ଅଧ୍ୟୟନ ଓ ପୁନଃମୂଲ୍ୟାୟନ କରାଯାଏ ତେବେ ଅଧିକାଂଶ ପୂର୍ବାପର ଅନୁଲିପିତ। ଏପରିକି କିଏ କାହାଠାରୁ ଅନୁପ୍ରାଣିତ, କହିବା କଷ୍ଟକର। ପୁଣି ଅଧିକାଂଶ ନିବନ୍ଧର ସାମାଜିକ, ସାଂସ୍କୃତିକ କି ସାହିତ୍ୟିକ ପ୍ରାସଙ୍ଗିକତା ନାହିଁ। ଆଉ କିଛି କେବଳ ନାମ ବଦଳାଇ ସମାନ କଥା ଲେଖା ଯାଇଛି। ଏପରି ଗବେଷଣାର ମାନେ କ'ଣ? ନା

ଏଥିରେ ସାହିତ୍ୟରେ ଦୋଷ ଗୁଣର ତର୍ଜମା ଅଛି ନା ଅଛି ଗବେଷଣାତ୍ମକ ଔଚିତ୍ୟ। ଏପରି ଗବେଷଣା ଆମର କେଉଁ କାମକୁ ଓ କାହା ସ୍ୱାର୍ଥରେ?

ପୁଣି ପତ୍ରିକାଗୁଡ଼ିକରେ ଯେଉଁ ଗବେଷଣାତ୍ମକ ନିବନ୍ଧ ବାହାରୁଛି ତାହା ନକହିବା ଭଲ। ଅଧାରୁ ଅଧିକ ତଥ୍ୟ ଦୋଷଯୁକ୍ତ। ବାକି ଯାହା ରହିଲା ତାହା ତୁଚ୍ଛ ତୋଷାମଦ। ଯଦି କେହି ଉଦ୍ୟମୀ ସମାଲୋଚକ ସମାଲୋଚିତ ସାହିତ୍ୟର ଲେଖକକୁ ପ୍ରଶଂସା କଲା ତା ଠିକ୍ ଅଛି ନହେଲେ ତାହାର ଯେଉଁ ଚରିତ୍ରସଂହାର ହେବ ତାହା ସେହି ଉଦ୍ୟମୀ ଗବେଷକଟିର ପ୍ରବନ୍ଧର ଉପସଂହାରଠାରୁ ମଧ୍ୟ ଅଧିକ ସୂକ୍ଷ୍ମ ଓ ଭୟାବହ ହୋଇପାରେ। ଏଥିରୁ ଆମର ସମାଲୋଚନା ଗ୍ରହଣଶୀଳତାର ମନୋବୃତ୍ତି ଜଣାପଡ଼େ। ପୁଣି ଦେଖିବାକୁ ଗଲେ ଆମ ଭାଷାରେ ବର୍ତ୍ତମାନ ଶୁଦ୍ଧା ଦୁଇ ହଜାରରୁ ଅଧିକ ପତ୍ରିକା ପ୍ରକାଶ ପାଉଛି। ହେଲେ ଆମେ ଏତେ ସମଦର୍ଶୀ ଯେ ସୃଜନାତ୍ମକ ପତ୍ରିକା ଓ ଗବେଷଣାତ୍ମକ ପତ୍ରିକାରେ ଆମେ ଭେଦ କରୁନାହୁଁ। ଗୋଟେ ପତ୍ରିକାରେ ଗଳ୍ପ, କବିତା, ଉପନ୍ୟାସ, ଏକାଙ୍କିକା, ନାଟକ, ରମ୍ୟରଚନା ସହ ଗବେଷଣାତ୍ମକ ନିବନ୍ଧ ମଧ୍ୟ ପ୍ରକାଶ ପାଉଛି। ଯାହା ଗବେଷଣାର ନିୟମଶୃଙ୍ଖଳା ବହିର୍ଭୂତ। ଏପରି ନୁହଁ ଯେ ସବୁ ପତ୍ରିକା ଏପରି କରୁଛନ୍ତି। କଥା, ଆମ ସମୟର ସୃଜନୀ ପରି କିଛି ପତ୍ରିକା ସାହିତ୍ୟର କିଛି ବିଶେଷ ଦିଗ(ଗଳ୍ପ) ପ୍ରତି ଦୃଷ୍ଟି ଦେଉଛନ୍ତି। ସେହିପରି ବାଗୀଶ ପରି କିଛି ପତ୍ରିକା ପ୍ରାରମ୍ଭିକ ସମୟରେ ସୃଜନାତ୍ମକ ରଚନା ସହ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିଥିବା ବେଳେ ସମ୍ପ୍ରତି କେବଳ ଆନ୍ତର୍ଜାତିକମାନକ ମୁତାବକ ଗବେଷଣାତ୍ମକ ପ୍ରବନ୍ଧ ଓ ତଥ୍ୟ ପ୍ରକାଶ କରୁଛନ୍ତି। ଯାହା ଆମ ଭାଷା ଓ ସାହିତ୍ୟପାଇଁ ଶୁଭସୂଚକ।

ବିବୁଧେ, ମାତ୍ର କେଇଜଣ ହତଗଣତି ଲୋକଙ୍କର ଉଦ୍ୟମ ରହିଲେ ହେବନାହିଁ ଆମ ସମସ୍ତଙ୍କୁ ମିଶି ଓଡ଼ିଆ ସାହିତ୍ୟ ପାଇଁ ବିଶ୍ୱସ୍ତରୀୟ ଗବେଷଣାର ମାନକ ନିର୍ଧାରଣ କରିବାକୁ ପଡ଼ିବ। ଏଥିରେ ଆମ ନୀତିନିର୍ଧାରକମାନଙ୍କର ଯୋଗଦାନ ରହିବା ନିହାତି ଆବଶ୍ୟକ। ଆମକୁ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷକମାନଙ୍କ ପାଇଁ ବିଶ୍ୱସ୍ତରର ଗବେଷଣା ଅନୁଷ୍ଠାନ ନିର୍ମାଣ କରିବାକୁ ହେବ। ଆମ ଭାଷା ଅନ୍ୟ ଭାଷାମାନଙ୍କଠାରୁ ଭିନ୍ନ, ଏଣୁ ଏଥିପାଇଁ ନୂତନ ଗବେଷଣା ପଦ୍ଧତି ନିର୍ମାଣ କରିବାକୁ ପଡ଼ିବ। ଏହା ସହିତ ଆମକୁ ଗବେଷଣା ନୀତି ନିର୍ଦ୍ଦେଶାବଳୀ (Research Ethic) ର ନିର୍ମାଣ କରିବାକୁ ପଡ଼ିବ ଯାହାଫଳରେ ଆମେ ଅବାଞ୍ଛିତ ଓ ଅନୁଚିତ ଗବେଷଣା ଅଭ୍ୟାସରୁ ନିବୃତ୍ତ ରହିବା। ଏହା ସହିତ ଆମକୁ ଓଡ଼ିଆ ଭାଷାପାଇଁ ଏକ ପ୍ରତିଲିପି ପରୀକ୍ଷକ ବ୍ୟବସ୍ଥା (Plagiarism Checker) ନିର୍ମାଣ କରିବାକୁ ପଡ଼ିବ। ଏହି ପ୍ରସଙ୍ଗରେ ଇନ୍‌ଫ୍ଲିବନେଟ୍ (INFLIBNET) ସହିତ ଅନୁବନ୍ଧିତ ପ୍ରତିଲିପି ପରୀକ୍ଷକ DrilBit ୱେବସାଇଟ ଓଡ଼ିଆପାଇଁ ଅନ୍ୟ ତୁଳନାରେ ଅତ୍ୟନ୍ତ ପ୍ରଭାବୀ। ତେବେ ଏଥିରେ ଆହୁରି ସୁଧାର ହେବାର ଆବଶ୍ୟକତା ରହିଛି। ବାର୍ତ୍ତମାନିକ ଆବଶ୍ୟକତା ଅନୁସାରେ ଭାଷାର ନୂତନ ଗବେଷଣା ଓ ସାହିତ୍ୟର ନୂତନ ଦିଗ ତଥା ସଂସ୍କୃତିର ଅନାଲୋଚିତ ନାନ୍ଦନିକତା ବିଷୟରେ ଆଲୋଚନା ଆବଶ୍ୟକ। ପୁଣି ଏହାର ସାମାଜିକ ଉପଯୋଗିତା ବିଷୟରେ ମଧ୍ୟ ଧ୍ୟାନ ଦେବା ଜରୁରୀ।

ଏକ ଜାତି ଓ ଭାଷାଗୋଷ୍ଠୀ ଭାବରେ ଆମେ ନିଜକୁ ତର୍ଜମା କରିବା ଉଚିତ୍, ଆମେ ଗବେଷଣା କ୍ଷେତ୍ରରେ କେଉଁଠି ଅଛନ୍ତି ଓ କେଉଁଠି ପହଞ୍ଚିବାକୁ ଚାହୁଁଛନ୍ତି ତାହା ଅନୁଭବ କରିବାକୁ ପଡ଼ିବ। ଆମର ଭାଷା ଓ ଜାତିପାଇଁ ଆମକୁ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି କାର୍ଯ୍ୟ କରିବାକୁ ପଡ଼ିବ। କାରଣ ମାତୃଭାଷାର ଉନ୍ନତି ବିନା ମାତୃଭୂମିର ଉନ୍ନତି ଅସମ୍ଭବ। ଆଜି ଉତ୍କଳମଣିଙ୍କ ଜୟନ୍ତୀ ସମୟରେ ଉତ୍କଳଗୌରବଙ୍କର ସେହି ପଦ ମନେପଡ଼େ,

"ଜାତିର ଉନ୍ନତି ସେ କାହିଁ କରିବ,
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?"

ବିବୁଧେ, ଶେଷରେ ଏତିକି କହିବି କୌଣସି ନୂତନ କାର୍ଯ୍ୟ ଆରମ୍ଭ କଲେ ଭୁଲ୍ ହେବା ଅବଶ୍ୟମ୍ଭାବୀ। ମାତ୍ର ଭୁଲ୍ ହେବ ଏହି ଭୟରେ କାର୍ଯ୍ୟ ଛାଡିଦେବା କାପୁରୁଷପଣିଆଁ ଛଡ଼ା ଅନ୍ୟକିଛି ହୋଇନପାରେ। ବିଫଳତାରୁ ଶିଖିବା ଓ ସଫଳତା ଆଡ଼କୁ ଅଗ୍ରସର ହେବା ଏତିକି ଆମର ଧ୍ୟେୟ ହେଉ। ଏହା କାମନା କରି ଆମେ ଆମର ଚଳିତ ବର୍ଷର ଶେଷ ସଂଖ୍ୟା ଆପଣଙ୍କ ସମୀପେ ପ୍ରସ୍ତୁତ କରୁଛୁ । ଆଶା ଆପଣ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିବେ ଓ ଆମ୍ଭର ଦୋଷତ୍ରୁଟି ବିଷୟରେ ଆମକୁ ଅବଗତ କରାଇବା ହେବେ।

-ସମ୍ପାଦକ

- ସୌମ୍ୟଜିତ୍ ପଣ୍ଡା

ବିନ୍ଦୁ ବିମର୍ଶ
BINDU BIMARSHA
E-ISSN No:. 3049-2807
Open Access, Peer Reviewed, Quarterly
Volume No:. I, Issue No:. IV
OCTOBER – DECEMBER 2025

ଏହି ସଂଖ୍ୟାରେ...

କ୍ର.ସଂ	ବିଷୟ	ଲେଖକ	ପୃଷ୍ଠା
	ପ୍ରବନ୍ଧ ଓ ସମାଲୋଚନା		
୧.	ଓଡ଼ିଶାର ସାମ୍ପ୍ରତିକ ଜନଜାତି ଗବେଷଣା ଓ ଗବେଷକ ଦେବାଶିଷ ପାତ୍ର	ସବିତା ବାରିକ	୦୯ - ୧୩
୨.	ଭୀମ ପୃଷ୍ଟିଙ୍କ ଜମ୍ବୁଲୋକ ଉପନ୍ୟାସ: ଏକ ବିଶ୍ଳେଷଣ	ଦେବସ୍ମିତା ସାହୁ	୧୪ - ୧୬
୩.	କୁଡୁମୀ ସଂସ୍କୃତିରେ 'ପାଲା': ଏକ ଦୃଷ୍ଟିପାତ	ହୃଷୀକେଶ ମହାନ୍ତ	୧୭ - ୨୧
୪.	ସାହିତ୍ୟରେ ପିତୃତ୍ୱପ୍ରସଙ୍ଗ ବିଚାର	ପ୍ରୀତମ୍ ରାଉତ[୧] ଡ. କାହ୍ନୁ ଚରଣ ପାଢ଼ୀ[୨]	୨୨ - ୨୪
୫.	ଭିତ୍ତିଭୂମି ଓ ବିକାଶ: ବାଞ୍ଛାନିଧି ପାଠାଗାର	ଚିତ୍ତରଞ୍ଜନ ସାହୁ	୨୫ - ୨୭
୬.	ଲୋକ ଉପାଦାନର ସଫଳ ରୂପାୟଣ ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ'	ଡ. ଗୀତାଞ୍ଜଳି ସାହୁ	୨୮ - ୩୩
୭.	ତୁଳନାର ତରାଜୁରେ :ବ୍ରଜନାଥ ରଥ ଓ ତସଲିମା ନାସରିନ	ମାନସ କୁମାର ସେନାପତି	୩୪ - ୩୭
୮.	ଅସ୍ପୃଶ୍ୟତା ପ୍ରସଙ୍ଗ ବନାମ ନୀଳତୃଷ୍ଣା : ଏକ ଅନୁଶୀଳନ	ଦୀପକ ମଲିକ	୩୮ - ୪୧
	ଗବେଷଣା ଚର୍ଚ୍ଚା		
୭.	ଭାଷା ଗବେଷଣାରେ ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତି ଓ ପ୍ରକ୍ରିୟାକରଣ	ଡ. ସୌମ୍ୟଜିତ୍ ପଣ୍ଡା[୧] ଡ. ଜୟନ୍ତ କୁମାର ଦାସ[୨]	୪୨ - ୪୭
	ସାକ୍ଷାତକାର		
୯.	ଗାଳ୍ପିକା ଡ.କବିତା ବାରିକଙ୍କ ସାମଗ୍ରିକ କୃତି ଓ କୃତିତ୍ୱ ; ଆଳାପ ଓ ପ୍ରତ୍ୟାଳାପ	ରାଜସ୍ମିତା ସାହୁ	୪୮ - ୫୩

ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।
ଇ-ମେଲ୍- bindubimarsha@gmail.com
ଦୂରଭାଷ- ୯୪୩୯୫୧୫୫୭୯
www.bindubimarsha.in

ଓଡ଼ିଶାର ସାମ୍ପ୍ରତିକ ଜନଜାତି ଗବେଷଣା ଓ ଗବେଷକ ଦେବାଶିଷ ପାତ୍ର

ସବିତା ବାରିକ

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

E-Mail: sabitabarik18@gmail.com

Article No : BB-I-IV-2025-01
DOI No : 10.64647/bb.vol.1.issue4.2025.1
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 09-07-2025
Publication Date : 14-10-2025

ସଂକ୍ଷିପ୍ତସାର:

Abstract

ପାହାଡ଼ ଡଙ୍ଗର ଘେରା ଉତ୍କଳ ରାଣୀର ପ୍ରଥମ ସନ୍ତାନ ସନ୍ତତି ହେଉଛନ୍ତି ଜନଜାତିମାନେ। ଜନଜାତି ଜୀବନ ଯାପନ ପ୍ରକ୍ରିୟା ଓ ସାଂସ୍କୃତିକ ପରମ୍ପରାକୁ ନେଇ ଗବେଷଣା ଖୁବ୍ ପ୍ରାଚୀନ ନୁହେଁ। ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଏହି କାର୍ଯ୍ୟଟି ଆରମ୍ଭ ହୋଇଛି। ତେଣୁ ସାମ୍ପ୍ରତିକ ସମୟରେ ଅନେକ ଆଦିବାସୀ ତଥା ଅଣ ଆଦିବାସୀ ଗବେଷକ ଗବେଷିକାମାନେ ଏହି ଆଦିମ ଅଧିବାସୀଙ୍କ ଉପରେ ଗବେଷଣା କରିବାକୁ ମନ ବଳାଉଛନ୍ତି। ଜନଜାତି ଗବେଷଣା କ୍ଷେତ୍ରରେ ବିଭିନ୍ନ ପଦ୍ଧତିକୁ ଗୁରୁତ୍ୱ ଦିଆଗଲେ ମଧ୍ୟ କ୍ଷେତ୍ରପର୍ଯ୍ୟବେକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଜଣେ ଗବେଷକ ଅତି କମରେ ସେହି ଆଦିବାସୀ ବା ଜନଜାତିମାନଙ୍କ ସହ ଏକ ବର୍ଷ ସମୟ ଅତିବାହିତ କରିବା ଜରୁରୀ ଯାହା ଉପରେ ସେ ଗବେଷଣା କରୁଛି। ଫଳରେ ଗବେଷକଟି ଉପରେ ନିରୀହ ଜନଜାତିମାନେ ବିଶ୍ୱାସ କରି ନିଜର ସଂସ୍କୃତି, ପରମ୍ପରା ବିଷୟରେ ତଥ୍ୟ ପ୍ରଦାନ କରିବେ। ଏହି ପଦ୍ଧତିକୁ ଆପଣେଇ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ କେବଳ ନିରୀହ ଜନଜାତିଙ୍କ ମେଳରେ ଅତିବାହିତ କରିଛନ୍ତି ଗବେଷକ ଦେବାଶିଷ ପାତ୍ର। ତାଙ୍କର ସ୍ନେହ, ପ୍ରେମ, ଭଲପାଇବାକୁ ଅଜାଡ଼ି ଦେଇଛନ୍ତି ଡଙ୍ଗର ଆଦିବାସୀଙ୍କ ଉପରେ। ଫଳରେ ସେମାନେ ମଧ୍ୟ ନିଜ ପରମ୍ପରାକୁ, ସଂସ୍କୃତିକୁ ଗବେଷକଙ୍କ ଆଗରେ ମୁକ୍ତ କରି ଥୋଇ ଦେଇଛନ୍ତି। ଯାହାଦ୍ୱାରା ଗବେଷକ ପାତ୍ର ଓଡ଼ିଆ ଜନଜାତି ଗବେଷଣା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।

ମୂଳଶବ୍ଦ: ଜନଜାତି, ଆଦିବାସୀ, ଡଙ୍ଗର, ଗବେଷଣା, ଗବେଷକ, ପର୍ବପର୍ବାଣୀ, ଖାଦ୍ୟପେୟ, ପଦ୍ଧତି, ବଣ୍ଡା, ରେମୋ, କନ୍ଧ, ଡିଡାଇ, ସଭ୍ୟତା, ବାରଜାଙ୍ଗର, ଅଞ୍ଚଳ, ପ୍ରବନ୍ଧ, ନୃତତ୍ତ୍ୱ।

କୌଣସି ଜାତି ବା ସମ୍ପ୍ରଦାୟର ପରିଚୟ ତା'ର ପ୍ରଥା-ପରମ୍ପରା, ଚାଲି-ଚଳଣି ଆଦିରୁ ହିଁ ମିଳିଥାଏ। ଜନଜାତି ଶବ୍ଦର ଅର୍ଥ ହେଲା ଆଦିମ କାଳରୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରି ଆସୁଥିବା ଜାତି ବା ଜନସମୂହ। ଇଂରେଜ ଶାସନ କାଳରେ ପ୍ରଶାସନିକ ତଥା ସାଂସ୍କୃତିକ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ଆଦିବାସୀ, ଗିରିଜନ, ଜନଜାତି, ବଣମୂଳକର ଲୋକ, ଡଙ୍ଗରିଆ ଲୋକ, ବନ୍ୟଜାତି, ଆଦିମଜାତି ନାମରେ ନାମିତ କରାଯାଇଥିଲା। ଆଜି ଭାରତୀୟ ସମାଜରେ ପ୍ରଶାସନିକ ତଥା ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଆମେ ସେମାନଙ୍କୁ ଅନୁସୂଚିତ ଜନଜାତି ବା ଆଦିବାସୀ ନାମରେ ଜାଣୁଛୁ। ତେବେ ଆମେ ଜାଣିରଖିବା ଉଚିତ ଯେ ଜନଜାତି ଶବ୍ଦର ଇଂରାଜୀ ପ୍ରତିଶବ୍ଦ ହେଉଛି 'TRIBAL'। ଏହି 'TRIBAL' ଶବ୍ଦଟି ଲାଟିନର 'TRIBUS' ଶବ୍ଦରୁ ଆସିଛି, ଯାହାର ଅର୍ଥ "WE ARE THREE" ଅର୍ଥାତ ଆମେ ତିନି।

ସାଧାରଣ ଭାଷାରେ ଆମେ କହିପାରିବା କୌଣସି ଅଞ୍ଚଳରେ ଯିଏ ସର୍ବପ୍ରଥମେ ବସତି ସ୍ଥାପନ କରେ, ସେ ହେଉଛି ସେହି ଅଞ୍ଚଳର ଆଦିବାସୀ ବା ଜନଜାତି। ଏହି ଦୃଷ୍ଟିରୁ ଓଡ଼ିଶାରେ ୬୨ପ୍ରକାର ଜନଜାତି ବସତି ସ୍ଥାପନ କରିଥିବାରୁ ଓଡ଼ିଶାକୁ ଆଦିବାସୀ ବହୁଳ ରାଜ୍ୟର ଆଖ୍ୟା ଦିଆଯାଇଛି। ତେଣୁ ପାହାଡ଼, ଝରଣା, ଜଙ୍ଗଲଦ୍ୱାରା ଆବୃତ ଏହି ଉତ୍କଳରାଣୀର ପ୍ରଥମ ସନ୍ତାନ ସନ୍ତତି ହେଉଛନ୍ତି ଏହି ଜନଜାତି। ପ୍ରକୃତିର ଗର୍ଭାଗର ଉତ୍କଳରାଣୀର ଉଦରରୁ ଏହିମାନେ ହିଁ ପ୍ରଥମେ ଜନ୍ମଗ୍ରହଣ କରି ମାନବ ସଭ୍ୟତାର ବିକାଶ କରାଇଛନ୍ତି। "ପ୍ରକୃତିର ସନ୍ତାନ ଏହି ଆଦିବାସୀ ମାନେ ନିଜକୁ ଓ ନିଜର ବଡ଼େଇକୁ ପ୍ରକାଶ କରିବାର ସାମାନ୍ୟତମ କଳାକୌଶଳ ଜାଣନ୍ତି ନାହିଁ। ଆପେ ରାଜା ଆପେ ପ୍ରଜା। ମନଗହନରେ ଭୟଭ୍ରାନ୍ତିର ସତ୍ତା ନଥାଏ। ସେ ସରଳ ବିଶ୍ୱାସୀ। ବିଶ୍ୱର ମାଲିକର କରଣୀକୁ ବିଶ୍ୱାସ କରନ୍ତି। ତାଙ୍କୁ ପୂଜା କରନ୍ତି ପ୍ରକୃତିର ମୁକ୍ତ ଅଙ୍ଗନରେ। ଏଇ ମାଟି ମାଆ, ଜଳ, ପବନ, ଅଗ୍ନି, ବନ, ପର୍ବତ, ନଦୀ, ଝରଣା, ସବୁଜ ସୁନ୍ଦର ପଲ୍ଲବଭରା ଜୀବନ୍ତ ବୃକ୍ଷଲତା ତା'ର ଉପକାରୀ ବନ୍ଧୁ ଓ ଜୀବନ୍ତ ଦେବତା। ସେ ମୂର୍ତ୍ତି ପୂଜା କରେ ନାହିଁ।" (ଆଦିବାସୀ ସମାଜ ଓ ସଂସ୍କୃତି, ପୃଷ୍ଠା-୧)

ଜନଜାତି ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ :

ଜନଜାତିମାନଙ୍କର ଜୀବନ ଯାପନ ପ୍ରକ୍ରିୟା ଓ ସାଂସ୍କୃତିକ ପରମ୍ପରାକୁ ନେଇ ଗବେଷଣା ଖୁବ ପ୍ରାଚୀନ ନୁହେଁ। କିଛି ବର୍ଷ ପୂର୍ବରୁ ଏହି କାର୍ଯ୍ୟଟି ଆରମ୍ଭ ହୋଇଛି। ବହୁ ବିଦେଶୀ ଗବେଷକ ମଧ୍ୟ ଓଡ଼ିଶାର ଜନଜାତି ଯଥା – ଜୁଆଙ୍ଗ, ସାନ୍ତାଳ, ବଣ୍ଡା, କନ୍ଧ ଆଦିଙ୍କ ଉପରେ ଗବେଷଣା କରିଛନ୍ତି। ଏହି ବିଦେଶୀ ଗବେଷକମାନଙ୍କ ମଧ୍ୟରେ ବେରିୟାର ଏଲୱିନ, ଡ. ଡାଭିଡ ଷ୍ଟାମ୍ପ, ଡ. ଜାଇଡ ଆଦିଙ୍କ

ଭୂମିକା ଅଧିକ। ଏମାନେ ଜନଜାତିମାନଙ୍କ ଜୀବନକୁ ଅଧ୍ୟୟନ କରିବାକୁ ଯାଇ ତାଙ୍କ ସହ ବୈବାହିକ ସମ୍ପର୍କ ମଧ୍ୟ ସ୍ଥାପନ କରିଛନ୍ତି। ଏହି ବିଦେଶୀମାନେ ହିଁ ପ୍ରଥମେ ଓଡ଼ିଶାକୁ ଆସି ଡଙ୍ଗର ମଣିଷର ଜୀବନାନୁଭୂତିକୁ ପରୀକ୍ଷା ନିରୀକ୍ଷା କରି ଜନଜାତି ଗବେଷଣାର ପଥକୁ ସୁଗମ କରିଛନ୍ତି। ଶଗଡ଼ ଗୁଳା ପ୍ରସ୍ତୁତ କରିଛନ୍ତି ପରବର୍ତ୍ତୀ ପିଢି ପାଇଁ; ଯାହା ଫଳରେ ସାମ୍ପ୍ରତିକ ସମୟରେ ଅନେକ ଗବେଷକ ଆଗ୍ରହ ପ୍ରକାଶ କରୁଛନ୍ତି ଏହି ସଂସ୍କୃତି ସମ୍ପନ୍ନ ଜନଜାତିଙ୍କ ସମ୍ପର୍କରେ ଗବେଷଣା କରିବା ପାଇଁ। ସେମାନଙ୍କ ଜୀବନଧାରାରେ ପ୍ରତିଫଳିତ ମହାଭାରତୀୟ ପରମ୍ପରା ଓ ନୃତାତ୍ତ୍ୱିକ ବିଶେଷତ୍ୱର ଅଧ୍ୟୟନ ପୂର୍ବକ ବିବିଧ ତଥ୍ୟ ଆବିଷ୍କାର କରିବାର ପ୍ରଚେଷ୍ଟାରେ ଅନେକ ଗବେଷକ ନିଜକୁ ନିୟୋଜିତ କରିଛନ୍ତି।

ବେରିୟାର ଏଲଭିନ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ପାଠପଢି ଆସି ଓଡ଼ିଶାର ବଣ୍ଡାମାନଙ୍କ ଉପରେ ଗବେଷଣା କରି ଅସଂଖ୍ୟ ନୃତାତ୍ତ୍ୱିକ ପ୍ରବନ୍ଧ ରଚନା କରି ବିଶ୍ୱକୁ ଏକ ନୂତନ ଦୃଷ୍ଟିକୋଣ ଦେଇଥିଲେ । ତାଙ୍କର ଗବେଷଣାତ୍ମକ ପୁସ୍ତକ ଗୁଡ଼ିକ ହେଉଛି – 'ବଣ୍ଡୋ ହାଇଲେଣ୍ଡର୍ସ', 'ଦ ବାଇଗା' ଇତ୍ୟାଦି । ତାଙ୍କର ଆତ୍ମଜୀବନୀ 'ଦ ଟ୍ରାଇବାଲ ୱାଲଡ଼ ଅଫ୍ ବେରିୟାର ଏଲଭିନ୍' ମଧ୍ୟ ଅନେକ ଜନଜାତି ଜୀବନ ସମ୍ବନ୍ଧୀୟ ତଥ୍ୟ ଲୋକଲୋଚନକୁ ନେଇଆସେ ।

ଓଡ଼ିଶାର ଜନଜାତି ଲିପି ଓ ଭାଷା ସମ୍ପର୍କରେ ଗବେଷଣା କରିବାରେ ଡ. ଖଗେଶ୍ୱର ମହାପାତ୍ର, ଡ. ଲିପି ହେମ୍ବ୍ରମ, ଡ. ବିଜୟ ପ୍ରସାଦ ମହାପାତ୍ର, ଡ. ପଞ୍ଚାନନ ମହାନ୍ତି ଆଦି ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଛନ୍ତି। ଡ. ସବିତା ପ୍ରଧାନ, ଡ. ପ୍ରକାଶ ପଟ୍ଟନାୟକ, ଡ. ପ୍ରତିଭା ରାୟ, ଡ. ସୀତାକାନ୍ତ ମହାପାତ୍ରଙ୍କ ପରି ମହାନାୟକମାନେ ଜନଜାତିମାନଙ୍କ ଜୀବନକୁ ବିଶ୍ଲେଷଣ କରି ଅନେକ ପୁସ୍ତକ ରଚନା କରିଛନ୍ତି। ଯଦିଓ ଏମାନେ କେହି ଜନଜାତି ସାହିତ୍ୟ ବିଶେଷଜ୍ଞ ନୁହନ୍ତି ତଥାପି ସାହିତ୍ୟର ଅନ୍ୟ ସ୍ରୋତରୁ ନିଜକୁ ଟିକିଏ ମୁକୁଳେଇ ନେଇ ସାମିଲ କରିପାରିଛନ୍ତି ଜନଜାତି ଗବେଷଣା କ୍ଷେତ୍ରରେ। ଫଳରେ ଜନଜାତି ଗବେଷଣା ଆହୁରି ଅଧିକ ସାଫଲ୍ୟମଣ୍ଡିତ ହୋଇଉଠିଛି ।

ଓଡ଼ିଶାର ସାମ୍ପ୍ରତିକ ଜନଜାତି ଗବେଷଣା ଓ ପ୍ରମୁଖ ଗବେଷକ :

ସାମ୍ପ୍ରତିକ ସମୟରେ ଓଡ଼ିଶାରେ ଜନଜାତି ଗବେଷଣା ପାଇଁ ଅନେକ ପଥ ଉନ୍ମୁକ୍ତ ରହିଛି। ଅନେକ ଆଦିବାସୀ ତଥା ଅଣଆଦିବାସୀ ଗବେଷକ ନିଜକୁ ଜନଜାତି ବା ଆଦିବାସୀ ଗବେଷଣାରେ ସାମିଲ କରାଇ ଜନଜାତି ଗବେଷଣାର ବହୁ ନୂତନ ତଥ୍ୟ ତଥା ଦିଗକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ଓଡ଼ିଶାରେ ସାମ୍ପ୍ରତିକ ସମୟରେ ଜନଜାତି ଗବେଷଣା ସକ୍ରିୟ ରହିଛି। ଜନଜାତି ଗବେଷଣାରେ କ୍ଷେତ୍ର ପର୍ଯ୍ୟବେକ୍ଷଣ ଅଧିକ ଜରୁରୀ। କ୍ଷେତ୍ର ପର୍ଯ୍ୟବେକ୍ଷଣ ବିନା ଜନଜାତି ବିଷୟକ ଗବେଷଣା ସମ୍ଭବ ନୁହେଁ। ସମ୍ପ୍ରତି ଗବେଷକମାନେ ଜନଜାତି ଗବେଷଣା ପାଇଁ ଅନେକ ପଦ୍ଧତିକୁ ଆପଣେଇଛନ୍ତି ସେହି ପଦ୍ଧତି ଗୁଡ଼ିକ ହେଲା – ବର୍ଣ୍ଣନାତ୍ମକ ପଦ୍ଧତି, ସମୀକ୍ଷାତ୍ମକ ପଦ୍ଧତି, ତୁଳନାତ୍ମକ ପଦ୍ଧତି, ସାଂସ୍କୃତିକ ପଦ୍ଧତି ଇତ୍ୟାଦି। ଏହି ଦୃଷ୍ଟିରୁ ଏବେର ଗବେଷକମାନେ ବର୍ଷବର୍ଷ ଧରି ନିଜର ଘରଦ୍ୱାର ଭୁଲି ପଡ଼ିରହନ୍ତି ସେହି ଦୁର୍ଗମ ଅଞ୍ଚଳରେ। ତାଙ୍କ ସହ ମିଶି ପୁଷ ପରବରେ ନାଚ ଗୀତ କରନ୍ତି, ମହୁଲି ପିଅନ୍ତି। ଦରକାର ପଡ଼ିଲେ ଅଧିକ ତଥ୍ୟ ପାଇଁ ଜନଜାତି ସମ୍ପ୍ରଦାୟର ଝିଅ ପୁଅଙ୍କୁ ବିବାହ ମଧ୍ୟ କରିଥାନ୍ତି। ଫଳରେ ଗବେଷକ ବା ଗବେଷିକାଟି ଅତି ସହଜରେ ବୁଝିନିଏ ସରଳ ନିରୀହ ଜନଜାତିର ଅକୁହା ଅଦେଖା ସଂସ୍କୃତିକୁ।

ଜନଜାତି ଗବେଷଣାର ଅନେକ ପ୍ରକାର ଭେଦ ରହିଛି । ଏବେର ଗବେଷକ ଗବେଷିକାମାନେ ଏହି ପ୍ରକାର ଭେଦକୁ ଆଖିଆଗରେ ରଖି ଗବେଷଣା କାର୍ଯ୍ୟ କରୁଅଛନ୍ତି। ଯଥା- ନୃତାତ୍ତ୍ୱିକ ଅଧ୍ୟୟନ, ସାମାଜିକ ଅଧ୍ୟୟନ, ସାଂସ୍କୃତିକ ଅଧ୍ୟୟନ, ଜନଜାତିର ଲୋକସାହିତ୍ୟ ଅଧ୍ୟୟନ, ଭାଷାତାତ୍ତ୍ୱିକ ଅଧ୍ୟୟନ, ତୁଳନାତ୍ମକ ଅଧ୍ୟୟନ ଇତ୍ୟାଦି। ମାନବିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ସବୁବେଳେ ଗବେଷକଟି ନିଜ ପୁସ୍ତକରେ ଗବେଷଣାରୁ ମିଳିଥିବା ତଥ୍ୟଗୁଡ଼ିକୁ ଦେଇଥାନ୍ତି । ଏହା ଦ୍ୱାରା ଗୋଟିଏ ଜାତିର ବିଶ୍ୱାସ ଅକ୍ଷୁର୍ଣ୍ଣ ରହିଥାଏ।

ସମ୍ପ୍ରତି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ମହେନ୍ଦ୍ର କୁମାର ମିଶ୍ର, ରାଜେନ୍ଦ୍ର ପାଢୀ, ଦେବାଶିଷ ପାତ୍ର, ରଞ୍ଜନ ପ୍ରଧାନ, ସୁମନ୍ତ ନାଏକ, ପ୍ରହ୍ଲାଦ ଖିଲ ଆଦି ଉତ୍ତର ପିଢିର ଗବେଷକମାନେ ବଣମୁଲକର ଲୋକ ଜୀବନରୁ ସାଉଁଟି ଆଣୁଛନ୍ତି ସୁନ୍ଦର ଓ ଭାବ ଗର୍ଭକ ତଥ୍ୟ ସବୁକୁ। ଏହି ଗବେଷକମାନଙ୍କ ପାଇଁ ତ ଚିରକାଳ ଅବହେଳିତ ଡଙ୍ଗର ମଣିଷ ନିଜର ହକ ପାଇଁ ଲଢେଇ କରିବାକୁ ବଳ ପାଇଛି। ସର୍ବସାଧାରଣଙ୍କ ଠାରୁ ତା'ର ସଂସ୍କୃତି, ଭାଷା, ଲିପି ଇତ୍ୟାଦି ଯେ ମହାନ ଏ କଥାକୁ ସ୍ୱୀକାର କରିଛି। ଖାଲି ସେତିକି ନୁହେଁ ଏହି ଗବେଷକମାନେ ଗିରିଜନମାନଙ୍କୁ ସାରା ବିଶ୍ୱରେ ନିଜର ପରିଚିତି ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ନିମ୍ନରେ ଏହି ଗବେଷକମାନଙ୍କର ଗବେଷଣା ଦିଗଗୁଡ଼ିକ ଆଲୋଚନା କରାଗଲା।

ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସାନ୍ତାଳୀ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା କ୍ଷେତ୍ରରେ ସାନ୍ତାଳୀ ଭାଷାର ଗବେଷିକା ତଥା କବି ଓ ଅନୁବାଦକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। 'ମୟୂରଭଞ୍ଜର ସାନ୍ତାଳ : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଶୀର୍ଷକ ଗବେଷଣା ନିବନ୍ଧ ପାଇଁ ୨୦୦୫ରେ ସେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ କଳାବିଭୂଷଣ ଉପାଧି ଲାଭ କରିଥିଲେ। 'ଆଦିବାସୀ ସମାଜ ଓ ସଂସ୍କୃତି' ନାମକ ଏକ ଗବେଷଣାତ୍ମକ ପୁସ୍ତକରେ ମଧ୍ୟ ସେ ସାନ୍ତାଳ ଜନଜାତିର ପରିଚୟ ଦେବା ସହ ସାନ୍ତାଳ ଜନଜାତିରେ ନାରୀର ସ୍ଥିତି ତଥା ପର୍ବପର୍ବାଣି ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଶ୍ରୀମତୀ ବେଶ୍ରା ୧୯୯୪ରେ 'ଜିଞ୍ଜି ଝର୍ନା' ନାମକ କବିତା ସଂକଳନ ଲେଖି ସାନ୍ତାଳୀ ଭାଷାର ପ୍ରଥମ କବି ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର 'ସାୟ ସାହେଦ' କବିତା ସଂକଳନ ପାଇଁ ସେ ୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୨୦୧୧ ମସିହାରୁ ସାନ୍ତାଳ ଜନଜାତିର ଭାଷା ସାହିତ୍ୟର ଉନ୍ନତି ସକାଶେ ଶ୍ରୀମତୀ ବେଶ୍ରା 'କଦମ ଦାର' ନାମକ ସାନ୍ତାଳୀ ପତ୍ରିକା ଏଯାବତ ପ୍ରକାଶ କରି ଆସୁଛନ୍ତି । ବାସ୍ତବରେ ସାନ୍ତାଳ ଜନଜାତି ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ଅବଦାନ ଅକଳନୀୟ ।

ଗବେଷକ ମହେନ୍ଦ୍ର କୁମାର ମିଶ୍ର ଜଣେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରାବନ୍ଧିକ। ପଶ୍ଚିମ ଓଡ଼ିଶାର (ବିଶେଷ କରି କଳାହାଣ୍ଡି) ଲୋକସଂସ୍କୃତି ଓ ଜନଜାତି ଲୋକ ଗୀତ, ଲୋକକଥା

ଉପରେ ଗବେଷଣା କରି ଅନେକ ପୁସ୍ତକ ସିଏ ଭେଟିଦେଇଛନ୍ତି ଓଡ଼ିଆ ସାହିତ୍ୟକୁ ଓ ପାଠକମାନଙ୍କୁ। ତାଙ୍କର ଗବେଷଣାତ୍ମକ ପୁସ୍ତକ ଗୁଡ଼ିକ ହେଲା 'ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି', 'ଲୋକସଂସ୍କୃତି ପରିକ୍ରମା', 'କଳାହାଣ୍ଡିର ଲୋକଗୀତ', 'କଳାହାଣ୍ଡିର ଲୋକସଂସ୍କୃତି', 'କୁଡୁମି ଲୋକକଥା', 'ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସଂସ୍କୃତି' ଇତ୍ୟାଦି। 'କଳାହାଣ୍ଡିର ଲୋକସଂସ୍କୃତି' ପୁସ୍ତକ ପାଇଁ ଶ୍ରୀଯୁକ୍ତ ମିଶ୍ରଙ୍କୁ ୧୯୯୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଦ୍ୟାବଧି ଶ୍ରୀଯୁକ୍ତ ମହେନ୍ଦ୍ର ମିଶ୍ର ପଶ୍ଚିମ ଓଡ଼ିଶାର ଜନଜାତିମାନଙ୍କ ବିକାଶ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିବା ସହ କେମିତି ସେମାନଙ୍କ ନିକଟକୁ ଶିକ୍ଷା ପହଞ୍ଚି ପାରିବ ସେ ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

ଜନଜାତି ଗବେଷଣା ପାଇଁ ସମର୍ପିତ ପ୍ରଫେସର ଦେବାଶିଷ ପାତ୍ରଙ୍କୁ ସ୍ୱତନ୍ତ୍ର ଭାବରେ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯିବାର ଅଭିପ୍ରାୟ ଥିବାରୁ ତାଙ୍କ ବିଷୟରେ ଏଠାରେ କିଛି ଉଲ୍ଲେଖ କରାଗଲା ନାହିଁ।

ଦକ୍ଷିଣ ଓଡ଼ିଶାର ଜନଜାତିମାନଙ୍କୁ ନେଇ ଗବେଷଣା କରୁଥିବା ଡ. ରାଜେନ୍ଦ୍ର ପାଢ଼ୀ ସଦାସର୍ବଦା ଦକ୍ଷିଣାଞ୍ଚଳୀୟ ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ସକାଶେ ତତ୍ପର ଥା'ନ୍ତି। ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ପାହାଡ଼ ଡଙ୍ଗର ଘେରା ଲୋକମାନଙ୍କର ଚାଲି, ଚଳଣି, ଭାଷା ତଥା ପର୍ବପର୍ବାଣି ଆଦି ସହ ବାଦ୍ୟ, ନୃତ୍ୟ, ଗୀତ ତଥା ଖାଦ୍ୟ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି ନିଜର ଗବେଷଣାତ୍ମକ ନିବନ୍ଧ ଗୁଡିକରେ। ଶ୍ରୀଯୁକ୍ତ ପାଢ଼ୀଙ୍କର ଜନଜାତି ଜୀବନ ସମ୍ବନ୍ଧୀୟ ପୁସ୍ତକ ଗୁଡ଼ିକ ହେଲା 'କୋରାପୁଟର ଆଦିବାସୀ ଲୋକସଂସ୍କୃତି', 'ଧାରୁଆ ଲୋକସଂସ୍କୃତି', 'ଦେଶିଆ ଢଗ୍ ଆରିବାକନା', 'ଦେଶିଆ ଜ୍ଞାନକୋଷ' ଇତ୍ୟାଦି।

ଓଡ଼ିଶାର ଜଣେ ଯୁବ ଗାଳ୍ପିକ ତଥା ଜନଜାତି ଗବେଷଣା ଦିଗରେ ନିଜକୁ ନିୟୋଜିତ କରିଥିବା ଗବେଷକ ରଞ୍ଜନ ପ୍ରଧାନ ଖୁବ କମ ବୟସରୁ ହିଁ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ଜନଜାତି ଗବେଷଣା କ୍ଷେତ୍ରରେ। ଏଯାବତ ତାଙ୍କର ଜନଜାତି ଜୀବନକୁ ଆଧାର କରି ଅନେକ ଗବେଷଣାତ୍ମକ ନିବନ୍ଧ ତଥା ପୁସ୍ତକ ପ୍ରକାଶ ଲାଭ କରି ପାଠକଆଦୃତି ଲଭିଛି। ଶ୍ରୀମାନ ପ୍ରଧାନଙ୍କର ଗବେଷଣାଧର୍ମୀ ପୁସ୍ତକ ମଧ୍ୟରେ ରହିଛି 'ଜୁଆଙ୍ଗ ପର୍ବପର୍ବାଣୀ', 'କେନ୍ଦୁଝର', 'ଆଦିବାସୀ ନାଚ ଗୀତ', 'ପରଜା ଜୀବନ ଓ ସଂସ୍କୃତି', 'ମୟୂରଭଞ୍ଜ: ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ' ଇତ୍ୟାଦି। ଏହି ପ୍ରବନ୍ଧ ପୁସ୍ତକରେ ସ୍ଥାନିତ ଗୋଟିଏ ଗୋଟିଏ ପ୍ରବନ୍ଧ ନିଜନିଜ ଗୁଣରେ ଗୁଣୀୟାନ।

ଉପରୋକ୍ତ ଆଲୋଚନାକୁ ବିଶ୍ଳେଷଣ କଲେ ଜାଣିପାରିବା ଯେ ସମ୍ପ୍ରତି ଆଦିବାସୀ ବା ଜନଜାତି ସଂସ୍କୃତି, ଭାଷା, ସାହିତ୍ୟ, ଲିପି ସହ ଗବେଷକମାନେ ଜନଜାତି ମିଥର ମଧ୍ୟ ଆବିଷ୍କାର କଲେଣି। ଏ ଦିଗରେ ଗବେଷକ ଦେବାଶିଷ ପାତ୍ରଙ୍କର ଅଧିକ ଗବେଷଣା ରହିଛି ଯାହାକୁ ବିଶଦ ଭାବରେ ଆଲୋଚନା କରାଯିବ। ତେବେ ଆମେ କହିପାରିବା ଯେ ସାମ୍ପ୍ରତିକ ସମୟରେ ଜନଜାତି ଗବେଷଣା ଓଡ଼ିଶାର ଗବେଷକମାନେ ବିଶ୍ୱ ଦରବାରରେ ନିଜର ପରିଚୟ ସୃଷ୍ଟି କରିବା ସହ ଓଡ଼ିଶାର ୬୨ ପ୍ରକାର ଜନଜାତି ଗୋଷ୍ଠୀଙ୍କର ମଧ୍ୟ ପରିଚୟ ସୃଷ୍ଟି କରିଛନ୍ତି।

ଜନଜାତୀୟ ଗବେଷଣାରେ ଲିପ୍ତ ଗବେଷକ ଦେବାଶିଷ ପାତ୍ର :

ଓଡ଼ିଶାର ପ୍ରଥମ ଧାଡ଼ିର ଜନଜାତି ଗବେଷକମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଯେ ଜଣେ ଆଗଧାଡ଼ିର ଗବେଷକ ଏହା କହିଲେ ସତ୍ୟର ଅପଳାପ ହେବ ନାହିଁ। ଅନେକ ଜନଜାତି ଗବେଷକ କେବଳ ନିର୍ଦ୍ଦିଷ୍ଟ ଜନଜାତି ଯଥା- କନ୍ଧ, ପରଜା, ଜୁଆଙ୍ଗ, ସାନ୍ତାଳ, ବଣ୍ଡା ଆଦି ବିଷୟରେ ଗବେଷଣାକରି ଅନେକ ଜନଜାତିମାନଙ୍କୁ ଅଣଦେଖା କରନ୍ତି, ମାତ୍ର ଶ୍ରୀଯୁକ୍ତ ପାତ୍ର ଅଦ୍ୟାବଧି ବଣ୍ଡା, କୋୟା, ଡିଡ଼ାଇ, କୋହ୍ଲ, ହଲବୀ, ଭୂମିଜ, ସାନ୍ତାଳ, ବାଥୁଡ଼ି, କନ୍ଧ, ମାଙ୍କିଡ଼ିଆ, ଚକତିଆ ଭୁଞ୍ଜିଆ, ଲୋଧା, କୁଟିଆ କନ୍ଧ, ଲାଞ୍ଜିଆ ସୌରା ଆଦି ଭିନ୍ନ ଭିନ୍ନ ଜନଜାତିମାନଙ୍କ ଉପରେ ଗବେଷଣା କରି ନିଜର ଗବେଷଣା ପରିସରକୁ ସମୃଦ୍ଧ କରିଛନ୍ତି ଓ କରୁଛନ୍ତି ମଧ୍ୟ। ନିମ୍ନରେ ଗବେଷକଙ୍କର କେତେକ ଗବେଷଣାଧର୍ମୀ ପୁସ୍ତକର ସମୀକ୍ଷା କରାଗଲା।

ଜନଜାତି ଗବେଷଣାଧର୍ମୀ ପୁସ୍ତକର ସମୀକ୍ଷା :

୧. ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ :

ଏହି ପୁସ୍ତକରେ ଲେଖକ ଦକ୍ଷିଣାଞ୍ଚଳୀୟ ତଥା କୋରାପୁଟ, ମାଲକାନଗିରି, ଗଜପତି, କନ୍ଧମାଳ ଆଦି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ଜୀବନଯାପନ ଶୈଳୀ ତଥା ସାଂସ୍କୃତିକ ପ୍ରେକ୍ଷାପଟକୁ ଆଲୋଚନା କରିବା ସହ ସେମାନଙ୍କର ଲୋକସାହିତ୍ୟକୁ ଆଲୋଚନା କରିବା ପାଇଁ ଭୁଲି ନାହାନ୍ତି। ଉକ୍ତ ପୁସ୍ତକଟି ଲେଖକଙ୍କର ଡ଼ିଲିଟ୍ ଥେସିସ୍ ଅଟେ। ଏହାକୁ ପାଠ କଲେ ପାଠକର ଦକ୍ଷିଣ ଓଡ଼ିଶାର ଜନଜାତିମାନଙ୍କ ଉପରେ ବିଶଦ ଧାରଣା ମିଳିପାରିବ। ଫଳରେ ଆଗାମୀ ପିଢି ସୁରୁଖୁରୁରେ ଗବେଷଣା କାର୍ଯ୍ୟ କରିପାରିବେ।

୨. ମୁଦୁଲି ପଡ଼ାର ଲୋକେ:

ମୁଦୁଲି ପଡ଼ାର ଲୋକେ ଶୀର୍ଷକ ପ୍ରବନ୍ଧ ପୁସ୍ତକଟି ଶ୍ରୀଯୁକ୍ତ ପାତ୍ରଙ୍କର ଏକ ମାଷ୍ଟର ପିସ୍। ଜନଜାତି ଜୀବନାୟନର ମୁଖଶାଳା ମୁଦୁଲିପଡ଼ାର ଲୋକେ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ପ୍ରବନ୍ଧ ସଂକଳନରେ ପ୍ରାବନ୍ଧିକ ଗଣ୍ଡା, କୋୟା,ପରଜା, ଡ଼ିଡାଇ ଭଳି ଜନଜାତିମାନଙ୍କର ଜୀବନ ଜୀଇଁବା ଶୈଳୀ ଓ ସେମାନଙ୍କର ପରମ୍ପରା, ସଂସ୍କୃତି, ପର୍ବପର୍ବାଣି, ଖାଦ୍ୟପେୟ, ପୋଷାକ ପରିଛଦକୁ ବର୍ଣ୍ଣନା କରିବା ସହିତ ବଣ୍ଡା ଜନଜାତିର ଉତ୍ପତ୍ତି ବିଷୟରେ ମଧ୍ୟ ସଂକ୍ଷେପରେ ସୂଚନା ଦେଇଛନ୍ତି। ଏହି ଜନଜାତିମାନଙ୍କର ଗାଁ ଗାଁ ବୁଲି ତାଙ୍କ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ପ୍ରତ୍ୟକ ପର୍ବପର୍ବାଣୀରେ ଉପସ୍ଥିତ ହୋଇ ସଠିକ ତଥ୍ୟମାନ ସଂଗ୍ରହ କରି ସ୍ଥାନ ଦେଇଛନ୍ତି। ଏହି ପ୍ରବନ୍ଧ ଗୁଡ଼ିକରେ ଯେଉଁ ଗଳ୍ପର ଶୈଳୀ ଆରୋପିତ ହୋଇଛି ତାହା ପାଠକକୁ ଅଧିକ ଆକୃଷ୍ଟ କରେ।

୩. ରେମୋ (ବଣ୍ଡା ଜୀବନ ସଂସ୍କୃତି):

ଗବେଷକ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଏହି ପୁସ୍ତକରେ କେବଳ ଓଡ଼ିଶାର ପୁରାତନ ଜନଜାତି ବଣ୍ଡାଙ୍କ ବିଷୟରେ ହିଁ ଆଲୋଚନା କରିଛନ୍ତି। "ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ଏହି ଜନଜାତି ତା' ନିଜ ଭାଷାରେ 'ରେମୋ' ଭାବରେ ପରିଚିତ। ଯାହାର ଅର୍ଥ 'ଆଦି ମାନବ'।" (ରେମୋ : ବଣ୍ଡା ଜୀବନ ଓ ସଂସ୍କୃତି, ପୃଷ୍ଠା -୧୩) ଏହି ଅଧ୍ୟାୟରେ ଆହୁରି ଆଲୋଚନା କରାଯାଇଛି ବଣ୍ଡାମାନଙ୍କର ଅବସ୍ଥିତି ବିଷୟରେ। ବଣ୍ଡାମାନେ ଯେ

ପୃଥିବୀର ସର୍ବୋଚ୍ଚ ସ୍ଥାନରେ ବାସ କରନ୍ତି ଏବଂ ଏହି କାରଣରୁ ସେମାନଙ୍କ ନିକଟକୁ ସରକାର କିମ୍ବା କୌଣସି ବେସରକାରୀ ସହାୟତା ପହଞ୍ଚିପାରେ ନାହିଁ। ଫଳରେ ସେମାନେ ଅନ୍ୟ ଜନଜାତି ତୁଳନାରେ ଅନୁନ୍ନତ। ପ୍ରାବନ୍ଧିକ ଏହି ଅଧ୍ୟାୟରେ ବଣ୍ଡା ଗ୍ରାମକୁ ଯିବାପାଇଁ ରାସ୍ତା ମଧ୍ୟ ବତେଇ ଦେଇଛନ୍ତି ପାଠକମାନଙ୍କ ସକାଶେ। ବଣ୍ଡାଙ୍କ ଶ୍ରେଣୀ ବିଭାଗ କରି ପ୍ରାବନ୍ଧିକ ଦର୍ଶାଇଛନ୍ତି ଯେ ବଣ୍ଡାମାନେ ଦୁଇପ୍ରକାରର 'ଉପର ବଣ୍ଡା' ଓ 'ତଳବଣ୍ଡା'। ଯେଉଁ ବଣ୍ଡାମାନେ ପାହାଡ଼ ଶୀର୍ଷରେ ବାସକରନ୍ତି ସେମାନେ ଉପରବଣ୍ଡା ଓ ଯେଉଁମାନେ ପାହାଡ଼ର ପାଦ ଦେଶରେ ବାସ କରନ୍ତି ସେମାନେ ହେଲେ ତଳବଣ୍ଡା । ବଣ୍ଡାମାନେ ଯେଉଁ ଭାଷାରେ କଥା ବାର୍ତ୍ତା କରନ୍ତି ତାହାକୁ ରେମଶାମ୍ କୁହାଯାଏ । ବାରଜାଙ୍ଗର ହେଉଛି ବାରଟି ବଣ୍ଡା ଗାଁର ଅଞ୍ଚଳ । ଏହି ବାରଜାଙ୍ଗରରେ ସମୂହ ବଣ୍ଡା ଗାଁ ରହିଛି । ଆହୁରି ମଧ୍ୟ ଉକ୍ତ ପ୍ରବନ୍ଧରେ ପ୍ରାବନ୍ଧିକ ବଣ୍ଡା ଜନଜାତି ସୃଷ୍ଟିର କିମ୍ବଦନ୍ତୀ, ପ୍ରସ୍ତର ଯୁଗୀୟ ସଭ୍ୟତା ଓ ବଣ୍ଡା ଅଧିବାସୀ, ଇତିହାସ ପୃଷ୍ଠାରେ ବଣ୍ଡାଅଧିବାସୀ ଏବଂ କୁରଶପାଲି ଶିଳାଲେଖ ଇତ୍ୟାଦି ବିଷୟରେ ବିଶଦ ଭାବରେ ଆଲୋଚନା କରିଛନ୍ତି ।

୪. ଡଙ୍ଗର ଯେଉଁଠି କଥା କହେ :

'ଡଙ୍ଗର ଯେଉଁଠି କଥା କହେ' ପ୍ରବନ୍ଧ ସଂକଳନରେ ପ୍ରାବନ୍ଧିକ ପାଠକମାନଙ୍କ ଉଦ୍ଦେଶ୍ୟରେ ପରସି ଦେଇଛନ୍ତି ଭିନ୍ନ ଭିନ୍ନ ସ୍ୱାଦର ପ୍ରବନ୍ଧ। ଯାହାକୁ ପାଠ କଲେ ପାଠକ ଭେଟେ ଭିନ୍ନ ଭିନ୍ନ ଜନଜାତି ବର୍ଗଙ୍କୁ ଏବଂ ତାଙ୍କର ଲିପି ଓ ଭାଷାକୁ। ପୁଣି ଭେଟେ ଜନଜାତି ଗବେଷଣା କ୍ଷେତ୍ରରେ ତଥା ସାହିତ୍ୟରେ ନୃତତ୍ତ୍ୱ ବିଷୟରେ ଗବେଷଣା କରିଥିବା ଏଲୱିନଙ୍କୁ ଓ ତାଙ୍କର ବନ୍ଧୁ ଶାମରାଓ ହିଭେଲଙ୍କୁ। ପୁଣି ଭେଟେ ଜନଜାତି ଜୀବନକୁ ଆଧାର କରି ଲେଖା ଯାଇଥିବା କବିତା ଉପନ୍ୟାସକୁ। ତାହାସହିତ ବିଭିନ୍ନ ଜନଜାତିର ପର୍ବ- ପର୍ବାଣୀ, ଜାନିଯାତ୍ରା, ବିବାହ, ଚିତାକୁଟା ଆଦି ପରମ୍ପରାକୁ। ଏହି ପରମ୍ପରାକୁ ଆଧାର କରି ଜନଜାତୀୟ ଲୋକମିଥ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି ପ୍ରାବନ୍ଧିକ।

ଓଡ଼ିଶାରେ ମୋଟ ୬୨ ପ୍ରକାର ଜନଜାତି ବାସ କରନ୍ତି। ସେମାନଙ୍କ ଭିତରେ ୧୩ଟି ଆଦିମ ଜନଜାତିକୁ PVTG (Particular Vulnerable Tribal Group) ବା ବିଶେଷ ଜନଜାତି ଗୋଷ୍ଠୀ ଭାବରେ ବିବେଚନା କରାଯାଏ। ଏହି ୧୩ଟି ଆଦିମ ଜନଜାତି ବିଷୟରେ ପ୍ରାବନ୍ଧିକ 'ଶାଶ୍ୱତ ସବୁଜିମା, ନୀଳନୀଳ ସଞ୍ଜ ଓ ଡଙ୍ଗରର ନାନ୍ଦୀଗାନ' ଶୀର୍ଷକରେ ଆଲୋଚନା କରିଛନ୍ତି। "ଯେଉଁ ଜନଜାତି ଗୋଷ୍ଠୀର ଜନସଂଖ୍ୟା ବୃଦ୍ଧିର ହାର ଅଳ୍ପ ଏବଂ ବଞ୍ଚି ରହିବା ପାଇଁ ଅହରହ ସଂଗ୍ରାମରତ ତଥା ପ୍ରାକୃତିକ ସମ୍ବଳ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ନାହିଁ, ସେମାନେ ହିଁ ଆଦିମ ଜନଜାତି ଗୋଷ୍ଠୀ।" (ପୃଷ୍ଠା-୧୨) ୧୩ ଆଦିମ ଜନଜାତି ଭିତରେ ଯାଉଛନ୍ତି ବିରହୋର, ବଣ୍ଡା, ଚକତିଆ ଭୁଞ୍ଜିଆ, ଡିଡାଇ, ଡଙ୍ଗରିଆକନ୍ଧ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା, ମାଙ୍କିଡ଼ିଆ, ପାଉଡ଼ି ଭୂଇଁୟା ଏବଂ ସଉରା ଜନଜାତି ଗୋଷ୍ଠୀ। ପ୍ରାବନ୍ଧିକଙ୍କ ଭାଷାରେ "୧୩ ଆଦିମ ଜନଜାତିର ମୂଳ ଭୂମି କୋରାପୁଟ ନୁହେଁ ତଥାପି କୋରାପୁଟ ଅଞ୍ଚଳରେ ସମସ୍ତ ଜନଜାତି ଗୋଷ୍ଠୀଙ୍କ ଆଶ୍ରୟ ସ୍ଥଳ।" (ପୃଷ୍ଠା- ୧୨) ପ୍ରାବନ୍ଧିକ ନିଜର ବୃତ୍ତିଗତ ଜୀବନର ବହୁ ବର୍ଷ ଦକ୍ଷିଣ ଓଡ଼ିଶାରେ କାଟିଥିବାରୁ ଏହି ଜନଜାତି ଗୋଷ୍ଠୀଙ୍କୁ ଅତିପାଖରୁ ଦେଖିବାର ସୁଯୋଗ ପାଇଛନ୍ତି। ତେଣୁ ପ୍ରାବନ୍ଧିକ ଜୀବନ୍ତ ଭାବରେ ନିଜର କାବ୍ୟ ଶୈଳୀର ପ୍ରୟୋଗ କରି ସେମାନଙ୍କର ଜୀବନ ଶୈଳୀକୁ ଉପସ୍ଥାପିତ କରିଛନ୍ତି ଉକ୍ତ ପ୍ରବନ୍ଧରେ।

ଗବେଷକଙ୍କ ଭାଷା ଓ ଶୈଳୀ :

ଯେପରି ପ୍ରବନ୍ଧର ନିଜସ୍ୱ ଭଷା ଓ ଶୈଳୀ ରହିଛି ଠିକ ସେହିପରି ପ୍ରାବନ୍ଧିକଙ୍କର ମଧ୍ୟ ନିଜସ୍ୱ ଭାଷା ଓ ଶୈଳୀ ରହିଛି। ଯାହା ସବୁ ପ୍ରାବନ୍ଧିକଙ୍କ ଠାରୁ ତାଙ୍କୁ ସ୍ୱତନ୍ତ୍ର କରି ଗଢି ତୋଳେ। ଏହି ପରିପ୍ରେକ୍ଷୀରେ ଗବେଷକ ଦେବାଶିଷ ପାତ୍ରଙ୍କ ଶୈଳୀ ଓ ଭାଷାକୁ ସମୀକ୍ଷା କଲେ ଆମେ ଜାଣିପାରିବା ଯେ ତାଙ୍କର ଶୈଳୀ ହେଉଛି ଗଳ୍ପ ପରି ଓ ଭାଷା ହେଉଛି କାବ୍ୟିକ। ଜନଜାତିପରି ରୁକ୍ଷ ଦୁର୍ବୋଧ୍ୟ ସାହିତ୍ୟକୁ ରସରେ ପୂର୍ଣ୍ଣ କରି ପାଠକ ଆଗରେ ପରସି ଦେବାର କ୍ଷମତା କେବଳ ଗବେଷକ ଦେବାଶିଷ ପାତ୍ରଙ୍କ ନିକଟରେ ହିଁ ଅଛି ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ। କାରଣ ସେ ଜନଜାତି ଜୀବନ ସମ୍ବନ୍ଧୀୟ ପ୍ରବନ୍ଧ ଗୁଡିକୁ ଗଳ୍ପ ଶୈଳୀରେ ତଥା ଆତ୍ମ କଥନ ଶୈଳୀରେ କାବ୍ୟ ଭାଷାର ପ୍ରଲେପ ଦେଇ ପରସି ଦିଅନ୍ତି। ତେଣୁ ସେ ହେଇପାରିଛନ୍ତି ଜନଜାତି ସାହିତ୍ୟ ପ୍ରେମୀମାନଙ୍କର ପ୍ରେମର ଆଧାର। ସାଧାରଣ ଆଦିବାସୀ ଭାଷା କୋଷରୁ ଶବ୍ଦକୁ ସାଉଁଟି ନିଜସ୍ୱ ଶୈଳୀରେ ଓଡ଼ିଆ ପାଠକମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ରାଶି ରାଶି ପ୍ରବନ୍ଧ। ବାସ୍ତବରେ ଶ୍ରୀଯୁକ୍ତ ଦେବାଶିଷ ପାତ୍ରଙ୍କର କାବ୍ୟିକ ବାକଚାତୁରୀ ଜନଜାତିର ଅବୋଧ୍ୟ ଭାଷା ସାହିତ୍ୟକୁ ସୁନ୍ଦର ସାବଲୀଳ ଏବଂ ବୋଧଗମ୍ୟ କରାଇଦିଏ।

ପ୍ରବନ୍ଧକୁ ଗଳ୍ପର ଶୈଳୀରେ କାବ୍ୟ ଭାଷା ଦେଇ ଲେଖିବାର ସ୍ୱତନ୍ତ୍ର ପ୍ରୟାସ ପ୍ରଥମେ ଶ୍ରୀଯୁକ୍ତ ପାତ୍ର ହିଁ ଆରମ୍ଭ କରିଛନ୍ତି ଏବଂ ସଫଳତା ହାସଲ କରିଛନ୍ତି, ଯାହାକୁ ଆମେ 'କାବ୍ୟପ୍ରବନ୍ଧ' ବୋଲି ମଧ୍ୟ କହିପାରିବା । ଏହି ପ୍ରୟାସ ହିଁ ତାଙ୍କୁ ଜନଜାତି ସାହିତ୍ୟ ଜଗତରେ ଏକ ଉଜ୍ଜ୍ୱଳ ତରକା ହେବାର ଖୋରାକ ଯୋଗାଇଛି । ତେଣୁ କହିବା ବାହୁଲ୍ୟ ଯେ ଭାଷା ଶୈଳୀ ଦୃଷ୍ଟିରୁ ଗବେଷକ ସମକାଳୀନ ଜନଜାତି ଗବେଷଣା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ନିମ୍ନରେ ଏକ ଉଦାହରଣରୁ ଏହାର ସତ୍ୟାସତ୍ୟ ବାରି ହେଇଯିବ।

ଉଦାହରଣ ସ୍ୱରୂପ – "ଅଲଙ୍ଘନିୟ କୃଷ୍ଣକାୟ ମୌନ ପର୍ବତମାଳା, ସୁହାସିନୀ ସବୁଜ ଡଙ୍ଗର କ୍ଷେତ, ବାର୍ତ୍ତାବହ ଅଗଷ୍ଟର ଭାସମାନ ମେଘକୁ ପଛରେ ରଖି ଯେତେଥର ଡଙ୍ଗର ଗାଁକୁ ଯାଇଛି, ସେତେଥର ଧାଡ଼ିଧାଡ଼ି ଦେଶଜ ଦୁଃଖ ଭିତରୁ ମୋତେ ଦୃଶ୍ୟମାନ ହୋଇଛି ଚଇତିର ନୀଳ ନୀଳ ସଞ୍ଜ। ଶୁଭିଯାଇଛି କ୍ଷେତରେ ଏକୁଟିଆ ଠିଆ ହେଇଥିବା ପାଳଭୂତର ପ୍ରୀତିପ୍ରଣବ। ମହକିତ ହୋଇଛି ଝରଣା କୂଳରେ ଛିଡା ହୋଇଥିବା ପୁଷ୍ପବତୀ ମହୁଲଗଛ। ଡୁଙ୍ଗୁଡୁଙ୍ଗାର ଶବ୍ଦରେ ଆକାଶରୁ ଓହ୍ଲେଇ ଆସିଛି ସାରହୁଲର ଜହ୍ନ। ସ୍ମୃତିର ସମ୍ବେଦନା ଭିତରୁ ଧାଡ଼ି ବାନ୍ଧିଛି ଡଙ୍ଗର ମଣିଷର ଯୁଗଳ ମୁଦ୍ରା।" (ଡଙ୍ଗର ଯେଉଁଠି କଥା କହେ, ପୃଷ୍ଠା- ୧୧)

ନିଷ୍କର୍ଷ :

ଜନଜାତି ଗବେଷଣାରେ ନିଜକୁ ସଦାସର୍ବଦା ଲିପ୍ତ ରଖୁଥିବା ପ୍ରଫେସର ଶ୍ରୀଯୁକ୍ତ ଦେବାଶିଷ ପାତ୍ର କେବଳ ଜନଜାତିଙ୍କ ବିଷୟରେ ଗବେଷଣା କରି ତଥ୍ୟ ସଂଗ୍ରହ ଓ ପ୍ରଦାନ କରି ନାହାନ୍ତି, ସେ ଜନଜାତି ଜୀବନକୁ ନେଇ ମଧ୍ୟ ଅନେକ କବିତା, ଗଳ୍ପ ଆଦି ରଚନା କରିଛନ୍ତି। ତାଙ୍କର ଏହି ଗଳ୍ପ ଓ କବିତା ଗୁଡ଼ିକରେ ଜନଜାତି ମାନଙ୍କର ଜୀବନ

ପ୍ରକ୍ରିୟା, ସାଂସ୍କୃତିକ ପରମ୍ପରା ଫୁଟି ଉଠିଛି।

ଯନ୍ତ୍ରଚାଳିତ ଏହି ମାନବ ସଭ୍ୟତାକୁ ଗବେଷକ ପାତ୍ର ଆହ୍ୱାନ କରିଛନ୍ତି ଥରେ ଯାଇ ସେହି ଡଙ୍ଗର ପାହାଡ଼ ଘେରା ସବୁଜବନାନୀ କୋଳରେ ବସବାସ କରୁଥିବା ଆଦିବାସୀମାନଙ୍କର ଜୀବନ ପ୍ରଣାଳୀକୁ ନିରୀକ୍ଷଣ କରିବା ପାଇଁ। ସେହି ନିରୀହ ଜନଜାତିମାନେ ନିଜ ନିଜ କର୍ମରେ ଲିପ୍ତ ଥାଇ ଧରଣୀରାଣୀକୁ କିପରି ଶସ୍ୟଶ୍ୟାମଳା କରି ପୂଜା କରିଥାନ୍ତି ଏବଂ ହିଂସା, ଦ୍ୱେଷ, ଅହଂକାର ଠାରୁ ବହୁ ଦୂରରେ ରହି ସେମାନେ ଏହି ସଭ୍ୟ ଜଗତକୁ ପରିହାସ କରନ୍ତି। ତେଣୁ ଗବେଷକ ନିଜ ରଚନା ମାଧ୍ୟମରେ କହିବାକୁ ଚାହିଁଛନ୍ତି ଯେ ସଭ୍ୟତା କଣ? ତାହା ଆମର ସଭ୍ୟ ସମାଜ ଏହି ଜନଜାତିମାନଙ୍କଠୁ ଶିଖିବା ଆବଶ୍ୟକ।

ଏଣୁ ଜନଜାତି ବିଷୟରେ ଅଦ୍ୟାବଧି ହୋଇଥିବା ଗବେଷଣାର ପର୍ଯ୍ୟାଲୋଚନା ଆଲୋଚନା ଇତ୍ୟାଦିକୁ ଦୃଷ୍ଟି ଦେଲେ ଜଣାଯିବ ଯେ ଶ୍ରୀଯୁକ୍ତ ଦେବାଶିଷ ପାତ୍ରଙ୍କ ଅବଦାନ ଜନଜାତି ଗବେଷଣା ପାଇଁ ଅତୁଳନୀୟ। ତାଙ୍କର ଅମ୍ଳାନ ପ୍ରତିଭାକୁ ଓଡ଼ିଶାର ସୁଧୀ ପାଠକ ଓ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରାଇବାର ଏହା ଏକ କ୍ଷୁଦ୍ର ପ୍ରୟାସ।

ସଙ୍କେତ ସୂଚୀ:

୧. ଖିଲ, ପ୍ରହଲ୍ଲାଦ, ଓଡ଼ିଶାର ଆଦିବାସୀ, ତୃପ୍ତି, ଭୁବନେଶ୍ୱର, ୨୦୧୬।
୨. ପାତ୍ର, ଦେବାଶିଷ, ଡଙ୍ଗର ଯେଉଁଠି କଥା କହେ, ପକ୍ଷୀ ଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୯।
୩. ପାତ୍ର, ଦେବାଶିଷ, ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୫।
୪. ପାତ୍ର, ଦେବାଶିଷ, ରେମୋ (ବଣ୍ଡା ଜୀବନ ସଂସ୍କୃତି), ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୭।
୫. ପାତ୍ର, ଦେବାଶିଷ, ମୁଦୁଲି ପଡ଼ାର ଲୋକେ, ଆଦିତ୍ୟ ଭାରତ, ପ୍ରଥମ ସଂସ୍କରଣ, କଟକ, ୨୦୨୩।
୬. ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର, ୨୦୨୪।
୭. ମିଶ୍ର, ନୃସିଂହପ୍ରସାଦ, ଓ ସାହୁ, ଶୁକଦେବ, ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିସର୍ଶ, ତୃତୀୟ ସଂସ୍କରଣ, କଟକ, ୨୦୨୨।
୮. ସାହୁ, ନାରାୟଣ, ସଂପାଦକ, ଓଡ଼ିଶାର ଆଦିବାସୀ ଭାଷା ସାହିତ୍ୟ ସଂସ୍କୃତି, ସତ୍ୟନାରାୟଣ ବୁକ ଷ୍ଟୋର, ପ୍ରଥମ ସଂସ୍କରଣ, କଟକ, ୨୦୨୨।
୯. ପ୍ରସାୟତ, ଚିତ୍ରସେନ, ସଂପାଦକ, ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ସାହିତ୍ୟ ଏକାଡେମୀ, ଦ୍ୱିତୀୟ ସଂସ୍କରଣ, ୨୦୧୬।

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes Similarity Index: 0 %
Ethical Approval:	Not applicable

License: Odishara sampratika janjati gabeshana o gabeshaka Debashis Patra © 2025 by Sabita Barik is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

BINDU BIMARSHA...

ଭୀମ ପୃଷ୍ଟିଙ୍କ ଜମ୍ବୁଲୋକ ଉପନ୍ୟାସ ଏକ ବିଶ୍ଳେଷଣ

ଦେବସ୍ମିତା ସାହୁ

ନୂଆବଜାର , ବାଲେଶ୍ୱର

E-Mail: debasmita2889@gmail.com

Article No : BB-I-IV-2025-02
DOI No : 10.64647/bb.vol.1.issue4.2025.2
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 14-07-2025
Publication Date : 14-10-2025

ସଂକ୍ଷିପ୍ତସାର:

Abstract

ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଜଣେ ପାଠକ ପ୍ରିୟ ଉପନ୍ୟାସ ହେଉଛନ୍ତି ଭୀମ ପୃଷ୍ଟି । ଏହିଭଳି ଜଣେ ବାସ୍ତବବାଦୀ ସ୍ରଷ୍ଟାଙ୍କର ଜନ୍ମ ହୋଇଥିଲା ୧୯୫୯ ମସିହା ଜାନୁୟାରୀ ୧୧ ତାରିଖ ଯାଜପୁର ଜିଲ୍ଲାର ଧର୍ମଶାଳା ଅନ୍ତର୍ଗତ କାଏମା ଗ୍ରାମରେ । ତାଙ୍କ ଉପନ୍ୟାସ ସୃଷ୍ଟିଗୁଡ଼ିକ ମଧ୍ୟରେ : 'ମୁହାଣ' (୨୦୦୧), 'କବିତାର ଉପନ୍ୟାସ'(୨୦୦୨), 'ପ୍ରିୟ ନାରୀ'(୨୦୦୪),'ସମୁଦ୍ର ମଣିଷ'(୨୦୦୬), 'ଓଁ'(୨୦୦୯),'କୁଆଡ଼େ ଚାଲିଛ ରୁହ ପଞ୍ଚଭୂତ'(୨୦୧୧), 'ଜମ୍ବୁଲୋକ'(୨୦୧୭), 'କାଳ୍ପନିକ ଫିକ୍ସନ୍ '(୨୦୧୯) ପ୍ରଭୃତି । ୨୦୦୮ ମସିହାରେ 'ସମୁଦ୍ର ମଣିଷ ' ଉପନ୍ୟାସ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ 'ଜମ୍ବୁଲୋକ' ଉପନ୍ୟାସ ପାଇଁ ୨୦୨୩ରେ ଶାରଳା ପୁରସ୍କାର ପ୍ରାପ୍ତ । ଔପନ୍ୟାସିକ ଭୀମ ପୃଷ୍ଟିଙ୍କ ଉପନ୍ୟାସର ପ୍ରମୁଖ ବିଁଶେଷତ୍ୱ ହେଉଛି ସେ ନିଜେ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରନ୍ତି ଓ ସେଗୁଡ଼ିକୁ ଲେଖନୀମୁନରେ ଜୀବନ୍ୟାସ ଦିଅନ୍ତି । ଆଲୋଚ୍ୟ 'ଜମ୍ବୁଲୋକ' ଉପନ୍ୟାସରେ ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ବାଂଲାଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଦଙ୍ଗା ଠାରୁ ଆଁରମ୍ଭ କରି ବିସ୍ଥାପନ ସମସ୍ୟା , ସ୍ଥିତିବାଦୀ ଦର୍ଶନକୁ ଔପନ୍ୟାସିକ ଜୀବନ୍ତ ଭାବରେ ରୂପ ଦେଇଛନ୍ତି ।

ମୂଳଶବ୍ଦ: ଜମ୍ବୁ ଲୋକ, ଶରଣାର୍ଥୀ, ରିଫ୍ୟୁଜି, ସାମ୍ପ୍ରଦାୟିକ ଦଙ୍ଗା, ବିସ୍ଥାପନ ସମସ୍ୟା

ସାଂପ୍ରତିକ ସମୟରେ ଉପନ୍ୟାସଗୁଡ଼ିକ ସମାଜର ଯୁଗୋପଯୋଗିତା ଓ ପାଠକକୁ ଆଖି ଆଗରେ ରଖି ରଚିତ ହୋଇଥାଏ। ଜଣେ ବାସ୍ତବବାଦୀ ସମାଜସଚେତନ ଶିଳ୍ପୀ ସଦାସର୍ବଦା ନିଜର ଅଭିଜ୍ଞତା ଓ ଦୃଷ୍ଟିସନ୍ଧାନୀ ଦିଗକୁ ନେଇ ତାର ଉପନ୍ୟାସର ନକ୍ସା ପ୍ରସ୍ତୁତ କରିଥାଏ। ସେହିଭଳି ଜଣେ ଉଦୀୟମାନ ସ୍ରଷ୍ଟା ହେଉଛନ୍ତି ଭୀମ ପୃଷ୍ଟି। ସମାଜରେ ଦେଖାଦେଇଥିବା 'ରିଫ୍ୟୁଜି ସମସ୍ୟା' ସହିତ ଜୀବନ ବିକଳରେ ବିସ୍ଥାପନ ହେବାର ଦାରୁଣ ଦୁଃଖଦୁର୍ଦ୍ଦଶାର ଚିତ୍ରକୁ ଔପନ୍ୟାସିକ 'ଜମ୍ବୁଲୋକ' ଉପନ୍ୟାସ ମାଧ୍ୟମରେ ଦର୍ଶାଇଛନ୍ତି। ଏହି ଉପନ୍ୟାସର ପ୍ରଥମ ପରିଚ୍ଛେଦ ' ଇନ୍ଦିରା ଗାନ୍ଧୀଙ୍କ ଦସ୍ତଖତ'ରୁ ଆରମ୍ଭ ହୋଇଛି। ୧୯୭୫ ମସିହା ଭାରତୀୟ ରାଜନୀତିର ଘୋର ଅନ୍ଧକାରମୟ ଅଧ୍ୟାୟ। ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଫଳସ୍ୱରୂପ ଦେଶର ଜନସାଧାରଣ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ସାମ୍ପ୍ରଦାୟିକ ସମସ୍ୟା :

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବାଂଲାଦେଶରେ ସାମ୍ପ୍ରଦାୟିକ ଦଙ୍ଗା ପରିସ୍ଥିତି ଦେଖାଦେଇଥିଲା । ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ପାକିସ୍ତାନୀ ମୁସଲମାନମାନେ ଅକଥନୀୟ ଅତ୍ୟାଚାର ଚଳାଇବା ସହିତ ବର୍ବରୋଚିତ କାଣ୍ଡମାନ ଘଟାଉ ଥିଲେ । ନିରୀହ ସ୍ତ୍ରୀଲୋକଙ୍କ ଛାତିରେ ଖଣ୍ଡାଚଳାଇ ଜହ୍ଲାଦ ଭଳି ଖୁସି ହେଉଥିଲେ , ଏପରିକି ସୁନ୍ଦରୀ ଯୁବତୀଙ୍କୁ ଦିନବେଳା ବୁଦାଉହାଡ଼କୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ । ଏତିକି ସେମାନେ ଖୁସି ହେଉନଥିଲେ , ଛାତିରେ ତଲୱାର ଚଳେଇ ନୃଶଂସ ପରି ପଟ ପଟ ସ୍ତନ କାଟୁଥିଲେ । ଏହି ସ୍ତନ କଟାର ଭୟ ବାଂଲାଦେଶରେ କୋକୁଆ କୁହାଟ ଭଳି ଶୁଭିଚାଲିଲା । ଉଣେଇଶ ସତଚାଳିଶ ମସିହାରେ ଚଟ୍ଟଗ୍ରାମ, ନୂଆଖାଲିରୁ ଶହ ଶହ ସ୍ତ୍ରୀ ଲୋକଙ୍କ କଟାସ୍ତନକୁ ପେଟିରେ ପୂରେଇ ସିଆଲଦା ଷ୍ଟେସନ୍‌କୁ ପଠେଇ ଦେଇଥିଲେ ଏ ହେଡ଼ାଖିଆ। ସତଚାଳିଶରୁ ସତସ୍ତରୀ ମସିହା ଯାଏ ବାଂଲାଦେଶରେ ହିନ୍ଦୁ ଗାଁରେ ଏହି ସ୍ତନ କଟାଇ ସେମାନଙ୍କ ବୀଭତ୍ସ ଖେଳ ଯେପରି ବନ୍ଦ ନଥିଲା । ବାଂଲାଦେଶରୁ ହିନ୍ଦୁମାନଙ୍କୁ ହଟେଇବା ପାଇଁ ସ୍ତ୍ରୀ ଲୋକମାନଙ୍କର ସ୍ତନକଟା ଓ ଇଜ୍ଜତ ଲୁଟ୍‌ର ଅନ୍ତ ନଥିଲା। ଏଥିରେ ବହୁ ସ୍ତ୍ରୀ ଲୋକ ଛଟପଟ ହୋଇ ମୃତ୍ୟୁବରଣ କରିଛନ୍ତି । ଯିଏ ବଂଚିଲା ବିକଳାଙ୍ଗ ହୋଇ ବଂଚିବାଠୁ ମରିଯିବା ଭଲ ଭାବି ବିଷ ଖାଇ ମୃତ୍ୟୁବରଣ କରିଛନ୍ତି । କେଉଁ ଝିଅ ପଟେ ସ୍ତନ ହରେଇ ବାପ ମାଆର ବୋଝ ହୋଇ ଘରକୋଣରେ ଲୁଚି ରହିଲେ । ଦିନର ଆଲୁଅକୁ ସେ ଭୟକଲେ । କାଳେ ସେ ହେଡ଼ାଖିଆ ତା' ଆରପଟ ସ୍ତନକୁ ହାଣିଦେବ – ଏହି ଭୟରେ ରହିଲା, ଦେଶାନ୍ତରରେ ବାହାରିଥିବା ତା' ବାପାମାଆ ଥିଲେ ଚିନ୍ତାରେ ଅନ୍ୟ ଦେଶରେ ଏ ଝିଅକୁ ବାହାହେବ କିଏ ? ଜହ୍ଲାଦମାନେ ଏହିପରି ନରସଂହାର କରୁଥିଲେ । କୌଣସି ପୂଜାପାର୍ବଣ ସମୟରେ ମଧ୍ୟ ମନ୍ଦିରରେ ନାଲି ପତାକା ଉଡ଼େଇ ପାରିବନି କହି ଚେତାବନୀ ଦେଉଥିଲେ ଏବଂ କଳା ପତାକା ନ ଉଡ଼ାଇଲେ ପୂଜା କରାଇବାକୁ ଦେବେନି ବୋଲି ଧମକ ଦେଉଥିଲେ । ତାଙ୍କ ଡରରେ ପିଲାଠୁଁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଥରହର ହେଉଥିଲେ । ଔପନ୍ୟାସିକ ଜହ୍ଲାଦମାନଙ୍କୁ ହେଡ଼ାଖିଆ ବୋଲି କହିଛନ୍ତି । ଏହି ହେଡ଼ାଖିଆଙ୍କ ଠାରୁ ବର୍ତ୍ତିବାପାଇଁ ରାୟବାବୁଙ୍କ ପରି ବହୁସଂଖ୍ୟକ ହିନ୍ଦୁ

ପରିବାର ଜୀବନ ବିକଳରେ ରାତାରାତି ଜଳପଥ ଯୋଗେ ଭିଟାମାଟି ଛାଡ଼ିଛନ୍ତି ।

ବିସ୍ଥାପନ ସମସ୍ୟା :

ଆଲୋଚ୍ୟ 'ଜମ୍ବୁଲୋକ' ଉପନ୍ୟାସରେ ବିସ୍ଥାପନ ଏକ ମୁଖ୍ୟ ସମସ୍ୟାରୂପେ ଆବିର୍ଭୂତ ହୋଇଛି । ସାଧାରଣ ମଣିଷଟିଏ ଦୁଃଖ-ଦୁର୍ଦ୍ଦଶା ଓ ଚିରକାଳ ଶୋଷଣରୁ ମୁକ୍ତି ପାଇବାର ପ୍ରତ୍ୟାଶା ରଖି ଶାନ୍ତିରେ ଜୀବନ ଜିଇଁବାର ଆଶାନେଇ ବିସ୍ଥାପନକୁ ଶ୍ରେଷ୍ଠ ଅବଲମ୍ବନ ଭାବରେ ଗ୍ରହଣ କରିଛି । ଉପନ୍ୟାସ ଚରିତ୍ର ଜେଜେ ଓରଫ୍ ରାୟବାବୁ ହିନ୍ଦୁସ୍ଥାନର ବାଂଲାଦେଶୀମାନଙ୍କ ରିଫ୍ୟୁଜି କ୍ୟାମ୍ପରେ ଇନ୍ଦିରାଙ୍କ ରେଡ଼ିଓ ଭାଷଣ ପରିବାରଲୋକଙ୍କୁ ଶୁଣାଇଥିଲେ । ଭାଷଣରେ ଇନ୍ଦିରା ଗାନ୍ଧୀ କହିଥିଲେ – " ଆପଣମାନେ ଅନ୍ୟାୟ ଓ ଅତ୍ୟାଚାରରୁ ବଞ୍ଚିବା ପାଇଁ ଆପଣଙ୍କ ଦେଶଛାଡ଼ି ଆମ ଦେଶକୁ ଆସିଛନ୍ତି । ଅନ୍ୟାୟ ଅତ୍ୟାଚାର ଦୂର ହେବ, ଯଦି ଲୋକେ ତାଙ୍କ ଦେଶରେ ରହି ଲଢ଼ିବେ । ଆମ ହିନ୍ଦୁସ୍ଥାନ ଗରୀବ, କିନ୍ତୁ ଯେଉଁମାନେ ବିପଦରୁ ବର୍ତ୍ତିବା ପାଇଁ ଏଠିକି ଆସିଛନ୍ତି ଆମ ଦେଶ କି ଧନୀ, କି ଗରୀବ, ସେମାନଙ୍କୁ ସହାୟତା କରିବାକୁ ପ୍ରସ୍ତୁତ । ଆମ ଦ୍ୱାରା ତୁମ ପାଇଁ ଯେତିକି ସମ୍ଭବ, ସେତକ କରିବୁ ।'' ଏହି ଭାଷଣ ଶୁଣିବାପରେ ଲୋକମାନେ ଆଶ୍ୱସ୍ତି ଅନୁଭବ କରି ହେଡ଼ାଖିଆଙ୍କ ପ୍ରାଦୁର୍ଭାବରୁ ନିଜକୁ ଓ ନିଜ ସ୍ତ୍ରୀ ପିଲାଙ୍କୁ ସୁରକ୍ଷାଦେବା ଉଦ୍ଦେଶ୍ୟରେ ରାତାରାତି ଦେଶାନ୍ତରିତ ହୋଇଛନ୍ତି ଜଳପଥ ମାଧ୍ୟମରେ । ଦୀର୍ଘଦିନ ଧରି ଜଳଯାତ୍ରା କରି ଭାରତ ତଥା ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଜମ୍ବୁରେ ପହଞ୍ଚିଥିଲେ ।

ରାଜନୈତିକ ସମସ୍ୟା :

ଶରଣାର୍ଥୀମାନେ କିଛି କାଳ ଶାନ୍ତିରେ ଜମ୍ବୁକୁ ଉପକୂଳକୁ ଆଶ୍ରୟକରି ଝାଟି ମାଟିର କୁଡ଼ିଆଟିଏ କରି ମାଛ ମାରି ଜୀବିକା ନିର୍ବାହ କରିଥିଲେ । ମାତ୍ର ଏ ସୁଖ ଥିଲା ତାଙ୍କ ପାଇଁ କ୍ଷଣସ୍ଥାୟୀ । ତାଙ୍କୁ ବିପଦ ସମୟରେ ଆଶ୍ରୟ ଦେଇଥିବା ଭାରତ ସରକାର ଜମ୍ବୁରେ ବସ୍ତିରେ ରହୁଥିବା ଶହ ଶହ ଲୋକମାନଙ୍କ ନାଁରେ ନୋଟିସ୍ ଜାରି କରିଛି । ମାସକ ଭିତରେ ଭାରତ ଛାଡ଼ିବ । ଏକଥା ଶୁଣି ସମସ୍ତଙ୍କ ମୁଣ୍ଡରେ ବଜ୍ର ପଡ଼ିଗଲା । କେହି କେହି ସ୍ତ୍ରୀଲୋକ ସ୍ୱାମୀ ନାଁରେ ନୋଟିସ୍ ଆସିଛି ଶୁଣି କାନ୍ଦ ବୋବାଳି କରି ଚେତାଶୂନ୍ୟ ହୋଇପଡ଼ିଲେ। କେତେକ ପରିବାରରେ ସ୍ୱାମୀ ନାଁରେ , ଆଉ କାହାର ସ୍ତ୍ରୀ ପୁଣି କାହାର ଛୋଟ ଛୁଆଙ୍କ ନାଁରେ ନୋଟିସ୍ ଜାରି ହୋଇଛି । ଗୋଟେ ପରିବାରର ସ୍ତ୍ରୀ ଭାରତୀୟ ସ୍ୱାମୀ ନୁହେଁ , ପୁଣି କାହାର ସ୍ତ୍ରୀ ଓ ଭାଇ ଭାରତୀୟ ସ୍ୱାମୀ ନୁହେଁ , ନଅ ମାସର ଛୁଆ ଭାରତୀୟ , କାହାର ବାପା ମା' ଭାରତୀୟ ତିନୋଟି ଛୁଆ ଅନୁପ୍ରବେଶକାରୀ , ବାପା ମା' ନଥିବା ଝିଅ ଲକ୍ଷ୍ମୀରାଣୀ ଅନୁପ୍ରବେଶକାରୀ । ଲୋକଙ୍କ ମନକୁ ପ୍ରଶ୍ନ ଆସେ ଏଟା କି ପ୍ରକାର ନୋଟିସ୍ ? ଏ ଦେଶର ପାଗଳମାନେ କ'ଣ ଏମତି ନୋଟିସ୍ ଲେଖନ୍ତି । ଶେଷକୁ ଜଣାପଡ଼ିଲା ଏସବୁ ରାଜନୀତିର ଖେଳ । ରାଜନେତାମାନେ ନିଜର ସ୍ୱାର୍ଥହାସଲ କରିବାପାଇଁ ବିଶେଷ କରି ଭୋଟ ଆଶାରେ ବାଂଲାଦେଶୀମାନଙ୍କୁ ଭାରତରେ ରହିବାର ସୁଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ରାଜନୀତି ନାମରେ ଚାଲୁଥିବା କୂଟନୀତିର ସ୍ୱଷ୍ଟ ଚିତ୍ର ପ୍ରଦାନ କରିଛନ୍ତି ବାସ୍ତବବାଦୀ ଶିଳ୍ପୀ ଭୀମ ପୃଷ୍ଟି ।

ସ୍ଥିତିବାଦୀ ଚେତନା :

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ସାମାଜିକ ବିଧି ବ୍ୟବସ୍ଥା , ପାରଂପରିକ ବିଶ୍ୱାସବୋଧ, ପ୍ରାପ୍ତିହୀନ ଜୀବନ ଜିଜ୍ଞାସା ମଧ୍ୟରୁ ସ୍ଥିତିବାଦର ଜନ୍ମ । ସ୍ଥିତିବାଦୀ ଚେତନାର ମୂଳ କେନ୍ଦ୍ରବିନ୍ଦୁ ହେଉଛି ମଣିଷ । ଯାହାକୁ ନେଇ ସମାଜରେ ତାର ସ୍ଥିତି । ପ୍ରତ୍ୟେକ ବ୍ୟକ୍ତିର ଏକ ନିଜସ୍ୱ ସ୍ଥିତି ରହିଛି । ସେହି ସ୍ଥିତି ସମ୍ପର୍କରେ ଜାଣିବା ହିଁ ସ୍ଥିତିବାଦ । ଏହି ସ୍ଥିତିବାଦୀ ଦର୍ଶନର ଆଦ୍ୟ ପ୍ରବକ୍ତା ହେଉଛନ୍ତି ' ସୋରେନ୍ କିର୍କେଗାଡ୍"। ଉନବିଂଶ ଶତାବ୍ଦୀରେ ସେ ସ୍ଥିତିବାଦ ସମ୍ପର୍କରେ ବିଶ୍ଳେଷଣ କରି କହିଥିଲେ , " Individual should live in accordance with their thinking ". ମନୁଷ୍ୟ ନିଜର ଚିନ୍ତାଧାରା ଅନୁସାରେ ବଞ୍ଚିବା ଉଚିତ୍ । ନିଃସଙ୍ଗତା ହେଉଛି ମନୁଷ୍ୟର ଐଶ୍ୱର୍ଯ୍ୟ । ସ୍ଥିତିବାଦୀ ଦର୍ଶନର ପ୍ରମୁଖ ଦାର୍ଶନିକ ଜାଁ ପଲ ସାର୍ତ୍ରେ , ମାଟିନ୍ ହାଇଡଗାର , ଆଲବର୍ଟ କାମ୍ୟୁ , ଫ୍ରେଞ୍ଜ କାଫକା ପ୍ରଭୃତି ଚିନ୍ତାନାୟକମାନେ ବ୍ୟକ୍ତିର ସ୍ୱାଧୀନତା ଓ ସ୍ଥିତି ଉପରେ ଦୃଢ ଯୁକ୍ତିଉପସ୍ଥାପନା କରିଛନ୍ତି । ବ୍ୟକ୍ତି ତା'ର ଜୀବନ କାଳ ଭିତରେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥାଏ । ସେ ଭେଟୁଥିବା ଦୁଃସମୟ ହିଁ ହେଉଛି ବ୍ୟକ୍ତିର ସ୍ଥିତିର ବିବିଧତା ।

ପ୍ରାବନ୍ଧିକ ଶରତ କୁମାର ମହାନ୍ତି "ଅସ୍ତିତ୍ୱବାଦର ମର୍ମକଥା" ପୁସ୍ତକରେ କହିଛନ୍ତି , "ମଣିଷ ଜୀବନ ଏପରି ଜଟିଳ , ଅଙ୍କାବଙ୍କା ଓ ଖଣ୍ଡିତ ଯେ ବିଚାର ପାତ୍ରରେ ଜୀବନକୁ ଭରି ହୁଏନାହିଁ । ମଣିଷ ଜୀବନ ଖାଲି ଆଲୁଅ ନୁହେଁ , ଅନ୍ଧାର ଆଲୁଅର ମିଶ୍ରଣ ; ସଳଖ ନୁହେଁ , ଅଙ୍କାବଙ୍କା – ସଂଦିଗ୍ଧ , ଅବିଚ୍ଛିନ୍ନ ନୁହେଁ , ବିଚ୍ଛିନ୍ନ । ସେ ଜଗତ ଠାରୁ ବିଚ୍ଛିନ୍ନ , ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ , ଏପରିକି କି ନିଜଠାରୁ ବିଚ୍ଛିନ୍ନ ।"

ଭୀମ ପୃଷ୍ଟିଙ୍କ ଜମ୍ବୁଲୋକ ଉପନ୍ୟାସରେ ଜୀବନ ଜିଜ୍ଞାସାର ଚିତ୍ର ପ୍ରତିଫଳିତ ହୋଇଛି । ବାଂଲାଦେଶରୁ ଶରଣାର୍ଥୀମାନେ ନିଜ ଜିଇଁବାର ରାହା ନେଇ ସବୁ କିଛିକୁ ପାସୋରି ଦେଇ ରାତି ଅଧରେ ନିଜ ସତ୍ତାକୁ ବଞ୍ଚାଇ ରଖିବା ପାଇଁ ସାତସମୁଦ୍ର ପାରିକରି ଆସି ଜମ୍ବୁରେ ପହଞ୍ଚିଛନ୍ତି। ନିଜର ଟଳମଳ ହେଉଥିବା ଜୀବନକୁ ସୁରକ୍ଷା ଦେବା ପାଇଁ ସେ ହେଡ଼ାଖିଆଙ୍କ ପାଖରୁ। ସୃଷ୍ଟିର ସକଳ ଜୀବ ନିଜ ସ୍ଥିତିକୁ ସୁଦୃଢ କରିବାପାଇଁ ସଂଘର୍ଷ କରିଛି। କାରଣ ସଂଘର୍ଷ ବିନା ତାର ମୁକ୍ତି ନାହିଁ। ଜୀବନଠୁ ବଡ଼ ଆଉ କିଛି ନାହିଁ, ଏକଥାକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ବାଂଲାଦେଶୀ ଶରଣାର୍ଥୀମାନେ , ଯେଉଁଥି ପାଇଁ ସେ ଜୀବନ ତମାମ ସଂଘର୍ଷ କରିଛନ୍ତି । ତାଙ୍କ ସଂଘର୍ଷର ଅନ୍ତ ନାହିଁ । ଜୀବନ ଯନ୍ତ୍ରଣାର ଦାବାନଳରେ ଦଗ୍ଧ ହୋଇ ମଧ୍ୟ ସେମାନେ ଶେଷ ନିଶ୍ୱାସ ଥିବା ଯାଏଁ ସଂଘର୍ଷ କରିଛନ୍ତି । କାରଣ ସେମାନେ ମଣିଷ ଜୀବନର ମୂଲ୍ୟକୁ ବୁଝିଛନ୍ତି।

ଉପସଂହାର

ବାସ୍ତବରେ ସ୍ଥିତିବାଦୀ ଔପନ୍ୟାସିକମାନେ ପରିଚିତ ଜଗତରୁ ମଣିଷକୁ ଆଉ ଏକ ଅଦୃଶ୍ୟ ଜଗତକୁ ନେଇ ଯିବାର କ୍ଷମତା ରଖନ୍ତି। ଯାହା ଏଠାରେ ଭୀମ ପୃଷ୍ଟି କରିଦେଖାଇଛନ୍ତି। ମଣିଷର ଅନ୍ଧାରୀ ମନକୁ ଆବିଷ୍କାର କରିବାର ଅଦ୍ଭୁତ ସାମର୍ଥ୍ୟ ତାଙ୍କର ଥାଏ। ଯାହାଦ୍ୱାରା ସେମାନେ ମଣିଷ ଭିତରେ ଥିବା ନରରୂପୀ ରାକ୍ଷସମାନଙ୍କର ଲୀଳାଭୂମିକୁ ଦେଖାଇବାରେ ସମର୍ଥ ହୋଇଛନ୍ତି । ଭଲ ମଣିଷ ସହିତ ଆଉ ଜଣେ ବିପରୀତ ମଣିଷ ଯେ ବଞ୍ଚିଛି ଏକଥାକୁ

ସ୍ଥିତିବାଦୀ ସମାଜସଚେତନ ଶିଳ୍ପୀମାନେ ତାଙ୍କ ଉପନ୍ୟାସ ମଧ୍ୟରେ ସୂଚାଇ ଦେଇଛନ୍ତି। କଥାକାର ଭୀମ ପୃଷ୍ଟି ତାଙ୍କ ଶ୍ରେଷ୍ଠ କୃତି " ଜମ୍ବୁଲୋକ" ଉପନ୍ୟାସ ମଧ୍ୟମରେ ଜୀବନର ବିଶାଳତାକୁ ବେଶ୍ ମାର୍ମିକ ଭାବରେ ବ୍ୟକ୍ତ କରିଛନ୍ତି।

ସଙ୍କେତ ସୂଚୀ :

୧ . ପୃଷ୍ଟି , ଭୀମ , ଜମ୍ବୁଲୋକ , ପଶ୍ଚିମ ପବ୍ଲିକେସନ୍ , ଭୁବନେଶ୍ୱର , ୨୦୧୭ ।

୨ . କର , ବାଉରୀବନ୍ଧୁ , ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ , ଫ୍ରେଣ୍ଡସ୍ ପବ୍ଲିକେସନ୍ , କଟକ , ୨୦୧୫ ।

୩ . ପଣ୍ଡା , ଚିତ୍ତରଞ୍ଜନ , ଓଡ଼ିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ , ଏ . କେ . ମିଶ୍ର ପବ୍ଲିଶର୍ସ , କଟକ , ୨୦୨୦ ।

୪ . ପରିଡ଼ା , ପ୍ରକାଶ କୁମାର , ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ , ବିଜୟିନୀ ପବ୍ଲିକେସନ୍ , ଭୁବନେଶ୍ୱର , ୨୦୨୩ ।

୫ . ମହାନ୍ତି , ଶରତ କୁମାର , ଅସ୍ତିତ୍ୱବାଦର ମର୍ମକଥା , ଅଗ୍ରଦୂତ ପ୍ରକାଶନୀ , କଟକ , ୧୯୭୭ ।

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes Similarity Index: 0 %
Ethical Approval:	Not applicable
License:	Bhima Prustinka Jambuloka Upanyasa Eka Bishleshana © 2025 by Debasmita Sahu is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

କୁଡୁମୀ ସଂସ୍କୃତିରେ 'ପାଲା': ଏକ ଦୃଷ୍ଟିପାତ

ହୃଷୀକେଶ ମହାନ୍ତ

ଟକତପୁର, ବାରିପଦା, ୭୫୭୦୦୩

E-Mail: mohantahrushikesh77@gmail.com

Article No : BB-I-IV-2025-03
DOI No : 10.64647/bb.vol.1.issue4.2025.3
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date :
Publication Date : 14-10-2025

ସଂକ୍ଷିପ୍ତସାର:

Abstract

କୁଡୁମୀ ସଂସ୍କୃତି ବହୁ ପ୍ରାଚୀନ ହେଲେ ସୁଦ୍ଧା ନୂତନ ଭାବଚେତନାର ମିଶ୍ରଣ ଘଟିଛି । କବି କର୍ଣ୍ଣଙ୍କ ଠାରୁ ଆଜି ପର୍ଯ୍ୟନ୍ତ ଧର୍ମୀୟଭାବନାକୁ କେନ୍ଦ୍ରକରି ପାଲାର ସୃଷ୍ଟି ହୋଇଛି। ଏହା ବ୍ୟତୀତ ସମାଜସଂସ୍କାର ଓ ସଚେତନତା ପାଇଁ ଧର୍ମବହିର୍ଭୁତ ପାଲା ପରିବେଷିତ ହେବାର ଦୃଷ୍ଟିଗୋଚର ହୁଏ। ବଙ୍ଗଳାରୁ ଓଡିଶାକୁ ଆସୁ କିମ୍ବା ଧର୍ମଗତ ବିଭେଦତାକୁ ପରିହାର କରି 'ସତ୍ୟ' ଓ 'ପୀର' ସମନ୍ୱୟରେ ସୃଷ୍ଟିହେଉ, ଏହାର ଗୁରୁତ୍ୱ କେତେ ତାହା ସର୍ବତ୍ର ବିଦିତ । ମାତ୍ର ଏତିକି ସ୍ୱୀକାର କରିବାକୁ ପଡିବ ଯେ, 'ପାଲା' ମହତ ଉଦ୍ଦେଶ୍ୟ ନେଇ ସୃଷ୍ଟି ହୋଇଥିଲା । ତତ୍କାଳୀନ ଅଶିକ୍ଷିତ ଗ୍ରାମୀଣ ସମାଜରେ ଶିକ୍ଷା, ସଂସ୍କୃତି, ଧର୍ମ ଓ କୁସଂସ୍କାରକୁ ଚିହ୍ନି ସମାଜ ଶିକ୍ଷକ ଭାବେ ଦାୟିତ୍ୱ ବହନ କରି ମନୋରଞ୍ଜନ ଛଳରେ ଶିକ୍ଷା ପ୍ରଦାନ କରିବା ଥିଲା ଏହାର ଧର୍ମ। ପାଲା କେବଳ ନୀତି ଉପଦେଶ ନୁହେଁ କିମ୍ବା ଧର୍ମୀୟ ବ୍ୟାଖ୍ୟା ନୁହେଁ। ଏଥିରେ ଭରିରହିଛି ସାହିତ୍ୟ, ଅଭିନୟ, ରସ, ମୃଦଙ୍ଗରୁ ଝଙ୍କୃତ ନାଦବ୍ରହ୍ମର ସାରତତ୍ତ୍ୱ । ଏହି ପାଲା ଭାଷାରୁ ଭାଷାକୁ ଅତିକ୍ରମ କରି ବହୁଭାଷାରେ ଉଦ୍ଭାସିତ ହୋଇଛି । ଏହି ସଂପ୍ରଦାୟ ମଧ୍ୟରେ ପାଲାର ପ୍ରବେଶ ବେଶୀଦିନର ନୁହେଁ । ମାତ୍ର କୁଡୁମୀ ଭାଷାରେ ଏହାର ଭୂମିକା ମଧ୍ୟ ଊଣା ନୁହେଁ । ପାଲା ଏହି ଭାଷାଭାଷୀର ଜନଜୀବନକୁ କିପରି ପ୍ରଭାବିତ କରିଛି ଓ ସଂସ୍କୃତି ସହ କିପରି ଓତଃପ୍ରୋତ ଭାବେ ଜଡିତ ହୋଇଛି ତାହା ଏଠାରେ ଆଲୋଚନା କରାଯାଇଛି ।

ମୂଳଶବ୍ଦ : କୁଡୁମୀ, କୁଡୁମାଲୀ, ଲୋକସଂସ୍କୃତି, ଲୋକନାଟକ, ଗୟାତୀର୍ଥ, ଗୟାପାଲା, ମାନ୍ ପାଲା, ମଥୁରାପାଲା, ଗୋଷ୍ଠପାଲା।

ସଂସ୍କୃତି ଏକ ବ୍ୟାପକ ବିଷୟ। କୌଣସି ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀର ଜୀବନଯାପନ ମଧ୍ୟଦେଇ ତା'ର ବିଚାର ଓ ଜୀବନଧାରାର ସାମୂହିକ ତଥା ସ୍ୱତନ୍ତ୍ର ପରିପ୍ରକାଶକୁ ଆମେ ସାଧାରଣତଃ ସଂସ୍କୃତି ବୋଲି କହିଥାଉ। ଏଥିରେ ସେହି ଜୀବନଗୋଷ୍ଠୀର ଚାଲିଚଳଣ, ଆଚାର ବିଚାର, କଳା, ସଂଗୀତ, ସାହିତ୍ୟ, ପର୍ବ-ପର୍ବାଣୀ ଆଦି ପ୍ରତିଫଳିତ। ଏହା ସଭ୍ୟତା ସହ ତାଳଦେଇ ଯୁଗରୁଚି ଅନୁଯାୟୀ ମନୁଷ୍ୟ ଓ ସମାଜ ସହିତ ସଂପର୍କ ରଖି ଗତିକରେ। ଏହା ମାନବର କ୍ରମବିବର୍ତ୍ତନ ଓ ସଂସ୍କାରିତ ଧାରାକୁ ବୁଝାଏ । 'ସମ୍' ଉପସର୍ଗରେ 'କୃ' ଧାତୁରେ କ୍ତିନ୍ ପ୍ରତ୍ୟୟର ମିଶ୍ରଣ ଫଳରେ ସଂସ୍କୃତି ଶବ୍ଦର ସୃଷ୍ଟି । ତେଣୁ ସଂସ୍କୃତିର ଅର୍ଥ ହେଲା ଉତ୍ତମ କୃତି। ସଂସ୍କୃତିରେ ଜ୍ଞାନ, କଳା, ନୀତିନିୟମ, ବିଶ୍ୱାସ, ପ୍ରଥା, ପରଂପରା ପରି ସମଗ୍ର କ୍ରିୟା-ପ୍ରକ୍ରିୟା ନିହିତ । ଲୋକସଂସ୍କୃତି ବା ଫୋକ୍ଲୋର ସଂସ୍କୃତିର ଏକ ଅଂଶ । ଲୋକସଂସ୍କୃତିର ସ୍ୱରୂପରେ ଲୋକଗୀତ, ଲୋକକଥା, ଲୋକକଳା, ଲୋକନୃତ୍ୟ, ଲୋକଦେବତା, ପ୍ରବାଦ ପ୍ରବଚନ ଇତ୍ୟାଦି ଅଙ୍ଗୀଭୂତ । ଏଣୁ ଏହା ନିତ୍ୟଜୀବନର ସଂସ୍କୃତି । ସଂସ୍କୃତି ସଂପନ୍ନ ଓଡିଶାରେ ପାଲାସଂସ୍କୃତି ଲୋକନାଟକ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବିଭିନ୍ନ ଜାତି, ଗୋଷ୍ଠୀ ବା ସଂପ୍ରଦାୟ ମଧ୍ୟରେ ଏହା ଭିନ୍ନ ଭିନ୍ନ ଭାବରେ ପ୍ରଦର୍ଶିତ ହୁଏ । ଏହି ଦୃଷ୍ଟିରୁ କୁଡୁମାଲି ସଂସ୍କୃତି କଥା ବିଚାର କଲେ ଅନ୍ୟଠାରୁ ଏହା କିଛି ମାତ୍ରାରେ ବ୍ୟତିକ୍ରମ ଓ ସ୍ୱତନ୍ତ୍ର।

ଓଡିଶାର ସାମାଜିକ ଚଳଣିରେ ସାଂସ୍କୃତିକ ଧର୍ମଧାରାକୁ ଧାରଣ କରିନେଇ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ହେଉଛି ପାଲା। ଓଡିଶାରେ ପ୍ରାଚୀନ ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏହାର ଭୂମିକା ଅଦ୍ୱିତୀୟ। ପାଲାର ବିଷୟବସ୍ତୁ ବିଭିନ୍ନ ପୌରାଣିକ, ଐତିହାସିକ, କିମ୍ବଦନ୍ତୀ, ଆଖ୍ୟାନମୂଳକ ହୋଇ ବିଭିନ୍ନ ରସ, ଛାନ୍ଦ ଚୌପଦୀ, ଶ୍ଳୋକ ଓ ସାହିତ୍ୟ ଉଦ୍ଧୃତି ମାନଙ୍କୁ ନେଇ ଶ୍ରୋତା ଓ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରାଯାଇଥାଏ। ସାଧାରଣ ଭାବରେ କହିଲେ 'ପାଲା' ହେଉଛି –'ପା' ରେ ପାଣ୍ଡିତ୍ୟ ଓ 'ଲା' ରେ ଲାଳିତ୍ୟ ଲାଭ। ଏ ଦୁଇଟି ବ୍ୟତିରେକେ ଜଣେ ପାଲାକାର ପକ୍ଷେ ପାଲା ପରିବେଷଣ କରିବା ଅସମ୍ଭବ। ପାଲା ଶୁଣିବା ଦ୍ୱାରା ପାଞ୍ଚପ୍ରକାର ଲାଭ ମିଳିଥାଏ ବୋଲି ପାଲାକାରମାନେ ମତପୋଷଣ କରିଥାନ୍ତି । ଯଥା- ଶିକ୍ଷା, ଭକ୍ତି, ମୁକ୍ତି, ସଂସ୍କୃତି ଓ ମନୋରଞ୍ଜନ। ପାଲା ଗୀତ-ବାଦ୍ୟ-ନୃତ୍ୟର ସମନ୍ୱୟରେ ଉଭୟ ଶ୍ରାବ୍ୟ ଓ ଦୃଶ୍ୟ ଯୋଗ୍ୟ ହୋଇଥାଏ। ଏହା ହୁଏତ ନାଟ୍ୟସୃଷ୍ଟିର ପ୍ରାଥମିକ ପର୍ଯ୍ୟାୟ। ଲୀଳା, ଯାତ୍ରା, ସୁଆଙ୍ଗ, ମୋଗଲ ତାମସା ପରି ପାଲା ଲୋକସମାଜର ଏକ ଉପଭୋଗ୍ୟ ଓ ଶିକ୍ଷଣୀୟ କଳା।

କୁହାଯାଏ ହିନ୍ଦୁ ଓ ମୁସଲମାନମାନଙ୍କ ସତ୍ୟପୀର ପୂଜାପଦ୍ଧତିରୁ ପାଲାର ସୃଷ୍ଟି। କେହି କେହି କୁହନ୍ତି 'ପାଓ ଲାଓ' ଅର୍ଥାତ୍ ତୁମେ ଭଗବାନଙ୍କୁ ପାଅ ଏବଂ କେହି କୁହନ୍ତି 'ପାଓ ଆଲ୍ଲା' ଅର୍ଥାତ୍ ଭଗବାନଙ୍କୁ ପାଅ ଶବ୍ଦରୁ ପାଲା ସୃଷ୍ଟି । ସେ ଯାହାହେଉନା କାହିଁକି, ଭକ୍ତିମୂଳକ ଭାବରେ ଈଶ୍ୱରଙ୍କ ମହିମାଗାନ କରିବା ହିଁ ଏହାର ମୂଳଲକ୍ଷ୍ୟ। ସତ୍ୟନାରାୟଣ ପୂଜା ପରି ସତ୍ୟପୀରଙ୍କ ପୂଜା ଶେଷରେ

ଧର୍ମସମ୍ବନ୍ଧୀୟ ଓ ଭଗବାନଙ୍କ ଗୁଣଯୁକ୍ତ ସଂଗୀତ ଓ କାହାଣୀଯୁକ୍ତ ନୃତ୍ୟ ପରିବେଷିତ ହୋଇ କ୍ରମେ ପାଲାର କଳେବରକୁ ବୃଦ୍ଧିକଲା। ପାଲାର ବ୍ୟୁତ୍ପତ୍ତିଗତ ଅର୍ଥକୁ ବିଶ୍ଳେଷଣ କରି ଦେଖିଲେ ଏହା ପାଞ୍ଚାଳୀ (ପାଞ୍ଚାଳୀ ରୀତି), ପର୍ଯ୍ୟାୟ, ପାଳିଆ, ପଲ୍ଲୀ ଆଦି ଶବ୍ଦରୁ ସୃଷ୍ଟି ହୋଇଛି ବୋଲି ବିବେଚନା କରାଯାଏ। ଡ. ବାବାଜୀ ଚରଣ ପଟ୍ଟନାୟକ କହନ୍ତି – "ଓଡିଆରେ ପ୍ରଚଳିତ ହେଉଥିବା 'ପିଲା' ଶବ୍ଦରୁ ପାଲା ଶବ୍ଦଟି ସୃଷ୍ଟି। ଓଡିଆ ମାନଙ୍କ ଘରେ ଛୋଟପିଲାର ମଙ୍ଗଳନିମିତ୍ତ କରାଯାଉଥିବା କାର୍ଯ୍ୟକ୍ରମରୁ ଏହାର ସୃଷ୍ଟି ସମ୍ଭବ। 'ପାଲା' ଶବ୍ଦଟି 'ପିଲା' ଶବ୍ଦର ଅଧିକ ନିକଟବର୍ତ୍ତୀ।"(ବିବିଧ ପ୍ରବନ୍ଧ) ଆଉ କେତେକଙ୍କ ମତରେ ପାଲାରେ ପଞ୍ଚଦେବତା ଉପାସନା କରାଯାଉଥିବାରୁ ଏହାର ନାମକରଣ ଏପରି ହୋଇଛି। ମୋଗଲସମ୍ରାଟ ଆକବରଙ୍କ ରାଜତ୍ୱ ସମୟରେ ଭାରତର ପୂର୍ବଭାଗରେ ଥିବା କେତେକ ରାଜ୍ୟରେ ଏହା ପ୍ରଚଳିତ ଓ ଏହାର ଜନ୍ମସ୍ଥାନ ଆସାମ ବୋଲି ଜଣାଯାଏ । ଏହା କାଳକ୍ରମେ ଆସାମରୁ ବଙ୍ଗଳା ଓ ବଙ୍ଗଳାରୁ ଓଡିଶାକୁ ସଂପ୍ରସାରିତ ହୋଇଛି। ଚୈତନ୍ୟଙ୍କ ଓଡିଶା ଆଗମନ ସମୟରେ ଏହା ଓଡିଶାକୁ ଆସିଛି, ବର୍ତ୍ତମାନ ଏହା ଓଡିଆମାନଙ୍କର ଏକ ମୌଳିକ ସାଂସ୍କୃତିକ କଳା ଓ ଭକ୍ତି ସମ୍ବଳିତ ମନୋରଞ୍ଜନର ଏକ ମାଧ୍ୟମ ସାଜିଛି, ଏଥିରେ ସନ୍ଦେହ ନାହିଁ ।

କୁଡୁମାଲୀ ପାଲା :

ଓଡିଆ ସଂସ୍କୃତିରେ ପାଲାର ଯେପରି ବଳିଷ୍ଠ ପରମ୍ପରା ରହିଛି, ସେହିପରି କୁଡୁମୀ ସଂପ୍ରଦାୟରେ ମଧ୍ୟ ପାଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସଂପ୍ରଦାୟ ଓଡିଶାର ଉତ୍ତରଭାଗ ସମେତ ଯାଜପୁର, ଢେଙ୍କାନାଳ ଓ ସୁନ୍ଦରଗଡ ଆଦି ଅଞ୍ଚଳରେ ବସବାସ କରନ୍ତି। ଏମାନଙ୍କ ଏକ ସ୍ୱତନ୍ତ୍ର ଭାଷା (କୁଡୁମାଲୀ-ସେମାନଙ୍କ କଥିତଭାଷା), ପରମ୍ପରା ଓ ସଂସ୍କୃତି ରହିଛି। ସେଥିମଧ୍ୟରୁ କୁଡୁମାଲୀ ଭାଷାକୁ ଏଠାରେ ଉଲ୍ଲେଖ କରାଯାଉଛି।

ସାଧାରଣତଃ ପାଲାକୁ ଦୁଇଭାଗରେ ବିଭକ୍ତ କରାଯାଏ। ଯଥା- ବୈଠକି ପାଲା ଓ ଠିଆ ପାଲା। କୁଡୁମୀ ସଂସ୍କୃତିରେ ମୁଖ୍ୟତଃ ଠିଆପାଲା ହିଁ ହୋଇଥାଏ। ବିଷୟବସ୍ତୁ ଓ ପରିବେଷଣ ଦୃଷ୍ଟିରୁ କୁଡୁମୀସଂସ୍କୃତିରେ ହେଉଥିବା ପାଲାଗୁଡିକ ମୁଖ୍ୟତଃ ନିମ୍ନକ୍ରମରେ ବିଭକ୍ତ କରାଯାଇପାରେ। ଯଥା-

୧.ରାମକଥାମୂଳକ ବା ବିୟୋଗାନ୍ତକ,
୨. କୃଷ୍ଣକଥାମୂଳକ ବା ସୁଖାନ୍ତକ ।
ସେଗୁଡିକ ହେଲା-
ଗୟାପାଲା (ରାମକଥା ମୂଳକ)
ଗୋଷ୍ଠ ପାଲା(କୃଷ୍ଣକଥା ମୂଳକ)
ମାନ୍ ପାଲା(କୃଷ୍ଣକଥା ମୂଳକ)
ମଥୁରାପାଲା(କୃଷ୍ଣକଥା ମୂଳକ)

ଗୟାପାଲା :

କୁଡୁମୀ ସଂପ୍ରଦାୟ ମଧ୍ୟରେ ଅନୁଷ୍ଠିତ ହେଉଥିବା ପାଲାଗୁଡିକ ମଧ୍ୟରେ ଗୟାପାଲା ସର୍ବାଧିକ ଲୋକପ୍ରିୟ । ଏହା କେବଳ ଦଶାହ ଶ୍ରାଦ୍ଧକ୍ରିୟାରେ ଅନୁଷ୍ଠିତ ହେଉଥିବା ଏକ ବିୟୋଗାନ୍ତକ ଲୋକନାଟକ । ଏହାର କଥାବସ୍ତୁ ରାମାୟଣର କଥାବସ୍ତୁରୁ ଗୃହୀତ ହୋଇଥିଲେ ମଧ୍ୟ ମହାଭାରତର କେତେକ ଘଟଣା ଦ୍ୱାରା ପ୍ରଭାବିତ । ଶିବ-ପାର୍ବତୀଙ୍କ କଥୋପକଥନ ଛଳରେ ଆରମ୍ଭ ହୋଇ ରାମଚନ୍ଦ୍ର ଅଯୋଧ୍ୟାର ରାଜାହେବା, ମନ୍ଥରା ଓ କୈକେୟୀଙ୍କ କୁମନ୍ତ୍ରଣା ଫଳରେ ବନବାସଗମନ ଓ ପୁତ୍ରଶୋକରେ ଦଶରଥଙ୍କ ବିୟୋଗ, ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଫେରାଇ ଆଣିବା ପାଇଁ ଭରତ ଓ ଶତ୍ରୁଘ୍ନ ଚିତ୍ରକୂଟ ପର୍ବତକୁ ଗମନ, ପିତାଙ୍କ ବିୟୋଗବାର୍ତ୍ତା ପ୍ରଦାନ ସତ୍ତ୍ୱେ ସତ୍ୟରକ୍ଷାଲାଗି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ନ କରିବା ଏବଂ ଶେଷରେ ଦଶାହ ଦିନରେ ରାମ ଓ ଲକ୍ଷ୍ମଣ ମୃତ ପିତାଙ୍କ ସଦ୍ଗତି ନିମନ୍ତେ ପିଣ୍ଡଦାନ ଉଦ୍ଦେଶ୍ୟରେ ମୁନିଋଷିଙ୍କ କୁଟୀରରେ ଭିକ୍ଷାକରିବା ଓ ଏହି ଅଭାବ ଭିତରେ ଜନକନନ୍ଦିନୀ ସୀତା ଦଶରଥଙ୍କୁ 'ବାଲିର ପିଣ୍ଡ' ପ୍ରଦାନ କରିବା ଆଦି ଘଟଣା ଗୟାପାଲାରେ ପରିବେଷଣ କରାଯାଇଥାଏ।

କୁଡୁମୀ ସଂପ୍ରଦାୟରେ କୌଣସି ଆତ୍ମୀୟ ପରିଜନଙ୍କ ବିୟୋଗରେ ଦଶାହ କାର୍ଯ୍ୟରେ ଏହା ଅନୁଷ୍ଠିତ ହୋଇଥାଏ। ଏହା ଶୋକାକୁଳ ପରିବେଶରେ ସମସ୍ତ ଶୋକ ସନ୍ତପ୍ତ ପ୍ରାଣରେ ଧୈର୍ଯ୍ୟର ପରାକାଷ୍ଠା ଓ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ଶାନ୍ତ୍ୱନା ପ୍ରଦାନ କରିଥାଏ। ଏଥିପାଇଁ ଏହାକୁ କୁଡୁମୀ ସଂପ୍ରଦାୟର ଲୋକେ 'ଦୁଃଖ ପାଶୋରା ନାଟ' ବୋଲି ମଧ୍ୟ କହିଥାନ୍ତି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ପିତୃଭକ୍ତ ଗୟାସୁର ନିଜ ପିତାଙ୍କ ମୃତ୍ୟୁପାଇଁ ଦେବତାଙ୍କୁ ଦାୟୀକରି ପ୍ରତିଶୋଧ ପରାୟଣ ହୋଇ ସେମାନଙ୍କ ଉପରେ ଆକ୍ରମଣ କରିଥିଲା। ଗୟାସୁରର ପ୍ରକୋପରେ ଭୟଭୀତ ହୋଇ ଦେବତାମାନେ ନିଜକୁ ରକ୍ଷାକରିବା ପାଇଁ ଭଗବାନ ବିଷ୍ଣୁଙ୍କ ନିକଟରେ ଗୁହାରି ଜଣାନ୍ତି। ଭଗବାନ ବିଷ୍ଣୁ ଦେବତାମାନଙ୍କୁ ରକ୍ଷା କରିବାକୁ ଯାଇ ଗୟାସୁରକୁ ପାଷାଣରେ ପରିଣତ କରିଦିଅନ୍ତି ଏବଂ ଏହି ପାଷାଣ ଥିବା ସ୍ଥାନଟି ଗୟାତୀର୍ଥ ନାମରେ ପରିଚିତ ହୁଏ। ଏହିଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ପୁଣ୍ୟମିଳେ ବୋଲି ବିଶ୍ୱାସ ରହିଛି । ଗୟାତୀର୍ଥରେ ଜନକନନ୍ଦିନୀ ସୀତା ଶ୍ୱଶୁରଙ୍କୁ ପିଣ୍ଡଦାନ ଦେବା ଫଳରେ ଦଶରଥ ସ୍ୱର୍ଗକୁ ଗମନ କରନ୍ତି। ତେଣୁ ଗୟାତୀର୍ଥରେ ପିଣ୍ଡଦାନ ପ୍ରସଙ୍ଗ ଉକ୍ତ ପାଲାରେ ଉଲ୍ଲେଖ ଥିବାରୁ ଏହାର ନାମକରଣ 'ଗୟାପାଲା' ହୋଇଛି ଏବଂ କେହି କେହି ଏହାକୁ 'ସ୍ୱର୍ଗାରୋହଣ ପାଲା' ମଧ୍ୟ କହିଥାନ୍ତି। ସ୍ୱର୍ଗାରୋହଣ ପାଲାର ନାମକରଣ ପଛରେ ହୁଏତ ସାରଳାଦାସଙ୍କ 'ସ୍ୱର୍ଗାରୋହଣ ପର୍ବ'ର ପ୍ରଭାବ ରହିଛି। ମହାଭାରତ ଯୁଦ୍ଧର ଅବସାନପରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁର ସଦ୍ଗତି ନିମନ୍ତେ ପାଣ୍ଡବମାନେ ପିଣ୍ଡଦାନ ଓ ମୃତ୍ୟୁଜନିତ ପାପରୁ ମୁକ୍ତିପାଇଁ ବିଭିନ୍ନ ତୀର୍ଥ ଭ୍ରମଣ କରିଛନ୍ତି। ସାରଳା ମହାଭାରତରେ ଦ୍ରୌପଦୀଙ୍କ ସହ ପଞ୍ଚୁପାଣ୍ଡବଙ୍କ ଉକଳଦେଶର ବିଭିନ୍ନ ତୀର୍ଥ ଭ୍ରମଣକୁ ଯିବା ପ୍ରସଙ୍ଗରେ କହିଛନ୍ତି-

"ତହିଁରୁ ପାଣ୍ଡବେ ହୋଇଲେ ପଶ୍ଚିମ ମୁରତି
ଫଲ୍ଗୁକି ଦର୍ଶନ କଲେ ଯାଇଣ ସେ ଧାତି।
ରାମଗୟା ତୀର୍ଥେ ଯାଇଂ ରହିଲେ ପାଞ୍ଚଦିନ
ସରିଲେ ସଂକଳ୍ପ ଶ୍ରାଦ୍ଧ ପିତୃକାର୍ଯ୍ୟମାନ।
ଯଥାବିଧି କରି ତହିଁ ବାଲିପିଣ୍ଡ ଦିଲେ
ଶ୍ରୀଗଦାଧରଙ୍କ ପ୍ରସନ୍ନେ ପିତୃକାର୍ଯ୍ୟ କଲେ।
ଗୟାରେ ଶ୍ରାଦ୍ଧକଲେ ଯେ କୁଟୁମ୍ବ ବନ୍ଧୁମାନେ
ପିତୃ ସୁହୃଦ କଲେ ଦେବଗଣ ଆପ୍ୟାନେ।"
(ସ୍ୱର୍ଗାରୋହଣ ପର୍ବ-ସାରଳା ମହାଭାରତ,ପୃ-୪୬)

ଗୟାପାଲାରେ କରୁଣରସ ହିଁ ପ୍ରାଧାନ୍ୟ ବିସ୍ତାର କରିଥାଏ । ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ବନବାସ ଏବଂ ଧର୍ମ ସଂକଟରେ ପଡି ଅଭିଶପ୍ତ ରାଜା ଦଶରଥ କୈକେୟୀଙ୍କ ଇଚ୍ଛାପୂରଣ କରିବାକୁ ଯାଇ ମୃତ୍ୟୁ ସମୟରେ ପୁତ୍ରମୁଖ ଦେଖିପାରନ୍ତି ନାହିଁ। ସତ୍ୟ ଆଦର୍ଶର ମର୍ଯ୍ୟାଦାବନ୍ତ ପୁରୁଷ ରାମଚନ୍ଦ୍ର ଓ ଭାତୃଭକ୍ତ ଲକ୍ଷ୍ମଣ ବନବାସ କାଳରେ

ସୀତାଙ୍କୁ ଫଲ୍ଗୁ ନଦୀକୂଳରେ ଛାଡି ମୃତପିତାଙ୍କ ଆତ୍ମାର ସଦ୍ଗତି ପାଇଁ ପିଣ୍ଡଦାନ କରିବାର ପ୍ରସ୍ତୁତି କରନ୍ତି । ଅନ୍ନାଭାବରୁ ମୁନିରଷିଙ୍କ କୁଟିରରେ ଭିକ୍ଷାକରି ଆସିବା ପୂର୍ବରୁ ଦଶରଥଙ୍କ ଶୂନ୍ୟବାଣୀ ହୋଇଛି ସୀତାଙ୍କ ପ୍ରତି-

"ବାଲିର୍ ପିଣ୍ଡ ଦାଉ ଗୋ ମା' ସୀତେ
ବାଲିର୍ ପିଣ୍ଡେ ମୁକ୍ତ ହୈୟାଁ ଯାବ ସ୍ୱର୍ଗ ପଥେ।"
(ଗୟାପାଲା)

ଜନକନନ୍ଦିନୀ ସୀତା ମଧ୍ୟ ରାମ ଓ ଲକ୍ଷ୍ମଣଙ୍କୁ ଅପେକ୍ଷା ନକରି ଫଲ୍ଗୁ ନଦୀକୂଳରେ ବାଲିର ପିଣ୍ଡ ପ୍ରଦାନ କରିଛନ୍ତି ଓ ଏଥିନିମନ୍ତେ ଶିମୁଳିଗଛ, ତୁଳସୀଗଛ, ଫଲ୍ଗୁ ନଦୀ ଓ ବଟବୃକ୍ଷକୁ ସାକ୍ଷୀ ରଖିଛନ୍ତି। ତତ୍ପରେ ଦଶରଥ ସ୍ୱର୍ଗ ଯାତ୍ରା କରିଛନ୍ତି। ରାମଚନ୍ଦ୍ର ଓ ଲକ୍ଷ୍ମଣ ଭିକ୍ଷାଧରି ଫେରିବା ପରେ ସୀତା ସମସ୍ତ ବୃତ୍ତାନ୍ତ କହିବା ସତ୍ତ୍ୱେ ରାମ ଓ ଲକ୍ଷ୍ମଣ ଏହି କଥାକୁ ବିଶ୍ୱାସ କରି ନାହାନ୍ତି। ତେଣୁ ସୀତା ରଖିଥିବା ସମସ୍ତ ସାକ୍ଷୀମାନଙ୍କୁ ପଚାରନ୍ତେ ,ସେମାନଙ୍କ ମଧ୍ୟରୁ ବଟବୃକ୍ଷକୁ ଛାଡିଦେଇ ସମସ୍ତେ ରାମଙ୍କୁ ଭୟକରି ମିଥ୍ୟା କହିବାରୁ ସୀତା ସେମାନଙ୍କୁ ଅଭିଶାପ ଦେଲେ। ଯାହା ଫଳରେ ଶିମିଳିଫୁଲ ଯୋଜନ ଯୋଜନ ବ୍ୟାପି ଚହଟୁଥିବା ସୁବାସ ହରାଇଲା, ତୁଳସୀଗଛ ଅପରିଷ୍କାର ସ୍ଥାନରେ ଜନ୍ମହେଲା ଓ ଫଲ୍ଗୁ ନଦୀ ଯାହା ଦୁଇକୂଳ ଲଂଘି ପ୍ରବାହିତ ହେଉଥିଲା ତାହା ଚିରଦିନ ଅନ୍ତଃସଲୀଳା ହୋଇଗଲା।

"ଅଗମ ଦରିଆ ଜଲ୍ ହବେ ଅନ୍ତଶୀଲା
ଦେଖେଶୁନେ କେନେ ତୁମି ଶାକ୍ଷୀ ନାଏଁ ଦିଲା ।"
(ଗୟାପାଲା)

କୂଳଲଂଘି ପ୍ରବାହିତ ହେଉଥିବା ଫଲ୍ଗୁ ନଦୀ ସୀତାଙ୍କ ଅଭିଶାପରେ ପଥର ତଳେ କ୍ଷୀଣ ଧାରାରେ ପ୍ରବାହିତ ହେଲା। ଶେଷରେ ସାକ୍ଷୀଥିବା ବଟବୃକ୍ଷ ସତ୍ୟ କହିବାରୁ ତାକୁ ଆଶୀର୍ବାଦ ଦେଇ ଶ୍ରେଷ୍ଠତା ପ୍ରଦାନ କଲେ। ବଟବୃକ୍ଷ ଠାରୁ ବୃତ୍ତାନ୍ତ ଶୁଣି ଦୁଇଭାଇ ସୀତା ବାଲିରପିଣ୍ଡ ଦେଇଥିବା କଥା ସ୍ୱୀକାର କଲେ।

ରାମାୟଣର କଥାବସ୍ତୁକୁ ଅବଲମ୍ବନକରି ଗୟାପାଲାର ପରିକଳ୍ପନା କରାଯାଇଛି । କୁଡୁମୀ ସଂପ୍ରଦାୟ ମଧ୍ୟରେ ଏହି ପାଲା କେବଳ ବୟସ୍କ(ବୃଦ୍ଧ/ବୃଦ୍ଧା) ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। ଶିଶୁ, ଅବିବାହିତ ଓ ମଧ୍ୟମବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା କରାଯାଏ ନାହିଁ। କାରଣ ମୃତବ୍ୟକ୍ତିଙ୍କ ପିଣ୍ଡଦାନ କରିବା ପାଇଁ ପୁତ୍ରବଧୂ ଥିବା ଆବଶ୍ୟକ। ପିତୃପୁରୁଷଙ୍କ ନିମନ୍ତେ ପିଣ୍ଡଦାନ କାର୍ଯ୍ୟ ପୁତ୍ରବଧୂ ହିଁ କରିଥାଏ। ବ୍ୟକ୍ତି ଯେତେ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲେ ମଧ୍ୟ ପିତୃମାତୃଙ୍କ ବିୟୋଗରେ ଋଣକରି ଶ୍ରାଦ୍ଧ କ୍ରିୟା ସଂପନ୍ନ କରିଥାଏ। ଏହା ଦ୍ୱାରା ପିତାମାତାଙ୍କ ଋଣ କିଛିମାତ୍ରାରେ ପରିଶୋଧ ହୁଏ ବୋଲି କୁଡୁମୀ ସଂପ୍ରଦାୟରେ ବିଶ୍ୱାସ ରହିଛି। କୁଡୁମୀ, କମାର, କୁମ୍ଭାର ଆଦି ଜାତିର ଲୋକମାନେ ଦଶାହ କ୍ରିୟାରେ ଗୃହସମ୍ମୁଖରେ ଏହି ପାଲା ଆୟୋଜନ କରିଥାନ୍ତି। କୁଡୁମୀ ସଂପ୍ରଦାୟର ମଧ୍ୟରେ ଅନୁଷ୍ଠିତ ହେଉଥିବା ପାଲାଗୁଡିକରେ ଅଂଶଗ୍ରହଣ କରୁଥିବା ସମସ୍ତ କଳାକାର ସେହି ସଂପ୍ରଦାୟରୁ ଗୃହୀତ ହୋଇଥାନ୍ତି। ଯେଉଁ ପୁତ୍ରମାନେ ପିତାମାତାଙ୍କ କାର୍ଯ୍ୟ ସମାପନ କରିଥାନ୍ତି ପ୍ରକୃତରେ ସେମାନେ ହିଁ ସୌଭାଗ୍ୟବନ୍ତ ପୁରୁଷ। ଭାରତୀୟ ସଂସ୍କୃତିରେ ନାରୀବିନା କୌଣସି ଧାର୍ମିକ କାର୍ଯ୍ୟ ସମାପନ ହୋଇପାରେ ନାହିଁ। ଏହାର ସୂଚନା ଗୟାପାଲାରେ ଦେଖିବାକୁ ମିଳେ। ଏହି ପ୍ରସଙ୍ଗରେ ସାରଳାଦାସଙ୍କ ମହାଭାରତର ଅର୍ଜ୍ଜୁନ ବନବାସ ପ୍ରସଙ୍ଗଟି ମନେପଡେ। ଏଠାରେ ଅର୍ଜ୍ଜୁନ ବନବାସ ଯିବା ସମୟରେ ଦ୍ରୌପଦୀ ମଧ୍ୟ ଅର୍ଜ୍ଜୁନଙ୍କ ସଙ୍ଗେ ଯିବାକୁ ଅଳି କରିଛନ୍ତି। ସମସ୍ତ ଅଭିମାନ ଓ ଅଳି ସତ୍ତ୍ୱେ ଅର୍ଜ୍ଜୁନ ଦ୍ରୌପଦୀଙ୍କୁ ସାଙ୍ଗରେ ନେବାକୁ ବାରଣ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଦ୍ରୌପଦୀ କହିଛନ୍ତି ଯେ, ନାରୀ ପୁରୁଷ ସଙ୍ଗରେ ଥିଲେ ପୁରୁଷର ଶୋଭାବର୍ଦ୍ଧନ ହେବା ସହିତ ଧର୍ମ ସର୍ବଦା ପୁରୁଷ ପକ୍ଷେ ଥାଏ। ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ। ଏ ସଂପର୍କରେ ସାରଳାଦାସ ମହାଭାରତରେ ଦ୍ରୌପଦୀଙ୍କ ମୁଖରେ କୁହାଇଛନ୍ତି-

"ତ୍ରେତୟା ଯୁଗରେ ଯେ ଶ୍ରୀରାମ ବନଗାମୀ
ସୀତାକଇଂ ସଙ୍ଗତେ ନେଲେ ରଘୁନାଥ ସ୍ୱାମୀ ।
ସେ ସେ ପରମ ମାଧବୀ ଯେ ଖଟିଲେ ଶ୍ରୀରାମଙ୍କୁ
ପତ୍ନୀ ଭ୍ରଷ୍ଟ ନୋହିଲେ ସିନା ଯୋଗାଇ ତୀର୍ଥକୁ ।
ଭାରିଜା ସଙ୍ଗେ ଥିଲେ ସେ ପ୍ରାପତ ହୋଅଇ ଧର୍ମ
ନାନା ତିର୍ଥେ ପିତୃକାର୍ଯ୍ୟ ଯେତେ ଶ୍ରେଷ୍ଠ କର୍ମ ।"
(ଅର୍ଜ୍ଜୁନ ବନବାସ-ମଧ୍ୟପର୍ବ-ସାରଳା ମହାଭାରତ-ପୃ-୨୧)

ଗୋଷ୍ଠପାଲା, ମଥୁରା ପାଲା ଓ ମାନ୍ ପାଲା:

ଗୟାପାଲା ବ୍ୟତୀତ ଅନ୍ୟ ପାଲାଗୁଡିକରେ ଶ୍ରୀକୃଷ୍ଣଙ୍କ ଲୀଳା ହିଁ ମୁଖ୍ୟ ବିଷୟ। ଯେପରି ମଥୁରାପାଲାରେ ଦେବକୀ ଓ ବସୁଦେବ କଂସ ଦ୍ୱାରା ବନ୍ଦୀ, ବନ୍ଦୀଶାଳାରେ ଶ୍ରୀକୃଷ୍ଣଙ୍କ ଜନ୍ମ, ବସୁଦେବ ପୁତ୍ରକୁ ନେଇ ଗୋପପୁରରେ ଛାଡିଫେରିବା, ଗୋପରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସଂପନ୍ନ ଓ ମଥୁରାରେ କଂସର ନିଧନ। ଗୋଷ୍ଠପାଲାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ରାକ୍ଷସ ନିଧନ, ଇନ୍ଦ୍ରଙ୍କ କୋପରୁ ଗୋପାଳ ଓ ଗୋକୁଳକୁ ରକ୍ଷା କରି ଶେଷରେ ମାନ୍ ପାଲାରେ ଷୋଳସହସ୍ର ବଜ୍ରନାରୀଙ୍କ ସହ ରାସକେଳୀ, ରାଧାଙ୍କ ସହ ପ୍ରୀତି, ମାନଭଞ୍ଜନ ଆଦି କାହାଣୀ ଏହି ପାଲାର ବିଷୟବସ୍ତୁ । ଏଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଠାରୁ ଶ୍ରୀରାଧାଙ୍କ ସହ ଗୋପନ ପ୍ରୀତି ପର୍ଯ୍ୟନ୍ତ ମଥୁରା ପାଲା, ଗୋଷ୍ଠପାଲା ଓ ମାନ୍ ପାଲା କ୍ରମାନ୍ୱୟରେ କାହାଣୀ ଗୁଡିକୁ ଗୁମ୍ଫନ କରାଯାଇଥିଲେ ମଧ୍ୟ ଏଗୁଡିକ ପୃଥକ୍ ପୃଥକ୍ ପରିବେଷଣ କରାଯାଇଥାଏ।

ମଥୁରାପାଲାରେ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତକୁ ଉପସ୍ଥାପନା କରାଯାଇଥାଏ। ମଥୁରା କଟକର ରାଜା କଂସ ନିଜର ମୃତ୍ୟୁ ଭଣଜା ହାତରେ ହେବ ଜାଣି ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି ରଖିଛି ଏବଂ ପରେ ଗୋଟି ଗୋଟି କରି ସାତଗୋଟି ନିଜ ଭଗ୍ନିର ସନ୍ତାନକୁ ଜନ୍ମ ହେବା କ୍ଷଣି ହତ୍ୟା କରିଛି। ଇତି ଅବସରରେ ଅଷ୍ଟମଗର୍ଭରୁ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଛି। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଘୋର ବର୍ଷା ରାତିରେ ଗୋପପୁର ଅଭିମୁଖେ ବାହାରି ପଡିଛନ୍ତି। ବାଟରେ ଦେଖନ୍ତେ ଯମୁନା ନଦୀ ଦୁଇକୂଳ ଲଂଘି ପ୍ରବାହିତ ହେଉଛି। ଯେଉଁ ନଦୀରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥାଏ ତାହା ଆଜି କିପରି ଉଗ୍ର ରୂପ ଧାରଣ କରିଛି ? ପୁଣି ନଦୀ ଗର୍ଭରେ କେତେ କେତେ ସର୍ପ,କୁମ୍ଭୀର ଆତଯାତ ହେଉଛନ୍ତି। ବସୁଦେବ ନଦୀ ପାର ହେବା ନେଇ ମନରେ ଶଙ୍କା ଜାତ ହୋଇଛି –

"ଏକ ହାଣ୍ଠୁ ଜଲ୍ ଥାକେ ଦେଖନି ସଖୀ ସବେ
କୁଥା ହୈତେ ହଇଲ ଏତ ପାନି,ହାଇରେ...
କୁଥା ହୈତେ ହଇଲ ଏତ ପାନି,
ଭୁଜଙ୍ଗ କୁମ୍ଭୀର ଭାସେନ୍ ମୀନ ପାଲାଇଛେନ୍ ତ୍ରାସେ
ପାରି ହେବ କେମନ୍ ସାହାସେଁ,ହାଇରେ...
ପାରି ହେବ କେମନ୍ ସାହାସେଁ ।"

(ମଥୁରା ପାଲା)

ତଥାପି ମରଣକୁ ଭୟ ନ କରି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ନଦୀରେ ପ୍ରବେଶ କରିଛନ୍ତି । ଯମୁନାର ପ୍ରଖର ସ୍ରୋତକୁ ଅତିକ୍ରମ କରି ଗୋପପୁରରେ ନନ୍ଦରାଜାଙ୍କ ଘରେ ଶ୍ରୀକୃଷ୍ଣଙ୍କୁ ଛାଡି ଆସିଛନ୍ତି । ଗୋପରେ କୃଷ୍ଣ ବଢିବାର ସୂଚନା ପାଇ ଧନୁ ଉତ୍ସବରେ କୃଷ୍ଣ ବଳରାମଙ୍କୁ ଡକାଇ ମାରିବାର କଂସର ଯୋଜନା ବିଫଳ ହୋଇଛି ଏବଂ ମଞ୍ଚାରୁ ପଡି କଂସ ନିଜେ ମୃତ୍ୟୁଲୋକ ପ୍ରାପ୍ତହୋଇଛି । ସେହିପରି ଗୋଷ୍ଠପାଲା ଓ ମାନ୍ପାଲାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଲୀଳା ପରିବେଷଣ କରାଯାଇଥାଏ । ଏହା ବ୍ୟତୀତ ଗାୟକ ଆବଶ୍ୟକତା ଅନୁଯାୟୀ ବିଷୟବସ୍ତୁକୁ ବୃଦ୍ଧି କରିଥାନ୍ତି । ଗୋଷ୍ଠପାଲାରେ ଶ୍ରୀକୃଷ୍ଣଙ୍କ ଗୋପପୁର ରହଣି ସମୟରେ ସାଙ୍ଗସାଥୀ ମାନଙ୍କ ସହ ଗାଈ ଚରାଇବା ,ଲହୁଣୀ ଚୋରିକରିବା,ବୃନ୍ଦାବନରେ ବଂଶୀ ବଜାଇବା ଆଦି ଏହି ପାଲାର ବିଷୟବସ୍ତୁ । ଗାଈଗୋଠ ନେଇ ଯିବା ସମୟରେ କୃଷ୍ଣଙ୍କ ସୁମଧୁର ବଂଶୀସ୍ୱନ ସମସ୍ତଙ୍କୁ ଆନନ୍ଦିତ କରିଛି ,ତଥାପି ସାଙ୍ଗସାଥୀ କୃଷ୍ଣଙ୍କୁ ଆକ୍ଷେପ କରି କୁହନ୍ତି-

"ଗୋଷ୍ଠେଗମନ କର ବଂଶୀଧାରୀ
ଜୟ ରାଧା ଶ୍ରୀରାଧେ ବୋଲି
ବାଜିଛେ ବାଂଶରୀ
ଗୋଷ୍ଠେଗମନ କର ବଂଶୀଧାରୀ ।"

(ଗୋଷ୍ଠପାଲା)

ଗୋଷ୍ଠପାଲାରେ ରାଧାକୃଷ୍ଣଙ୍କ ପ୍ରେମଲୀଳାର ଫଲ୍ଗୁ ପ୍ରବାହିତ ହୋଇଥିବାର ଜଣାଗଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଇନାହିଁ। ମାନ୍ ପାଲାରେ ରାଧାକୃଷ୍ଣଙ୍କ ପ୍ରେମର ଉତ୍କର୍ଷତା ପ୍ରବାହିତ ହୋଇଛି। ଏହି ପାଲାରେ ଶ୍ରୀକୃଷ୍ଣ ପାଖରେ ରାଧାଙ୍କ ମାନ-ଅଭିମାନ-ଗୁମାନ ସହିତ ସାତ୍ତ୍ୱିକ ଭାବ ଗୁଡିକ ପ୍ରକାଶିତ ହୋଇଛି ,ଯାହାଫଳରେ ନାୟିକାଙ୍କୁ ମନାଇବାରେ ନାୟକଙ୍କ ପ୍ରେମିକପଣଟି ଫୁଟି ଉଠିଛି। ଯଥା-

"ଚଞ୍ଚଲ୍ ହୈଛ କେନ ଧନୀ
ଅରୁନ୍ ଉଦୟ ହୈନା ଦେଖ
ଆଛେ ତ ରଜନୀ
ଚଞ୍ଚଲ୍ ହୈଛ କେନ ଧନୀ ।"

(ମାନ୍ ପାଲା)

ପାଲାକାର ଓ ବାଦ୍ୟଯନ୍ତ୍ର :

ସଂପ୍ରତି ପାଲାରେ ବହୁ ପରିପାଟୀ ଲକ୍ଷ୍ୟ କରିହୁଏ। କୁଡୁମୀ, କମାର ଆଦି ସଂପ୍ରଦାୟର ବ୍ୟକ୍ତିମାନେ (ଯେଉଁମାନେ କୁଡୁମାଲୀ ଭାଷାକୁ କଥିତ ଭାଷା ରୂପେ ବ୍ୟବହାର କରନ୍ତି) ହିଁ ଏହି ପାଲାର ଆୟୋଜନ କରନ୍ତି। ଏହା ସାଧାରଣତଃ ସେମାନଙ୍କ କଥିତ ଭାଷା (କୁଡୁମାଲୀ)ରେ ପରିବେଷଣ କରାଯାଇଥାଏ। ଯାହାଫଳରେ ଅନ୍ୟ ଭାଷାଭାଷୀର ବ୍ୟକ୍ତିବିଶେଷ ଏହାକୁ ବୁଝିବାରେ ଅସମର୍ଥ ହୋଇ ପଡନ୍ତି। ତେଣୁ ଏହି ପାଲା ଏକ ସୀମିତ ଗୋଷ୍ଠୀ ମଧ୍ୟରେ ଆବଦ୍ଧ ହୋଇ ରହିଯାଇଛି। ଭାଷାଗତ ବିଭେଦତା କାରଣରୁ ଏହା ଓଡିଶାର ସତ୍ୟନାରାୟଣ ପାଲା ପରି ବିକାଶ ସମ୍ଭବ ହୋଇପାରିନାହିଁ। ତଥାପି ଏହା ସୀମିତ ଗୋଷ୍ଠୀ ମଧ୍ୟରେ ଏକ ଲୋକପ୍ରିୟ ଲୋକନୃତ୍ୟର ଭୂମିକା ଗ୍ରହଣ କରିଛି। ଏହି ପାଲା ଯଦି ବିକଶିତ ହେବା ଲକ୍ଷ୍ୟ ନେଇ ଭାଷାଗତ ବିଭେଦତାକୁ ଭାଙ୍ଗିଦିଏ ତେବେ ତା'ର ମୌଳିକତା ବା ବିଶେଷତ୍ୱକୁ ହରାଇ ବସିବ। ଏହି ପାଲାର ବିଶେଷତ୍ୱ ହିଁ ତା'ର ପରିଚୟ। ଏହି ପାଲା ପରିବେଷଣ କରୁଥିବା ପାଲାକାରମାନେ ସାଧାରଣତଃ ଏହାର ଭାଷାକୁ ବୁଝିପାରୁଥିବା ସଂପ୍ରଦାୟର ହୋଇଥାନ୍ତି। ଏହି ପାଲାରେ ଜଣେ ଗାୟକ ,ଜଣେ ବାଦକ ଓ ତିନିଜଣ ପାଳିଆ (ନାଚୁଣୀ) ବିଷୟବସ୍ତୁ ଅନୁସାରେ ବେଶ ଧାରଣ କରି ନୃତ୍ୟ ପରିବେଷଣ କରନ୍ତି। ଏଥିରେ ଥିବା ପାଳିଆ ଗାୟକଙ୍କ ତାଳରେ ତାଳ ମିଳାଇ ପାଳି ଧରି ନୃତ୍ୟ ପରିବେଷଣ କରନ୍ତି। ଏମାନେ ଅଧିକାଂଶ ସମୟ ନୃତ୍ୟ ପରିବେଷଣ କରୁଥିବାରୁ ପାଳିଆ ପରିବର୍ତ୍ତେ ନାଚୁଣୀ ଶବ୍ଦଟିକୁ ସମସ୍ତେ ଗ୍ରହଣ କରନ୍ତି। କିନ୍ତୁ ଏଠାରେ ଅଭିନୟ ବା ନୃତ୍ୟ ପରିବେଷଣ କରୁଥିବା ପାଳିଆମାନଙ୍କ ମଧ୍ୟରେ କେହି ନାରୀ ନ ଥାନ୍ତି,ଯଦିଓ ଏହା ପୁରୁଷ ମାନଙ୍କ ଦ୍ୱାରା ପରିବେଷିତ। ମାତ୍ର ପୁରୁଷମାନେ ରାଧା, ସୀତା ବେଶରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରୁଥିବାରୁ ଏମାନଙ୍କୁ 'ନାଚ୍ନୀ'(ନାଚୁଣୀ) କୁହାଯାଇଥାଏ। ସାଂପ୍ରତିକ ସମୟରେ ନାରୀମାନେ ବିଭିନ୍ନଦିଗରେ ଅଗ୍ରସର ହେବାରୁ ଏହି ପାଲାରେ ମଧ୍ୟ ନାରୀମାନେ ଅଂଶଗ୍ରହଣ କରି ଏହି ଶବ୍ଦର ଯଥାର୍ଥତା ପ୍ରତିପାଦନ କରୁଛନ୍ତି। ପୂର୍ବର ସଂକୁଚିତ ମାନସିକତା ବର୍ତ୍ତମାନ ନାହିଁ। ଏମାନଙ୍କ ବ୍ୟତୀତ କେତେକ ସ୍ଥଳରେ ହାସ୍ୟରସ ସୃଷ୍ଟିକରିବା ପାଇଁ ଜଣେ ପାଳିଆ ଯୋଗ ଦେଇଥାନ୍ତି। ତେଣୁ ଏହି ପାଲା ପରିବେଷଣ କରୁଥିବା ଦଳଗୁଡିକର ସଦସ୍ୟ ସଂଖ୍ୟା ପାଞ୍ଚ କିମ୍ବା ଛଅ ଜଣ। ଏମାନେ ସମସ୍ତେ ସ୍ୱତନ୍ତ୍ର ବେଶଭୂଷାରେ ସଜ୍ଜିତ ହୋଇ ମଞ୍ଚକୁ ଆସିଥାନ୍ତି। ଯେପରି ଗୟାପାଲାର ନାଚୁଣୀମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ଧାରଣ କରିଥାଆନ୍ତି। ସେହିପରି ମାନ୍ପାଲାରେ ଶ୍ରୀକୃଷ୍ଣ, ରାଧା ଓ ସଖୀ,ଗୋଷ୍ଠପାଲାରେ ଶ୍ରୀକୃଷ୍ଣ,ବଳରାମ,ଓ ସାଥୀଙ୍କ ବେଶ ଧାରଣକରି ନୃତ୍ୟ ପରିବେଷଣ କରନ୍ତି। ଏହି ପାଲାରେ ବାଦ୍ୟଯନ୍ତ୍ର ଭାବରେ ମାଦଳ ସହିତ କେହି କେହି ମୃଦଙ୍ଗ,ଝୁମୁକା ବ୍ୟବହାର କରିଥାଆନ୍ତି। କେତେକ ଗାୟକ ପାଲାରେ ଚାମର ବ୍ୟବହାର କରୁଥିବାବେଳେ କେତେକ ବ୍ୟବହାର ନ କରିବାର ଦୃଷ୍ଟିଗୋଚର ହୁଏ। ସତ୍ୟନାରାୟଣ ପାଲା ପରି ଝାଞ୍ଜ ଏଠାରେ ବ୍ୟବହାର କରାଯାଏ ନାହିଁ। ତା'ର କାରଣ ବୋଧହୁଏ ଏମାନେ ସର୍ବଦା ନୃତ୍ୟରତ ଥିବାରୁ ଝାଞ୍ଜ ବ୍ୟବହାର କରିବାର ଅବସର ନ ଥାଏ।

BINDU BIMARSHA...

ସତ୍ୟନାରାୟଣ ପାଲା ଓ କୁଡୁମାଲୀ ପାଲା :

ସତ୍ୟନାରାୟଣ ପାଲା ଓ କୁଡୁମାଲୀ ପାଲା ମଧ୍ୟରେ ତୁଳନା କଲେ ବହୁ ପାର୍ଥକ୍ୟ ଲକ୍ଷ୍ୟକରାଯାଏ। ପାଲା ସାଧାରଣତଃ ଭକ୍ତି ସମ୍ବଳିତ ମନୋରଞ୍ଜନଧର୍ମୀତାକୁ ଅବଲମ୍ବନ କରିଥାଏ। ପାଲା ଆରମ୍ଭ ହୁଏ ମଙ୍ଗଳାଚରଣରୁ ଏବଂ ବିଶ୍ୱକଲ୍ୟାଣାର୍ଥେ ପରିସମାପ୍ତି ଘଟେ। ଏହା ବ୍ୟତୀତ ସତ୍ୟନାରାୟଣ ପାଲାର କେତେକ ଲକ୍ଷଣ ଏଥିରେ ଦୃଷ୍ଟିଗୋଚର ହୋଇଥାଏ। ସତ୍ୟନାରାୟଣ ପାଲା କୌଣସି ସାମାଜିକ ଅନୁଷ୍ଠାନ ବା ସର୍ବସାଧାରଣରେ ପରିବେଷଣ ନିମିତ୍ତ ପ୍ରଯୁଜ୍ୟ ହୋଇଥିଲାବେଳେ ଏହି ପାଲାଗୁଡିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅନୁଷ୍ଠିତ କୌଣସି ଧାର୍ମିକ କାର୍ଯ୍ୟରେ ଉକ୍ତ ବ୍ୟକ୍ତିଙ୍କ ଗୃହ ସମ୍ମୁଖରେ ଆୟୋଜନ କରାଯାଇଥାଏ। ଏହା ବ୍ୟତିରେକେ ଅନ୍ୟ କୌଣସି ଦିନ ବା ସ୍ଥାନରେ ପରିବେଷଣ କିମ୍ବା କୌଣସି ସାମୂହିକ ଅନୁଷ୍ଠାନରେ ଆୟୋଜିତ ହେବାର ଦୃଷ୍ଟିଗୋଚର ହୁଏ ନାହିଁ। ସତ୍ୟନାରାୟଣ ପାଲା ପରିବେଷଣ ପାଇଁ ଗାୟକ ପକ୍ଷେ ଯେଉଁ ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତା ଲକ୍ଷ୍ୟ କରାଯାଇଥାଏ ତାହା ମଧ୍ୟ ଏହି ପାଲାରେ ଆଶାନୁରୂପ ଦେଖିବାକୁ ମିଳେ ନାହିଁ। ପାଲା ପରିବେଷଣ ନିମିତ୍ତ ଗାୟକ କେବଳ ଉକ୍ତ ବିଷୟ ବ୍ୟତୀତ ଅନ୍ୟାନ୍ୟ ପୁରାଣଶାସ୍ତ୍ର ଉପରେ ମଧ୍ୟ ଅଧିକାର ରଖିଥାଆନ୍ତି। ପୁରାଣ ଜ୍ଞାନ ଆହରଣ ନ କରିଥିଲେ ପାଲା

ପରିବେଷଣ ଉଚ୍ଚକୋଟୀର ହୋଇପାରେ ନାହିଁ। ପୁରାଣଶାସ୍ତ୍ର ଆଲୋଚନା ବିନା ପାଲା ଅଧୁରା ମନେ ହୁଏ। ସତ୍ୟନାରାୟଣ ପାଲାରେ ପରିଲକ୍ଷିତ ହେଉଥିବା ବାଦପାଲା (ବାଦୀପାଲା) ଏଥିରେ ଦେଖିବାକୁ ମିଳେ ନାହିଁ। ସତ୍ୟନାରାୟଣ ପାଲାଗାୟକଙ୍କ ତୁଳନାରେ କୁଡୁମାଲୀ ପାଲାଗାୟକ ଜ୍ଞାନଗରିମାରେ ନ୍ୟୁନ ହୋଇପାରନ୍ତି। କିନ୍ତୁ ଯିଏ ସଂସ୍କୃତିକୁ ଜୀବିତ ରଖିବା ପାଇଁ ପ୍ରାଣପଣେ ଉଦ୍ୟମ କରି ଆସିଛି ତାର ଜ୍ଞାନର ପରିସୀମାକୁ ତୁଳାଦଣ୍ଡରେ ତଉଲିବା ଦ୍ୱାରା ଆମର ମୂଢତାର ପରିଚୟ ହିଁ ପ୍ରଦର୍ଶିତ ହେବ। କାରଣ ଭାଷା ହେଉଛି ଜାତିର ସଂସ୍କୃତି ବାହକ। ସଂସ୍କୃତି ବଞ୍ଚିଲେ ଜାତି ବଞ୍ଚିବ , ଜାତି ବଞ୍ଚିଲେ ଭାଷା ବଞ୍ଚିବ ଏବଂ ସେହି ଭାଷା ତା'ର ସଂସ୍କୃତିକୁ ସର୍ବସମ୍ମୁଖରେ ପ୍ରକାଶ କରିବ।

ଆଲୋଚ୍ୟ କୁଡୁମାଲୀ ପାଲା ପରଂପରା ବେଶୀ ପ୍ରାଚୀନ ନହେଲେ ମଧ୍ୟ ଆଧୁନିକତାଠାରୁ ବହୁ ଦୂରରେ। ଏହି ସଂସ୍କୃତି କୁଡୁମୀ ସଂପ୍ରଦାୟର ସାଂସ୍କୃତିକ ମାନଦଣ୍ଡ ରୂପେ ଉଭାହୋଇ ଜାତିର ପରମ୍ପରାକୁ ବଳିଷ୍ଠ କରିବାରେ ସହାୟକ ହୋଇଛି। ମୋଟ ଉପରେ ଦେଖିଲେ କୁଡୁମାଲୀ ସଂସ୍କୃତିର ପାଲା ଉକ୍ତ ସଂପ୍ରଦାୟର ଜୀବନଧାରା ପାଲଟିଯାଇଛି। କୁଡୁମୀ ସଂପ୍ରଦାୟର ଭାଷା, ସଂସ୍କୃତି, ସ୍ୱାଭିମାନ ଓ ସ୍ୱତନ୍ତ୍ରତାକୁ ଏପର୍ଯ୍ୟନ୍ତ ଉଜ୍ଜୀବିତ କରି ରଖିବାରେ ସହାୟକ ହୋଇଛି। ଏହି ସୀମିତ ସଂଖ୍ୟକ ପାଲା ତା'ର ସଂସ୍କୃତିକୁ କାଦାପି ପଦାଘାତ କରିନାହିଁ କିମ୍ବା ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ କରିରଖିବାର ପ୍ରୟାସକୁ କେବେ ହରାଇନାହିଁ। କିନ୍ତୁ ଦୁଃଖର ସହିତ ସ୍ୱୀକାର କରିବାକୁ ପଡୁଛି ଯେ ,ଏହି ପାଲା ମଧ୍ୟରୁ ଗୟାପାଲା ବ୍ୟତୀତ ଅନ୍ୟ ପାଲାଗୁଡିକ ପ୍ରାୟ ଲୋପ ହେବାକୁ ବସିଲାଣି। ଗାୟକ, ଅୟୋଜକ, ଓ ଶ୍ରୋତାଙ୍କ ମନମୁଖୀତା ଯୋଗୁଁ ଏହା କ୍ରମଶଃ ସଂସ୍କୃତି ଠାରୁ ବିଚ୍ଛିନ୍ନ ହେବାରେ ଲାଗିଛି । କେତେକ ଗାୟକ ପାଲା ପରିବେଷଣ କରୁଥିଲେ ମଧ୍ୟ ପାଶ୍ଚାତ୍ୟ ସଂସ୍କୃତିର ଅବାଧ ପ୍ରବେଶ ଫଳରେ ନିଜ ମନୋରଞ୍ଜନର ଏକ ବଳିଷ୍ଠ ପରମ୍ପରାକୁ ଦୂରେଇ ଦେବାରେ କୁଣ୍ଠାବୋଧ କରୁନାହାନ୍ତି। ଆଧୁନିକ ପାଶ୍ଚାତ୍ୟ ସଂସ୍କୃତି ସଂସ୍ପର୍ଶରେ ଆସି ମନୁଷ୍ୟ ନିଜର ଅସ୍ତିମଜ୍ଜାଗତ ହୋଇଥିବା ପ୍ରାଚୀନ ସଂସ୍କୃତିଠାରୁ ମୁହଁ ଫେରାଇ ନେଉଛି। ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ ଓ ସଚେତନତା ପ୍ରକାଶ ନ କଲେ ଏହା ଦିନେ କାଳଗର୍ଭରେ ଲୀନ ହେବ ଏଥିରେ ସନ୍ଦେହ ନାହିଁ।

ସଙ୍କେତ ସୂଚୀ:

୧. ପଟ୍ଟନାୟକ, ବାବାଜୀଚରଣ, ବିବିଧ ପ୍ରବନ୍ଧ, ବିଜୟିନୀ ପବ୍ଲିକେଶନ, କଟକ, ୨୦୧୮।

୨. ପଣ୍ଡା, ଚିତ୍ତରଞ୍ଜନ, ଓ ଦାଶ, ଧୀରେନ୍, ଓଡିଶାର ପାଲା, ଓଡିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।

୩. ମହାନ୍ତ, ମିଲନ୍ କୁମାର, କୁଡୁମୀ ଲୋକନାଟକରେ ସାମାଜିକ ଓ ସାଂସ୍କୃତିକ ବିକାଶର ନମୁନା, ସତ୍ୟବାଦୀ, ୨୦୧୯।

୪. ମହାନ୍ତି, ଆର୍ତ୍ତବଲ୍ଲଭ, ସାରଳା ମହାଭାରତ, ଓଡିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ, ୧୯୬୫।

«««

BINDU BIMARSHA...

Funding Statement:	This research received no external funding
Conflict of Interest:	No
Plagiarism Test:	Yes Similarity Index: 0 %
Ethical Approval:	Not applicable
License:	Kudumi sanskrutire 'Pala': Eka Drushtipat © 2025 by Hrushikesha Mohanta is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

ସାହିତ୍ୟରେ ପିତୃତ୍ୱପ୍ରସଙ୍ଗ ବିଚାର

ପ୍ରୀତମ୍ ରାଉତ[୧], ଡ. କାହ୍ନୁ ଚରଣ ପାଢ଼ୀ[୨]

ଗବେଷକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର[୧]

ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ[୨]

E-Mail: pritamworlds@gmail.com

Article No : BB-I-IV-2025-04
DOI No : 10.64647/bb.vol.1.issue4.2025.4
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 26-07-2025
Publication Date : 14-10-2025

ସଂକ୍ଷିପ୍ତସାର: (Abstract)

ସାହିତ୍ୟରେ ପିତୃତ୍ୱ ପ୍ରସଙ୍ଗ ବିଚାର କଲାବେଳେ, ବିଶେଷକରି କବି-କବିତ୍ୱ-କାଳ ଏଇ ତିନୋଟି କଥାକୁ ଧ୍ୟାନଦେବା ଅପରିହାର୍ଯ୍ୟ ଅଟେ। ପ୍ରମୁଖ କବିଙ୍କର କୃତିଟିକୁ ପୂର୍ଣାଙ୍ଗ ରୂପ ଦେବାରେ କେତେ ଯେ ଅନାମଧେୟଙ୍କ ଗୌଣ-ଲେଖକଙ୍କର ଯୋଗଦାନ ରହିଛି ସେ କଥାକୁ ବିଚାରକଲେ ହତଚକିତ ହେବାକୁ ପଡ଼େ। ସୃଜନରେ ଅପୁରୁଷେୟତା ଆମ ଶାସ୍ତ୍ରୀୟ ବାଙ୍ମୟର ଆଧ୍ୟାତ୍ମିକ ବିଶେଷତ୍ୱ ଅଟେ। ରାମାୟଣ-ମହାଭାରତ ପଠନ ଯାତ୍ରାରେ ଅନେକ ଗୌଣଲେଖକଙ୍କୁ ଆମେ ଭେଟିଥାଉ। କାଳିଦାସୀୟ ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ଯାଇନାହିଁ। ସେହିପରି ଓଡ଼ିଆ ସାହିତ୍ୟରେ ମଧ୍ୟ ସମାନ ଜିନିଷ ଆମେ ଦେଖିବାକୁ ପାଇଥାଉ। କେତେକ ପ୍ରତିଭାଧର କବି ମଧ୍ୟ ନିଜର ସୃଜନୀ-ଶକ୍ତିକୁ ଭାକ୍ତିକ-ବିଚାରରେ ସେମାନଙ୍କ ଇଷ୍ଟଙ୍କଠାରେ ଉତ୍ସର୍ଜନ କରିଦେଇଛନ୍ତି। ଆଉ କତିପୟେ ସ୍ୱସ୍ୱ କୃତିକୁ ପୃଷ୍ଠପୋଷକଙ୍କ ନାମରେ ଭଣତି କରିଦେଇଥିବା ଆମେ ଦେଖିବାକୁ ପାଇଥାଉ। ଏଥି ସହିତ ସାହିତ୍ୟରେ ସ୍ଥାନଗତ, କାଳଗତ ଓ ବିଷୟଗତ ଅନେକ ଭ୍ରାନ୍ତି ଆମର ଦୃଷ୍ଟିରେ ପଡ଼ିଥାଏ, ଏସବୁ ବିଲକ୍ଷଣତାକୁ ବିଚାର କରି ଲୋକ-ଲୋଚନକୁ ଆଣିବା ଆମ୍ଭମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ।

ମୂଳଶବ୍ଦ : ପିତୃତ୍ୱ ପ୍ରସଙ୍ଗ, ଗୌଣଲେଖକ, ଭଣତି, ଅପୁରୁଷେୟତା, ନାମହୀନତା, ପୃଷ୍ଠପୋଷକ, ଭାକ୍ତିକତା, ନକଲକାର, ଐତିହାସିକ-ଭ୍ରାନ୍ତି, ଭାରତୀୟ ବାଙ୍ମୟ।

ଅନନ୍ତକାଳରୁ ଭାରତବର୍ଷ ବୌଦ୍ଧିକ ଚେତନାର ସୁପ୍ରଚୁର ବିଭବରେ ହୋଇଅଛି ଉଦ୍ଭାସିତ। ବେଦ ବେଦାନ୍ତଠାରୁ କାବ୍ୟ ପୁରାଣ ଯାଏଁ ସମସ୍ତ ବିଭାବରେ ଆତ୍ମ-ଦର୍ଶନର ଗହନତତ୍ତ୍ୱକୁ ଉଜାଗର କରିବା ପାଇଁ ସଦା ତତ୍ପର ରହିଆସିଛି। ସୃଜନରେ ଅପୌରୁଷେୟତା ଏହାର ଆଧ୍ୟାତ୍ମିକ ବିଶେଷତ୍ୱ। ବେଦ ଉପନିଷତ୍ କେଉଁ ଜଣେ ବ୍ୟକ୍ତିର ରଚନା ନୁହେଁ, ଏଗୁଡ଼ିକ ଅଗଣନ ନାମହୀନ ସିଦ୍ଧଙ୍କ ସାଧନାର ଅମୃତମୟ ସିଦ୍ଧି। ଏହାର ପିତୃତ୍ୱ ପ୍ରସଙ୍ଗ କଥା ଭାବିଲେ ହତଚେତା ହେବାକୁ ପଡ଼େ। ମହାଭାରତ ମହାକାବ୍ୟକୁ ଅନେକ ବ୍ୟାସ ରଚନା କରିଅଛନ୍ତି। ଜୟରୁ ଭାରତ, ପୁଣି ଭାରତରୁ ମହାଭାରତ ପର୍ଯ୍ୟନ୍ତ ଯାତ୍ରାରେ କେତେ ଯେ ବ୍ୟାସଙ୍କୁ ଦେଖିବାକୁ ମିଳେ, ତାହାର କଳନା ନାହିଁ। ସେହିପରି ରାମାୟଣ ମହାକାବ୍ୟର ପିତୃତ୍ୱର ଶ୍ରେୟ ଗୋଟାପଣେ ବାଲ୍ମୀକିଙ୍କୁ ଦେଇଦେଲେ ଯଥାର୍ଥ ହେବ ନାହିଁ। ଉତ୍ତର ରାମଚରିତ ଆଖ୍ୟାନ ବହୁ ପରିବର୍ତ୍ତୀ ସମୟର ରଚନା ବୋଲି ଗବେଷକମାନେ ନିର୍ଧାରଣ କରିଅଛନ୍ତି। ରାମାୟଣ ମହାକାବ୍ୟ ଯେ ଷୋଳପଣେ ମହାମୁନି ବାଲ୍ମୀକିଙ୍କ ମାନସ ପ୍ରସୂତ ମୌଳିକ କଥାୟନ ତାହା ନୁହେଁ, ଅଧିକନ୍ତୁ ମହର୍ଷି ବାଲ୍ମୀକି ଏହାର ଆଦି-ବ୍ୟାଖ୍ୟାକାର ତଥା ଅନୁସୃଜନୀକାର।

ରାଜା ରାମଚନ୍ଦ୍ରଙ୍କ ଜୀବନାୟନକୁ ନେଇ ଲୋକମୁଖରେ ଗଢ଼ିଉଠିଥିବା ଯାଦୃଚ୍ଛିକ କାହାଣୀ ଉପକାହାଣୀକୁ ସଂଗୋତ୍ରକରି ସେଗୁଡିକୁ ପ୍ରାମାଣିକ ତଥା ଶାସ୍ତ୍ରୀୟ ରୂପଦେବା ସହ କାବ୍ୟିକ ପଦମାଧୁର୍ଯ୍ୟରେ ଅଲଙ୍କୃତ କରି ରସୋନ୍ମୁଖତା ପ୍ରଦାନ କରିବାରେ ମହାମତି ବାଲ୍ମୀକି ହିଁ ପଥିକୃତ୍ ବ୍ୟକ୍ତି। ବାଲ୍ମୀକି ରାମାୟଣ ରଚନା କରିବାର ବହୁ ଅବ୍ୟବହିତ ପୂର୍ବରୁ ବୈଦିକ ସାହିତ୍ୟରେ ଇକ୍ଷ୍ୱାକୁ, ଦଶରଥ ଏବଂ ରାମ ଆଦି ଜଣେ ଜଣେ ପ୍ରଭାବୀ ରାଜା ଥିବାର କ୍ଷୀଣ ସୂଚନା ମିଳେ। ମାତ୍ର ବିଶେଷ ଲକ୍ଷ୍ୟ କରିବାର କଥା ସେମାନଙ୍କ ମଧ୍ୟରେ ଥିବା ଆନୁବଂଶିକତାର ଲେଶମାତ୍ର ସୂଚନା ନାହିଁ। ବୈଦିକ ସୂର୍ଯ୍ୟପୁତ୍ରୀ ସୀତା ବା ଭୂମି ଓ କୃଷିର ଅଧିଷ୍ଠାତ୍ରୀ ସୀତାଙ୍କର ମଧ୍ୟ ଉପର ଦର୍ଶିତ କୌଣସି ପାତ୍ରଙ୍କ ସହିତ ସମ୍ବନ୍ଧ ଲକ୍ଷ୍ୟକରି ହୁଏନାହିଁ (ମିଶ୍ର, ନରେନ୍ଦ୍ରନାଥ, ବଳରାମ ଦାସ ଓ ଓଡିଆ ରାମାୟଣ,ପୃଷ୍ଠା-୪୭) ରାମଙ୍କ ସମ୍ବନ୍ଧରେ ଆଉ ଏକ କାହାଣୀକୁ ଲକ୍ଷ୍ୟକଲେ ଆମକୁ ହତଚେତା ହେବାକୁ ପଡ଼େ। ବୌଦ୍ଧ ସୁତ୍ତପିଟକ ଅନ୍ତର୍ଗତ 'ଖୁଦ୍ଦକ-ନିକାୟ'ର ୪୬୧ତମ କାହାଣୀ ଦଶରଥ ଜାତକ ନାମରେ ନାମିତ। ବୋଧିସତ୍ତ୍ୱଙ୍କ ରାମାବତାର କଥା ଏଥିରେ ଉଲ୍ଲିଖିତ। ମାତ୍ର କାହାଣୀଟିରେ ସୀତାଙ୍କୁ ରାମଙ୍କ ଭଗିନୀ ବିଚାରରେ ଚିତ୍ରଣ କରାଯାଇଛି।

କେବଳ ଭାରତୀୟ ବାଙ୍ମୟରେ ନୁହେଁ, ଅପିତୁ ବିଶ୍ୱ ସାହିତ୍ୟରେ ମଧ୍ୟ ଅନେକ ସେକସ୍ପିଅରଙ୍କୁ ଦେଖିବାକୁ ମିଳିଥାଏ। ଅନେକ ଗୌଣ ଲେଖକ ନିଜ ରଚନାକୁ ପାଠକୀୟ ସ୍ୱୀକୃତି ଏବଂ କାବ୍ୟ ପ୍ରସିଦ୍ଧି ଦେବା ଉଦ୍ଦେଶ୍ୟରେ ନେତୃସ୍ଥାନୀୟ ମହାକବିଙ୍କ ନାମରେ ଭଣତି କରିଦେଇଥାନ୍ତି। ଏପରିକି ଅଭୂତପୂର୍ବ କ୍ଷମତା ସଂପନ୍ନ

ପ୍ରତିଭାଧର କବିମାନେ ନିଜ ନିଜ ମୌଳିକ ରଚନାକୁ ସେମାନଙ୍କ ଇଷ୍ଟ ତଥା ପୃଷ୍ଠପୋଷକଙ୍କ ନାମରେ ଉତ୍ସର୍ଗ କରିଦେବା କଥା ପ୍ରବିରଳ ନୁହେଁ। ମହାକବି ସାରୋଳଦାସଙ୍କ କଥା ବିଚାର କରାଯାଉ। ସେ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାରେ ମହାପଣ୍ଡିତ ଥିଲେ। ଇଚ୍ଛାକଲେ ଭାରଥ ପୁରାଣକୁ ନିଜ ମାତୃଭାଷାରେ ଲେଖିବେ। ସଂସ୍କୃତର ନାରଦ ଦୁର୍ବୋଧ୍ୟ ଭାଷାକୁ ପରିତ୍ୟାଗ କରିବାକୁ ପଡ଼ିବ । ପ୍ରକୃତିର ଭାଷାରେ ପୁରାଣ ଲେଖିଲେ ହିଁ ତାହା ଜୀବନବେଦ ହେଇପାରିବ। ସେଥିରେ ତତ୍ତ୍ୱ ଦର୍ଶନର ଅଯଥା ସ୍ଥାନ ନାହିଁ, ଅଛିତ ସାବଲୀଳ ତରଳ ମନର ସରଳ କଥା। ଥାନେଥାନେ ରହିବ ରୋମାଞ୍ଚ ମଜାଳିଆ କାହାଣୀମାନ। ସେସବୁକଥା ମୂଳ-ଗ୍ରନ୍ଥରେ ଥାଉ ବା ନଥାଉ ସେଥିପ୍ରତି ଭ୍ରୁକ୍ଷେପ ନାହିଁ। ସାରୋଳଦାସଙ୍କ ସମୟ ବେଳକୁ ମହାଭାରତାଦି ଗ୍ରନ୍ଥଗୁଡ଼ିକରେ ଥିବା କାହାଣୀରୁ ଉପକାହାଣୀ ସୃଷ୍ଟିହୋଇ ଲୋକ ସମାଜରେ ବିଶ୍ୱସ୍ଥତା ଗ୍ରହଣ କରିସାରିଲାଣି। ତେଣୁ ମହାମୁନି ସାରୋଳଦାସ ଅତି ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ଉପକଥନିକାଗୁଡିକୁ ଗୋଟାଇଆଣି ନିଜର ଅନନ୍ୟ କଳ୍ପନା ଶକ୍ତି ଓ ଶବ୍ଦବସାଣ ଶୈଳୀରେ ସେଗୁଡିକୁ ଆଣିକରି ଥୋଇଲେ। ନିଜ ବିରୋଧିମାନଙ୍କ କବଳରୁ ଚୁପିଚୁପି ଖସିଯିବାକୁ ଏକ ଗଳାବାଟ ବାଛିଲେ। ସାରୋଳାଚଣ୍ଡୀ କାଳେ ସ୍ୱପ୍ନରେ ଯାହା କହନ୍ତି 'ମୁର୍ଖ ଅପଣ୍ଡିତ ବାଳୁତମତି' ସାରୋଳାଦାସ କାଳେ ଏକା ନିଃଶ୍ୱାସରେ ହିଁ ସେସବୁକୁ ଲେଖିପକାନ୍ତି। ଏଥିରେ ତାଙ୍କର କିଛି ଦୋଷ ନାହିଁ।

"ଯେବଣ ମହାଭାରଥ ମୁନିଂକର ପୂଣ୍ୟ ବାକ୍ୟେ
ତାହା ଲେଖନ କରିବାକୁ କିସ ମୋର ଶକ୍ୟେ । ୧୦୩
ନୋହଇ ପଣ୍ଡିତ ମୁଂ ନଜାଣଇ ଶାହାସ୍ତ୍ରବିଦ୍ୟା
ଜନମେ ଜନମେ ମୁର୍ଖ ମୁହିଂ ନ ଜାଣଇ ପଦସିଦ୍ଧା । ୧୦୪
ଜପମନ୍ତ୍ର ଶାହାସ୍ତ୍ର ମୁଂ ନ ଜାଣଇ କିଛି
ଯେ୍ସନେକ ଆଗ୍ୟାଂ ମୋତେ ଦିଲେକ କାମାକ୍ଷୀ । ୧୦୫
ବାଳୁତ ରୁପ ମୁହିଂ ତାର ପ୍ରତକ୍ଷେ ଦେଖଇ
ସେ ଯାହା କହଇ ତାହା ମୁଂ ଲେଖଇ। ୧୧୨"
(ଯୁଧିଷ୍ଠିରଙ୍କ ଧର୍ମ ପରୀକ୍ଷା ଓ ସ୍ୱଶରୀରରେ ସ୍ୱର୍ଗ ଗମନ, ସ୍ୱର୍ଗାରୋହଣ ପର୍ବ)

ସେହିକଥା ଭାଗବତକାର ଜଗନ୍ନାଥ ଦାସ ମଧ୍ୟ କହିଛନ୍ତି। ପୀତବାସ ଶ୍ରୀକୃଷ୍ଣ ଦାସଙ୍କ ହୃଦୟରେ ନିବାସ କରି ପଦକୁ ପଦ କହିଦେଲେ।
"ମୋ ମନ ହୋଇଲା ପ୍ରସନ୍ନ
ଆଜ୍ଞା ଯେ ଦେଲେ ଭଗବାନ । ୧୩୮ ।
ପୁରାଣ ଦେଶଭାଷା ଗୀତ
ରଚିବୁ ଶିରୀଭାଗବତ ।୧୩୯।
ତୋହର ହୃଦେ ଆମ୍ଭେ ଥାଇ
ପଦକୁ ପଦ ଦେବୁ କହି । ୧୪୦ ।"
(ଚତୁସ୍ତ୍ରିଂଶ ଅଧ୍ୟାୟ, ଦଶମସ୍କନ୍ଧ)

ରୀତିକାଳୀନ କବିଗଣ ପୂର୍ବସୁରୀଙ୍କ ପଥାଙ୍କ ଅନୁସରଣ କରି ନିଜ କାବ୍ୟର ପିତୃତ୍ୱଶ୍ରେୟ ଦୈବୀଶକ୍ତିକୁ ଅର୍ପଣ କରିଦେଇଛନ୍ତି।

"କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ
କରନ୍ତି ପୂର୍ଣ୍ଣ ଜନ ମନୋରଥ
କଲି ମୁଁ ଏହି ଘେନି ଅଭିମତ
କରିବାକୁ ରସ କଲ୍ଲୋଳ ଗୀତ
କହିଲେ ସେ ଯେଣୁ
କରରେ ମାତ୍ର ମୁଁ ଲେଖିଲି ତେଣୁ ।"
(ଚତୁସ୍ତ୍ରିଂଶ ଛାନ୍ଦ, ରସ କଲ୍ଲୋଳ)

କବିସୂର୍ଯ୍ୟ ବଳଦେବ ରଥଙ୍କ ପରି ଅନନ୍ୟ ପ୍ରଜ୍ଞାଦୀପ୍ତ ପ୍ରତିଭାସମ୍ପନ୍ନ କବି ରାଜ ପୃଷ୍ଠପୋଷକତା ଲାଭ କରିବା ହେତୁ ସ୍ୱୀୟ କାବ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ପିତୃତ୍ୱଶ୍ରେୟ ଗଞ୍ଜାମ ଅନ୍ତର୍ଗତ ଆଠଗଡ଼ ରାଜା ବାଲୁକେଶ୍ୱର ଜଗଦ୍ଦେବ ହରିଚନ୍ଦନଙ୍କୁ ଅର୍ପଣ କରିଦେଇଛନ୍ତି।
"କଲବଲ ଛଟପଟ ହୋଇଯାଉଛି ନିପଟ
ସଂବେଶ ଅଶନ ବିରତିରେ
କହଇ 'ଶ୍ରୀବାଲୁକେଶ' ଶରଣ ଧରଣୀ ଈଶ
ଏ କି ଦଣ୍ଡ ବିନା ପୀରତିରେ।"

('କ' ଗୀତ)

"କ୍ଷମାଧିପ 'ଜଗଦ୍ଦେବ' ସମାପନ କରେ ହେ
ଶ୍ରମାର୍ତ୍ତ ହେବାରୁ ଭବ ଭ୍ରମାତିଶୟରେ ହେ।"

('କ୍ଷ' ଗୀତ)

ଅନେକ ଗୌଣକବି ଲେଖକ ଥିଲେ ଯେଉଁମାନେ କି ନିଜ ରଚନାକୁ ପାଠକୀୟ ସ୍ୱୀକୃତି ଓ ପ୍ରସିଦ୍ଧି ଦେବାଲାଗି ନେତୃସ୍ଥାନୀୟ ମହାକବିଙ୍କ ନାମରେ ଭଣିତି କରିଦେଇଛନ୍ତି। କାଳିଦାସ-ରଚନାବଳୀ ମଧ୍ୟ ଏଥିରୁ ମୁକ୍ତ ନୁହେଁ। କୁମାରସମ୍ଭବ କାବ୍ୟ କଥା ଲକ୍ଷ୍ୟ କରାଯାଉ। "ଅଷ୍ଟସର୍ଗ ବିଶିଷ୍ଟ କୁମାରସମ୍ଭବରେ ଶିବପାର୍ବତୀଙ୍କର ବିବାହ ଓ ଦାମ୍ପତ୍ୟ ସୁଖ ସମ୍ଭୋଗ ପର୍ଯ୍ୟନ୍ତ ବିଷୟ ବସ୍ତୁ ଦିଆ ଯାଇଛି ଏବଂ ସେତିକିରେ କାବ୍ୟର ସମାପ୍ତି ଘଟିଛି। ସପ୍ତଦଶସର୍ଗ ବିଶିଷ୍ଟ କୁମାରସମ୍ଭବରେ ଶିବପାର୍ବତୀଙ୍କର ଦାମ୍ପତ୍ୟ ସୁଖସମ୍ଭୋଗ ପରେ କୁମାରଙ୍କର ଜନ୍ମ, ତାଙ୍କର ବାଲ୍ୟଲୀଳା, ସେନାପତିତ୍ୱ ଗ୍ରହଣ, ଯୁଦ୍ଧ ଅଭିଯାନ ଓ ତାରକାସୁର ବଧ ପ୍ରଭୃତି ବିଷୟମାନ ବର୍ଣ୍ଣିତ ହୋଇଅଛି। ବହୁ ଆଲୋଚକଙ୍କ ମତରେ କୁମାରସମ୍ଭବ ଆଠସର୍ଗ ପର୍ଯ୍ୟନ୍ତ ପ୍ରକୃତରେ କାଳିଦାସଙ୍କ ରଚନା ଏବଂ ତତ୍‌ପରବର୍ତ୍ତୀ ସର୍ଗଗୁଡ଼ିକ ପରବର୍ତ୍ତୀ କୌଣସି କବିଙ୍କର ରଚନା। କାରଣ ଆଠସର୍ଗରେ ପ୍ରକଟିତ ହୋଇଥିବା କବିତ୍ୱ ତୁଳନାରେ ନଅରୁ ସତର ପର୍ଯ୍ୟନ୍ତ ସର୍ଗଗୁଡିକରେ ପ୍ରକଟିତ କବିତ୍ୱ ନିମ୍ନକୋଟୀର। କୁମାରର ଜନ୍ମବୃତ୍ତାନ୍ତ ନଦେଇ କାବ୍ୟର ନାମ କୁମାରସମ୍ଭବ ରଖିବାର ମୂଳରେ କବିଙ୍କର ବୋଧହୁଏ ଅଭିପ୍ରାୟ ଥିଲା ଯେ ଶିବ ପାର୍ବତୀଙ୍କ ମିଳନ ପରେ କାର୍ତ୍ତିକେୟଙ୍କର ଜନ୍ମ ଓ ତାରକାସୁର ବଧ ପ୍ରଭୃତି ବିଷୟ ସ୍ୱତଃ ଅବଗମ୍ୟ। ପ୍ରକୃତରେ ପରମଯୋଗୀ ଶିବଙ୍କ ସହିତ ପାର୍ବତୀଙ୍କର ମିଳନ ଘଟିବା ହିଁ ଅତ୍ୟନ୍ତ ଦୁଃସାଧ୍ୟ ଥିଲା। ତାହା ସଂଘଟିତ ହେଲାପରେ କଥାବସ୍ତୁକୁ ଅଧିକ ଲମ୍ବାଇବାକୁ କବି ଆବଶ୍ୟକ ମନେ କରିନଥିନେ।"

(କାଳିଦାସ ଗ୍ରନ୍ଥାବଳୀ, ମୁଖବନ୍ଧ, ପୃଷ୍ଠା ଚ ଓ ଛ)

ସାରୋଳଦାସଙ୍କ ମହାଭାରଥ ପୁରାଣର ଯେତେ ପୋଥି ପ୍ରାପ୍ତ ହୋଇଛି ସେ ସବୁରେ ଭାଷାଗତ, କାହାଣୀଗତ ଭିନ୍ନତା ପରିଦୃଶ୍ୟ ହୋଇଥାଏ। ନକଲକାରମାନେ ବେଳେବେଳେ କବି ହୋଇପଡ଼ନ୍ତି। ପୁରାଣରୁ ପୁରାଣ ନକଲ କଲାବେଳେ ସମ୍ପର୍କ ବିହୀନ କାହାଣୀଗୁଡ଼ିକର ସଂଯୋଜନା କରିଦେଇଥାନ୍ତି। ସରୋଳାଦାସଙ୍କ ମହାଭାରତର ସ୍ୱର୍ଗାରୋହଣ ପର୍ବ ଅନ୍ତର୍ଗତ 'ଯୁଧିଷ୍ଠିରଙ୍କ ରାଜ୍ୟତ୍ୟାଗ ଓ ସୁହାଣୀକନ୍ୟା ବିବାହ ପ୍ରସଙ୍ଗ' ବର୍ଣ୍ଣନାରେ ପୋଥିଭେଦରେ ଅନେକ ଉଦ୍ଭଟତା ପରିଲକ୍ଷିତ ହୋଇଥାଏ। କଳିର ପ୍ରବେଶ ସଙ୍ଗେ ପାଣ୍ଡବଙ୍କ

ତିର୍ଥାଟନ ଓ ସ୍ୱର୍ଗାରୋହଣ ପାଇଁ ରାଜ୍ୟତ୍ୟାଗ ଓ ପରୀକ୍ଷିତଙ୍କୁ ରାଜ୍ୟ ସମର୍ପିଲା ଘଟଣାକାଳରେ ନକଲକାର ପରୀକ୍ଷିତଙ୍କୁ ବିବାହ ମଧ୍ୟ କରାଇଦେଇଛନ୍ତି।

"ସହଦେବଙ୍କ ମୁଖୁଂ କଳିର ବାକ୍ୟ ଶୁଣି
ପରୀକ୍ଷକୁ ତିଆରିଣ ଯୁଟେଷ୍ଟି ଅନୁକୂଳ ଘେନି।
ଭୋ ରାଜନ କର୍ଣ୍ଣକେଶରୀ ବୋଲି ନୃପବର
ତାହାର ଦୁହିତା ଯେ କାଞ୍ଚି ନାମ ତାର।
ତାହାକୁ ପରିକ୍ଷୀତକୁ ବିଭା କରାଇଲେ
ଶ୍ରୀଧର୍ମରାଜା ଅଭିଷେକ କରି ଶାଢ଼ି ଦେଲେ।"
(ସାରଳା ମହାଭାରତ, ସୁହାଣୀ କନ୍ୟାପ୍ରସଙ୍ଗ, ପୃଷ୍ଠା ୧୨)

କାଞ୍ଚି ରାଜଜେମା ଉପାଖ୍ୟାନ ସାରୋଳଦାସଙ୍କ ପରବର୍ତ୍ତୀ କାଳୀନ। ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଆଖ୍ୟାନକୁ ନେଇ ଗଢ଼ିଉଠିଛି। ରାଜା କର୍ଣ୍ଣକେଶରୀ ସୋମବଂଶର ଶେଷ ଚିରାଗ ଅଟନ୍ତି। ତେଣୁ ଏଭଳି ଉଦ୍ଭଟ ପ୍ରସଙ୍ଗ ଏଠାରେ କିପରି ଆସିଲା, ଭାବିଲେ ହତଚେତା ହେବାକୁ ପଡ଼େ। ଏହା ନକଲକାରଙ୍କ ଦ୍ୱାରା ଯେ ପ୍ରକ୍ଷିପ୍ତ ହୋଇଅଛି ଏହା ନିଃସନ୍ଦେହ। କେବଳ ଏ ପ୍ରସଙ୍ଗ ନୁହେଁ ଏପରି ଅନେକ ଅନକଳ୍ପିତ ପ୍ରସଙ୍ଗ ପୋଥିରେ ସ୍ଥାନ ନେଇଅଛି।

ଓଡ଼ିଆ ସାହିତ୍ୟରେ ଅନେକ ଗୌଣକବି ସେମାନଙ୍କ କାବ୍ୟକୃତିକୁ ମହକବିଙ୍କ ନାମରେ ଭଣତି କରିଦେଇ ପିତୃତ୍ୱର ଶ୍ରେୟ ଅନ୍ୟକୁ ଅର୍ପଣ କରିଦେଇଛନ୍ତି। ଏ ସଂପର୍କରେ ବିଶଦ ଗବେଷଣା ଏଯାବତ୍ ହୋଇପାରିନାହିଁ। ଆହୁରି ମଧ୍ୟ ସମାନ ନାମ ବିଶିଷ୍ଟ ଭିନ୍ନ ଦୁଇ କବିଙ୍କୁ ଅଭିନ୍ନ କରି ମଧ୍ୟ ଆମ ସାହିତ୍ୟରେ ପିତୃତ୍ୱର ମର୍ଯ୍ୟାଦା ପ୍ରଦାନ କରାଯାଇଅଛି । ବିଚିତ୍ର ରାମାୟଣକାର ସିଦ୍ଧେଶ୍ୱରଦାସଙ୍କୁ ଆମେ ସାରୋଳଦାସ କହି ଏକ କରିଅଛୁ। ଭାଗବତ ପରି ଅନନ୍ୟସାଧରଣ ଗ୍ରନ୍ଥ ପାଠ କରିସାରିଲା ପରେ, ଅର୍ଥକୋଇଲି ଯେ ଭକ୍ତକବି ଜଗନ୍ନାଥ ଦାସଙ୍କ କୃତି ଏହି କଥା ସହଜରେ ହଜମ ହୁଏ ନାହିଁ। ପୁଣି ସରୋଳଦାସ ମହାଭାରଥକୁ ଜଗନ୍ନାଥ ଦାସ ନାମଧାରୀ ଜଣେ କବି ନବାକ୍ଷରୀରେ ଅନୁବାଦ କରିଅଛନ୍ତି। ହରିବଂଶ ପୁରାଣକର୍ତ୍ତା ଅଚ୍ୟୁତାନନ୍ଦ ଓ ମଳିକାକାର ଅଚ୍ୟୁତାନନ୍ଦ ଏକ କି ଭିନ୍ନ ସେ ବିଷୟରେ ମଧ୍ୟ ଏଯାବତ୍ ସମ୍ପୂର୍ଣ୍ଣ ସନ୍ଦେହ ମୋଚନ ହୋଇନାହିଁ। ଏହି ପିତୃତ୍ୱର ଦ୍ୱନ୍ଦ୍ୱ କେବଳ ଯେ ପ୍ରାଚୀନ ସାହିତ୍ୟ ଯାଏଁ ରହିଁଛି ତାହା ନୁହେଁ ପରନ୍ତୁ ଏହି ଦ୍ୱନ୍ଦ୍ୱର ଚେର ରୀତିକାଳ ଯାଏଁ ବିସ୍ତୃତ ହୋଇ ରହିଛି। ରସବିନୋଦକାର ଦୀନକୃଷ୍ଣ ଓ ରସକଲ୍ଲୋଳକାର ଦୀନକୃଷ୍ଣ, ସେହିପରି ବଜାର ବୋଲି ଓ ନୀଳାଦ୍ରୀଶ ଚଉତିଶା ଆଦି ରଚନାବଳୀ ଉପେନ୍ଦ୍ର ଭଞ୍ଜଙ୍କର ବୋଲି ସନ୍ଦେହ ଆସିଥାଏ।

ଅତୀତର ବ୍ୟକ୍ତିମାନସ ଇତିହାସ ସଚେତନ ନଥିଲା। ଧର୍ମର ନିରଙ୍କୁଶ ଆଧିପତ୍ୟ ବ୍ୟକ୍ତିଗତ ଜୀବନକୁ ବହୁଳ ଭାବରେ ପ୍ରଭାବିତ କରୁଥିଲା। ଦୈବିକ ଅତିବିଶ୍ୱାସରେ ମୋହାବିଷ୍ଟ ହୋଇ ବ୍ୟକ୍ତିସତ୍ତା ପ୍ରଚ୍ଛନ୍ନ ଘନାନ୍ଧ-ନିଗଡ଼ରେ କବଳିତ ହୋଇ ପଡୁଥିଲା ଅନୁକ୍ଷଣ। ତହିଁରୁ ମୁକୁଳିବା ଥିଲା କଠିଣ। ତେଣୁ ଏଭଳି ଦୁଃସ୍ଥିତିରେ ପୁରାଣ ବ୍ୟଞ୍ଜିତ ଅବାସ୍ତବ ଅତିକଳ୍ପନାକୁ ଉଲଙ୍ଗ ସତ୍ୟବୋଲି ଭାବିନେବା ସେକାଳ ମଣିଷ ପକ୍ଷରେ ଆଦୌ ଆଶ୍ଚର୍ଯ୍ୟକର କଥା ନଥିଲା। ସମୟ କାଳର ହିସାବ ନିକାଶ ତଥା ଐତିହାସିକ ତଥ୍ୟର ଯଥାଯଥ ସଂରକ୍ଷଣ ପାଇଁ ବ୍ୟକ୍ତି-ମନୀଷା ଏତେ ମାତ୍ରାରେ ବ୍ୟାକୁଳିତ ନଥିଲା। ମାଦଳାପାଞ୍ଜି ଐତିହାସିକ ବିଭ୍ରାଟର କୋଷଗୃହ ଅଟେ। ରାଜାନୁଂଶାବଳୀର ଉଦ୍ଭବ ଓ ଅନୁକ୍ରମ ଏକାଥରକେ ସତ୍ୟଯୁଗରୁ ଆରମ୍ଭ ହୋଇ କଳିଯୁଗ ଯାଏଁ ଲମ୍ବିଛି। ଅତୀତର ଯେକୌଣସି ବିଭାବକୁ ଉଠାଇ ଆଣି ତର୍ଜମା କଲେ ସେଥିରେ କାଳଗତ, ସ୍ରଷ୍ଟାଗତ, ସ୍ଥାନ ଓ ବିଷୟଗତ ଭ୍ରାନ୍ତି ବିଭ୍ରାଟ ରହିବା ସ୍ୱାଭାବିକ ବିଷୟ। ଏପରି ଭ୍ରାନ୍ତିଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ବିଭିନ୍ନ କଳକୌଶଳ ଦ୍ୱାରା ସତ୍ୟାସତ୍ୟର ନିକଟତର ହେବା ଗବେଷକମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ।

ସଙ୍କେତ ସୂଚୀ:

୧. ମହାନ୍ତି, ଆର୍ତ୍ତବଲ୍ଲଭ, ସମ୍ପାଦକ. ସାରଳା ମହାଭାରତ: ସ୍ୱର୍ଗାରୋହଣ ପର୍ବ. ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା, ୧୯୬୫।
୨. ମିଶ୍ର, ନରେନ୍ଦ୍ରନାଥ. ବଳରାମଦାସ ଓ ଓଡିଆ ରାମାୟଣ. ୧୯୫୫।
୩. ମିଶ୍ର, ନୀଳମଣି, ସମ୍ପାଦକ. ଶ୍ରୀମଦ୍‌ଭାଗବତ. ୩ୟ ସଂସ୍କରଣ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨୦୧୩।
୪. ମହାନ୍ତି, ଆର୍ତ୍ତବଲ୍ଲଭ, ସମ୍ପାଦକ. ରସ କଲ୍ଲୋଳ. ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ୧୯୫୩।
୫. ବେହେରା, କୃଷ୍ଣଚରଣ, ସମ୍ପାଦକ. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ. ଫ୍ରେଣ୍ଡ ପବ୍ଲିଶର, କଟକ, ୧୯୭୭।
୬. ମହାପାତ୍ର, ଧନେଶ୍ୱର, ଅନୁବାଦକ. କାଳିଦାସ ଗ୍ରନ୍ଥାବଳୀ (କାବ୍ୟଖଣ୍ଡ). ୨ୟ ସଂସ୍କରଣ, ଫ୍ରେଣ୍ଡ ପବ୍ଲିଶର, କଟକ, ୨୦୧୦।

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yas (DrillBit) Similarity Index: 0 %
Ethical Approval:	Not applicable
License:	Sahityare Pitrutwaprasanga Bichara © 2025 by Pritam Rout is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

ଭିତ୍ତିଭୂମି ଓ ବିକାଶ: ବାଞ୍ଛାନିଧି ପାଠାଗାର

ଚିତ୍ତରଞ୍ଜନ ସାହୁ

ଗବେଷକ, ଓଡ଼ିଆ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

E-Mail: crsahoo498@gmail.com

Article No : BB-I-IV-2025-05
DOI No : 10.64647/bb.vol.1.issue4.2025.5
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 07-08-2025
Publication Date : 14-10-2025

ସଂକ୍ଷିପ୍ତସାର:

Abstract

ଭାରତରେ ପାଠାଗାରର ଇତିହାସ ପ୍ରାଚୀନ ଶିକ୍ଷା କେନ୍ଦ୍ରରୁ ଆରମ୍ଭ ହୋଇ ଆଧୁନିକ ଗବେଷଣା, ସାକ୍ଷରତା ଓ ସୂଚନା ପ୍ରସାର କେନ୍ଦ୍ରରେ ପରିଣତ ହୋଇଛି। S.R. Ranganathan ପାଠାଗାରକୁ ଜନସାଧାରଣ ପାଇଁ ଖୋଲା ଜ୍ଞାନକୋଷ ଭାବେ ବ୍ୟାଖ୍ୟା କରିଥିବାବେଳେ, Germanie Greer ଏହାକୁ "ମାନସିକ ଶକ୍ତିର ହ୍ରଦ" ବୋଲି ବର୍ଣ୍ଣନା କରିଛନ୍ତି। ଓଡିଶାରେ ୧୯୯୫ରେ "ପାଠାଗାର ଆନ୍ଦୋଳନ" ଆରମ୍ଭ କରିଥିଲେ ସ୍ୱର୍ଗତ ଦାଶରଥି ପଟ୍ଟନାୟକ, ଯିଏ ବାଞ୍ଛାନିଧି ପାଠାଗାରର ସ୍ଥାପକ ଏବଂ ପ୍ରାଣ ସ୍ୱରୂପ। ସେ ୪୦,୦୦୦ରୁ ଅଧିକ ପୁସ୍ତକ, ୭୫,୦୦୦ ପତ୍ରପତ୍ରିକା, ୩୫ ଭାଷାର ଅଭିଧାନ ସହିତ ବିଶାଳ ସଂଗ୍ରହ ତିଆରି କରିଥିଲେ। ପୁସ୍ତକଗୁଡିକୁ ୩୨ ବିଭାଗରେ ବିଭକ୍ତ କରି, ପାଠାଗାର ପରିଚାଳନାପାଇଁ ଆବଶ୍ୟକ ସମସ୍ତ ପର୍ଯ୍ୟାୟ ପ୍ରସ୍ତୁତ କରିଥିଲେ। ବାଞ୍ଛାନିଧି ପାଠାଗାର ଓଡିଶାର ସାହିତ୍ୟ, ପୁରାତନ ପତ୍ରପତ୍ରିକା, ଦୁର୍ଲଭ ପୋଥି, ଶବ୍ଦକୋଷ ଏବଂ ଗବେଷଣା ସାମଗ୍ରୀ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପ୍ରତିଦିନ ଏଠାରେ ପତ୍ର, ପତ୍ରିକା ଓ ନୂଆ ପୁସ୍ତକ ଆସୁଥାଏ ଏବଂ ସାହିତ୍ୟିକ, ଗବେଷକ ଓ ଛାତ୍ରମାନଙ୍କ ପାଇଁ ଏହା ଏକ କେନ୍ଦ୍ରୀୟ ସଂଗ୍ରହାଳୟର ଭୂମିକା ନିର୍ବାହ କରିଛି। ପାଠାଗାରର ଗୁରୁତ୍ୱ ଶିକ୍ଷା ପ୍ରସାର, ସାକ୍ଷରତା ବୃଦ୍ଧି, ସାଂସ୍କୃତିକ ସଂରକ୍ଷଣ, ଗବେଷଣା, ସମ୍ପ୍ରଦାୟ ଗଠନ, ଅର୍ଥନୈତିକ ବିକାଶ ଓ ଗଣତନ୍ତ୍ର ସମର୍ଥନ। ଦାଶରଥି ପଟ୍ଟନାୟକଙ୍କର ନିଜସ୍ୱ ଉଦ୍ୟମ, ନିଷ୍କପଟ ସାଧନା ଓ ତ୍ୟାଗରେ ବାଞ୍ଛାନିଧି ପାଠାଗାର ଓଡ଼ିଶା ଏବଂ ଭାରତରେ ଏକ ପ୍ରତୀକାତ୍ମକ ସଂସ୍ଥାନରେ ପରିଣତ ହୋଇଛି। ଏବେ ସରକାରୀ ସହଯୋଗ ଏବଂ ଡିଜିଟାଲୀକରଣଦ୍ୱାରା ଏହାକୁ ଆଧୁନିକୀକରଣ କରିବା ଆବଶ୍ୟକ।

ମୂଳଶବ୍ଦ : ପାଠାଗାର, ସଂଗ୍ରହ, ସରଂକ୍ଷଣ, ଆଧୁନିକୀକରଣ, ଶିକ୍ଷା, ସଂସ୍କୃତି ।

ଭାରତରେ ପାଠାଗାରଗୁଡ଼ିକର ଏକ ସମୃଦ୍ଧ ଇତିହାସ ରହିଛି, ଯାହା ପ୍ରାଚୀନ ଶିକ୍ଷା କେନ୍ଦ୍ରରୁ ଶିକ୍ଷା, ଗବେଷଣା ଏବଂ ସାଂସ୍କୃତିକ ସଂରକ୍ଷଣକୁ ସମର୍ଥନ କରୁଥିବା ଆଧୁନିକ ଅନୁଷ୍ଠାନ ପର୍ଯ୍ୟନ୍ତ ବିକଶିତ ହୋଇଛି। ପାଠାଗାର ଗୁଡ଼ିକ ମୁଖ୍ୟତଃ ଜ୍ଞାନକୁ ପ୍ରସାର, ସାକ୍ଷରତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

According to S.R Ranganath (a pioneer in India library science)-"A library is a public institution or establishment charged with the care of books, the duty of making them accessible to those who require the use of them ".

Germanie Greer beautifully describes libraries as "reservoirs of strength, grace and wit,reminders of order, calm and continuity, lakes of mental energy ".

ପାଠାଗାରର ଉଦ୍ଦେଶ୍ୟ ହେଉଛି ଶିକ୍ଷା, ସୂଚନା ଉପଲବ୍ଧତା ଏବଂ ସମ୍ବଳ ଯୋଗାଇବା, ପାଠାଗାରଗୁଡ଼ିକ ଜ୍ଞାନର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ, ସମ୍ପ୍ରଦାୟର ସମସ୍ତ ସଦସ୍ୟ ଙ୍କ ପାଇଁ ଶିକ୍ଷା, ଗବେଷଣା ଏବଂ ମନୋରଞ୍ଜନକୁ ସମର୍ଥନ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ, ସେବା ଏବଂ କାର୍ଯ୍ୟକ୍ରମ ପ୍ରଦାନ କରେ। ବର୍ତ୍ତମାନ ସମୟରେ ପାଠାଗାର ସାରା ଭାରତରେ ନୁହେଁ ସାରା ବିଶ୍ୱରେ ଏକ ନୂତନ ରୂପରେଖ ପାଇଛି। ଯେପରି ଇଣ୍ଟରନେଟ୍ ଓ କମ୍ପ୍ୟୁଟରର ବ୍ୟବହାର ପରି ସେବା ଯୋଗାଇ ପାରିଛି। ପୁସ୍ତକ, ପତ୍ରିକା ସହ ଯୋଡ଼ିହୋଇଛି ଚଳଚ୍ଚିତ୍ର ଏବଂ ଅନଲାଇନ୍ ଡାଟାବେସ ସମେତ ବିଭିନ୍ନ ପ୍ରକାର ସମ୍ବଳ ମାଧ୍ୟମରେ ଜ୍ଞାନର ବିକାଶ କ୍ଷେତ୍ରରେ ଯୋଡ଼ି ହୋଇଛି।

ମାନବ ଇତିହାସରେ ପାଠାଗାର ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଏବଂ ଆଜି ମଧ୍ୟ ଆମ ଜୀବନର ଏହା ଏକ ଅବିଚ୍ଛେଦ୍ୟ ଅଂଶ। ସାରା ଓଡ଼ିଶାରେ ୧୯୯୫ ମସିହା ପରେ " ପାଠାଗାର ଆନ୍ଦୋଳନ" ଆରମ୍ଭ ହୋଇଥିଲା। ଏହି ପାଠାଗାର ଆନ୍ଦୋଳନର ଓଡ଼ିଶାର ପାଠାଗାରର ଜନକ, ସ୍ରଷ୍ଟା ଓ କର୍ଣ୍ଣଧାର ଥିଲେ ସ୍ୱର୍ଗତ ଦାଶରଥି ପଟ୍ଟନାୟକ।

ସେହି ସମୟରେ ସରକାର ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ପାଠାଗାର କ୍ଷେତ୍ରରେ ଆଗେଇ ଆସୁଥିଲେ। ଠିକ୍ ଏହି ସମୟରେ ସ୍ୱର୍ଗତ ଦାଶରଥି ପଟ୍ଟନାୟଙ୍କ ଘରେ ଥିବା ବାପାଙ୍କ ଅମଳରୁ କିଛି ପୋଥି ପୁରାଣ ଅନ୍ୟ ଗାଁରଲୋକମାନେ ସେ ସବୁକୁ ମାଗି ନେଇ ଯାଇଥିଲେ।

ପାଠାଗାରକୁ ସୁନ୍ଦର ଭାବେ ପରିଚାଳନା କରିବା ପାଇଁ ଯେତିକି ରେଜିଷ୍ଟର ଆବଶ୍ୟକ ସେ ସମସ୍ତ ପ୍ରାୟ ତିଆରି କରିଥିଲେ ସ୍ୱର୍ଗତ ଦାଶରଥ ପଟ୍ଟନାୟକ ୧-କ୍ୟାସବହି,୨- ଷ୍ଟକବହି,୩- ପୁସ୍ତକ ଓ ପତ୍ରିକା ପଞ୍ଜିକା ରେଜିଷ୍ଟର,୪- ବାର୍ଷିକ ରିପୋର୍ଟ ରେଜିଷ୍ଟର,୫- ପୁସ୍ତକର ଶ୍ରେଣୀ ବିଭାଗ ରେଜିଷ୍ଟର,୬- ପ୍ରଦର୍ଶନ ରେଜିଷ୍ଟର ଓ

ଅନ୍ୟାନ୍ୟ, ପାଠାଗାରରେ ଥିବା ପୁସ୍ତକ ଗୁଡ଼ିକୁ ୩୨ ଗୋଟି ବିଭାଗରେ ବିଭାଗୀକରଣ କରାଗଲା-

(କ) ଧର୍ମ ପୁସ୍ତକ (ଖ) ଜୀବନୀ ଓ ଗ୍ରନ୍ଥାବଳୀ (ଗ) ଉପନ୍ୟାସ ଓ ଗଳ୍ପ (ଘ) କାବ୍ୟ ଓ କବିତା (ଙ) ଭାଷା (ଚ) ନାଟକ ଓ ଏକାଙ୍କିକା (ଛ) ପତ୍ରିକା ବିଭାଗ (ଜ) ଶିଶୁ ବିଭାଗ (ଝ) ବିବିଧ (ଞ) କୃଷି (ଟ) ଭ୍ରମଣ (ଠ)ଇତିହାସ ବିଭାଗ (ଡ) ପ୍ରବନ୍ଧ ଓ ରମ୍ୟରଚନା ଇତ୍ୟାଦି ବିବିଧ ବର୍ଗର ବିଭାଗୀକରଣ କରାଯାଇଅଛି।

ସ୍ୱର୍ଗତ ଦାଶରଥି ପଟ୍ଟନାୟକ ପାଠାଗାର ପାଇଁ ସଂଗ୍ରହ କରି ରଖିଛନ୍ତି ୪୦,୦୦୦ରୁ ଊର୍ଦ୍ଧ୍ୱ ପୁସ୍ତକ। ସେଥିମଧ୍ୟରେ ରହିଛି ବହୁ ପୁରାତନ ଓ ଦୁର୍ଲଭ ପୁସ୍ତକ, ପତ୍ରପତ୍ରିକା ଓ ସ୍ମରଣିକା ସଂଖ୍ୟା ୬୫,୦୦୦ ରୁ ଊର୍ଦ୍ଧ୍ୱ ଏବଂ ପ୍ରାୟ ୨୬୦୦ ପ୍ରକରର, ୪୦ଟି ଭାଷାରେ ସଂଗୃହୀତ ଅଭିଧାନ ମଧ୍ୟରେ ରହିଛି ପୃଥିବୀର ୩୫ଟି ଭାଷାର ଅଭିଧାନ,୧୬୫ ପ୍ରକାରର ଶିଶୁ ପତ୍ରିକା ଏବଂ ୨୦ ପ୍ରକାରର କିଶୋର ଡାଇଜେଷ୍ଟ ମଧ୍ୟ ରହିଛି। ସେହିଭଳି ଭାଗବତ ଗୀତା ସଂଖ୍ୟାର ପ୍ରାୟ ଏକହଜାର ଓ ତତ୍‌ଊର୍ଦ୍ଧ୍ୱ ବିଭିନ୍ନ ଭାଷାରେ ବିଭିନ୍ନ କବିଙ୍କ ଦ୍ୱାରା ଟୀକା ସହ ଅନୁଦିତ ପୁସ୍ତକ ରହିଛି। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଜ୍ଞାନକୋଷ, ଜ୍ଞାନମଣ୍ଡଳ, ଷୋଡଶ ଶତାବ୍ଦୀର ପଞ୍ଚସଖା ବଳରାମ ଦାସ, ଜଗନ୍ନାଥ ଦାସ ଅଚ୍ୟୁତଙ୍କ ଓ ଆଧୁନିକ ଯୁଗଠାରୁ ସତ୍ୟବାଦୀ, ସବୁଜ ଓ ପ୍ରଗତିବାଦୀ ପର୍ଯ୍ୟନ୍ତ ଲିଖିତ ପୁସ୍ତକ ଗୁଡ଼ିକୁ ସବୁ ସ୍ୱତନ୍ତ୍ର ବିଭାଗ ରେ ବିଭକ୍ତ ହୋଇ ରହିଛି। ଓଡ଼ିଶାରେ ପ୍ରତିଦିନ ପ୍ରକାଶିତ ସମ୍ବାଦ ପତ୍ର ଏହି ପାଠାଗାର କୁ ଆସୁଅଛି। ସେହିପରି ଉତ୍କଳ ସାହିତ୍ୟ, ସହକାର , ଆସନ୍ତାକାଲି ଆଦି ପତ୍ରିକାର ଅଧିକାଂଶ ପୁରାତନ ସଂଖ୍ୟା, କଳିଙ୍ଗ, ଜନଶକ୍ତି ଓ ସମାଜ ଆଦି ଦୈନିକ ସମ୍ବାଦ ପତ୍ରର ସମସ୍ତ ସଂଖ୍ୟା ପ୍ରାୟ ଏଠାରେ ଗଚ୍ଛିତ।

ସ୍ୱାଧୀନତାର ପୂର୍ବବର୍ତ୍ତୀ ୫୦ ବର୍ଷ ଓଡ଼ିଶାର ଯେଉଁ ସାହିତ୍ୟିକ ଓ ସାଂସ୍କୃତିକ ପରିବେଶ ଥିଲା, ତାହା ପୁନରୁତ୍ଥାନ ପାଇଁ ସେ ଚିନ୍ତିତ ଥିଲେ। ବିଶେଷ କରି ୧୯୦୩ ରୁ ୧୯୪୭ ପର୍ଯ୍ୟନ୍ତ ସାହିତ୍ୟ ହିଁ ଓଡ଼ିଶାର ରାଜନୈତିକ ଦୃଶ୍ୟ ପଟରେ ଅନୁକୂଳ ଭୂମିକା ଗ୍ରହଣ କରିଥିଲା। ଏହି ସମୟରେ ସାହିତ୍ୟ ଓ ସମାଲୋଚନା ସମୃଦ୍ଧ ଥିଲା, ସେହି ସମାଲୋଚନା ମୂଳକ ଓ ଦୁର୍ଲଭ ପତ୍ର ପତ୍ରିକା ଯଥା - ଉତ୍କଳ ଦୀପିକା(୧୮୬୬), କାଦମ୍ବରୀ (୧୮୬୮), ଉତ୍କଳପ୍ରେସ (୧୮୬୮), ଉତ୍କଳ ଦର୍ପଣ (୧୮୭୩) ଉତ୍କଳପ୍ରଭା, ଇନ୍ଦ୍ରଧନୁ (୧୮୯୩), ବିଜୁଳି (୧୮୯୩) ଉତ୍କଳ ସାହିତ୍ୟ (୧୮୯୭), ମୁକୁର(୧୯୦୬), ସତ୍ୟବାଦୀ (୧୯୧୫), ଶଙ୍ଖ (୧୯୪୫) ଚତୁରଙ୍ଗ (୧୯୪୬) ପ୍ରଭୃତି ସଂଗ୍ରହ କରି ଆଲୋଚକ, ସମାଲୋଚକ ଓ ଗବେଷକମାନଙ୍କ ପାଇଁ ଦୁର୍ମୂଲ୍ୟ ଖୋରାକ ଯୋଗାଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟ ହୋଇଛନ୍ତି।

ପ୍ରତିଦିନ ବାଞ୍ଛାନିଧି ପାଠାଗାରକୁ ଚିଠି, ପତ୍ର ପତ୍ରିକା ଓ ବହି ପାଠାଗାରକୁ ଡାକରେ ଆସେ। ଯେଉଁ ଚିଠି ମାଧ୍ୟମରେ କବି, ଲେଖକ, ସମ୍ପାଦକ, ଗବେଷକ, ଅଧ୍ୟାପକ ଓ ଯୁବ ସମାଜକୁ ଟାଣି ଧରିଥିଲେ। ବାଞ୍ଛାନିଧି ପାଠାଗାର ଏକ ଧର୍ମ ପୀଠଥିଲା।୧୬ ଡିସିମିଲି ଜମି ଉପରେ ଦଣ୍ଡାୟମାନ ଥିଲା ଏହି ପାଠାଗାର। ୨୦୨୫ ମସିହା ସୁଦ୍ଧା ଏହି ପାଠାଗାରରେ ପୁସ୍ତକ ଓ ପତ୍ରପତ୍ରିକା ପ୍ରାୟ ଦୁଇ ଲକ୍ଷ ରୁ ଅଧିକ ସଂଖ୍ୟା ରେ ରହିଛି।

ବାଞ୍ଛାନିଧି ପାଠାଗାର ସମ୍ପର୍କରେ କିଛି ମନ୍ତବ୍ୟ:-

ସ୍ୱର୍ଗତ ରମାଦେବୀ:- ପାଠାଗାରର ପ୍ରାଣ ସ୍ୱରୂପ ଦାଶରଥି ବାବୁଙ୍କୁ କି ଭାବରେ ପ୍ରଶଂସା କରିକି ବା ଧନ୍ୟବାଦ୍ ଦେବି ତାହା ଜାଣିପାରୁ ନାହିଁ, ପାଠାଗାରର କାମରେ ତାଙ୍କର ସାଧନା ଅତି ଆଚାର୍ଯ୍ୟଜନକ।

ପଦ୍ମଶ୍ରୀ ରାଧାମୋହନ ଗଡନାୟକ:- ବାଞ୍ଛାନିଧି ପାଠାଗାରର ପ୍ରତିଷ୍ଠାତା ଶ୍ରୀ ପଟ୍ଟନାୟକଙ୍କର ଗ୍ରନ୍ଥ ପୁରାତନ ପୋଥି, ମୂର୍ତ୍ତୀ, ମୁଦ୍ରା, ପତ୍ର, ପତ୍ରିକା ସଂରକ୍ଷଣ ଆମ ଓଡ଼ିଶାର ଅତୁଳନୀୟ।

ଶ୍ରୀହର୍ଷ ମିଶ୍ର:- ପୂଜ୍ୟ ଦାଶରଥି ବାବୁ ଙ୍କ ସମ୍ପାଦିତ ପାଠାଗାର କେବଳ ଓଡ଼ିଶାର ନୁହେଁ ସମଗ୍ର ରାଷ୍ଟ୍ର ପକ୍ଷରେ ଆଦର୍ଶକୃତ। ନିଷ୍ଠା ଓ ସାଧନାର ଏକ ଦୁର୍ଲଭ ପ୍ରତୀକ ବୋଲି ମନେକରେ। ନିଜେ ତାହା ଦେଖି ଅଭିଭୂତ ହୋଇଛି।

ବିଜୟଲକ୍ଷ୍ମୀ ସାହୁ:- (ରାଷ୍ଟ୍ରମନ୍ତ୍ରୀ,ମହିଳା ଏବଂ ଶିଶୁ ବିକାଶ, ଓଡିଶା) ଓଡ଼ିଶା ପାଠାଗାରର କର୍ଣ୍ଣଧାରା ଶ୍ରୀଯୁକ୍ତ ଦାଶରଥି ପଟ୍ଟନାୟକ କେବଳ ପାଠାଗାର ଆନ୍ଦୋଳନରେ ପ୍ରମୁଖ ଉଦ୍ୟକ୍ତା ଭାବେ ନୁହେଁ, ଅଧିକନ୍ତୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ ସ୍ୱର୍ଗତ ପଟ୍ଟନାୟକ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ଦାସିଆ ଅଜାଙ୍କ ପଢ଼ିବାର ଆଗ୍ରହ ଏବଂ ଏଥି ନିମନ୍ତେ ଅନ୍ୟ ବନ୍ଧୁ ମାନଙ୍କ ଆନ୍ତରିକ ପ୍ରେରଣା ପାଇ ଏକ ପାଠାଗାର ଗଢ଼ିବା ପାଇଁ ଦାଶିଆ ଅଜାଙ୍କ ମନରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କଲା। ତତ୍କାଳିକ ନୂଆଗାଁ ବ୍ଲକର ଚେୟାରମ୍ୟାନ ଶ୍ରୀଯୁକ୍ତ ଡମ୍ବରୁଧର ଷଡଙ୍ଗୀ ଓ ନୂଆଗାଁ ଅପରପ୍ରାଇମେରୀ ସ୍କୁଲ ହେଡ ପଣ୍ଡିତ ଶ୍ରୀଯୁକ୍ତ ଲୋକନାଥ ତ୍ରିପାଠୀ ତାଙ୍କ ଆଖି ଖୋଲିଦେଲେ। ୧୯୯୫ ମସିହା ମେ ମାସ ୫ ତାରିଖରେ ଏକ ଶୁଭ ସନ୍ଧ୍ୟାରେ ଶ୍ରୀ ଲୋକନାଥ ତ୍ରିପାଠୀ ଭାଗବତ ଗୀତା ପାଠ ପଢ଼ି ପାଠାଗାରର ଶୁଭ ଦେଲେ । ମାତ୍ର ୫ ଖଣ୍ଡ ପୁସ୍ତକ ଓ ଗୋଟିଏ କଳଙ୍କି ଧରା ଟିଣ ବାକ୍ସ କୁ ସମ୍ବଳ କରି ପାଠାଗାର ଆରମ୍ଭ ହୋଇଗଲା।

ସରକାରଙ୍କ ଅଜସ୍ର ଅର୍ଥ ବ୍ୟୟରେ ଯାହା ସମ୍ଭବପର ହୋଇପାରୁନାହିଁ ଗୋଟିଏ ବ୍ୟକ୍ତିର ଏକକ ପ୍ରଚେଷ୍ଟା ତାହା ସମ୍ଭବ ହୋଇପାରିଲା। ସ୍ୱର୍ଗତ ପଟ୍ଟନାୟକ ନିଜର ନିରଳସ ଉଦ୍ୟମ, ନିଃସ୍ୱାର୍ଥପର ସାଧନା ବିନମ୍ର ଆଚରଣ ଏବଂ ଅସୀମ ଜିଜ୍ଞାସାକୁ ପୁଞ୍ଜିକରି ଏପରି ଏକ ଅନୁଷ୍ଠାନ ଗଢି ପାରିଛନ୍ତି। ଦାସିଆ ଅଜାଙ୍କ କିଛି ଅନୁଭୂତି ବାଣୀରୁ ତାହା ସ୍ପଷ୍ଟ ହୋଇ ଜଣା ପଡ଼େ:-

(୧) ଏକ ନିପଟ ମଫସଲ ତଥା ଅଶିକ୍ଷିତ ଅଞ୍ଚଳରେ ଏକ ପାଠାଗାର ନିର୍ମାଣ କରିଥିବାରୁ ମୁଁ ଆଜି ଆତ୍ମସନ୍ତୋଷ ଲାଭ କରିଛି। ଏଥିପାଇଁ ମୋତେ ଯୁବକ ସମୟରେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା, କିନ୍ତୁ ଯେଉଁ ଯୁବକ, ଯୁବକ ବେଳେ କାନ୍ଦିନି, ସେ ଯୁବକ ନୁହେଁ। ଯେଉଁ ବୁଢ଼ା ବୁଢ଼ା ବେଳେ ହାସିନି, ସେ ବୁଢ଼ା ନୁହେଁ। ଏହି କଥା ମୋ ପାଇଁ ଏକା ବେଳେ ଠିକ୍।

(୨) ପାଠାଗାର ଉନ୍ନତି ନିମନ୍ତେ ମୋତେ ବହି ଚୋରି କରିବାକୁ ପଡ଼ିଥିଲା। ଉପାସରେ ରହି ଅନଶନ କରି ଲୋକଙ୍କଠାରୁ ବହି ଆଣିବାକୁ ପଡିଥିଲା।

ଅନେକ ମଧ୍ୟରୁ ଗୋଟିଏ କୃତଜ୍ଞତାର ନମୁନା "ସବୁଜରୁ ସାଂପ୍ରତିକ" ସନ୍ଦର୍ଭ ମୂଳକ ପୁସ୍ତକରେ ଗବେଷକ ଡଃ ନିତ୍ୟାନନ୍ଦ ଶତପଥୀ କୃତଜ୍ଞତା ଜଣାଇ ଲେଖିଅଛନ୍ତି " ଉଦୟପୁର ବାଞ୍ଛାନିଧି ପାଠାଗାରର ସଂଚାଳକ ଶ୍ରୀଯୁକ୍ତ ଦାଶରଥି ପଟ୍ଟନାୟକ ମୋତେ ଅକୁଣ୍ଠ

ସାହାଯ୍ୟ କରିଛନ୍ତି। ତାଙ୍କର ବହୁକଷ୍ଟ ସଂଗୃହିତ ପୁସ୍ତକାଳୟ ଅନେକ ପୁରାତନ ପତ୍ର ପତ୍ରିକା ଓ ତଥ୍ୟ ମୋତେ ଦେଖିବାର ସୁଯୋଗ ଦେଇଛନ୍ତି। ମୁଁ ତାଙ୍କ ପାଖରେ ଅତି ମାତ୍ରା ରେ କୃତଜ୍ଞ ରହିବି।"

ବିଂଶ ଶତାବ୍ଦୀରେ ନିଜର ସତ ଚେଷ୍ଟା ବଳରେ ସ୍ୱର୍ଗତ ଦାସିଆ ଅଜା ଯେଉଁ ପାଠାଗାର ଗଢିଥିଲେ ଏବଂ ସାରା ଓଡ଼ିଆ ନୁହେଁ ସାରା ଭାରତ ରେ ଯେତିକି ସୁନାମ ଅର୍ଜନ କରିଥିଲେ ତାଙ୍କର ଅକସ୍ମାତ୍ ମୃତ୍ୟୁ, ଓ ଏକ ବିଂଶ ଶତାବ୍ଦୀ ଅଧୁନିକୀକରଣ ଓ ଡିଜିଟାଇଯେଶନ ଦ୍ୱାରା ତାଳ ଦେଇ ନପାରିବାରୁ ତାହା କିଛି ମାତ୍ରା ରେ ଦୁର୍ବଳ ହୋଇଅଛି। ଯଦି ସରକାରଙ୍କ ଦୃଷ୍ଟି ପଡ଼େ ତେବେ ନିଶ୍ଚିତ ଭାବରେ ବାଞ୍ଛାନିଧି ପାଠାଗାର ଆଧୁନିକୀକରଣ ହୋଇପାରିବ।

ପାଠାଗାର ଗୁରୁତ୍ୱପୂର୍ଣ୍ଣ ହେବାର କେତେ ଗୋଟି କାରଣ ନିମ୍ନ ରେ ଦିଆଗଲା -

୧. ଶିକ୍ଷାକୁ ପ୍ରୋତ୍ସାହିତ କରିବା।
୨. ସାକ୍ଷରତା ହାର ବୃଦ୍ଧି।
୩. ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା।
୪. ଗବେଷଣା ଦକ୍ଷତା ବୃଦ୍ଧି କରିବା।
୫. ସମ୍ପ୍ରଦାୟ ଗଠନରେ ସାହାଯ୍ୟ।
୬. ଅର୍ଥନୀତି ବୃଦ୍ଧିରେ ଅବଦାନ।
୭. ସ୍ୱଚ୍ଛସେବା ପ୍ରଦାନ।
୮.ମାଗଣା ଶିକ୍ଷା ସମ୍ବଳ ପ୍ରଦାନ।
୯. ଗଣତନ୍ତ୍ର ଓ ବରିଷ୍ଠ ନାଗରିକତାକୁ ସମର୍ଥନ କରିବା।
୧୦. ଜୀବନବ୍ୟାପୀ ପ୍ରୋତ୍ସାହିତ କରିବା।

ମାନବ ସମାଜ ପାଇଁ ଖାଦ୍ୟ,ବସ୍ତ୍ର, ବାସଗୃହ ଯେପରି ଆବଶ୍ୟକ ରହିଛି ଶିକ୍ଷା ମଧ୍ୟ ଆବଶ୍ୟକ ରହିଛି, ଉପରୋକ୍ତ ଦୃଷ୍ଟିକୋଣକୁ ଲକ୍ଷ୍ୟ କରି ଦାସିଆ ଅଜା ସାରା ଓଡ଼ିଶାରେ ପାଠାଗାର ଆନ୍ଦୋଳନକୁ ତୀବ୍ର କରିଥିଲେ ଯାହାର ପ୍ରତିଫଳନ ସମ୍ପ୍ରତି ସମାଜରେ ଦେଖିବାକୁ ମିଳୁଛି ତାଙ୍କୁ ଅନୁକରଣ କରି ଓ ପ୍ରେରଣା ପାଇ ବହୁ ଅନୁଷ୍ଠାନ ମଧ୍ୟ ଗଢିଉଠିଛି ସାରା ଓଡିଶାରେ। ତାଙ୍କର ନିରବ ସାଧନ, ନିଷ୍କପଟ ତପସ୍ୟା କାଳେ କାଳେ ଆଲୋକବର୍ତ୍ତିକା ଜାଳିବ ସାରା ଭାରତରେ। ସ୍ୱୀକୃତି ପାଇବା କାମନା ନଥାଇ ଦାସିଆ ଅଜା ଓଡିଶା ପାଇଁ ଜଣେ ଅନନ୍ୟ ଚରିତ୍ର। ଯାହାଙ୍କର ସୀମା ନିର୍ଦ୍ଧାରଣ କରିବା ସହଜ ସାପେକ୍ଷ ନୁହେଁ । ଉଦୟପୁର ଗାଁ ସାରା ଭାରତରେ ଆଜି ପ୍ରସିଦ୍ଧି ଲାଭ କରିଛି।

ସଙ୍କେତ ସୂଚୀ:

୧. ଦାଶରଥି ବାବୁଙ୍କ ସ୍ମୃତିସ୍ମରଣିକା. n.p., n.d.
୨. ପଟ୍ଟନାୟକ, ଅଶୋକ କୁମାର. ନିସଙ୍ଗ ପଥିକ. ଜୟଶ୍ରୀ ଦାସ, ଭୁବନେଶ୍ୱର, n.d.
୩. ଦଶପାଇସାର ରଜା, ଦାସିଆ ଅଜା (ଦାଶରଥି ପଟ୍ଟନାୟକ ସ୍ମାରକୀ ଗ୍ରନ୍ଥ). ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ, n.d.
୪. ଦାସ, ବିପିନ୍ ବିହାରୀ. ପିତୃପ୍ରତିମ ଦାଶରଥି. ନୀଳାଚଳ ପ୍ରକାଶନୀ, କେଉଁଝର, n.d.
୫. Kumar, P. S. G. Library Movement and Library Development in Orissa. n.p., n.d.

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes Similarity Index: 0 %
Ethical Approval:	Yes
License:	Bhittibhumi o Bikasha: Banchhanidhi Pathagara © 2025 by Chittaranjana Sahu is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

BINDU BIMARSHA...

ଲୋକ ଉପାଦାନର ସଫଳ ରୂପାୟଣ ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ'

ଡ. ଗୀତାଞ୍ଜଳି ସାହୁ

ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହିମା ମହାବିଦ୍ୟାଳୟ, ଯୋରନ୍ଦା, ଢେଙ୍କାନାଳ

E-Mail: drgeetanjalisahoo@gmail.com

Article No : BB-I-IV-2025-06
DOI No : 10.64647/bb.vol.1.issue4.2025.6
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 17-08-2025
Publication Date : 14-10-2025

ସଂକ୍ଷିପ୍ତସାର: Abstract

ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତରେ ନାଟ୍ୟକାର ବିଜୟ ମିଶ୍ର ଜଣେ ବହୁ ପରିଚିତ ନାମ। ତାଙ୍କର ନାଟକଗୁଡ଼ିକ ଉଭୟ ବୌଦ୍ଧିକ ଏବଂ ସାଧାରଣ ଲୋକଙ୍କୁ ମନୋରଂଜନ ତଥା ଉପଯୁକ୍ତ ଶିକ୍ଷା ଦେବାରେ କେବେବି ପଛ ଘୁଞ୍ଚା ଦେଇନାହିଁ । ସତୁରି ଦଶକ ପରବର୍ତ୍ତୀ ସମୟରେ ନାଟକରେ ଦର୍ଶକଙ୍କ ଅଭାବ ଜନିତ ସମସ୍ୟାକୁ ଦୂରେଇବା ପାଇଁ ଅନ୍ୟ ନାଟ୍ୟକାରଙ୍କ ଭଳି ସେ ମଧ୍ୟ ପ୍ରଚେଷ୍ଟା କରିଛନ୍ତି। ଯାହାର ଫଳସ୍ୱରୂପ ଦର୍ଶକ ପାଇଛନ୍ତି 'ଜଣେ ରାଜା ଥିଲେ' ଭଳି ଏକ ବୋଧଗମ୍ୟ ଏବଂ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପିତ ରାଜନିତିର ବାସ୍ତବ ଚିତ୍ରକୁ ଦର୍ଶାଉଥିବା ନାଟକ। ଉକ୍ତ ନାଟକରେ ଲୋକକାହାଣୀ, ଲୋକ ନାଟକ, ଲୋକଗୀତ ଆଦି ଲୋକ ଉପାଦାନର କେଉଁ ଭଳି ସଫଳ ପ୍ରୟୋଗ ହୋଇଛି ଏବଂ ନାଟ୍ୟକାରଙ୍କ ଦର୍ଶକଙ୍କୁ ଫେରାଇ ଆଣିବାର ଉଦ୍ଦେଶ୍ୟ ସାର୍ଥକତା ଲାଭ କରିଛି ତାହା ଆଲୋଚିତ।

ମୂଳଶବ୍ଦ : ଜଣେ ରାଜା ଥିଲେ, ଲୋକ ଉପାଦାନ, ଲୋକକାହାଣୀ ଶୈଳୀ, ସିଂହାସନ, ପୁତ୍ତଳିକା, ଓଟମୁହାଁ, ନିରଞ୍ଜନ, ଦେବୀ, କଥାଣି ଶୈଳୀ, ଲୋକଗୀତ ଶୈଳୀ, କଣ୍ଢେଇ ନାଟ୍ୟ ଶୈଳୀ, ଯାତ୍ରା ଶୈଳୀ, ମୁଖା, ବିବେକ।

ବିଶ୍ୱ ନାଟ୍ୟ ସହିତ ସମକକ୍ଷ କରିବାର ଲାଳସାରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ପାଶ୍ଚାତ୍ୟ ଶୈଳୀକୁ ନେଇ ଯେଉଁ ପରୀକ୍ଷା-ନିରୀକ୍ଷା କରାଗଲା ତାହାର ପ୍ରଭାବରେ ନାଟକ ଦର୍ଶକଙ୍କ ପାଇଁ ଦୁର୍ବୋଧ୍ୟ ହୋଇଗଲା । ଦର୍ଶକ ନାଟକରୁ ମନୋରଞ୍ଜନର ଉପାଦାନ ପାଇଲେ ନାହିଁ ଓ ମଂଚ ଏବଂ ନାଟକଠାରୁ ନିଜକୁ ଦୂରେଇ ନେଲେ । ଏହି ଦୂରତାକୁ କମ୍ କରିବା ପାଇଁ ଏବଂ ବୌଦ୍ଧିକ କଥାବସ୍ତୁକୁ ସହଜ-ସରଳକରି ବୁଝାଇ ଦେବା ପାଇଁ ଲୋକ ଉପାଦାନକୁ ଏକ ଶୈଳୀ ଭାବେ ସତୁରୀ ଦଶକ ପରବର୍ତ୍ତୀ ନାଟକରେ ପ୍ରୟୋଗ କରାଗଲା। ପୂର୍ବରୁ ଲୋକନାଟକ ଲୋକମାନଙ୍କୁ ମନୋରଞ୍ଜନ ଯୋଗାଉଥିଲା । ଏଥିରେ ଲୋକ ଉପାଦାନ ବହୁଳ ମାତ୍ରାରେ ମହଜୁଦ୍ ଥିଲା । ଲୋକଙ୍କ ରୁଚିକୁ ଦେଖି ପ୍ରଥମେ ଲୋକନାଟକରୁ ଉପାଦାନ ଆଣି ଆଧୁନିକ କାହାଣୀକୁ ପରିବେଷଣ କରାଗଲା । ଏହାର ସଫଳତା ପରେ ଲୋକଗୀତ, ଲୋକକାହାଣୀ, ଲୋକବାଣୀ, ଲୋକମଞ୍ଚ ଆଦି ଲୋକସାହିତ୍ୟ ଏବଂ ଲୋକସଂସ୍କୃତିର ବିଭିନ୍ନ ବିଭାଗରୁ ଉପାଦାନ ଆଣି ଆଧୁନିକ ନାଟକରେ ପ୍ରୟୋଗ ଓ ପରୀକ୍ଷା କରାଗଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ କେତେ ଜଣ ନାଟ୍ୟକାର ଲୋକ ଉପାଦାନର ସଫଳ ପ୍ରୟୋଗ ନିଜ ନାଟକରେ କରିଥିଲେ ସେମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟ ମିଶ୍ର ଥିଲେ ଅନ୍ୟତମ । ଉଭୟ ପାରମ୍ପରିକ ଏବଂ ପରୀକ୍ଷାଧର୍ମୀ ନାଟ୍ୟ ରଚନାରେ ସେ ଥିଲେ ଧୁରୀଣ। ଦର୍ଶକଙ୍କ ରୁଚିକୁ ପ୍ରାଧାନ୍ୟ ଦେଇ ତାଙ୍କ ନାଟକ ଗଢ଼ି ଉଠିଛି । କାବ୍ୟିକ ସଂଳାପ, ବ୍ୟଞ୍ଜନା, ନୂତନ ଦୃଷ୍ଟିଭଙ୍ଗୀ, ସାଧାରଣ ଚରିତ୍ରଙ୍କୁ ଅସାଧାରଣ ଭାବେ ଗଢ଼ିବା ଆଦି ଗୁଣ ତାଙ୍କୁ ପାଠକ ଓ ଦର୍ଶକଙ୍କର ଅତି ନିକଟତର କରାଇପାରିଛି । ଆଲୋଚ୍ୟ 'ଜଣେ ରାଜା ଥିଲେ' ନାଟକ ସାମ୍ପ୍ରତିକ ରାଜନୀତି ତଥା ରାଜନେତାମାନଙ୍କ ପାଇଁ ଏକ ଶାଣିତ ବ୍ୟଙ୍ଗ। ଯୁଗ ବଦଳିଲେ ମଧ୍ୟ ମୁକୁଟ ସର୍ବସ୍ୱ ରାଜାମାନେ ବଦଳନ୍ତି ନାହିଁ, ବଦଳନ୍ତି କେବଳ ସ୍ଥାନ-କାଳ-ପାତ୍ର ଭେଦରେ ଓଟମୁହାଁ ପ୍ରଜାମାନେ । ଏଭଳି ଏକ ସାମ୍ପ୍ରତିକ ସମସ୍ୟାକୁ ଲୋକ ଉପାଦାନ ପ୍ରୟୋଗ କରି ନାଟ୍ୟକାର ପରିବେଷଣ କରିଛନ୍ତି । ଲୋକ କାହାଣୀ, ଲୋକ ଗୀତ, ଲୋକ ନାଟକ ଆଦି ଲୋକ ଉପାଦାନ କେଉଁଭଳି ଉକ୍ତ ନାଟକରେ ପ୍ରୟୋଗ ହୋଇଛି ତାହା ଉକ୍ତ ପ୍ରବନ୍ଧରେ ଆଲୋଚିତ ।

ଲୋକକାହାଣୀ ଶୈଳୀ:

ମୌଖିକ ରୀତିରେ ପରମ୍ପରା କ୍ରମେ ଯେଉଁ କାହାଣୀ ଲୋକଙ୍କ ମୁଖରୁ ମୁଖକୁ ପ୍ରଚଳିତ ହୋଇଆସିଛି ତାହାହିଁ ଲୋକକାହାଣୀ । ଏହା ଜୀବନର ଅନେକ ପ୍ରାଣପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ। ରାଜକୁମାର, ରାଜକୁମାରୀ, ପଶୁପକ୍ଷୀ, ଦେବତା-ଅସୁର, ଭୂତପ୍ରେତ, ଡାହାଣୀ, ଚିରିଗୁଣୀ, ଗନ୍ଧର୍ବ-ପରୀ ଆଦିଙ୍କୁ କେନ୍ଦ୍ରକରି ଏହା ସମ୍ଭବ ଓ ଅସମ୍ଭବ କଥାର ସଂଯୋଜନ ମାଧ୍ୟମରେ କେତେବେଳେ ଆମ ସଂସାରର କଥା କହେ ତ କେତେବେଳେ କଳ୍ପଲୋକରେ କୌତୁକ-କୋଳାହଳମୟ ବା ରୋମାଞ୍ଚ-ବିସ୍ମୟକର ସ୍ୱତନ୍ତ୍ର ସଂସାର ସୃଷ୍ଟି କରିପାରେ । ବାସ୍ତବ ଜୀବନରେ ଯାହା ସମ୍ଭବ ନହୁଏ, କାହାଣୀର କଳ୍ପଲୋକରେ ତା'ର ପରିପୂର୍ତ୍ତି ଘଟେ । ତେଣୁ ବାଳକଠାରୁ ବୃଦ୍ଧ, ଶିକ୍ଷିତଠାରୁ ଅଶିକ୍ଷିତ, ପ୍ରଜାଠାରୁ ରାଜା ସମସ୍ତ ଲୋକ ଏହାର ଶ୍ରୋତା । ଏହାର ଲୋକପ୍ରିୟତାକୁ ନାଟ୍ୟକାର ମିଶ୍ର ଉପଲବ୍ଧିକରି 'ଜଣେ ରାଜା ଥିଲେ' ନାଟକର କାହାଣୀ ସଂରଚନାରେ ଲୋକକାହାଣୀ ଶୈଳୀର ପ୍ରୟୋଗ କରିଛନ୍ତି ।

୧୯୮୧ ମସିହା ନେଭମ୍ବର ୬ ତାରିଖରେ ସଚ୍ଚି ଦାସଙ୍କ ନିର୍ଦ୍ଦେଶନାରେ ଏହା ରବୀନ୍ଦ୍ର ମଣ୍ଡପଠାରେ ସର୍ବ ପ୍ରଥମେ ଅଭିନୀତ ହୋଇଥିଲା । ଏହା ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା ୧୯୮୩ ମସିହାରେ । ଏହାର କଥାବସ୍ତୁ 'ବତ୍ରିଶ ସିଂହାସନ' କଥା ଆଧାରିତ । ଲୋକକାହାଣୀର ରାଜା, ରାଣୀ, ମନ୍ତ୍ରୀ ଚରିତ୍ର ଭଳି ଏହି ନାଟକ ମଧ୍ୟ ରାଜା (ସୁରେନ୍ଦ୍ର ପ୍ରତାପ), ରାଣୀ (ପୁତ୍ତଳିକା), ମନ୍ତ୍ରୀ, ସେନାପତି, କଟୁଆଳ, ସାଧବ ଭଳି ଚରିତ୍ରମାନଙ୍କୁ ନେଇ ଗତିଶୀଳ।

'ବତ୍ରିଶ ସିଂହାସନ କଥା'ରେ ଶିବ ଇନ୍ଦ୍ରଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଏକ ସିଂହାସନ ପ୍ରଦାନ କରିଥିଲେ । ମାତ୍ର ଇନ୍ଦ୍ର ଚିନ୍ତାକଲେ ଏହି ସିଂହାସନଟି ତାଙ୍କ ପାଇଁ ନୁହେଁ ବରଂ ତାଙ୍କଠାରୁ ଆହୁରି ଯୋଗ୍ୟ ବ୍ୟକ୍ତି ଏହାର ଅଧିକାରୀ ହେବା ଉଚିତ୍। ତେଣୁ ସେ ବହୁ ଯତ୍ନରେ ସେହି ସିଂହାସନଟିକୁ ସାଇତି ରଖିଲେ । ପାର୍ବତୀଙ୍କଠାରୁ ଅଭିଶାପ ପାଇ ୩୨ ଜଣ ଅପ୍ସରୀ ସେହି ସିଂହାସନରେ ବତିଶଟି ପୁତ୍ତଳିକା ଭାବେ ରହିଥିଲେ । ସାପ ମୋଚନର ଉପାୟ ସ୍ୱରୂପ ପାର୍ବତୀ କହିଥିଲେ- "ଏହି ସିଂହାସନଟି ଦିନେ ମର୍ତ୍ତ୍ୟର ରାଜା ବିକ୍ରମାଦିତ୍ୟଙ୍କ ଦରବାରରେ ପହଞ୍ଚିବ, ତାଙ୍କ ପରେ କିଛି କାଳ ଅନ୍ତେ ସେହି ସିଂହାସନ ଭୋଜରାଜଙ୍କଦ୍ୱାରା ଆବିଷ୍କୃତ ହେବ। ଯେତେବେଳେ ଭୋଜରାଜ ସେହି ସିଂହାସନ ଆରୋହଣ କରିବାକୁ ଇଚ୍ଛା କରିବେ ତୁମେମାନେ ଜଣ ଜଣ କରି ରାଜା ବିକ୍ରମାଦିତ୍ୟଙ୍କର ତ୍ୟାଗ, ନିଷ୍ଠା ଓ ବୀରତ୍ୱର କାହାଣୀ ଶୁଣାଇବା ପରେ ତମେ ସମସ୍ତେ ସାପ ମୁକ୍ତ ହେବ।" ଇନ୍ଦ୍ର ରାଜା ବିକ୍ରମାଦିତ୍ୟଙ୍କୁ ସିଂହାସନଟି ପ୍ରଦାନ କଲେ । ତାଙ୍କ ଅନ୍ତେ ସିଂହାସନରେ ଯେତେବେଳେ ତାଙ୍କ ପୁତ୍ର ବସିବା ପାଇଁ ଗଲେ ସେତେବେଳେ ଶୂନ୍ୟବାଣୀ ହେଲା- "ଏ ସିଂହାସନଟି କେବଳ ରାଜା ବିକ୍ରମାଦିତ୍ୟଙ୍କର, ସେ ହିଁ କେବଳ ଏହା ଆରୋହଣ କରିପାରିବେ" । ଏହା ଶୁଣି ବିକ୍ରମାଦିତ୍ୟଙ୍କ ପୁତ୍ର ଏହାକୁ ଏକ ଉତ୍ତମ ଭୂମିରେ ପୋତିଦେବା ପାଇଁ ନିଜର ଅନୁଚରମାନଙ୍କୁ ଉପଦେଶ ଦେଲେ । ଅନେକ ବର୍ଷ ବିତିଗଲା ପରେ ସେହି ଜମିଟି ରାଜା ଭୋଜଙ୍କ ଶାସନ ସମୟରେ ଜଣେ ବ୍ରାହ୍ମଣର ଅଧିକାରକୁ ଆସିଥିଲା । ଯେଉଁ ସ୍ଥାନରେ ସିଂହାସନଟି ପୋତା ଯାଇଥିଲା ସେହି ସ୍ଥାନରେ ବ୍ରାହ୍ମଣ ଗୋଟିଏ ଭାଡ଼ି କରିଥିଲା, ପକ୍ଷୀମାନଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ । ଦିନେ ରାଜା ଭୋଜ ନିଜ ସୈନ୍ୟ ସାମନ୍ତଙ୍କୁ ଧରି ସେହି ପଥରେ ଗଲାବେଳେ ଭାଡ଼ି ଉପରେ ବସିଥିବା ବ୍ରାହ୍ମଣଟି ତାଙ୍କୁ ନିଜ ଜମିରୁ ଆଖୁ ଖାଇ ନିଜ ଓ ନିଜ ସୈନ୍ୟସାମନ୍ତଙ୍କର ତୃଷା ନିବାରଣ ନିମନ୍ତେ ଅନୁରୋଧ କଲା। ରାଜା ଓ ତାଙ୍କ ପାତ୍ରମନ୍ତ୍ରୀ ଯେତେବେଳେ ଆଖୁ ଖାଉଥିଲେ ସେହି ସମୟରେ କିଛି ପକ୍ଷୀଙ୍କୁ ଘଉଡ଼ାଇବା ନିମନ୍ତେ ବ୍ରାହ୍ମଣଟି ମଞ୍ଚା ତଳକୁ ଓହ୍ଲାଇ ଆସିଲା ଓ ରାଜାଙ୍କୁ ଆଖୁ ଖାଇବାର ଦେଖି ଜଣେ ଗରିବ ବ୍ରାହ୍ମଣର ଉପାର୍ଜନକୁ ନଷ୍ଟ କରୁଥିବାରୁ ବହୁ ତିରସ୍କାର କଲା । ଭୋଜରାଜ ନିଜ ପାତ୍ରମନ୍ତ୍ରୀଙ୍କ ସହ ସେ ସ୍ଥାନ ଛାଡ଼ି ଚାଲିଯିବା ସମୟରେ ପୁଣି ବ୍ରାହ୍ମଣଟି ମଞ୍ଚ ଉପରେ ବସି ପୂର୍ବଭଳି ଆଖୁ ଖାଇବା ପାଇଁ ରାଜାଙ୍କୁ ନିମନ୍ତ୍ରଣ କଲା ଏବଂ କିଛି ସମୟ ପରେ ମଞ୍ଚାରୁ ତଳକୁ ଓହ୍ଲାଇ ପୂର୍ବବତ ତିରସ୍କାର କଲା। ବ୍ରାହ୍ମଣର ଏପରି ବ୍ୟବହାର ଦେଖି ଭୋଜରାଜ ବ୍ରାହ୍ମଣ ବସିଥିବା ମଞ୍ଚା ତଳ ଅଂଶକୁ ଖୋଳିବାକୁ ଆଦେଶ ଦେଲେ । ସେଠାରୁ ଦିବ୍ୟ ସିଂହାସନଟିକୁ ନିଜ ପ୍ରାସାଦକୁ ନେଇ ଆସିଲେ । ରାଜା ଯେବେ ସେହି ସିଂହାସନ ଆରୋହଣ କରିବାକୁ ଗଲେ ପୂର୍ବ ସୂଚନା ଅନୁଯାୟୀ ଜଣେ ଜଣେ ପୁତ୍ତଳିକା ରାଜା ବିକ୍ରମାଦିତ୍ୟଙ୍କ ବୀରତ୍ୱର କାହାଣୀମାନ କହି ଅଦୃଶ୍ୟ ହୋଇଗଲେ ।

ଏହି କାହାଣୀରୁ ସିଂହାସନ, ସିଂହାସନ ନିମନ୍ତେ ଉପଯୁକ୍ତ ବ୍ୟକ୍ତି/ପାର୍ଥୀ, ପୁତ୍ତଳିକା, ସିଂହାସନ ଆରୋହଣକାରୀର ସ୍ୱଭାବ ଆଦି ଉପାଦାନ ନେଇ ନାଟ୍ୟକାର 'ଜଣେ ରାଜା ଥିଲେ' ନାଟକଟି ପରିବେଷଣ କରିଛନ୍ତି ।

ନାଟକରେ ଜଣେ ସ୍ୱେଚ୍ଛାଚାରୀ ଶାସକ ଓ ତା'ର ଶାସନ ବ୍ୟବସ୍ଥା ଏବଂ ତା' ମଧ୍ୟରେ ନିପୀଡ଼ିତ ପ୍ରଜାକୁଳର କାହାଣୀ ଦେଖିବାକୁ ମିଳେ । ଏ ନାଟକରେ ରାଜା ସୁରେନ୍ଦ୍ର ପ୍ରତାପ ନିଜ ପାତ୍ରମନ୍ତ୍ରୀ ଓ ପ୍ରଜାକୁଳକୁ ଓଟ ମୁହାଁ ଏବଂ ରାଣୀଙ୍କୁ ଗୋଟିଏ ପୁତ୍ତଳିକା ଭାବେ ବଞ୍ଚିବା ପାଇଁ ବାଧ୍ୟ କରିଛି । ଏହାସହ ନିଜ ରାଜ୍ୟର ବିଜ୍ଞ ବ୍ୟକ୍ତିମାନଙ୍କର ମସ୍ତକର ମୂଲ୍ୟ ୩୦ ହଜାର ଘୋଷଣା କରିଛି । ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାରେ ଯୁଗ ଯୁଗ ଧରି ବିଜ୍ଞ ବ୍ୟକ୍ତିମାନେ ଶାସନର ରଥଚକ ତଳେ ନିଷ୍ପେଷିତ ହୋଇଛନ୍ତି । ଯାହା ଏହି ନାଟକର ତିନିଜଣ ବିଜ୍ଞ ବ୍ୟକ୍ତି ଧୁରନ୍ଧର, ବିଶାଳବାହୁ ଓ ବିଦ୍ୟାଧର ସହ ଘଟିଛି । ଏମାନେ ରାଜାଙ୍କ ଆଦେଶରେ ଓଟମୁହାଁ ହୋଇ ନାହାନ୍ତି । ଅର୍ଥାତ ଓଟଙ୍କ ଭଳି ପରିସ୍ଥିତି ସହ ସାଲିସ୍ କରି କଣ୍ଟା ସିଜୁ ଚୋବାଇବାକୁ ପସନ୍ଦ କରି ନାହାଁନ୍ତି । ବରଂ ଏମାନେ ସମସ୍ତେ ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି, ରାଜାଙ୍କ ଶାସନ ବିରୋଧରେ ଏମାନେ ସ୍ୱର ଉଠାଇଛନ୍ତି । ଜଣେ ଉପଯୁକ୍ତ ବ୍ୟକ୍ତିକୁ ଖୋଜୁଛନ୍ତି, ଯିଏ କି ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାର ବିଲୋପ କରି ପ୍ରଜାକୁଳକୁ ମୁକ୍ତି ଦେବ । ସେମାନେ ନିରଞ୍ଜନକୁ ପାଇଛନ୍ତି ଯିଏ ଓଟ ମୁହାଁମାନଙ୍କ ମଧ୍ୟରୁ ଜଣେ । ସେମାନେ ତାକୁ ମଣିଷର ଜ୍ଞାନ, ବୁଦ୍ଧି, ଭାଷା ଓ ଚକ୍ଷୁ ପ୍ରଦାନ କରି ଜଣେ ବିଜ୍ଞ ବ୍ୟକ୍ତି ବା ସ୍ୱାଧୀନ ଚିନ୍ତାର ବ୍ୟକ୍ତିରେ ପରିଣତ କରିଛନ୍ତି । ନିରଞ୍ଜନ ସହ ସେ ଦେବୀକୁ ପଠାଇଛନ୍ତି, ଓଟ ମୁହାଁମାନଙ୍କୁ ମଣିଷମୁହାଁ କରିବା ନିମନ୍ତେ । ଦେବୀ ଏଠାରେ ବିବେକର ପ୍ରତୀକ । ଏପରି ମଧ୍ୟ କୁହାଯାଇ ପାରେ ଯେ, ସେ ହେଉଛି ପରୀକାହାଣୀର କୌଣସି ଏକ 'ଅଲୌକିକ ବସ୍ତୁ' ଯାହାର ସ୍ପର୍ଶ ମାତ୍ରକେ ସବୁକିଛି ପରିବର୍ତ୍ତୀତ ହୋଇଯାଏ । ଓଟମୁହାଁମାନେ ହୋଇଯାନ୍ତି ମଣିଷମୁହାଁ ।

ଦେବୀ ସହ ନିରଂଜନ ରାଜପ୍ରସାଦରେ ପହଞ୍ଚି ସେଠାରେ ସେ ରାଣୀ ପୁତ୍ତଳିକା, ମନ୍ତ୍ରୀ, ସେନାପତି, କଟୁଆଳ ଓ ସାଧବ ସଭିଙ୍କୁ ନିଜ ବିବେକ ସହ ପରିଚିତ କରାଇ ଦେଇଛି । ଦେବୀର ସ୍ପର୍ଶ ମାତ୍ରକେ ସେମାନେ ନିଜ ବିବେକ ସହ ପରିଚିତ ହୋଇଛନ୍ତି ଓ ନିଜକୁ ଚିହ୍ନି ପାରିଛନ୍ତି । ଦୀର୍ଘ ଦିନ ଧରି ଯେଉଁ ରାଜାର ଆଦେଶରେ ସେମାନେ ଓଟ ଭଳି ସବୁ ଆଦେଶ ମାନି ଆସିଥିଲେ ତା'ର ବିରୋଧ କରିବାକୁ ଆଗେଇ ଆସିଛନ୍ତି । ସେମାନେ ଆଉ ରାଜାଙ୍କ କଥା ମାନି ନାହାନ୍ତି । ରାଣୀ ଆଉ ପୁତ୍ତଳିକା ହୋଇ ରହି ନାହିଁ । ରାଜା ହାତର କଣ୍ଢେଇଟିଏ ହୋଇ ସେ ଉଠ କହିଲେ ଉଠିବା ବସ କହିଲେ ବସିବା ଓ ପୁତ୍ତଳିକା ଏହି ଗୋଟିଏ ଶବ୍ଦ ଉଚ୍ଚାରଣ ଛଡ଼ା ଅନ୍ୟ କୌଣସି ଶବ୍ଦ ଉଚ୍ଚାରଣ କରୁନଥିଲେ, ଦେବୀର ସ୍ପର୍ଶ ମାତ୍ରକେ ସେ ଆପଣର ସ୍ୱାଧୀନତା କ'ଣ ଜାଣିପାରି ରାଜାର ଶାସନ ବିରୋଧରେ ସ୍ୱର ଉଠାଇଛନ୍ତ ଓ ରାଜାଙ୍କୁ ଅନ୍ୟାୟ କରୁଛନ୍ତି ବୋଲି କହିଛନ୍ତି ।

ଅତ୍ୟାଚାରିତ ହୋଇଥିବା ସମସ୍ତ ଜନତା, ପାତ୍ରମନ୍ତ୍ରୀ ଓ

ରାଣୀ ସମସ୍ତେ ମିଶି ରାଜା ସୁରେନ୍ଦ୍ର ପ୍ରତାପଙ୍କୁ ରାଜ ଗାଦିରୁ ଗାଦିଚ୍ୟୁତ କରାଇ ନିରଂଜନଙ୍କୁ ସିଂହାସନ ଆରୋହଣ କରାଇଛନ୍ତି । କିନ୍ତୁ ନିରଂଜନ ରାଜଗାଦିରେ ବସିବା ପରେ ବତ୍ରିଶ ସିଂହାସନ ଗଳ୍ପର କୃଷକ ଭଳି ତା'ର ସ୍ୱଭାବରେ ପରିବର୍ତ୍ତନ ଅସିଛି । ଅବଶ୍ୟ ଗଳ୍ପରେ କୃଷକଟି ମଂଚା ଉପରେ ବସିବା ପରେ ଉତ୍ତମ ସ୍ୱଭାବର ବ୍ୟକ୍ତିରେ ପରିଣତ ହୋଇଥିବା ବେଳେ ନିରଂଜନ ସିଂହାସନ ଆରୋହଣ କରି ଅତ୍ୟାଚାରୀ ରାଜାରେ ପରିଣତ ହୋଇଛି । ଯେଉଁ ଶାସନକୁ ବା ରାଜାର ଅତ୍ୟାଚାରକୁ ସେ ବିରୋଧ କରୁଥିଲା, ସିଂହାସନ ଆରୋହଣ ପରେ ସେ ମଧ୍ୟ ତଦନୁରୂପ କାର୍ଯ୍ୟ କରିଛି । ସିଂହାସନ ଆରୋହଣ ପରେ ସେ ଆଦେଶ ଦେଇଛି- "ମଣିଷ ମୁହାଁମାନଙ୍କୁ ନେଇ ରାଜ୍ୟଶାସନ ହେଇ ପାରେନା । ଦୈବାତ୍ ତମେମାନେ ମଣିଷମୁହାଁ ହୋଇଯାଇଚ । ତେଣୁ ରାଜା ହିସାବରେ ମୋର ତୁମମାନଙ୍କୁ ଆଦେଶ, ଆଜିଠାରୁ ଶାସନର ସୁବିଧା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଓଟ ମୁଖା ପିନ୍ଧିବେ । xxx ଏବଂ ରାଣୀ ସେଇ କଣ୍ଢେଇ ହେଇ ରହିବେ । ତାଙ୍କ ନାଁ ହେବ ପୁତ୍ତଳିକା । xxx ଗୁମ୍ଫାରେ ରହିଥିବା ସେହି ତିନିଜଣ ବ୍ୟକ୍ତିଙ୍କ ମସ୍ତକର ମୂଲ୍ୟ ପ୍ରତ୍ୟେକ ତିରିଶ ହଜାର ସ୍ୱର୍ଣ୍ଣମୁଦ୍ରା, ଜୀବିତ କିମ୍ବା ମୃତ । ନୂଆ ଗୀତ ନୁହେଁ, ସେଇ ପୁରୁଣା ଜାତୀୟ ସଂଗୀତ ଦରବାରରେ ବୋଲାଯିବ । କିନ୍ତୁ ଭଣିତାରେ କହେ ରାଜା ସୁର ନହୋଇ, କହେ ରାଜା ନିର ହେବ । xxx "[୧]

ଏହାପରେ ରାଜାର ଆଦେଶ ଅନୁଯାଇ ସମସ୍ତେ ଓଟ ମୁଖା ପିନ୍ଧି ପୂର୍ବ ଭଳି ଆଣ୍ଠେଇ ପଡ଼ିଲେ ଓ ରାଣୀ ପୁତ୍ତଳିକାର ଆବରଣ ଭିତରକୁ ଫେରିଗଲେ, ଏହାପରେ ଜାତୀୟ ସଂଗୀତଟି ବୋଲାଗଲା । ଏହି ସମୟରେ ଦେବୀ ଯେ କି ବିବେକର ପ୍ରତୀକ ସେ କାନ୍ଦିବାରେ ଲାଗିଲା । ତା'ର ଆଖିର ଲୁହ ଯେପରି କେବେ ବନ୍ଦ ହେବ ନାହିଁ । ଅବଶ୍ୟ ନାଟକର ଶେଷରେ ନାଟ୍ୟକାର ପରିବର୍ତ୍ତନ ପାଇଁ ଆଶାବାଦୀ ହୋଇଉଠି ଦର୍ଶକଙ୍କ ପାଇଁ ଅନେକ ପ୍ରଶ୍ନ ଛାଡ଼ିଯାଇଛନ୍ତି । ବିବେକର ବାଣୀ ହୋଇ ସେ ଶୁଣାଇଛନ୍ତି- "ଦିନେ ନା ଦିନେ ଦେବୀର କାନ୍ଦ ହସରେ ପରିଣତ ହେବ । ଦିନେ ନା ଦିନେ ଗୁମ୍ଫାର ଅନ୍ଧାର ଭିତରେ ସଢୁ ଥିବା ବିଜ୍ଞମାନେ ମୁକ୍ତ ହେବେ । ଦିନେ ନା ଦିନେ ଓଟମୁହଁ ସବୁ ମଣିଷର ମୁହଁକୁ ରୂପାନ୍ତରିତ ହେବ କିମ୍ବା ସେମାନେ ଓଟ ମୁଖା ଫିଙ୍ଗି ଦେଇ ମଣିଷ ହେଇଯିବେ । କିନ୍ତୁ ସେ ଦିନ କେବେ ଆସିବ, କେବେ? କେବେ? କେବେ?"[୨]

ସମୟ ଅନୁସାରେ ସିଂହାସନ ଆରୋହଣ କରୁଥିବା ରାଜାମାନଙ୍କର ନାମରେ ଖାଲି ପରିବର୍ତ୍ତନ ଆସେ, କିନ୍ତୁ ସେମାନଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଆସେ ନାହିଁ । ପ୍ରଜାମାନେ ନୂଆ ରାଜା ଆସିବା ଖୁସିରେ ମସଗୁଲ୍ ରୁହନ୍ତି, ଭାବନ୍ତି ଏ ନୂଆ ରାଜା ସେମାନଙ୍କର ସବୁ ସମସ୍ୟାର ସମାଧାନ କରିଦେବ କିନ୍ତୁ ଯୁଗ ପରେ ଯୁଗ ବଦଳେ ରାଜା ବଦଳନ୍ତି, ହେଲେ ଲୋକମାନଙ୍କର ଆଶା ଆଶାରେ ହିଁ ରହିଯାଏ । କିଛି ପରିବର୍ତ୍ତନ ଘଟେ ନାହିଁ। ନାଟ୍ୟକାରଙ୍କ ଭାଷାରେ- "xxx ସବୁ ଯୁଗରେ, ସବୁ କାଳରେ, ସବୁଠାରେ ରାଜାମାନେ ଏକାପରି । xxx ଓଟମୁହାଁ, ଘୋଡ଼ାମୁହାଁ, ଗଧମୁହାଁ, ମାଙ୍କଡ଼ ମୁହାଁ ପ୍ରଜାମାନେ ଅଛନ୍ତି, ସ୍ଥାନ କାଳ ପାତ୍ର ପରିବେଶରେ ସେମାନଙ୍କ ମୁହଁ ଅଲଗା ଅଲଗା ହୋଇପାରେ, କିନ୍ତୁ ମୁକୁଟ ସର୍ବସ୍ୱ ରାଜାମାନେ ଅଲଗା ହୁଅନ୍ତି ନାହିଁ, ବଦଳନ୍ତି ନାହିଁ । xxx"[୩]

ଏଥିରେ ମଧ୍ୟ ଲୋକକାହାଣୀ କହିବା ଭଳି ନାଟ୍ୟକାର ନିରଂଜନ ମୁଖରେ କାହାଣୀ ଶୁଣାଇଛନ୍ତି ଏବଂ ଲୋକକାହାଣୀରେ ଥିବା ଦୃଶ୍ୟ ଭଳି ଏକ ଦୃଶ୍ୟର ମଧ୍ୟ ବର୍ଣ୍ଣନା ଦେଇଛନ୍ତି, ଏହିଭଳି- ନିରଂଜନ ଓଟ ମୁହାଁରୁ ମଣିଷ ମୁହାଁ ହେବାର ଏକ ଔଷଧ ଆଣିଛି ଏବଂ ସେହି ଔଷଧଟି ସେ କେଉଁଠାରୁ ପାଇଲାବୋଲି ସେନାପତି ଓ ମନ୍ତ୍ରୀ ପ୍ରଶ୍ନ କରିବାରୁ ସେ ସେମାନଙ୍କୁ ଏକ ଗପ ଶୁଣାଇଛି, ଠିକ୍ ଆଇମା କାହଣୀ ଭଳି- "ନିରଂଜନ- ସେ ଗୋଟିଏ ଅଗନା ଅଗନି ବନସ୍ତ । ସେଇଠି ଅଛି ଗୋଟିଏ ନଣ୍ଡା ପର୍ବତ । ଏକ ପାଦିଆ ରାସ୍ତାରେ ପାହାଡ଼ ଉଠିଲେ ଦେଖିବେ, ନଗା ନଗି ହେଇ ତିନୋଟି ତାଳଗଛ । ତାଳଗଛ ପାଖରେ ଗୁମ୍ଫା । ଗୁମ୍ଫା ଭିତରେ ବସିଥିଲା। ସମସ୍ତେ- କିଏ? ନିରଂଜନ- (ଦେବୀକୁ ଦେଖେଇ) ଔଷଧ । ଏକା ପାନକେ ଓଟ ମୁହଁରୁ ମଣିଷ ମୁହଁ ।"[୪]

ସେହିଭଳି ଅନ୍ୟ ଏକ ସ୍ଥାନରେ ଲୋକ କାହାଣୀର ଦୃଶ୍ୟ ବର୍ଣ୍ଣନା ଭଳି ବର୍ଣ୍ଣନା କରିଛନ୍ତି ନାଟ୍ୟକାର, ଏହିପରି- "ଦେବୀର ହାତ ଧରି ନିରଂଜନ ଚାଲିବାକୁ ଲାଗିଲା । ଚାଲିଛି ଯେ ଚାଲିଛି । କେତେ ଖୋଲା ଘର, ମେଲା ଘର, ଗମ୍ଭିରି ଘର, କେତେ ବାରଣ୍ଡା, ଅଳିନ୍ଦ, ଭିତର ମେଲା, ବାହାର ମେଲା, କେତେ ଗନ୍ତାଘର, ସାଜଘର, ଶୋଇବା ଘର, ବସିବା ଘର ପାର ହୋଇ ଚାଲିଚି । ତା'ର କଳନା ନାହିଁ । କୋଉଠି ପାଇକ ତରବାରୀ ପଜଉଚି ତ କୋଉଠି ରାନ୍ଧୁଣିଆ ରାନ୍ଧୁଚି, ଗାଉଣିଆ ଗାଉଚି, ନାଚାଣିଆ ନାଚୁଚି । କେହି ଆସିଲେ ନିରଂଜନ ଲୁଚି ଯାଉଚି, ଚାଲିଗଲେ ବାହାରି ପଡୁଚି ଫେର୍ ଆଗଉଚି ଏମିତି ଯାଉଁ ଯାଉଁ ହଠାତ୍ ସେ ଗୋଟିଏ ମହଲ ଭିତରେ ପଶିଗଲା । xxx "[୫]

ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାର ବାସ୍ତବ ଓ ଘୃଣ୍ୟ ଚିତ୍ରକୁ ଲୋକକାହାଣୀର ଶୈଳୀ ମାଧ୍ୟମରେ ବ୍ୟଙ୍ଗାତ୍ମକ ଭାବେ ନାଟ୍ୟକାର ଉକ୍ତ ନାଟକରେ ପ୍ରକାଶ କରିଛନ୍ତି । ଯାହା ଦର୍ଶକଙ୍କ ବୋଧଗମ୍ୟ ହେବା ସହ ନାଟକ ଦେଖିବା ପାଇଁ ତାଙ୍କ ମନରେ ପୁନଶ୍ଚ ଆଗ୍ରହ ଜନ୍ମାଇବାରେ ସମର୍ଥ ହୋଇଛି।

କଥାଣି ଶୈଳୀ :

BINDU BIMARSHA...

ଲୋକ କାହାଣୀ କହିବା ପୂର୍ବରୁ କଥକ ପ୍ରଥମେ ଶ୍ରୋତାଙ୍କ ମନ ଜିଣିବା ଉଦ୍ଦେଶ୍ୟରେ କଥାଣି/ କଥାନିର ପ୍ରୟୋଗ କରିଥାନ୍ତି । ଏହି କଥାଣି ଶ୍ରୋତା ମନରେ କାହାଣୀ ଶୁଣିବା ପାଇଁ ଆଗ୍ରହ ଜନ୍ମାଏ । ଏହା ପରେ ଗଳ୍ପର ମୁଖ୍ୟ ଅଂଶ କଥକ ଶୁଣାଏ । କାହାଣୀର ଶେଷରେ ମଧ୍ୟ କଥକ ଆଉ ଏକ କଥାଣି ସଂଯୋଗ କରି କାହାଣୀର ସମାପ୍ତି ଘଟାଏ । ଏହିପରି -"କଥାଟିଏ କହୁଁ କଥାଟିଏ କହୁଁ ।/କିସ କଥା? ବେଙ୍ଗୁଲୀ କଥା/କି ବେଙ୍ଗ? ଠୁରା ବେଙ୍ଗ ।/xxx କି କଣ୍ଟା? କାନକୋଳି କଣ୍ଟା ।/ଯହିଁରେ ଲାଗିବ ଲଟାପଟା ।"[୬]

ନାଟ୍ୟକାର ମିଶ୍ର 'ଜଣେ ରାଜା ଥିଲେ' ନାଟକର ସଂଳାପରେ ଏହି ଶୈଳୀର ପ୍ରୟୋଗ କରିଛନ୍ତି । ମନ୍ତ୍ରୀ, ସେନାପତି, ସାଧବ ଓ କଟୁଆଳଙ୍କ ଉପରେ ଏତେ ଦିନ ଧରି ରାଜା ଯେଉଁ ସ୍ୱେଚ୍ଛାଚାରିତା ବିସ୍ତାର କରି ସେମାନଙ୍କୁ ମଣିଷମୁହାଁରୁ ଓଟମୁହାଁ କରିଦେଇଥିଲା, ଦେବୀର ସ୍ପର୍ଶ ମାତ୍ରେ ସେମାନେ ନିଜ ବିବେକର ଭାଷା ଶୁଣି ପାରିଛନ୍ତି ଏବଂ ସେମାନଙ୍କର ଆଖିରେ ପଡ଼ିଥିବା ପରଦା ଖୋଲିଯାଇଛି । ରାଜା ଦରବାରକୁ ଆସିବାର ଘୋଷଣା ଶୁଣିବା ପରେ ଦେବୀ ଓ ନିରଂଜନ ଲୁଚି ଯାଇଛନ୍ତି । ଦରବାର ଭଙ୍ଗ ପରେ ଏମାନେ ଅଲଗା ଅଲଗା ହୋଇ ଦେବୀ ଓ ନିରଂଜନକୁ ଖୋଜିଛନ୍ତି । ସମସ୍ତେ ଗୋଟିଏ

ସ୍ଥାନରେ ଏକାଠି ହେବା ପରେ ପରସ୍ପରର ଆସିବାର ଉଦ୍ଦେଶ୍ୟ ବୁଝି ପାରିଛନ୍ତି । ଏହି ସମୟରେ ଯେଉଁ ସଂଳାପର ପ୍ରୟୋଗ ନାଟ୍ୟକାର କରିଛନ୍ତି ତାହା ଲୋକ କାହାଣୀ କଥାଣି ଶୈଳୀର-

"ସେନାପତି- କ'ଣ ବୁଝିବାକୁ ଆସିଥିଲ?

କଟୁଆଳ- ନିଜ ନିଜ ଭିତରେ ଯୁଦ୍ଧ କରି ଆଜି ଆଉ କେତେ ଜଣଙ୍କର ମରିବାର ଅଛି।

ମନ୍ତ୍ରୀ- (ସାଧବକୁ) ଆଉ ତମେ?

ସାଧବ- (ଛାନିଆଁରେ) କଟୁଆଳ, ମୁଁ କ'ଣ ପାଇଁ ଆସିଥିଲିଟି?

ସେନାପତି- ଘଷର ଘଷର ପଥର ଘଷର, ତହିଁରୁ ବହୁଟି ପାଣି,

ମନ୍ତ୍ରୀ- ତମେ ଯେଉଁ ପାଇଁ ଲସର ପସର, ଆମେ ସେ କଥାଟି ଜାଣି।

ସାଧବ- କି- କି କଥା?

ସେନାପତି- ବେଙ୍ଗୁଲି କଥା।

ମନ୍ତ୍ରୀ- କି ବେଙ୍ଗୁଲି?

ସେନାପତି- କାଠ ବେଙ୍ଗୁଲି।

ମନ୍ତ୍ରୀ- କି କାଠ?

ସେନାପତି- ଚନ୍ଦନ କାଠ।

ମନ୍ତ୍ରୀ- କି ଚନ୍ଦନ?

ସେନାପତି- ସାଙ୍ଗରେ ଯାହାର ଦେବୀ ଅଛି ।

ମନ୍ତ୍ରୀ- ନାଁଟି ତା'ର ନିରଂଜନ ।"[୭]

ଲୋକଗୀତ ଶୈଳୀ :

ମଣିଷ ତା'ର ସୃଷ୍ଟିଲଗ୍ନରୁ ଲୋକଗୀତଗୁଡ଼ିକ ସହ ଜଡ଼ିତ । ସ୍ୱତଃସ୍ଫୂର୍ତ୍ତ ଭାବେ ମୁଖରୁ ମୁଖକୁ ଏହାର ଗତି । ଶ୍ରମ ଲାଘବ ହେଉ ବା ହେଉ କୌଣସି ମାଙ୍ଗଳିକ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତ ଏହା ଝରି ଆସେ ଲୋକଙ୍କ ମୁଖରୁ । ଲୋକଙ୍କର ଏହାପ୍ରତି ଥିବା ରୁଚିକୁ ଦେଖି ଅଶି ପୂର୍ବ ଭଳି ଅଶି ପରର ଅନେକ ନାଟକରେ ନାଟ୍ୟକାରମାନେ ଏହାର ପ୍ରୟୋଗ କରିଛନ୍ତି ।

ଉକ୍ତ ନାଟକରେ ଲୋକଗୀତ ଶୈଳୀରେ ସଂଗୀତ ସଂଯୋଜିତ ହୋଇଛି । ନାଟ୍ୟକାର ଏହି ନାଟକର ସଂଗୀତ ସମ୍ପର୍କରେ କୁହନ୍ତି- "ସଂଗୀତ ଏ ନାଟକର ଏକ ବିଶେଷ ଅଙ୍ଗ । ଏ ନାଟକରେ ଦୁଇଟି ଜାତୀୟ ସଂଗୀତ ରହିଛି । ତା'ର ସ୍ୱର ଏପରି ହେବା ଉଚିତ ଯେପରି ତାହା ଖୁବ୍ ସହଜରେ ବୋଲା ଯାଇପାରିବ ।"[୮] ଲୋକଗୀତର ବୈଶିଷ୍ଟ୍ୟ ହେଉଛି ସହଜ-ସରଳ ପଦାବଳୀ ଓ ଗୀତିମୟତା, ଏହି ଅନୁଯାଇ ନାଟ୍ୟକାରଙ୍କ ଉକ୍ତି ଗ୍ରହଣଯୋଗ୍ୟ । ନାଟକରେ ଲୋକଗୀତ ଶୈଳୀରେ ସଂଯୋଜିତ ଜାତୀୟ ସଂଗୀତ ଦୁଇଟି ଏହିପରି- "ଓଟ ଭଳି ଜୀବ ନାହିଁରେ ଭାଇ / ଶାନ୍ତି ତୁ ପାଇବୁ ଯା' ଓଟ ହୋଇ/ପିଠିରେ କୁଜଟା କି ମନୋହର / ତୋ ନିରୀହ ଆଖି ଭାରି ସୁନ୍ଦର / କଣ୍ଟା ଝଣ୍ଟା ସିଝୁ ଯା' ଖାଇଯା'/ ତାତିଲା ବାଲିରେ ଯା' ଶୋଇଯା' / ଓଟ ଭଳି ଜୀବ ନାଇଁରେ ଭାଇ / କହେ ରାଜା ସୁର ଯା' ଓଟ ହୋଇ ।"[୯] ଏହି ଗୀତଟି ନାଟକରେ ଅନେକ ଥର ପ୍ରୟୋଗ କରାଯାଇଛି । ନାଟକର ପରିସମାପ୍ତି ବେଳକୁ ଗୀତର ଶେଷ ପଦରେ କେବଳ ରାଜା ସୁର ବଦଳରେ ରାଜା ନିର ସଂଯୋଜିତ କରି ଗୀତଟି ଗାନ କରାଯାଇଛି। ଏହିଭଳି ନାଟକରେ ଆଉ ଦୁଇଟି ସଂଗୀତ ସଂଯୋଜିତ ହୋଇଛି । ନାଟକର ଆରମ୍ଭରେ ନିରଂଜନ ମଞ୍ଚକୁ ଆସିଛି ଓ ଓଟପରି ନଇଁ ନଇଁ ନାଚି ନାଚି ଗୀତ ଗାଇଛି । ଗୀତଟି ଏହିପରି- "ଓଟପରି ହେଇ ଥା'ନ୍ତି କୁଜ ଧରି ପିଠିରେ / ଖାଉଥା'ନ୍ତି କଣ୍ଟାସିଝୁ ବୁଲି ମରୁଭୂମିରେ। / ରାଜା ମନ୍ତ୍ରୀ ସେନାପତି ମାରୁଥାନ୍ତେ କୋରଡ଼ା / ହସି ହସି ସହୁଥାନ୍ତି(ତାଙ୍କ) ନାଲି ଆଖି ଦୁରୁଡ଼ା।"[୧୦] ପୁନଶ୍ଚ ରାଜା ସୁରପ୍ରତାପ ବିରୋଧରେ ସମସ୍ତେ ଏକତ୍ରିତ ହୋଇ ଏକ ବିପ୍ଳବାତ୍ମକ ଗୀତ ଗାଇଛନ୍ତି, ଯାହାକି ଲୋକଗୀତ ଶୈଳୀରେ ରଚିତ। ଗୀତଟି-"ଓଟଠାରୁ ହିନ ଜୀବ ନାହିଁରେ ଭାଇ/ପାରିବୁନି କଣ୍ଟାସିଝୁ ଆଉ ଚୋବାଇ/ଆମେ ସବୁ ଆସିଅଛୁଁ ତାତିଲା ବାଲିରୁ,/ଟାଣି ଆଣ ସେ ରାଜାକୁ ତା' ସିଂହାସନରୁ।"[୧୧]

ଏହି ଗୀତଗୁଡ଼ିକ ସହଜ ଓ ସରଳ ପଦାବଳୀ ବିଶିଷ୍ଟ । ତେଣୁ ଲୋକଗୀତର ଶୈଳୀ ସଂଯୋଜନା ଦୃଷ୍ଟିରୁ ନାଟକଟି ସଫଳ।

କଣ୍ଢେଇ ନାଟ୍ୟ ଶୈଳୀ :

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ କଣ୍ଢେଇ ନାଟ୍ୟ ଏକ ଅତି ଲୋକପ୍ରିୟ ଲୋକନାଟ୍ୟ । ଜଡ଼ ନୃତ୍ୟର ଏହା ଏକ ସ୍ୱତନ୍ତ୍ର ରୂପ । ସୂତା କଣ୍ଢେଇ, ସଖୀ କଣ୍ଢେଇ, କାଠି କଣ୍ଢେଇ ଓ ଛାୟା କଣ୍ଢେଇ ଭାବେ ଏହା ବିବିଧ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ନାଚ ଦେଖାଯାଏ । କଣ୍ଢେଇ ନାଚରେ ନିର୍ଜୀବ କଣ୍ଢେଇମାନଙ୍କୁ ସୂତ୍ରଧାର ସୂତା ସାହାଯ୍ୟରେ ନଚାନ୍ତି । ସଙ୍ଗୀତକାର ସଙ୍ଗୀତ ଗାନ କରନ୍ତି ଏବଂ ସ୍ଥଳ ବିଶେଷରେ ସଂଳାପ ଉଚ୍ଚାରଣ କରନ୍ତି । ଘୋଷଣା ମାଧ୍ୟମରେ ରାମାୟଣ, ଗୋପଲୀଳା ଆଦି ପୌରାଣିକ କାହାଣୀକୁ ଏଥିରେ ଉପସ୍ଥାପନ କରାଯାଏ । ବାଦ୍ୟ ଭାବରେ ଏଥିରେ ଖଞ୍ଜଣି, ଗିନି, ରାମତାଳି ଆଦି ବ୍ୟବହାର କରାଯାଏ । ଅଶି ପରର ଅନେକ ନାଟକରେ ନାଟ୍ୟକାରମାନେ ଏହି ଶୈଳୀକୁ ନିଜ ନାଟକରେ ଅନ୍ୟ ଲୋକ ଉପାଦାନ ସହ ପ୍ରୟୋଗ କରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କୁ ମନୋରଞ୍ଜନ ଯୋଗାଇବାରେ ସମର୍ଥ ହୋଇଛନ୍ତି ।

ଉକ୍ତ ନାଟକର ରାଣୀ ପୁତ୍ତଳିକା ଚରିତ୍ରକୁ ବିଚାରକୁ ନିଆଯାଇପାରେ । ନାଟକରେ ରାଣୀ ଚରିତ୍ରକୁ କଣ୍ଢେଇ ନାଟକର ଚରିତ୍ର କଣ୍ଢେଇମାନଙ୍କ ଭଳି ସଜ୍ଜାଯାଇଛି । ରାଣୀଙ୍କ ନାମ ମଧ୍ୟ ପୁତ୍ତଳିକା । ଯାହା କଣ୍ଢେଇର ଅନ୍ୟ ନାମ । ତାଙ୍କ ରୂପ ସଜ୍ଜା ମଧ୍ୟ ଠିକ୍ କଣ୍ଢେଇ ପରି । କଣ୍ଢେଇ ପରି ଘାଘରା ଓ ବ୍ଲାଉଜ୍ ରାଣୀ ପରିଧାନ କରିଛନ୍ତି । କଣ୍ଢେଇ ନାଚରେ କଣ୍ଢେଇମାନଙ୍କର ନିଜସ୍ୱ ସ୍ୱାଧୀନତା ଯେପରି ନଥାଏ, ଅନ୍ୟର ଇଙ୍ଗିତରେ ସେମାନେ ନାଚନ୍ତି, ରାଣୀ ମଧ୍ୟ ରାଜାଙ୍କ ଇଙ୍ଗିତରେ ପରିଚାଳିତ ହୋଇଛନ୍ତି । ରାଜା ଉଠ କହିଲେ ସେ ଉଠନ୍ତି, ବସ୍ କହିଲେ ସେ ବସନ୍ତି । ରାଜାଙ୍କ ଆଦେଶରେ ତାଙ୍କ ପାଟିରୁ ଶବ୍ଦ ବାହାରେ ନଚେତ ସମସ୍ତଙ୍କ ସାମ୍ନାରେ ସେ କେବଳ ପୁତ୍ତଳିକା ହିଁ ଉଚ୍ଚାରଣ କରିଥାନ୍ତି । କାରଣ ରାଜାଙ୍କର ଏପରି ଆଦେଶ ଥାଏ । ଉଦାହରଣ ସ୍ୱରୂପ- ଦରବାରରେ ପହଞ୍ଚିଲା ପରେ ରାଣୀ ସବାରୀରୁ ଓହ୍ଲାଇ ପ୍ରହରୀ ଗହଣରେ ମଞ୍ଚା ଉପରକୁ ଉଠିଲେ ଏବଂ ତାଙ୍କ ଆସନ ପାଖରେ ଠିଆ ହେଲେ । ସମସ୍ତେ ରାଣୀଙ୍କୁ ଦରବାରକୁ ସ୍ୱାଗତ ଜଣାଇଲେ । କିନ୍ତୁ ରାଣୀ ସେହିଭଳି ଠିଆ ହୋଇ ରହିଲେ, ରାଜାଙ୍କ ଆଦେଶ ପରେ ଯାଇ ସିଂହାସନରେ ବସିଲେ ।

"ରାଜା- ମହାରାଣୀଙ୍କୁ ମୁଁ ବସିବାକୁ ଆଦେଶ କରୁଚି ।

(ମହାରାଣୀ ତାଙ୍କ ଆସନରେ ବସିଲେ । xxx)

ରାଜା- ମହାରାଣୀଙ୍କୁ ମୁଁ ପଚାରୁଚି, ଏପରି

ସୁନ୍ଦର ରାଜ୍ୟ, ଯାହାର ପ୍ରଜାମାନଙ୍କର ମୁହଁ ଓଟମୁହାଁ ପରି ତା'ଠାରୁ ସୁନ୍ଦର ରାଜ୍ୟ ସେ ଦେଖିଛନ୍ତି କି? (ମହାରାଣୀ ନୀରବ ରହିଲେ । ତା'ର କାରଣ ଉତ୍ତର ଦେବା ପାଇଁ ସେ ରାଜାଙ୍କ ଠାରୁ ଆଦେଶ ପାଇ ନଥିଲେ । ରାଣୀଙ୍କୁ ନୀରବ ରହିବା ଦେଖି ରାଜା ବିରକ୍ତ ହୋଇ ଉଠିଲେ ।)

ରାଜା- ମହାରାଣୀଙ୍କୁ ମୁଁ ଉତ୍ତର ଦେବାକୁ ଆଦେଶ କରୁଚି। ସେ କୁହନ୍ତୁ ନାଁ ।

ରାଣୀ- ନାଁ ।

ରାଜା- (ଅନ୍ୟମାନଙ୍କୁ) ରାଣୀ ଦେଖି ନାହାନ୍ତି ।

ସମସ୍ତେ- ରାଣୀ ଦେଖି ନାହାନ୍ତି, ଦେଖି ନାହାନ୍ତି ।

ରାଜା- ଓଟମୁହାଁ ଲୋକଙ୍କ ପାଇଁ ଔଚିକ ବୋଲି ମୁଁ ଯୋଉ ନୂଆ ଶବ୍ଦ ତିଆରି କରିଚି, ସେ ସୁନ୍ଦର ଶୁଭୁଚି କି ନାହିଁ?

ରାଣୀ- (ନୀରବ ହେଲେ)

ରାଜା- ମହାରାଣୀ ପୁତ୍ତଳିକାଙ୍କୁ ମୁଁ ଉତ୍ତର ଦବାପାଇଁ ଆଦେଶ କରୁଚି, ସେ କୁହନ୍ତୁ ସୁନ୍ଦର ।

ରାଣୀ- ସୁନ୍ଦର

ରାଜା- ରାଣୀ କହିଛନ୍ତି ସୁନ୍ଦର ।

ସମସ୍ତେ- ସୁନ୍ଦର-ସୁନ୍ଦର-ସୁନ୍ଦର ।

ରାଜା- ମହାରାଣୀ ପୁତ୍ତଳିକା ଉତ୍ତର ଦିଅନ୍ତୁ, ସେ ସୁଖୀ ତ?

ରାଣୀ- (ନିରୁତ୍ତର)

ରାଜା- ମୋର ଆଦେଶ ଉତ୍ତର । ସେ କୁହନ୍ତୁ ସୁଖୀ ।

ରାଣୀ- ସୁଖୀ ।"[୧୨]

ସେହିଭଳି ଦରବାର ଭଙ୍ଗ ହେବା ପରେ ମଧ୍ୟ ରାଣୀ ନିଜ ସ୍ଥାନରେ ବସି ରହିଛନ୍ତି । ରାଜା ଯେହେତୁ ଆଦେଶ ଦେଇ ନାହାନ୍ତି ସେଥି ପାଇଁ ସେ ସେମିତି ବସିଛନ୍ତି । ଏହା ଦେଖି ମନ୍ତ୍ରୀ ସେନାପତି ରାଣୀ କାହିଁକି ବସିଛନ୍ତି ବୋଲି ପଚାରିବାରୁ ରାଣୀ ମନେମନେ କେବଳ ପୁତ୍ତଳିକା ଛଡ଼ା ଅନ୍ୟ କିଛି ଉଚ୍ଚାରଣ କରି ନାହାଁନ୍ତି ।

"ସେନାପତି- ଆଚ୍ଛା ରାଣୀ କାହିଁକି ତଥାପି ବସିଛନ୍ତି ।

ମନ୍ତ୍ରୀ- ସତ କଥା ତ! ଦରବାର ଭଙ୍ଗ ହେଲା, ଅଥଚ ମହାରାଣୀ ତଥାପି ବସିଛନ୍ତି!

ରାଣୀ- (ସବୁ କଥା ନିଜ ମନକୁ ମନ କହୁଥିଲେ) ପୁତ୍ତଳିକା!

ସେନାପତି- ତାଙ୍କର ପରମ ସୌଭାଗ୍ୟ ଯେ, ସେ ରାଜାଧିରାଜ ସୁରେନ୍ଦ୍ର ପ୍ରତାପଙ୍କ ରାଣୀ ।

ରାଣୀ- ପୁତ୍ତଳିକା!

ମନ୍ତ୍ରୀ- ତାଙ୍କର ପରମ ସୌଭାଗ୍ୟ ଯେ, ସେ ଓଟମୁହାଁ ରାଜ୍ୟର ମହାରାଣୀ ।

ରାଣୀ- ପୁତ୍ତଳିକା!

କଟୁଆଳ- ତାଙ୍କର ଖୁସି ହବାର କଥା ଯେ, ଓଟମୁହାଁମାନେ ରାଜାଙ୍କ କଥା କହିଲାବେଳେ ରାଣୀଙ୍କ କଥା ମନେ ପକାନ୍ତି ।

ରାଣୀ- ପୁତ୍ତଳିକା ।

xxx

ରାଣୀ- ପୁତ୍ତଳିକା!"[୧୩]

ଯାତ୍ରା ଶୈଳୀ :

ଲୋକ ନାଟକ ଯାତ୍ରା ସଙ୍ଗୀତ, ମଂଚ, ସଂଳାପ ଓ କାହାଣୀ ପାଇଁ ଦର୍ଶକଙ୍କର ସବୁଠାରୁ ବେଶୀ ପ୍ରିୟ । 'ଜଣେ ରାଜା ଥିଲେ' ନାଟକରେ ଯାତ୍ରା ଶୈଳୀର ମଂଚ ଓ ସଂଗୀତ ସଂଯୋଜିତ ହୋଇଛି । ଯାତ୍ରା ଶୈଳୀର ମୁକ୍ତ ମଂଚକୁ ଏହି ନାଟକରେ ଗ୍ରହଣ କରାଯାଇଛି । ସେହିପରି ଏହି ନାଟକରେ ଏକ ଯାତ୍ରା ଶୈଳୀରେ ଗୀତଟିଏ ସଂଯୋଜିତ, ଗୀତଟି - "ଲାଗିଲା ହଟ ଚମଟ ହୋ—/ଲାଗିଲା ହଟ ଚମଟ/ଦେବୀ ଆସିଲାରୁ ରାଜା ଉଆସରେ, / ଖୋଲିଲା କଂସା କବାଟ ହୋ/ଖୋଲିଲା କଂସା କବାଟ । / ତା' ଦେହକୁ ଛୁଇଁ, ପାତ୍ର ମନ୍ତ୍ରୀଙ୍କର, ବୁଡ଼ିଗଲା ସିନା ଚେତା / ନିଜକୁ ଜାଣିଲେ, ରାଜାକୁ ଚିହ୍ନିଲେ, ଦୁନିଆ ଲାଗିଲା ପିତା / ଓଟ ମୁହାଁଙ୍କର ଫିଟିଗଲା ପରା ମଣିଷ ହବାର ବାଟ ହୋ—/ଲାଗିଲା ହଟ ଚମଟ ।"[୧୪]

ମୁଖାର ବ୍ୟବହାର :

ଲୋକ ନାଟକଗୁଡ଼ିକରେ ମୁଖାର ବହୁଳ ବ୍ୟବହାର କରାଯାଉଥିଲା । ଛଉ ନାଚ, ବାଘ ନାଚ ଆଦି ନାଟକରେ ଏହାର ଦୃଷ୍ଟାନ୍ତ ମିଳେ । ମୁଖାଦ୍ୱାରା ଚରିତ୍ରମାନଙ୍କୁ ଚିହ୍ନେଇବାରେ ନାଟ୍ୟକାର ସମର୍ଥ ହୁଅନ୍ତି । ଉକ୍ତ ନାଟକରେ ମଧ୍ୟ ମୁଖାର ବ୍ୟବହାର କରାଯାଇଛି । ଏହି ନାଟକରେ ଓଟ ମୁଖାର ବ୍ୟବହାର କରିଛନ୍ତି ନାଟ୍ୟକାର। ନିରଂଜନ, ମନ୍ତ୍ରୀ, ସେନାପତି, କଟୁଆଳ, ସାଧବ ଆଦି ଚରିତ୍ରମାନେ ଓଟ ମୁଖା ପିନ୍ଧି ମଞ୍ଚକୁ ଆସିଛନ୍ତି । ନାଟକର ଆରମ୍ଭରେ ନିରଂଜନ ମଞ୍ଚକୁ ଆସିଛି ଏବଂ ଓଟପରି ନଇଁ ନଇଁ, ଘୁରି ଘୁରି ନାଚି ନାଚି ସେ ଗୀତ ଗାଇଛି-"ଓଟପରି ହେଇ ଥା'ନ୍ତି କୁଜ ଧରି ପିଠିରେ/ଖାଉଥା'ନ୍ତି କଣ୍ଟାସିଝୁ ବୁଲି ମରୁଭୂମିରେ ।/ରାଜା ମନ୍ତ୍ରୀ ସେନାପତି ମାରୁଥାନ୍ତେ କୋରଡ଼ା/ହସି ହସି ସହୁଥାନ୍ତି(ତାଙ୍କ) ନାଲି ଆଖି ଦୁରୁଡ଼ା ।"[୧୫]

BINDU BIMARSHA...

ଏହି ଭଳି ଭାବରେ ନାଟକରେ ନିରଂଜନ ଦୁଇଥର ଓଟପରି ନଇଁ ନଇଁ ଘୁରି ଘୁରି ନାଚିଛି ଓ ଗୀତ ଗାଇଛି । ନାଟକର ଅନ୍ୟ ଚରିତ୍ର ମନ୍ତ୍ରୀ, ସେନାପତି, ସାଧବ ଆଦି ଚରିତ୍ର ରାଜାର ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ନାହାଁନ୍ତି। କାରାଣ ସେମାନେ ସମସ୍ତେ ମଣିଷ ମୁହାଁ ନୁହଁନ୍ତି ବରଂ ଓଟ ମୁହାଁ । ଓଟ ମୁହଁ ଏଠାରେ ଅନ୍ୟାୟକୁ ସହିଯାଉଥିବା ବ୍ୟକ୍ତିମାନଙ୍କର ପ୍ରତୀକ । ମୁଖାର ବ୍ୟବହାର ନାଟ୍ୟ ଚରିତ୍ରକୁ ବୁଝାଇଦେବାରେ ଓ ନାଟ୍ୟକାରଙ୍କ ଉଦ୍ଦେଶ୍ୟକୁ ସଫଳ କରିବାରେ ସାହାଯ୍ୟ କରିପାରିଛି ।

ଶେଷରେ ଏତିକି କୁହାଯାଇପାରେ ଯେ 'ଜଣେ ରାଜା ଥିଲେ' ନାଟକରେ ନାଟ୍ୟକାର ଲୋକ ଉପାଦାନର କେବଳ ସଫଳ ପ୍ରୟୋଗ କରିଛନ୍ତି ତାହା ନୁହେଁ ବରଂ ସତୁରୀ ଦଶକରେ ସୃଷ୍ଟି ହୋଇଥିବା ଦର୍ଶକ ଶୂନ୍ୟତା ସମସ୍ୟାକୁ ମଧ୍ୟ ଅନେକ ପରିମାଣରେ ଦୂର କରିପାରିଛନ୍ତି । ସାମଗ୍ରିକ ଦୃଷ୍ଟିରୁ ଏହା ନାଟ୍ୟକାରଙ୍କ ଗୋଟିଏ ସଫଳ ନାଟକ ।

ସଙ୍କେତ ସୂଚୀ

୧. ମିଶ୍ର, ବିଜୟ୍‌, ଜଣେ ରାଜା ଥିଲେ. ପ୍ରଥମ ପ୍ରକାଶ, ଲାର୍କ ବୁକ୍ସ, କଟକ -୨, ୧୯୮୩, ପୃଷ୍ଠା ୧୨୬–୧୨୭।
୨. ———. ଜଣେ ରାଜା ଥିଲେ. ପୃଷ୍ଠା ୧୨୮।
୩. ———. ଜଣେ ରାଜା ଥିଲେ. ପୃଷ୍ଠା କ।
୪. ———. ଜଣେ ରାଜା ଥିଲେ. ପୃଷ୍ଠା ୭୬–୭୭।
୫. ———. ଜଣେ ରାଜା ଥିଲେ. ପୃଷ୍ଠା ୭୭।
୬. ପ୍ରହରାଜ, ଗୋପାଳ ଚନ୍ଦ୍ର, ସମ୍ପାଦକ. ଉତ୍କଳ କାହାଣୀ. ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୬, ପୃଷ୍ଠା-୧
୭. ମିଶ୍ର, ବିଜୟ୍‌, ଜଣେ ରାଜା ଥିଲେ. ପୃଷ୍ଠା ୯୪।
୮. ———. ଜଣେ ରାଜା ଥିଲେ. ପୃଷ୍ଠା ଗ।
୯. ———. ଜଣେ ରାଜା ଥିଲେ. ପୃଷ୍ଠା ୮।
୧୦. ———. ଜଣେ ରାଜା ଥିଲେ. ପୃଷ୍ଠା ୩।
୧୧. ———. ଜଣେ ରାଜା ଥିଲେ. ପୃଷ୍ଠା ୧୨୧–୧୨୨।
୧୨. ———. ଜଣେ ରାଜା ଥିଲେ. ପୃଷ୍ଠା ୫୨–୫୩।
୧୩. ———. ଜଣେ ରାଜା ଥିଲେ. ପୃଷ୍ଠା ୭୨–୭୩।
୧୪. ———. ଜଣେ ରାଜା ଥିଲେ. ପୃଷ୍ଠା ୭୪।
୧୫. ———. ଜଣେ ରାଜା ଥିଲେ. ପୃଷ୍ଠା ୩।

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes Similarity Index: 0%
Ethical Approval:	Not applicable
License:	Loka upadānara saphala rūpāyaṇa Bijaya Mishranka 'Jane Raja Thile' © 2025 by Dr.Geetanjali Sahoo is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

ତୁଳନାର ତରାଜୁରେ :ବ୍ରଜନାଥ ରଥ ଓ ତସଲିମା ନାସରିନ

ମାନସ କୁମାର ସେନାପତି

ଗବେଷକ, ଓଡ଼ିଆ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

E-Mail: manaskumarsenapati2@gmail.com

Article No : BB-I-IV-2025-07
DOI No : 10.64647/bb.vol.1.issue4.2025.7
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 24-08-2025
Publication Date : 14-10-2025

ସଂକ୍ଷିପ୍ତସାର: Abstract

ସମ୍ପ୍ରଦାୟିକ ହିଂସା ବର୍ତ୍ତମାନ ବିଶ୍ୱରେ ସର୍ବବୃହତ ସମସ୍ୟା ଭାବରେ ଉଭା ହେଉଛି ଯାହା ମୈତ୍ରୀ ଓ ସଦଭାବନାକୁ ନଷ୍ଟ କରୁଛି। ଚିରାଚରିତ ପ୍ରଥା କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ ସତ୍ ସାହିତ୍ୟ ଓ ସାହିତ୍ୟିକଙ୍କର କର୍ତ୍ତବ୍ୟ ହେଲେ ମଧ୍ୟ ସାହିତ୍ୟ ମଧ୍ୟରେ ବିପ୍ଳବର ସ୍ୱରକୁ ସ୍ଥାନ ଖୁବ କମ ସ୍ରଷ୍ଟା ନିର୍ଭିକତାରସହ ଦେଇ ପାରିଥାନ୍ତି। ସାମ୍ପ୍ରତିକ ସମୟରେ ତୁଳାନତ୍ମକ ସାହିତ୍ୟର ଆବଶ୍ୟକତା ଏବଂ ଦୁଇ ଲେଖକ ଯଥା ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି ବ୍ରଜନାଥ ରଥ ଏବଂ ବିଶ୍ୱ ସାହିତ୍ୟରେ ଚର୍ଚ୍ଚିତ ବିତର୍କିତ ବିବାଦିୟା ବାଂଲାଦେଶୀ ମୁସଲମାନ ଲେଖିକା ତାସଲିମା ନାସରିନଙ୍କ ସାହିତ୍ୟ ମଧ୍ୟରେ ଥିବା ମାର୍ମିକ ଓ ବିଷୟବସ୍ତୁ ଗତ ସାମଞ୍ଜସ୍ୟ ଓ ବିପ୍ଳବକୁ ସାରସ୍ୱତ ସମର୍ଥନ ଆଦି ଦର୍ଶାଇବା ପ୍ରବନ୍ଧର ଲକ୍ଷ୍ୟ।

ମୂଳଶବ୍ଦ : ବିପ୍ଳବ, ମୌଳବାଦ, ଶ୍ରେଣୀ ସଂଘର୍ଷ, ସାରସ୍ୱତ ସମ୍ପର୍କ ଓ ସମର୍ଥନ, କୁପ୍ରଥା ବିରୋଧ, ଦେଶ ବିଭଜନ, ସମ୍ପ୍ରଦାୟିକ ହିଂସା ।

ଓଡ଼ିଆ ସାହିତ୍ୟ ସୃଜନୀ ଜଗତର ଜଣେ ପ୍ରତିଭାବାନ କବି ତଥା ଜଣେ ସମୃଦ୍ଧିଶାଳୀ ସାହିତ୍ୟିକ ଭାବରେ କବି ବ୍ରଜନାଥରଥଙ୍କର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଆ ପ୍ରଗତିଶୀଳ ଚେତନାର ଜଣେ ଅଗ୍ରାସାରଥୀ ଭାବରେ ମଧ୍ୟ ସେ ପାଠକ ମାନଙ୍କ ପାଖରେ ଘନିଷ୍ଠ ଭାବରେ ପରିଚିତ । କେବଳ ଜଣେ ସଫଳ କବି ନୁହନ୍ତି ବରଂ ଜଣେ ବୁଦ୍ଧିଜୀବୀ ତଥା ସମାଜ ସଂସ୍କାରକ ଭାବରେ ଓଡ଼ିଶାର ଯେକୌଣସି ସ୍ଥାନରେ କିଛି ଅସଙ୍ଗତି, ଅନ୍ୟାୟ, ଅତ୍ୟାଚାର, ଦୁରାଚାର, ଅସାମଞ୍ଜସ୍ୟ ଦେଖାଦେଇଛି ତାକୁ ବିରୋଧ କରି ତାଙ୍କର ଲେଖନୀରେ ସର୍ବଦା ପ୍ରତିକ୍ରିୟା ପ୍ରକାଶ ପାଇଆସିଥିଲା । ଏକ ଦୃଢ଼ ସାମାଜିକ ପ୍ରତିବଦ୍ଧତାକୁ ନେଇ ଶ୍ରୀ ରଥଙ୍କର ସ୍ରଷ୍ଟା ମାନସ ବିଦ୍ରୋହର ରଣ ହୁଙ୍କାର ଦେଉଥିଲା । ତାଙ୍କର ୭୮ ବର୍ଷର ଜୀବନକାଳ ମଧ୍ୟରେ ଷାଠିଏ ବର୍ଷରୁ ଉର୍ଦ୍ଧ ସମୟ ତାଙ୍କର ସାରସ୍ୱତ ଯାତ୍ରାରେ ନିବେଦିତ । ଅସତ୍ୟ ଓ ଅନ୍ୟାୟ ଆଗରେ ମଥାନତ ନ କରି ସତ୍ୟ ଓ ସ୍ୱାଭିମାନର ପଥଚାରୀ ଭାବରେ ତାଙ୍କର ପ୍ରତ୍ୟେକ ସାହିତ୍ୟ କୃତିରେ ପାଦଚିହ୍ନ ବାରିହୁଏ । ବହୁଭାଷାର ଜଣେ ସହୃଦୟ ପାଠକ ଅନୁବାଦକ ଭାବରେ ମଧ୍ୟ ଖ୍ୟାତି ସୁଦୂର ପ୍ରସାରୀ ।

ଠିକ୍ ସେହିପରି ବିଶ୍ୱ ସାହିତ୍ୟରେ ଜଣେ ବିପ୍ଳବୀ ନାରୀ ଲେଖିକା ଭାବରେ ବାଂଲାଦେଶରେ ଜନ୍ମିତ ବିବାଦୀୟ ସ୍ରଷ୍ଟା ତସଲିମା ନାସରିନଙ୍କ ବିଦ୍ରୋହ, ଚେତନ ସ୍ତରରେ ସମାନ୍ତରାଳ ପରି ମନେହୁଏ । କବି ବ୍ରଜନାଥ ହିଁ ଯେତେବେଳେ ତସଲିମାଙ୍କ କବିତା ପୁସ୍ତକଙ୍କୁ ପ୍ରଥମେ ଓଡ଼ିଆ ଅନୁବାଦ କରି ଓଡ଼ିଶାର ପାଠକ ମହଲରେ ପରିଚିତ କରାଇଥିଲେ । ତେବେ ଜଣେ ସଚେତନ ପାଠକ ହିଁ ଠିକ୍ ବୁଝିପାରନ୍ତି ଯେ ଜଣେ ସୃଜନଶୀଳ ପ୍ରତିଷ୍ଠା ସମ୍ପନ୍ନ କବି ବ୍ରଜନାଥଙ୍କ ଚିନ୍ତନ ଓ ସାରସ୍ୱତ ସ୍ତରରେ ତସଲିମାଙ୍କ ଚିନ୍ତନ ସହ କିଭଳି ଥିଲା ଘନିଷ୍ଠ ସମ୍ପର୍କ । ତାହାର ଜ୍ୱଳନ୍ତ ଉଦାହରଣ ମଧ୍ୟ ରହିଛି କବି ତସଲିମାଙ୍କ ସାହିତ୍ୟକୁ ଅନୁବାଦ କରିବା ସହ ସ୍ୱତନ୍ତ୍ର ଭାବରେ ତସଲିମାଙ୍କ ନାମରେ, ତସଲିମାଙ୍କ ପାଇଁ କବିତା ମଧ୍ୟ ଲେଖିଛନ୍ତି । ତାହାଠାରୁ ବଳି ଜଣେ ଲେଖକର ଅନ୍ୟ ଲେଖକ ପ୍ରତି ବଡ ସମର୍ଥନ ବା କ'ଣ ହୋଇପାରେ (୨) । ତେବେ ଉଭୟ ବିପ୍ଳବୀ ଏହାକୁ ଅସ୍ୱୀକାର କରାଯାଇ ନପାରେ । ମାନବବାଦୀ ଜବକାଚରେ ନିରୀକ୍ଷଣ କଲେ ଦୁଇ ଲେଖକ ହୁଏତ ଏକା କଥା କହୁଥିବା ପରି ମନେ ହୁଅନ୍ତି । ମୁକ୍ତ ଚିନ୍ତନର ଲେଖକ ଭାବରେ ତାଙ୍କର ଲେଖାମାନଙ୍କରେ ସ୍ୱାଧୀନ ବାର୍ତ୍ତା ପ୍ରକାଶିତ । କୌଣସି ଆକଟ ପ୍ରତିବନ୍ଧକକୁ ନ ଡରି ସାହିତ୍ୟରେ ତୋଳିପାରିଛନ୍ତି ବିପ୍ଳବର ସ୍ୱର । ପ୍ରୟାସ କରିଛନ୍ତି ପୋଛିଦେବାପାଇଁ ସବୁ ମଣିଷଙ୍କ କପାଳରୁ ଅନ୍ୟାୟ, ଅବିଚାର, ଅସ୍ପୃଶ୍ୟତା, ଅସାମଞ୍ଜସ୍ୟତା, ଅନୀତି, ସାମାଜିକ ଓ ମାନସିକ ଶୋଷଣର ଭାଗ୍ୟରେଖାକୁ । ମଣିଷକୁ ମଣିଷ ପରି ବଞ୍ଚିବାର ସ୍ୱାଧୀନତା ଦେବା ପାଇଁ ଉଭୟ ସଚେତନ ସ୍ରଷ୍ଟା ପ୍ରତିକ୍ରିୟାଶୀଳ ହୋଇଛନ୍ତି।

କବି ବ୍ରଜନାଥଙ୍କ କବିତା– ମରୁ ଗୋଲାପ(୧୯୬୦), ନିଜସ୍ୱ ସଂଳାପ (୧୯୬୯), ମରୁ ଗୋଲାପ ଓ ଅନ୍ୟାନ୍ୟ କବିତା(୧୯୭୨), ନିଶବ୍ଦ ପ୍ରତିବାଦ (୧୯୭୭) ସଭ୍ୟତାର ମୁହଁ (୧୯୭୯),ମନର ମାନଚିତ୍ର (୧୯୮୩), ହେ ମହା ଜୀବନ (୧୯୯୧), ଲଘୁ ଶତକ(୧୯୯୩), ହେ ମୋର ସ୍ୱଦେଶ (୧୯୯୭), ସମୟର ଶବ୍ଦଲିପି(୨୦୦୭),ସାମାନ୍ୟ ଅସାମାନ୍ୟ (୨୦୦୭),ମିଳିତ କଣ୍ଠ (୨୦୧୨) ଆଦିରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ବିଦ୍ରୋହର ବହ୍ନି ଆତ୍ମ ପ୍ରକାଶ କରିଛି । ଠିକ୍ ସେହିପରି ବିଶ୍ୱ ସାହିତ୍ୟରେ ତସଲିମା ନାସରିନଙ୍କ ରଚିତ କବିତା ଓ ଗଦ୍ୟ କଷ୍ଟ ଆସେ ଝାମ୍ପି: ଜୀବନ ଦିଏ ମାପି, ନିର୍ବାସିତ ନାରୀର କବିତା, ଗଦ୍ୟ ରଚନା ଲଜ୍ଜା, ଶୋଧ, ଫେରା, ନିର୍ବାସିତ କଲାମ,ଉତ୍ତାଳ ପବନ, ନିଷିଦ୍ଧ, ଦୁଖଣ୍ଡିତ, ନିମନ୍ତ୍ରଣ, ବନ୍ଦିନୀ, ଔରତ୍ କେ ହକ୍ ମେ (ହିନ୍ଦୀ), ମୁଝେ ଘର୍ ଲେ ଚଲୋ (ହିନ୍ଦୀ), ଦୁଃଖିଆରୀ ଲଡକି(ହିନ୍ଦୀ),

ବ୍ରହ୍ମପୁତ୍ର କି ତଟ ପର(ହିନ୍ଦୀ), ଦୋ ଔରତ କା ପତ୍ର(ହିନ୍ଦୀ) ଆଦି ପ୍ରବନ୍ଧ, ଉପନ୍ୟାସ, ଆତ୍ମକଥା, କବିତା ମାଧ୍ୟମରେ ଲୋକ ହୃଦୟକୁ ତୀବ୍ର ଭାବରେ କରିପାରିଛନ୍ତି ଆନ୍ଦୋଳିତ । ତସଲିମାଙ୍କ ସୃଜନ ସମଗ୍ର ମଧ୍ୟରେ ମନୋନିବେଶ କଲେ ପାଠକର ସାଧାରଣ ଦୃଷ୍ଟିକୁ ଯେଉଁ ସ୍ଥୂଳ ବିଭାଗ ଗୁଡିକ ଆକର୍ଷଣୀୟ ବୋଧ ହୁଅନ୍ତି, ତନ୍ମଧ୍ୟରେ ପ୍ରାକ୍ ବିବାହ ଓ ବିବାହୋତ୍ତର ନାରୀର ସ୍ଥିତି ସମ୍ପର୍କରେ ଲେଖକୀୟ ଦୃଷ୍ଟିକୋଣ ବିମୁକ୍ତ ଓ ବିସ୍ଫୋରିତ । ବ୍ରଜନାଥଙ୍କ ସାହିତ୍ୟ ମଣିଷ ଓ ସମାଜ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇ ଦେବାବେଳେ ନାସରିନଙ୍କ ସାହିତ୍ୟ ଅଧ୍ୟୟନରେ ପାଠକ ଯୁକ୍ତିନିଷ୍ଠ ସତ୍ୟ ଓ ବିଚକ୍ଷଣ ଦୃଷ୍ଟିଭଙ୍ଗୀର ଆଲୋକରେ ଉଦ୍ଭାସିତ ହେବେ । ଅବଶ୍ୟ ଭାଷାର ବ୍ୟବହାରଗତ ସଂଯମତା କ୍ଷେତ୍ରରେ ବ୍ରଜନାଥ ଖୁବ୍ ମାର୍ଜିତ ମନେ ହେଉଥିବା ବେଳେ ତସଲିମା ନାସରିନ ଅବୁହିନ ଭାଷା ପ୍ରୟୋଗ କରିଛନ୍ତି । ତସଲିମା ନିର୍ବାସିତ ହୋଇ ବଞ୍ଚୁଥିବାବେଳେ କବି ବ୍ରଜନାଥ ମଧ୍ୟ ସ୍ୱରଚିତ କବିତା 'କୁକୁର ହେବା ସପକ୍ଷରେ' ରଚନା କରି ବିବାଦସ୍ପଦ ଅବସ୍ଥାରେ ଜେଲ୍ ଦ୍ୱାରସ୍ଥ ହୋଇଥିଲେ । ଜୀବନର ଗଭୀରତମ ବାସ୍ତବ ଉପଲବ୍ଧି, ମାଟି ପ୍ରୀତି, ସ୍ୱଦେଶ ପ୍ରୀତି, ସର୍ବଦା ନିଷ୍ଠୁର ଭେଜାଲ ଶୂନ୍ୟ ସତ୍ୟକୁ ସାଥିରେ ଧରି ଉଭୟେ ଖଣ୍ଡା ଧାରରେ ବାଟ ଚାଲିଛନ୍ତି । ବିପ୍ଳବ ଓ ମାନବିକତାର ଜୟଗାନର ଜବକାଚରେ ଉଭୟେ ସମାନ ମନ୍ତ୍ରରେ ଦୀକ୍ଷିତ ପରି ମନେ ହୁଅନ୍ତି । କବି ବ୍ରଜନାଥ ରଥ ତାଙ୍କର 'ହେ ମୋର ସ୍ୱଦେଶ' କବିତା ସଂକଳନରେ ତସଲିମାଙ୍କ ଉଦ୍ଦେଶ୍ୟରେ ଲେଖିଥିବା କବିତା 'ତସଲିମା' ର ପଂକ୍ତିଟିଏ ଉଦ୍ଧାର କଲେ ପାଠକେ ଦୁଇ କବିଙ୍କର ବିପ୍ଳବାତ୍ମକ ସ୍ୱରର ଉତ୍ତାପକୁ ନିଶ୍ଚୟ ଅନୁଭବ କରିବା ସହ ପରସ୍ପର ଥିବା ସମର୍ଥନକୁ ଜାଣିବେ -

"ଗୋଟିଏ ନୟନରେ
ଅଗ୍ନି ଜଳେ ତୁମ
ଆରେକ ଆଖି ତଳେ ଲୁହ
ନିଆଁର ପ୍ରଖରତା
ଲୁହର ବ୍ୟଥା ନେଇ
ଶାଣିତ ଦୃଷ୍ଟିରେ ନୂତନ ସୃଷ୍ଟିରେ
ଝଲସି ଉଠେ ତୁମ ମୁହଁ ।"
(ତସଲିମା, ହେ ମୋର ସ୍ୱଦେଶ, ବ୍ରଜନାଥ ରଥ)

ମୁକ୍ତ ଚିନ୍ତନ ଓ ସ୍ୱାଧୀନ ବକ୍ତବ୍ୟ ଯେ ବ୍ୟକ୍ତିର ମୌଳିକ ଅଧିକାର ସେ ଯେପରି ସେଥିରୁ ବଞ୍ଚିତ ନ ହେଉ ସେଥିପ୍ରତି ସଚେତନ ଭାବରେ ପ୍ରୟାସ କରିଛନ୍ତି ଦୁଇ ଲେଖକ । ବିବାଦ, ଫତୱାଜାରି (Fatwa), ନିଷିଦ୍ଧ ଘୋଷଣା, ନିର୍ବାସନ ଆଦି ଘଟଣା ତସଲିମାଙ୍କୁ ଘେରି ଦେଇଥିଲା ଯେତିକି ଚକ୍ରବିହ୍ୟୂରେ, ଅନୁରୂପ ଭାବରେ ତାଙ୍କର ସାହିତ୍ୟକୁ ମଧ୍ୟ କରିଥିଲା ପ୍ରଭାବଶାଳୀ । ସମାଲୋଚକଙ୍କ ମତରେ – "Nasreen become famous when her books were banned on Bangladesh and even in West Bengal, India. she argued that it was a violation of her right to free speech and went on to critique the censorship against her works as well as the 'fatwa' and other legal interventions against her.(୩) ତସଲିମା ନାସରିନ ନିଜର ଜୀବନକୁ ବିପନ୍ନ କରି ମଧ୍ୟ କଲମ ଚାଳନା ଏଯାବତ୍ ବନ୍ଦ କରିନାହାନ୍ତି । ସମ୍ବିଧାନ ସ୍ୱୀକୃତ ବ୍ୟକ୍ତିର ବାକ୍ ସ୍ୱାଧିନତାର ସୁରକ୍ଷା ଦେବା ପାଇଁ ତାଙ୍କର ଲେଖନୀ ସର୍ବଦା ପ୍ରଖର ହୋଇ ଉଠିଛି (୪) । ତାଙ୍କର ଯେଉଁ ସବୁ ତର୍କ ଏବଂ ଯୁକ୍ତି ପାଠକ ମହଲରେ ଗୋଟେ ଗୋଟେ ଅତିବାସ୍ତବ ସତ୍ୟକୁ ଉନ୍ମୋଚିତ କରାଏ ତାହା ବେଳେବେଳେ ଅସୁଖ ପାଠ୍ୟ ପରି ମଧ୍ୟ ଅନୁଭବ ହୁଏ । ଯଥା – ନାରୀ ପୁରୁଷର ପ୍ରତ୍ୟେକ ଅବସ୍ଥାର ବା କିଶୋର - କିଶୋରୀ, ଯୁବକ-ଯୁବତୀ, ପୌଢ଼-ପୌଢ଼ାଙ୍କର ଦେହ ସର୍ବସ୍ୱ ଆବେଗ, ଉତ୍କଣ୍ଠା, ପରିତୃଷ୍ଣା, ପ୍ରବୃତ୍ତି ଓ ବିକୃତିର ସ୍ୱରୂପ ଉଦ୍ଘାଟନ କରିବାରେ ସେ ନିଃସଂକୋଚ ଏବଂ ଅନାବୃତ୍ତ ଭାଷାର ବ୍ୟବହାର କରିବା ଟି ସବୁ ଶ୍ରେଣୀର ପାଠକ ପାଇଁ ଗ୍ରହଣୀୟ ହୋଇପାରିନାହିଁ ବୋଲି ସ୍ୱୀକାର କରାଯାଇପାରେ ।

ଶ୍ରୀ ରଥଙ୍କର ସର୍ଜନାବୃତ୍ତି ମୌଳିକ ଦୃଷ୍ଟିଭଙ୍ଗୀର ସୂତ୍ର ଓ ପ୍ରକାଶନ ଶୈଳୀ ପ୍ରାଞ୍ଜଳ, ବକ୍ତବ୍ୟର କଳାତ୍ମକ ଅନୁପାତ ବଜାୟ ରଖିବା ପାଇଁ ପ୍ରଯତ୍ନଶୀଳ ଥିବାବେଳେ ନାସରିନଙ୍କ କୃତିଗୁଡିକ ବାସ୍ତବତା ଜଡ ସହ ହେଲେ ମଧ୍ୟ କଳାତ୍ମକତା ଦୃଷ୍ଟିରୁ ସେତେ ମୂଲ୍ୟ ବହନ କରିପାରି ନାହିଁ । ହିନ୍ଦୀ ସାହିତ୍ୟର ବିଶିଷ୍ଟ ଗବେଷକ ମୋହନ କୃଷ୍ଣ ବୋହରା ତସଲିମାଙ୍କ ସାହିତ୍ୟ ସମ୍ପର୍କରେ କହନ୍ତି – "କୋଇ କୃତୀ ଜବ୍ ମାନବ ସମାଜ୍ ମେ ହଡକମ୍ପ ପୈଦା କରତି ହେ ଉସ୍ ସମୟ ଉସ୍ କି ସାହିତିୟକ୍ ମୂଲ୍ୟାଙ୍କନ୍ କି ବାତ୍ ଉଠାନା ପ୍ରାସଙ୍ଗିକ୍ ନେହିଁ ହୋତା, ଉଶେ ନୟେ ଶୋଚ୍ କି ଉସ୍ ଧାରା କୋ ଅବରୋଧ୍ କରନେ କି ପ୍ରୟାସ କେ ରୂପ୍ ମେ ଭି ଦେଖା ଯା ସକତା ହେ ଜିସେ ଆଲୋଚ୍ୟ କୃତୀନେ ପ୍ରବାହିତ କିୟା ହେ (୫) । ଭାଷାକୁ ବାଦ୍ ଦେଇ ଭାବ ବା ମର୍ମ ସ୍ତରରେ ବିଚାର କଲେ ଉଭୟ ସ୍ରଷ୍ଟା ନିଜ ନିଜ କୃତିତ୍ୱରେ ସଫଳ । "ନାସରିନଙ୍କ ସାହିତ୍ୟ ବ୍ୟକ୍ତିଗତ ଖେଦରୁ ଆରମ୍ଭ ହୋଇ ସାମାଜିକ ବିପ୍ଳବ ଦିଗରେ ଗତି କରୁଥିବା ବେଳେ ବ୍ରଜନାଥ ରଥଙ୍କ ସାହିତ୍ୟ ଥିଲା ଏକାନ୍ତ ସମାଜକୈନ୍ଦ୍ରିକ ବୋଲି" ବିଶିଷ୍ଟ ଗବେଷକ ତଥା ସମାଲୋଚକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ମତ ଦେଇଥାନ୍ତି । ନୋବେଲ ପୁରସ୍କାର ବିଜେତା ନାଟ୍ୟକାର ହାରୋଲ୍.ଡ୍ ପିଣ୍ଟର ତାଙ୍କର ନୋବେଲ୍ ଅଭିଭାଷଣରେ ଯାହା କହନ୍ତି କବି ବ୍ରଜନାଥ ଓ ତସଲିମାଙ୍କ ସାହିତ୍ୟର ଆଭିମୁଖ୍ୟ ସମ୍ପର୍କରେ ତାହା ପ୍ରାସଙ୍ଗିକ ଅନୁମିତ ହୁଏ । ସେ କହିଛନ୍ତି – (ଅନୁବାଦ) – "ମୁଁ ବିଶ୍ୱାସ କରେ, ଅନେକ ପ୍ରତିକୂଳତା ସତ୍ତ୍ୱେ ଭୟରେ ଶଙ୍କିତ ନହୋଇ ସମ୍ପୂର୍ଣ୍ଣ ସ୍ଥିର ଚିତ୍ତରେ ଦୁର୍ଦ୍ଦମନୀୟ ବୌଦ୍ଧିକ ସଂକଳ୍ପ ବଳରେ ଜାଗ୍ରତ ନାଗରିକ ଭାବେ ସତ୍ୟର ସଂଜ୍ଞା ନିରୂପଣ କରିବାକୁ ପଡିବ । ଏହା ଆମର ଏକ ସାମାଜିକ ଦାୟିତ୍ୱ । କୌଣସି ରାଜନୀତିକ ଭିତ୍ତିକୁ ଆଶ୍ରୟ କରି ସତ୍ୟସନ୍ଧ ହେବାପାଇଁ ମାନସିକ ଦୃଢତା ଜାତ ହୁଏ ନାହିଁ । ମନୁଷ୍ୟର ମର୍ଯ୍ୟାଦା ଅଧୁନା ନଷ୍ଟ ହୋଇଯାଇଛି । ତଥାପି ମାନବ ଜୀବନ ସମ୍ପର୍କରେ ଚରମ ସତ୍ୟର ସଂଜ୍ଞା ଦେବା ଆମ ପରି ସାହିତ୍ୟିକଙ୍କର କର୍ତ୍ତବ୍ୟ ।"(୬)

ମାନବିକ ସମ୍ବେଦନାର ଏକ ଗଭୀରତମ ପ୍ରଦେଶକୁ ସ୍ପର୍ଶ କରିଛନ୍ତି ଉଭୟ ସ୍ରଷ୍ଟା ବ୍ରଜନାଥ ଓ ତସଲିମା । ସମାଜର ବିଧି ବ୍ୟବସ୍ଥାରେ ଥିବା ଦୁର୍ବଳ ଦିଗକୁ କରିଛନ୍ତି ତର୍ଜନୀ ନିର୍ଦ୍ଦେଶ । ୧) ସ୍ୱଦେଶ ପ୍ରୀତି ୨) ଛଳନାପୂର୍ଣ୍ଣ ଭଣ୍ଡ ଧାର୍ମିକତାକୁ ବିରୋଧ ୩) ସାମ୍ପ୍ରଦାୟିକ ମୌଳବାଦକୁ ବିରୋଧ ୪) ଦେଶ ବିଭାଜନର କଳଙ୍କିତ ଅଧ୍ୟାୟ ୫) ନାରୀ ନିର୍ଯାତନା ଓ ସ୍ୱାଧୀନ ଭାରତ ୬) ନଦୀ ଓ ପ୍ରକୃତିକୁ ଆଧାର କରି ଭାବ ପ୍ରବଣତା ୭) ଐତିହାସିକ ପ୍ରମାଣିକତା ସହ ସଂଘର୍ଷର ପାଦଚିହ୍ନ ୮) ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ୯) ଶାରୀରିକ ଓ ମାନସିକ ଶୋଷଣର ବାସ୍ତବ ଚିତ୍ର ୧୦) ଆଶା, ବିଶ୍ୱାସ ଓ ସମାଧାନର ସମ୍ଭାବନା ୧୧) ଯୁଦ୍ଧ ନୁହେଁ ଶାନ୍ତି, ହିଂସା ନୁହେଁ ସହୃଦୟତା ଆଦି ଉଭୟ ସ୍ରଷ୍ଟାଙ୍କର ଲେଖକୀୟ ଭାବବସ୍ତୁ(plot) ବୋଲି ଚିହ୍ନଟ କରାଯାଇପାରେ । କବି ବ୍ରଜନାଥ ରଥଙ୍କର 'ମନର

ମାନଚିତ୍ର' ସଂକଳନରୁ 'ମୁଁ ଚାଲିଯିବା ପରେ' କବିତା ଏବଂ କବି ତସଲିମାଙ୍କ କବିତା 'ମୁଁ ଫେରି ଆସିବି' ରେ (ଓଡ଼ିଆ ଅନୁବାଦ: ନିର୍ବାସିତ ନାରୀର କବିତା, ଯୁଗଳ କିଶୋର ଦତ୍ତ) ରହିଛି ଜଣେ ବିପ୍ଳବୀର ଆଶାବାଦୀତାର ପ୍ରକାଶର ଅଦ୍ଭୁତ ସାମଞ୍ଜସ୍ୟ ତାହା ଏହିପରି –

"ଜାଣିଛି ମୁଁ ହଜିବିନି, ହଜିବିନି କେବେ
ମହାକାଳ ଅରନ୍ଧ୍ର ଅନ୍ଧାରରେ
ଏହି ମହା-ଧରଣୀରେ
କେବେହେଲେ କିଛି କି ହଜଇ ?
x x x
ମୁଁ ଏଠାରୁ ଚାଲିଯିବା ପରେ
ଦିନେ ପୁଣି ଆସିବି ମୁଁ ଫେରି
ପ୍ରଭାତୀ ତାରାର ହସେ
ନିଳପଦ୍ମ ନୟନ ବିଳାସେ
ଶିଶୁର ଲଳିତ କଣ୍ଠେ
ଚଉଦିଗ ମୁଖରିତ କରି । (୭)

ତାହା ତସଲିମାଙ୍କ କବିତାରେ ମଧ୍ୟ ପ୍ରକାଶିତ ଯଥା –

"ମୋ ପାଇଁ ଅପେକ୍ଷା କର ମଧୁପୁର ନେତ୍ରକୋଣା
ଅପେକ୍ଷା କର ଜୟଦେବପୁରର ଚାରି ରାସ୍ତା
ମୁଁ ଫେରିବି ।
x x x
ବ୍ରହ୍ମପୁତ୍ର ଶୁଣ, ମୁଁ ଫେରିବି ।
ଶୁଣ ଶାଳବଣ ବିହାର, ମହାପ୍ରସ୍ଥାନ ଗତ
ସୀତାକୁଣ୍ଡ ପାହାଡ – ମୁଁ ଫେରିବି ।
ଯଦି ମଣିଷ ହୋଇ ନପାରିବି
ଚଢେଇ ହୋଇ ଫେରିଆସିବି ଦିନେ । (୮)

ନାନାବିଧ ସଂଘାତ ବିରୋଧ, ଜୀବନ ତମାମ ଯନ୍ତ୍ରଣା ଯେ ଭୋଗିଛନ୍ତି ଉଭୟ ସ୍ରଷ୍ଟା ତଥାପି ଆଶାର ଫୁଲଟିଏ ଯେ ବିକଶିତ ହୋଇ ଉଠିଛି ତାଙ୍କ କବିତାରେ ତାହାକୁ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ । ଅଖଣ୍ଡ ଭାରତ ବର୍ଷ ବିଭାଜନ ହୋଇ ଖଣ୍ଡ ଖଣ୍ଡ ହେବା ପରେ ଦେଶ ଯେଉଁ ଦୁଃସ୍ଥିତିକୁ ସାମ୍ନା କରିଛି ସେଥିପ୍ରତି କବି ହୃଦୟ ସମବେଦନାରେ ଆଦ୍ର ହୋଇ ଉଠିଛି । କବି ବ୍ରଜନାଥ ଦେଶ ବିଭାଜନର କଳଙ୍କିତ ଅଧ୍ୟାୟକୁ 'ଭାରତର ମାନଚିତ୍ର' (ହେ ମୋର ସ୍ୱଦେଶ) 'ସ୍ୱପ୍ନର ଭାରତ ବର୍ଷ ; କ୍ରୁଶବିଦ୍ଧ ଦେଶ (ହେ ମୋର ସ୍ୱଦେଶ) ଆଦିରେ ପ୍ରକାଶ କରାଇଛନ୍ତି ।

କବି ରଥଙ୍କ ଭାଷାରେ –

"ଲକ୍ଷଲକ୍ଷ ରକ୍ତ ଦାଗ, କଳଙ୍କର ଛିଟା
ଜଳିଉଠେ ସେ ମାନଚିତ୍ରରେ
କୋଟି କୋଟି ନିରୀହ ଓ
ଅସହାୟ ମଣିଷର ସର୍ବାଗ୍ରାସୀ ଲେଲିହାନ ଚିତା । (୯)
(ରଥ, ଭାରତର ମାନଚିତ୍ର)

ତସଲିମାଙ୍କ କବିତାରେ 'ଭଙ୍ଗ ବଙ୍ଗଦେଶ' ର ଚିତ୍ର ସୁସ୍ପଷ୍ଟ –

"ଭଲ ପାଇବାର ଏହି ଦେଶଟିକୁ
ହଠାତ୍ ଯେମିତି କିଏ କରିଦେଲା ଦୁଇଗଡ
ଯେଉଁମାନେ କାଟି କାଟି ଦୁଇଗଡ କରିଦେଲେ
ସେମାନେ ଦେଶର
x x x
ଲଟେଇ ଯାଉଥିବା ସ୍ୱପ୍ନର ଲତାକୁ
କାଟିଦେଲେ ହଠାତ୍ ମୂଳରୁ,
ଏବଂ ଝିଙ୍କିଦେଲେ ଦେଶର ଓହଳ ।
x x x
ଦୁଇ ହାତ ମଧ୍ୟେ
ଠିଆ ହୋଇ ରହିଅଛି – ମଣିଷ ତିଆରି ଧର୍ମର
କଣ୍ଟା - ତାର ବାଡ । (୧୦)

ବିପ୍ଳବୀ ତସଲିମା କବି ବ୍ରଜନାଥ ରଥଙ୍କୁ ନିଜ ହସ୍ତାକ୍ଷରରେ ଚିଠିଟିଏ ଲେଖି କହିଥିଲେ – "ମୌଳବାଦ, ତାହା ଯେକୌଣସି ଧର୍ମରୁ ଉତ୍ପତ୍ତି ହେଉ ନା କାହିଁକି ମୁଁ ତା ବିରୁଦ୍ଧରେ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ । ପ୍ରତ୍ୟେକ ମଣିଷର ସକଳ ସମ୍ମାନ ଓ ମର୍ଯ୍ୟାଦା ସହ ବଞ୍ଚିବାର ନିଶ୍ଚୟତା ରହିବା ଉଚିତ" ।(ତସଲିମା ନାସରିନ, ୧୨-୧୨-୧୯୯୩) (୧୧) ଏହାଠାରୁ ବଡ଼ ପ୍ରାମାଣିକ ଦସ୍ତାବିଜ ଦୁଇ ଲେଖକଙ୍କର ସାରସ୍ୱତ ସାହିତ୍ୟିକ ସମର୍ଥନର ବା କ'ଣ ହୋଇପାରେ । କବି ବ୍ରଜନାଥ ଓଡ଼ିଶାର ବାଲେଶ୍ୱରରେ ଜଣେ ରକ୍ଷଣଶୀଳ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ମଧ୍ୟ ତସଲିମାଙ୍କ ସପକ୍ଷରେ ଯେଉଁ ସ୍ୱଷ୍ଟ ଯୁକ୍ତି ଉପସ୍ଥାପନ କରନ୍ତି ପାଠକ ସେଥିରୁ ତାଙ୍କର ମାର୍ମିକ ସମର୍ଥନକୁ ଅନୁଭବ କରିପାରିବେ ।

ତସଲିମାଙ୍କ କିଛି କବିତା ଏକାନ୍ତ ଦେହଧର୍ମୀ ବୋଲି କେହି କେହି ଅଭିଯୋଗ କରିଥାନ୍ତି । ଏହା କେତେଦୂର ସତ୍ୟ ତାହା ବିଚାର କରିବାର କଥା । ମୁଁ କହି ରଖେ ମୁଁ ଜଣେ ମାନବ ଦରଦୀ ପ୍ରଗତିଶୀଳ ସାହିତ୍ୟାଦର୍ଶରେ ବିଶ୍ୱାସୀ କବି । ମୁଁ ଅଶାଳୀନ ନଗ୍ନତା ଓ ଦେହବାଦିତାର ଘୋର ବିରୋଧୀ । କିନ୍ତୁ ତସଲିମାଙ୍କ ତଥାକଥିତ ଦେହ ଧର୍ମିତା ଭିତରେ ଯେଉଁ ପ୍ରଚ୍ଛନ୍ନ କାରୁଣ୍ୟ ରହିଛି, ଯେଉଁ ନିଃସଂଗତାବୋଧ ରହିଛି ତାହା ମୋତେ ତାଙ୍କ ପ୍ରତି ପ୍ରକୃତରେ ସହାନୁଭୂତିଶୀଳ କରିଛି । (୧୨) ଆହୁରି ମଧ୍ୟ କବି ବ୍ରଜନାଥ ସ୍ୱୀକାର କରିଛନ୍ତି ଯେ ତସଲିମାଙ୍କ କବିତାରେ ଯାହା ନଗ୍ନତା ବୋଲି ଜଣାଯାଏ ତା ଭିତରେ ରହିଛି ତାଙ୍କ ସନ୍ତୁଳିତ ଜୀବନର ମର୍ମଭେଦୀ ହା ହା କାର । ବ୍ୟକ୍ତିଗତ ଜୀବନ, ସାମାଜିକ ଜୀବନ, ଧର୍ମୀୟ ତଥା ରାଷ୍ଟ୍ରୀୟ ଜୀବନରେ ଆଜନ୍ମ ଯେଉଁ ମାନସିକ ଓ ଦୈହିକ ଯନ୍ତ୍ରଣା ଭୋଗିଛନ୍ତି ତାହାର ବଳିଷ୍ଠ କାବ୍ୟରୂପ ହିଁ କବିତା ହୋଇ ପ୍ରକାଶିତ ।

ବାସ୍ତବରେ ଉଭୟ ସ୍ରଷ୍ଟା ବିପ୍ଳବୀ ଓ ଉଭୟ ପରସ୍ପରର ଜଣେ ମୁଗ୍ଧ ପାଠକ । ସ୍ୱୀକାର କରିବାକୁ ହେବ ଯେ ଉଭୟ ବ୍ରଜନାଥ ରଥ ଓ ତସଲିମା ନାସରିନ ଆତ୍ମବିଶ୍ୱାସରେ ପୁଷ୍ଟ ଜଣେ ଜଣେ ପ୍ରଚଣ୍ଡ ବିଦ୍ରୋହୀ ଲେଖକ ଓ ଲେଖିକା, ପୁରୁଷତନ୍ତ୍ର ଓ ମୌଳବାଦ ବିରୋଧରେ, ଶ୍ରେଣୀ ସଂଘର୍ଷ ଆଦି ବିରୋଧରେ ଉଭୟେ କରିଛନ୍ତି ଜୀବନ୍ତ ପ୍ରତିବାଦ ।

ସଙ୍କେତ ସୂଚୀ :

୧. ମହାନ୍ତି, ସୁରେନ୍ଦ୍ର, ନୀଳଶୈଳ, ଚତୁର୍ଥ ସଂସ୍କରଣର ଭୂମିକା, ପ୍ରକାଶ, ୧୯୭୯

୨. ରଥ, ବ୍ରଜନାଥ। "'ତସଲିମା'" ହେ ମୋର ସ୍ୱଦେଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ ୧୫ ଅଗଷ୍ଟ ୧୯୯୭, ପୃ. ୯୬

୩. Gupta, Anukrita. "Several Scripts, Several Scribes: The (Un)Making of Taslima Nasreen." Women's Link, vol. 25, no. 2, Apr.–June 2018, p. 41.

୪. Constitution of India. Art. 19 (1) (a).

୫. बोहरा, मोहनकृष्ण। तसलीमा संघर्ष और साहित्य। बाणी प्रकासन, नयी दिल्ली, पृ. ४४३
୬. ମିଶ୍ର, ଦୁର୍ଗା ପ୍ରସନ୍ନ। "ନୋବେଲ ବିଜେତା ହାରୋଲଡ୍ ପିଣ୍ଟର ଓ ତାଙ୍କର ନୋବେଲ ଅଭିଭାଷଣ।" ବିଶ୍ୱ ସାହିତ୍ୟ: ସ୍ରଷ୍ଟା ଓ ସୃଷ୍ଟି, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ୨୦୦୯
୭. ରଥ, ବ୍ରଜନାଥ। "ମୁଁ ଚାଲିଯିବା ପରେ" ମନର ମାନଚିତ୍ର, ଗ୍ରନ୍ଥ ମନ୍ଦିର, ବିନୋଦ ବିହାର, କଟକ, ପ୍ରଥମ ପ୍ରକାଶ ୧୯୮୫, ପୃ. ୯୫-୯୬
୮. ନାସରିନ, ତସଲିମା। ମୁଁ ଫେରି ଆସିବି ଅନୁ. ଯୁଗଳକିଶୋର ଦତ୍ତ, ତସଲିମା ନାସରିନ ନିର୍ବାସିତ ନାରୀ କବିତା, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ବାଲେଶ୍ୱର, ପୃ. ୬
୯. ରଥ, ବ୍ରଜନାଥ। "'ଭାରତର ମାନଚିତ୍ର'।" ହେ ମୋର ସ୍ୱଦେଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ ୧୯୯୭, ପୃ. ୮
୧୦. ନାସରିନ, ତସଲିମା। ଭଙ୍ଗ ବଙ୍ଗଦେଶ। ଅନୁ. ବ୍ରଜନାଥ ରଥ, ତସଲିମାଙ୍କ ଶ୍ରେଷ୍ଠ କବିତା, କାହାଣୀ ପ୍ରକାଶିନୀ, ପ୍ରଥମ ପ୍ରକାଶ ୧୯୯୪, ପୃ. ୧୩
୧୧. —. ପୃ. ୯
୧୨. —. ପୃ. ୮

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes (DrillBit) Similarity Index: 0 %
Ethical Approval:	Not applicable
License:	Tulānāra Tarājure: Brajanātha Ratha o Taslima Nasarin © 2025 by Manas Kumar Senapati is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

ଅସ୍ପୃଶ୍ୟତା ପ୍ରସଙ୍ଗ ବନାମ ନୀଳତୃଷ୍ଣା : ଏକ ଅନୁଶୀଳନ

ଦୀପକ ମଲିକ

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଜିରାଳ ମହାବିଦ୍ୟାଳୟ, ଜିରାଳ, ଢେଙ୍କାନାଳ

E-Mail: dm2269114@gmail.com

Article No : BB-I-IV-2025-08
DOI No : 10.64647/bb.vol.1.issue4.2025.8
Review Status: Double-Blind Peer Reviewed
Language of the Article: Odia
Type of Article: Research Article
Submission Date : 27-08-2025
Publication Date : 14-10-2025

ସଂକ୍ଷିପ୍ତସାର: Abstract

ଉପନ୍ୟାସ ମଣିଷ ଜୀବନ ଓ ଜଗତର ଏକ ବାସ୍ତବ ଓ ପୂର୍ଣ୍ଣାଙ୍ଗ ପ୍ରତିଛବି। ଦୀର୍ଘ କଳେବର ଏବଂ ଜୀବନଧର୍ମିତା ତା'ର ମୌଳିକ ବୈଶିଷ୍ଟ। ସମାଜର ପ୍ରତ୍ୟେକ ସ୍ତରର ସମସ୍ୟା, ଘଟଣା, ଚରିତ୍ର, ଭାଷା, ଭାବ ଆଦି ଉପନ୍ୟାସରେ ଆତ୍ମପ୍ରକାଶ କରିଥାଏ। ଯାହା ଉପନ୍ୟାସକୁ ଅନ୍ୟାନ୍ୟ ସାହିତ୍ୟିକ ବିଭବଗୁଡ଼ିକଠାରୁ ସ୍ୱତନ୍ତ୍ରତା ପ୍ରଦାନ କରେ। ଅସ୍ପୃଶ୍ୟତା ହେଉଛି ଭାରତୀୟ ଜନଜୀବନ ଓ ଜନସଂହତି ମଧ୍ୟରେ ଏକ ପ୍ରମୁଖ ପ୍ରତିବନ୍ଧକ । ତେଣୁ ଅନ୍ୟାନ୍ୟ ସାମାଜିକ ସମସ୍ୟାଗୁଡ଼ିକ ଭଳି ଅସ୍ପୃଶ୍ୟତା ଆମ ସମାଜର ଏକ ଉତ୍କଟ ସମସ୍ୟା। ଯେଉଁ ସମସ୍ୟାଗୁଡ଼ିକୁ ପ୍ରକାଶ କରିବାରେ ଓଡ଼ିଆ ଉପନ୍ୟାସଗୁଡ଼ିକ ସର୍ବଦା ସତମୁଖ। ଏହି ପରିପ୍ରେକ୍ଷୀରେ ଏଠାରେ ପଦ୍ମଶ୍ରୀ ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସଟି ଆଲୋଚ୍ୟ।

ମୂଳଶବ୍ଦ : ନୀଳତୃଷ୍ଣା, ଅସ୍ପୃଶ୍ୟ, ଉପନ୍ୟାସ, ରୁପେଇ, କଳିଙ୍ଗ, ଫୁଲଝରୀ, ବୁଲାବାବା, ସହର, ଖଳା।

"ଛବିରେ ଦେଖିବା ଭଳି ମୋର ସେ ଗାଁ । ଦୂରରୁ ସୁନ୍ଦର । ଅଥଚ ଭିତରେ କେତେ ଦୁଃଖ, ଦାରିଦ୍ର୍ୟ, ଅଶିକ୍ଷା, ଅନ୍ଧବିଶ୍ୱାସ, ଆବର୍ଜନା ! ମୋ ଗାଁରେ ନ ଥାନ୍ତା କି ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବ ! ହରିଜନ ଜାତିର ମଣିଷଗୁଡ଼ା ହୋଇଥାନ୍ତେ କି ମଣିଷ ! ଆହା ! ସେମାନେ ତ ପଶୁଠାରୁ ବି ହୀନ ଜୀବନ ବିତାନ୍ତି । ଆୟୁଷ ଥିବା ଯାଏ ପ୍ରାଣଟାକୁ ଜାବୁଡ଼ିଧରି ରଖିବାର ପ୍ରୟାସ କରନ୍ତି । ଫଳ-ମୂଳ, କ୍ଷୀର, ଛେନା, ପନିପରିବା, ମାଛ-ମାଂସ ତ ଦୂରର କଥା ସେମାନେ ତ ପେଟପୂରା ମୁଠାଏ ଖାଇବାକୁ ବି ପାଆନ୍ତି ନାହିଁ । କାହିଁକି ମୋ ଗାଁରେ ଏ ଦୈନ୍ୟ ! ମାଟିରେ ତ ଫଳେ ସବୁ- ମାଟି ତ କେବେ ଫଳଫୁଲ ଶସ୍ୟ ଦେବା ପାଇଁ କାର୍ପଣ୍ୟ କରେ ନାହିଁ। କାର୍ପଣ୍ୟ କରେ ଏଇ ମଣିଷ।" - 'ନୀଳତୃଷ୍ଣା' ଉପନ୍ୟାସର ନାୟିକା ରୁପେଇର ଏହି ଶେଷ ସ୍ୱୀକାରୋକ୍ତି ପ୍ରତ୍ୟେକ ପାଠକ ପ୍ରାଣକୁ ଅଶ୍ରୁପ୍ଲାବିତ କରାଇବା ସହିତ ସମାଜରେ ପ୍ରଚଳିତ ଅସ୍ପୃଶ୍ୟତାର ଭୟାଭୟତାକୁ ସୂଚାଇ ଦିଏ ।

ବିଶ୍ୱର ପ୍ରତ୍ୟେକ ସମାଜରେ ଉଚ୍ଚ-ନୀଚ, ବଡ଼ ସାନ ଆଦି ବିଭିନ୍ନ ସ୍ତର ରହିଛି। ଭାରତୀୟ ସମାଜରେ ରହିବା ମଧ୍ୟ କିଛି ବିଚିତ୍ର ନୁହଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିଶ୍ୱର ପ୍ରତ୍ୟେକ ସମାଜରେ ବ୍ୟକ୍ତି ତା'ର ଉଚ୍ଚନୀଚ ସ୍ତର ନିଜର ଅର୍ଜିତ କ୍ଷମତା, ଯୋଗ୍ୟତା ଓ ପ୍ରତିଷ୍ଠାଦ୍ୱାରା ପ୍ରାପ୍ତ କରିଥାଏ । କିନ୍ତୁ ଭାରତୀୟ ସମାଜ ବ୍ୟବସ୍ଥାରେ ସେହିଭଳି ହୋଇନଥାଏ, ବରଂ ମଣିଷ ତା' ଉଚ୍ଚନୀଚ ସ୍ତର ଜନ୍ମଦ୍ୱାରା ପ୍ରାପ୍ତ କରିଥାଏ । ଅର୍ଥାତ୍ ଜନ୍ମରୁ ହିଁ ଏଠାରେ କିଛି ମଣିଷ ଉଚ୍ଚ ହୋଇ ଏବଂ କିଛି ମଣିଷ ନୀଚ ହୋଇ ଜନ୍ମ ହୋଇଥାନ୍ତି। ବୁଦ୍ଧି, ବିଦ୍ୟା, ଯୋଗ୍ୟତା ନଦେଖି ଜନ୍ମରୁ ହିଁ ତା ପାଇଁ ଜୀବନର ବୃତ୍ତି ମଧ୍ୟ ନିର୍ଦ୍ଧାରିତ କରିଦିଆଯାଇଥାଏ । ତେଣିପାଇଁ ଏଠାରେ ଜନ୍ମରୁ ହିଁ ସମାଜର କିଛି ମଣିଷ ସହଜ, ସରଳ, ସ୍ୱାଭାବିକ କାର୍ଯ୍ୟ କରୁଥିବା ସମୟରେ ଅନେକ ମଣିଷ ନାଳ, ନର୍ଦ୍ଦମା ଭଳି ଅସ୍ୱାସ୍ଥ୍ୟକର ସ୍ଥାନରେ କାର୍ଯ୍ୟକରି ଜୀବନ ଅତିବାହିତ କରିବାପାଇଁ ବାଧ୍ୟ ହୋଇଥାନ୍ତି । କୌଣସି ଯୁକ୍ତିଯୁକ୍ତତା ନ ଥାଇ ମଧ୍ୟ ଏହି ସମାଜର ଅଧେ ମଣିଷ ନିଜ କାର୍ଯ୍ୟକୁ ଉଚ୍ଚକର୍ଯ୍ୟ, ନିଜଭାଷାକୁ ଉଚ୍ଚଭାଷା ଓ ନିଜକୁ ଉଚ୍ଚମଣିଷ ବୋଲାଉଥିବା ସମୟରେ ଅଧିକାଂଶ ମଣିଷଙ୍କୁ ନୀଚ, ଅପବିତ୍ର, ଅଚ୍ଛୁଆଁ, ଅସ୍ପୃଶ୍ୟ ବୋଲି କହିଥାନ୍ତି । ଯାହା ଭାରତରେ ରହୁଥିବା ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଅଳ୍ପେ ବହୁତେ ଅନୁଭବ କରୁଥିବେ । ମହାତ୍ମା ଗାନ୍ଧୀଙ୍କ ମତରେ, "ଅସ୍ପୃଶ୍ୟତା ଜାତିପ୍ରଥାରୁ ସୃଷ୍ଟି ହୋଇନାହିଁ । ଏହା ମଣିଷ ମଣିଷ ଭିତରେ ଥିବା ଉଚ୍ଚନୀଚ ଭାବରୁ ସୃଷ୍ଟି ହୋଇଛି । ଏବଂ ଏଇ ଉଚ୍ଚନୀଚର ଭାବନା ଏତେ ଗଭୀର ହୋଇଯାଇଛି ଯେ ଏହା ସ୍ପୃଶ୍ୟ ଏବଂ ଅସ୍ପୃଶ୍ୟତାର ଭେଦଭାବ ସୃଷ୍ଟି କରିଦେଇଛି । ମୋର ଅସ୍ପୃଶ୍ୟତା ଉପରେ ଆକ୍ରମଣ ହେଉଛି, ସମାଜର ଉଚ୍ଚନୀଚ ପ୍ରଭେଦ ଉପରେ ଆକ୍ରମଣ । ମୁଁ ନିଶ୍ଚିତ, ଅସ୍ପୃଶ୍ୟତା ନିବାରଣ ପରେ ହିନ୍ଦୁ ସମାଜରେ ଥିବା ଜାତିପ୍ରଥାର ଶୁଦ୍ଧିକାରଣ ହୋଇଯିବ।"[୧]

ଅସ୍ପୃଶ୍ୟତା ଭାରତୀୟ ସମାଜ ପ୍ରତି ଏକ କଳଙ୍କ । ଯେଉଁ କଳଙ୍କକୁ ଜଣେ ବ୍ୟକ୍ତି ନିଜ ସାରାଜୀବନ ବିନିମୟରେ ମଧ୍ୟ ଲିଭେଇ ପରେ ନାହିଁ । ଯେଉଁ ସନାତନ ହିନ୍ଦୁ ଧର୍ମରେ ପଥରକୁ ଭଗବାନଙ୍କ ପ୍ରତିମୂର୍ତ୍ତି ମାନି ପୂଜା କରାଯାଇଥାଏ । ପଶୁକୁ କୋଳରେ ଧରି ସ୍ନେହଁ କରାଯାଏ, ସେହିଭଳି ଏକ ସମାଜରେ ମଣିଷକୁ ପଶୁଠାରୁ ଆହୁରି ନିମ୍ନ ଦୃଷ୍ଟିରେ ବିଚାର କରାଯାଇଥାଏ । ଅର୍ଥାତ୍ ପଶୁକୁ କୋଳରେ ଧରି ବୁଲିଲେ କିଛି ଦୋଷ ଲାଗେନାହିଁ କିନ୍ତୁ ମଣିଷର ଛାଇ ଅନ୍ୟ ଏକ ମଣିଷ ଉପରେ ପଡ଼ିଲେ ସେ ଅପବିତ୍ର ହୁଏ, ଅଚ୍ଛୁଆଁ ହୋଇଯାଏ । ଅନ୍ୟ ଜଣକୁ ଶୁଚିହୋଇ ପବିତ୍ର ହେବାକୁ ପଡ଼େ । ଆଜି ଦେଶ ସ୍ୱାଧୀନ ହେବାକୁ ୭୯ବର୍ଷ ବିତିଯାଇଥିଲେ ମଧ୍ୟ ସମାଜରୁ ଏ ବ୍ୟାଧିର ଲୋପ ହୋଇପାରି ନାହି । ବରଂ ଅଞ୍ଚଳ ବିଶେଷରେ ଏହା ଅତି ଭୟଙ୍କର ଭାବରେ ପରିଦୃଶ୍ୟ ହେଉଛି। ଏହି ସାମାଜିକ ବ୍ୟାଧି

ବିରୋଧରେ ଅତୀତରେ ବୌଦ୍ଧ, ଜୈନ, ନାଥ, ବ୍ରାହ୍ମ ତଥା ମହିମା ଆଦି ଧର୍ମାନୁଷ୍ଠାନଠାରୁ ଆରମ୍ଭ କରି ମହାତ୍ମା ଜ୍ୟୋତିରାଓ ଫୁଲେ, ପେରିୟାର, ଡ. ବି. ଆର ଆମ୍ବେଦକର ଏବଂ ମହାତ୍ମା ଗାନ୍ଧୀଙ୍କ ଭଳି ମହାମାନବଙ୍କ ପର୍ଯ୍ୟନ୍ତ ସମସ୍ତେ ଦେଶବ୍ୟାପୀ ଆନ୍ଦୋଳନ କରିଛନ୍ତି । କିନ୍ତୁ ଏହା ସମାଜରୁ ସଂପୂର୍ଣ୍ଣ ଲୋପ ହୋଇପାରି ନାହିଁ। ତାହା ଯେମିତି ସେମିତି ସାମାଜିକ ଜୀବନରେ ଏକ କଳଙ୍କ ହୋଇ ରହିଯାଇଛି । ଆମ ସମାଜରେ ଜଣେ ଅସ୍ପୃଶ୍ୟ ହୋଇ ବଞ୍ଚିବା ଯେ କେତେ ପୀଡ଼ାଦାୟକ, କେତେ ଯନ୍ତ୍ରଣା ଦାୟକ ହୋଇପାରେ ତାହା ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସ ପାଠକଲେ ହୃଦୟଙ୍ଗମ କରିହୁଏ ।

ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସଟି ୧୯୮୧ ମସିହାରେ ପ୍ରକାଶିତ ହୋଇଛି । ଏହି ଉପନ୍ୟାସଟି ଉପରେ ପ୍ରମିଳା କାପୁରଙ୍କ 'The life and world of call girls in India' ପୁସ୍ତକର ପ୍ରଭାବ ପଡ଼ିଥିବା ସେ ସ୍ୱୀକାର କରିଛନ୍ତି । ଶହେ ପଚାଶ ଜଣ ଭାରତୀୟ କଲଗାର୍ଲଙ୍କର ସାମାଜିକ, ଅର୍ଥନୈତିକ, ପରିବାରିକ ତଥା ମନସ୍ତାତ୍ତ୍ୱିକ ସ୍ଥିତିକୁ ପ୍ରତ୍ୟକ୍ଷ ଭାବରେ ତନ୍ନତନ୍ନ କରି ଅନୁଧ୍ୟାନ ପୂର୍ବକ ଉକ୍ତ ପୁସ୍ତକରେ ପ୍ରମିଳା କପୁର ପ୍ରକାଶ କରିଛନ୍ତି । 'ନୀଳତୃଷ୍ଣା' ଉପନ୍ୟାସରେ ମଧ୍ୟ ଏକ ଅସ୍ପୃଶ୍ୟ ତଥା ହରିଜନ ଝିଅର ଦୁଃଖମୟ ଜୀବନ କାହାଣୀ ପାଠକଙ୍କ ସମ୍ମୁଖରେ ଉନ୍ମୋଚନ କରିଛନ୍ତି ଔପନାସିକା । ଅପର ପକ୍ଷରେ ଉକ୍ତ ଉପନ୍ୟାସରେ ଅନ୍ଧ ସାମାଜିକ ବ୍ୟବସ୍ଥାରେ ଅସବର୍ଣ୍ଣ, ଅଛୁଆଁ ବୋଲାଯାଉଥିବା ମଣିଷମାନଙ୍କୁ ସେମାନଙ୍କ ବଞ୍ଚିବାର ସର୍ବନିମ୍ନ ଅଧିକାର ଫେରେଇଦେବାକୁ ଏକ ବୈପ୍ଲବିକ ଆହ୍ୱାନ ମଧ୍ୟ ଶୁଣାଇଛନ୍ତି ।

ଉପନ୍ୟାସର ପ୍ରଥମ ପର୍ଯ୍ୟାୟରେ ପାଠକ ଦେଖିବାକୁ ପାଆନ୍ତି ଜଣେ ଜାତି କୁଳ ବିବର୍ଜିତ ଭଣ୍ଡ ବୁଲାବାବା ପ୍ରତି ଲୋକଙ୍କର ଅଗାଧଭକ୍ତି ଓ ଆତ୍ମସମର୍ପଣ ଭାବ ଏବଂ ଅପର ପକ୍ଷରେ ଏକ ହରିଜନ ଝିଅ ରୁପେଇର ଜାତିଗତ କାରଣ ପାଇଁ ପିଲାଟି ଦିନରୁ ନିନ୍ଦା, ଅପମାନ, ଘୃଣା ଓ ନିର୍ଯାତନାମୟ ଜୀବନଯନ୍ତ୍ରଣା । ଫୁଲଝରୀ ଗାଁର ଏ ଦୁଇଟି ଘଟଣା ସମାଜରେ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ପ୍ରକାଶ କରିବାରେ ସଫଳ ହୋଇପାରିଛି । ରୁପେଇ ପିଲାଟି ଦିନରୁ ନିଜ ମଦୁଆ ବାପା ଆଉ ଜାତିଗତ କାରଣ ପାଇଁ ସର୍ବଦା ଅତ୍ୟାଚାରିତା ଓ ନିର୍ଯାତିତା ହୋଇଛି । ପରିଶେଷରେ ନିଜ ସାନଭାଇର ରିଷ୍ଟ ଖଣ୍ଡନ କରିବା ପାଇଁ ଯାଇ ବୁଲାବାବାର ପାଶବିକ ଯୌନକ୍ଷୁଧାର ସ୍ୱୀକାର ହୋଇଛି । ବୁଲାବାବା ଯିଏ କି ଫୁଲଝରୀ ଗ୍ରାମର ପ୍ରତେକ୍ଷ ଦେବତା । ଯାହାଙ୍କ ଆକର୍ଷଣରେ ଚାଲିଆସନ୍ତି ବହୁ ଦୂରଦୂରାନ୍ତରୁ ମାନ୍ୟଗଣ୍ୟ ବ୍ୟକ୍ତି । ଏମାନେ ଜାତି କୁଳ ନଥିବା ଏ ଭଣ୍ଡ ବାବାକୁ ଦେଖିଲେ ପାଦତଳେ ପଡ଼ି ମୁଣ୍ଡିଆ ତ ମାରନ୍ତି, କିନ୍ତୁ ରୁପେଇ ଭଳିଆ ନିରୀହ ନିର୍ବୋଧ ଝିଅକୁ ଅଛୁଆଁ କହି ଘୃଣା କରନ୍ତି । ସୁତରାଂ ଏହା ହେଉଛି ଆମ ସାମାଜିକ ଓ ଧାର୍ମିକ ଜୀବନର ଅନ୍ୟ ଏକ କଳଙ୍କ । ଏଠାରେ ମଣିଷ ଜାତି, ଗୋତ୍ର ନାମରେ ପ୍ରତିମୁହୂର୍ତ୍ତରେ ଘୃଣିତ ଅପମାନିତ ହେଉଥିବା ବେଳେ କୁଳ ଶୀଳ ବିହୀନ ଭଣ୍ଡ ବୁଲାବାବାମାନଙ୍କୁ ସମସ୍ତେ ଭଗବାନଙ୍କ ଅବତାର ମନେ କରନ୍ତି । ତାଙ୍କ ପାଦ ଧୋଇ ପାଦୁକା ପାଆନ୍ତି । ଅତି ଆଡମ୍ବର ସହକାରେ ପୂଜା କରନ୍ତି ।

ଉପନ୍ୟାସର ଅନ୍ୟ ଏକ ଦିଗରେ ପାଠକ ହରିଜନ ଆଦିବାସୀ ଓ ସମାଜ ମଙ୍ଗଳ ବିଭାଗରେ କାର୍ଯ୍ୟ କରୁଥିବା ଉଚ୍ଚବର୍ଣ୍ଣ ମଣିଷର ପ୍ରକୃତ ସ୍ୱରୂପକୁ ଦେଖିବାକୁ ପାଇଥାନ୍ତି । ସେମାନେ ଆଦିବାସୀ ହରିଜନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କର କୌଣସି ଉନ୍ନତି କରନ୍ତି ନାହିଁ । ତା ପରିବର୍ତ୍ତେ ସେମାନଙ୍କୁ ଶୋଷଣ କରନ୍ତି । ସମୟ ପଡ଼ିଲେ ଘୃଣା, ଅପମାନ କରିବାକୁ ମଧ୍ୟ ପାପ ବୋଲି ମନେ କରନ୍ତି ନାହିଁ । ଏହି ଭଳି ଚରିତ୍ର ହେଉଛନ୍ତି ପ୍ରତାପ କେଶରୀ ବାଘସିଂହ ଓ ତାଙ୍କ ସ୍ତ୍ରୀ ପ୍ରଭାମୟୀ। ସେଦିନ ରୁପେଇ ନିଜ ଯନ୍ତ୍ରଣା ଓ ନିର୍ଯାତନାମୟ ଜୀବନରୁ ବାହାରି ସେମାନଙ୍କ ଘରେ ଚାକରାଣୀ ହୋଇ କାମ କରିବ ପାଇଁ ତାଙ୍କ ସହିତ ସହର ଯିବ ବୋଲି ଇଚ୍ଛା କରିଥିଲା । କିନ୍ତୁ ଏ ରକ୍ଷଣଶୀଳ ସମାଜ ଯେମିତି ଘୋଷଣା କରିଥିଲା ଚାକରାଣୀ ହୋଇ କାମ କରିବା ପାଇଁ ବି ମଣିଷର ଗୋଟିଏ ଜନ୍ମଗତ ଜାତି ଆବଶ୍ୟକ । ଗିରିଆ ହାତରୁ ଚିଠି ଖଣ୍ଡକ ପଢୁପଢୁ ହରିଜନ ହରିଜନ ଗନ୍ଧରେ ପ୍ରଭାମୟୀଙ୍କର ଯେମିତି ଭ୍ରୁକୁଞ୍ଚିତ ହୋଇଉଠିଲା । ପ୍ରଭାମୟୀ କହିଉଠିଲେ.."ତୋ ଜାତି କ'ଣ ଲୋ ? ତୋ ବାପା ନାଁ ଯଦି ଏମିତି xxx ହରିଜନ । ଅତି କାତର କଣ୍ଠରେ କହିଲା ରୁପେଇ । ସତେ ବା ଗୋଟାଏ ଅଭାଷା ସେ ତୁଣ୍ଡରେ ଧରୁଚି। ହରିଜନ ନୁହେଁ ସେ ଯେମିତି ପାପୀଜନ ବୋଲି କହିଦେଇଛି। ମଇଳାଗଡ଼ିଆରୁ ଉଠି ଆସି ସେ ଯେମିତି ଏତେ ଲୋକଙ୍କ ସାମ୍ନାରେ ଠିଆ ହୋଇଛି । ତା' ଦେହରେ ଯେମିତି ଦୁର୍ଗନ୍ଧ ବାହାରୁଛି - ସେମିତି ଦୋଷୀଟିଏ ଭଳି ରୁପେଇ ମଳିନ ପଡ଼ିଗଲା ।"[୨] ବାସ୍ତବରେ ଆମର ପୁରାଣଶାସ୍ତ୍ର ଓ ସ୍ମୃତିଗୁଡ଼ିକରେ ଜନ୍ମ ଓ କର୍ମକୁ ଆଧାର କରି ମଣିଷକୁ ଯେଉଁ ଭଳି ଭାବରେ ପଙ୍ଗୁ କରି ଦିଆଯାଇଛି, ତାହାର ପରିଣତିକୁ ଆଜି ମଧ୍ୟ ସମାଜର ପଛୁଆ ବର୍ଗର ମଣିଷଙ୍କୁ ବହନ କରିବା ପାଇଁ ପଡୁଚି । ପଛୁଆ ବର୍ଗର ମଣିଷଟିଏ ଚାହିଁଲେ ମଧ୍ୟ ଗାଁ ଗହଳିରେ ବ୍ୟବସାୟଟିଏ କରିପାରୁନାହିଁ। ତେଣୁ ସେ ବାଧ୍ୟ ହୋଇ ତା'ର ସେଇ ଘୃଣିତ ଅପମାନିତ ଜୀବନକୁ ଆପଣେଇ ନେଉଛି। ତେଣୁ ପ୍ରଭାମୟୀଙ୍କ ବକ୍ତବ୍ୟରେ ଯେମିତି ସବୁକାଳର ସତ୍ୟ ଉନ୍ମୋଚନ ହୋଇଛି। ସେ କହି ଉଠିଛନ୍ତି-"ଶ୍ରୀମନ୍ଦିର ଭିତରେ ବ୍ରାହ୍ମଣ, ଚଣ୍ଡାଳ ସମାନ। ବାହାରକୁ ଆସିଲେ ଯୋଉକଥାକୁ ସେଇ କଥା । ଯା ଯା ଘରକୁ ଫେରିଯା । ମିଛରେ ଗୋଟାଏ ନବରଙ୍ଗ ଲାଗିଛି କାଲିଠୁ।"[୩]

ଉପନ୍ୟାସର ଅନ୍ୟ ଏକ ଦିଗରେ ଔପନ୍ୟାସିକା ଦେଖାଇଛନ୍ତି ଯେ ଅସ୍ପୃଶ୍ୟତା ଆଜି କେବଳ ଗାଁ ଗହଳି ମଧ୍ୟରେ ସୀମିତ ରହିନାହିଁ । ସଭ୍ୟ, ଶିକ୍ଷିତ, ଆଧୁନିକ ସହରଗୁଡ଼ିକ ମଧ୍ୟ ତା'ର କୁପ୍ରଭାବ ନିକଟରୁ ମୁକ୍ତ ନୁହଁନ୍ତି । କେବଳ ଗ୍ରାମାଞ୍ଚଳ କାହିଁକି ଆଜି ସହରଗୁଡ଼ିକରେ ମଧ୍ୟ ଛୁଆଁ-ଅଛୁଆଁ ଭେଦଭାବର ପ୍ରାଚୀର ଛିଡ଼ା ହୋଇଛି । ମଣିଷ ମଣିଷଠାରୁ ଦୂରେଇ ଯାଇଛି । ରୁପେଇ ସହରରେ ମଧ୍ୟ ଅନୁଭବ କରିଛି ଯେମିତି ସହର ଏବଂ ଗ୍ରାମ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଲୋକେ କାର୍ଯ୍ୟତଃ ଭିନ୍ନ ହୋଇ ପାରନ୍ତି ମାତ୍ର ସବୁ ସ୍ଥାନରେ ମଣିଷ ପ୍ରକୃତି ଏକ । ମଣିଷ ବାହାରକୁ ଯେତିକି ଭଦ୍ର, ପବିତ୍ର ଓ ମାର୍ଜିତ ଦେଖେଇ ହୁଏ ପ୍ରକୃତରେ ନିଜ ଭିତରେ ସେ ସେତିକି ଭଦ୍ର, ପବିତ୍ର ତଥା ମାର୍ଜିତ ହୋଇ ନଥାନ୍ତି । ସବୁବେଳେ ସୁଯୋଗର ଅନୁସନ୍ଧାନରେ ଥାଆନ୍ତି ଏହି ମଣିଷମାନେ । ମାତ୍ର ଟିକିଏ ସୁଯୋଗ ମିଳିଗଲେ ଏମାନେ ସାଧାରଣ ଅସହାୟା ନାରୀଟିର ଅସହାୟତାର ସୁଯୋଗ ନେବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ନିଜକୁ ସଭ୍ୟ ଏବଂ ଉଚ୍ଚ ବୋଲାଉଥିବା ଏହି ମଣିଷମାନେ ଅମାବାସ୍ୟାର ଅନ୍ଧକାର ରାତ୍ରିରେ ଆଦିବାସୀ ହରିଜନ ନାରୀମାନଙ୍କ ସହିତ ରାତି ବିତେଇ ପାରନ୍ତି । ସେଥିରେ ବେଦ ଅଶୁଦ୍ଧ ହୁଏ ନାହିଁ। ହେବାର

ସମ୍ଭାବନା ମଧ୍ୟ ନାହିଁ । କିନ୍ତୁ ଦିନର ଦିବାଲୋକରେ ସେହି ହରିଜନ ଆଦିବାସୀ ନାରୀମାନଙ୍କର ଛାଇ ପଡ଼ିଗଲେ କୁଆଡେ ତାଙ୍କ ଜାତି ଚାଲିଯାଏ । ସେମାନେ ଅପବିତ୍ର ହୋଇଯାଆନ୍ତି। ତାଙ୍କୁ ଗଙ୍ଗାରେ ବୁଡ଼ ପକେଇ ପବିତ୍ର ହେବାକୁ ପଡ଼େ । ସେଦିନ ରୁପେଇ ମହାନ୍ତି ବାବୁଙ୍କ ଖଳାକୁ କାମ କରିବାକୁ ଯାଇଥିବା ବେଳେ ମହାନ୍ତି ବାବୁ ନିଜର କାମନା ମେଣ୍ଟାଇବର କାମନାରେ କେତେ ମିଠା ମିଠା କଥା କହିଗଲେ। କିନ୍ତୁ ଘରେ ବାବୁଆଣୀ ଓ ଅନ୍ୟ ସମସ୍ତଙ୍କ ସାମ୍ନାରେ ରୁପେଇକୁ ଦେଖିଲେ ତାଙ୍କୁ ହରିଜନ ହରିଜନ ଗନ୍ଧାଏ । ସେ ନାକ ଟେକି ଘୃଣା କରନ୍ତି ଏବଂ ମୁହଁ ଛିଞ୍ଚାଡ଼ି କହନ୍ତି- " ଆଲୋ ଛୁଇଁବୁ ଛୁଇଁବୁ । ଦେଇପିଣ୍ଡି ଭଳି ଖଞ୍ଜା ଭିତରକୁ କାହିଁକି ପଶି ଆସୁଛୁ ? ଆଡ଼େଇ ଯା ମୁଁ ବି ଯିବି । ତୁମମାନଙ୍କ ମୁହଁ ଚାହିଁଲେ ଅନୁକୂଳ ବିଗିଡ଼ିଯିବ । ଯେତେ ହେଲେ ଛୋଟ ଜାତି ।"[୪] ଏ ହେଉଛି ଆମ ସଭ୍ୟ, ଶିକ୍ଷିତ ଓ ବଡ଼ଲୋକି ସମାଜର ଏକ ବାସ୍ତବ ଚିତ୍ର ।

ଉପନ୍ୟାସର ଅନ୍ୟ ଏକ ଦିଗରେ ଜଣେ ସଭ୍ୟ ଶିକ୍ଷିତ ଏବଂ ସବର୍ଣ୍ଣ ଯୁବକଦ୍ୱାରା ସମାଜ ସଂସ୍କାରର ଆହ୍ୱାନ ଦେଇଛନ୍ତି ଔପନ୍ୟାସିକା । ଏ ଦିଗରେ ପାଠକ ଦେଖନ୍ତି କଳିଙ୍ଗଙ୍କୁ । କଳିଙ୍ଗ ହେଉଛନ୍ତି ପ୍ରତାପ କେଶରୀ ଓ ପ୍ରଭାମୟୀଙ୍କର ଏକ ମାତ୍ର ସନ୍ତାନ। ଏବଂ ରୁପେଇର ଘୃଣିତ, ଅପମାନିତ ଓ ନିର୍ଯାତିତ ଜୀବନର ଏକମାତ୍ର ମୁକ ସାକ୍ଷୀ । ସେଦିନ ପ୍ରଭାମୟୀ ହରିଜନ କହି ରୁପେଇକୁ ନିଜ ସହିତ ସହରକୁ ନ ଆଣି ଅପମାନିତ କରିଥିବା କଥା କଳିଙ୍ଗଙ୍କୁ ଗଭୀର ଆଘାତ କରିଥିଲା । ସେହିଦିନୁ ସମାଜର ଏହି ଅନ୍ଧ ବୁଝାବଣାର ଦିନେ ସେ ଉଚିତ୍ ଜବାବ ଦେବ ଏହା ତା ଜୀବନର ଏକ ବୃହତ୍ତର ଲକ୍ଷ୍ୟରେ ପରିଣତ ହୋଇଥିଲା । ତେଣୁ ସମାଜ ସଂସ୍କାରର ବହ୍ନିରେ କଳିଙ୍ଗ ନିଜର ପାରମ୍ପରିକ ସଂଜ୍ଞା ତ୍ୟାଗ କରି ଦାସ(ସେବକ) ସଂଜ୍ଞା ଗ୍ରହଣ କରିଛନ୍ତି ଓ ନିଜକୁ ହରିଜନ ଗୋଷ୍ଠି ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ନିଜର ଦାସ ସଂଜ୍ଞା ସପକ୍ଷରେ କହିଛନ୍ତି- " ମୁଁ ଥିଲି କଳିଙ୍ଗ କେଶରୀ ବାଘସିଂହ । ବର୍ତ୍ତମାନ ମୁଁ କଳିଙ୍ଗ କିଶୋର ଦାସ । ଦାସର ଅର୍ଥ ସେବକ । ସେବକ ଜନତାର ଅଥବା ଜନାର୍ଦ୍ଦନଙ୍କର । ଜାତି ଶବ୍ଦଟା ଯେହେତୁ ଆମର ସମ୍ବିଧାନରେ ଚଳୁଛି । ସେଠି ମୁଁ ଲେଖୁଛି ହରିଜନ । ଅର୍ଥାତ୍ ଭଗବାନଙ୍କର ସୃଷ୍ଟ ମଣିଷ ମୁଁ । ବାସ୍ ଏତିକି ମୋର ପରିଚୟ।"[୫]

କଳିଙ୍ଗ ନିଜ ବାପା ପ୍ରତାପକେଶରୀଙ୍କ ଧନ ସଂପତ୍ତିକୁ ତ୍ୟାଗ କରିଛି । ତାଙ୍କ ବିଚାରରେ ବାପାଙ୍କ ଭଳି ହରିଜନ ଆଦିବାସୀ ଓ ସମାଜ ମଙ୍ଗଳ ବିଭାଗରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପାଇଁ ସମାଜରେ ହରିଜନ ଓ ଆଦିବାସୀ ଆଦି ଅନୁନ୍ନତ ଶ୍ରେଣୀର କେବେହେଲେ ଉନ୍ନତି ହୋଇପାରେ ନାହିଁ । ସରକାରଙ୍କ ସମସ୍ତ ସାହାଯ୍ୟ ଓ ସହଯୋଗ ବାଟମାରଣା ହୋଇଯାଏ । ସେମାନେ ତାର ଠଳକୁଳ ପାଆନ୍ତି ନାହିଁ । କଳିଙ୍ଗଙ୍କ ବିଚାରରେ- " ନର୍ଦ୍ଦମା ଉପରେ ଅତର ଛିଞ୍ଚିଲାଭଳି ଅଛୁଆଁ ଜାତି ଉପରେ ହରିଜନ ଶବ୍ଦଟା ଗୋଟେ କଲେଇକରା ଖୋଳ। ଅତର ତଳୁ ନର୍ଦ୍ଦମାର ଗନ୍ଧ ଯେପରି ଉତ୍କଟ ଭାବେ ବାରିହୁଏ, ହରିଜନ ଶବ୍ଦର କଲେଇ ତଳେ ଅଛୁଆଁ ଜାତିର ଅବସ୍ଥା ସେମିତି । ଯାହାଥିଲା ସେଇଆ ଅଛି ।"[୬]

ବାସ୍ତବରେ କେବଳ ମାତ୍ର ହରିଜନ ଶବ୍ଦଟି ଯୁଗଯୁଗ ଧରି ସମାଜରେ ଘୃଣିତ, ଅପମାନିତ, ନିର୍ଯାତିତ ଜୀବନ ବଞ୍ଚୁଥିବା ମଣିଷମାନଙ୍କୁ ସୁରକ୍ଷା ଦେଇପାରିଛି କି ନାହିଁ ତାହା ବିଚାର କରିବାର ବିଷୟ । କିନ୍ତୁ ବର୍ତ୍ତମାନ ସମାଜର ଟିକିଏ ନିମ୍ନସ୍ତରକୁ ଯାଇ ଏହି ଲୋକମାନଙ୍କର ଅସଚୋନୀୟ ଅବସ୍ଥା ଦେଖିଲେ ମନରେ ଅସଂଖ୍ୟ ପ୍ରଶ୍ନ ସୃଷ୍ଟି ହୁଏ, ମଣିଷକୁ ଅଧିକ ଅନ୍ଧାର ଭିତରକୁ ନେଇଯାଏ। ତେଣୁ କଳିଙ୍ଗ ସମସ୍ତ ଝାଡୁଦାର ଓ ମେହେନ୍ତରମାନଙ୍କୁ ଏକ ବୈପ୍ଳବିକ ଆହ୍ୱାନ ଶୁଣାଇଛନ୍ତି- " ଭାଇମାନେ ଏ ସହରର ମଇଳା ଆବର୍ଜନା ସଫାକରି ତମେ ନିଜେ ମୁଣ୍ଡ ଗୁଞ୍ଜୁଛ ନାଳନର୍ଦ୍ଦମାପୂର୍ଣ୍ଣ ଅସ୍ୱାସ୍ଥ୍ୟକର ବସ୍ତିରେ ! ଠିକ୍ ଯେମିତି ଗାଁ ର ମଇଳା ଉଠାଇ ଗାଁ ମୁଣ୍ଡରେ ପଲାମାରି ରହୁଥିଲେ ଅଛୁଆଁ ଜାତି । ଅଛୁଆଁ ଜାତି ପରିବର୍ତ୍ତେ ହରିଜନ ଶବ୍ଦଟି ଛଡ଼ା ଆଉ କିଛି ପରିବର୍ତ୍ତନ ହୋଇନାହିଁ ସାମାଜିକ ରୀତିନୀତି ଚାଲିଚଳନୀରେ । ତମେ ମାନେ ଯେଉଁଠି ଥିଲ ସେଇଠି । ଆଜି ମଧ୍ୟ ତମେମାନେ ମଇଳା ସଫାକର, ଅଇଁଠାପତ୍ର ଉଠାଅ କିନ୍ତୁ ଦେବ ମନ୍ଦିରରେ ପ୍ରବେଶ କରିପାର ନା ସବୁ ସାମ୍ୟବାଦ ରହିଯାଇଛି ଭାଷଣରେ.. ନଥିପତ୍ରରେ। କାର୍ଯ୍ୟତଃ ତୁମ ପୂର୍ବ ପୁରୁଷମାନେ ଯେଉଁଠି ଥିଲେ ତମେ ସେଇଠି ଅଛ ।"[୭]

ପରିଶେଷରେ ହରିଜନ ଓ ମେହେନ୍ତର ଲୋକମାନଙ୍କୁ ନର୍ଦ୍ଦମାର ଲାଙ୍ଗୁଡ଼ିଆ ପୋକ ମନେ କରୁଥିବା ପ୍ରଭାମୟୀଙ୍କୁ କଳିଙ୍ଗ ଯେଉଁ ବିଦ୍ରୋହାତ୍ମକ ବାଣୀ ଶୁଣାଇଛନ୍ତି, ସେଇଥିରୁ ଅସ୍ପୃଶ୍ୟତାର ପରିଣତି ଯେ ଦିନେ କେତେ ଭୟଙ୍କର ହେବେ ତାହା ଅନୁମାନ କରିହୁଏ। କଳିଙ୍ଗଙ୍କ ଭାଷାରେ "ମେହେନ୍ତରମାନେ ବାପ ଆଜା ଚଉଦ ପୁରୁଷ ଧରି ପୃଥିବୀଯାକର ମଇଳା ସଫା କରିଆସୁଛନ୍ତି । ଏଣିକି ଅଣ ମେହେନ୍ତରମାନେ ମଇଳା ସଫା କରନ୍ତୁ । ସମସ୍ତେ ସମାନ ବୋଲି ମୁହଁରେ କହିଦେଲେ ତ ଚଳିବନି । କାମରେ କରି ଦେଖାଇବାକୁ ପଡ଼ିବ । ମଣିଷମାନଙ୍କୁ ନାଳନର୍ଦ୍ଦମାର ପୋକ ଭାବିଲେ ସେ ଦିନେ ନା ଦିନେ ଜାନୁଆର ହୋଇ ଆକ୍ରମଣ କରିବ। ତା'ର ଫଳାଫଳ ଖୁବ୍ ଭୟାନକ ହେବ ।"[୮]

ବାସ୍ତବରେ ଉପନ୍ୟାସଟି ଆମ ସମାଜରେ ଅସ୍ପୃଶ୍ୟ ବା ଅଛୁଆଁ ଭାବେ ପରିଗଣିତ ହେଇଥିବା ଲୋକମାନଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସର୍ବକାଳୀନ ସମସ୍ୟାକୁ ଉପସ୍ଥାପନ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅସ୍ପୃଶ୍ୟତା ଏକ ଚିହ୍ନ ନୁହେଁ ଏକ ସାମାଜିକ ବ୍ୟାଧି। ଏହି ବ୍ୟାଧିର ତୁରନ୍ତ ନିରାକରଣ କରାନଗଲେ ତା ଆମ ସାମାଜିକ ଜୀବନକୁ ବିନାଶ କରିଦେବ । ଜାତୀୟ ଏକତା ଓ ଜାତୀୟ ସଂହତି ତଥା ଜାତୀୟ ଉନ୍ନତି କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ଭାବରେ ଦଣ୍ଡାୟମାନ ହେବ।

ସଙ୍କେତ ସୂଚୀ:

୧. ମଲ୍ଲିକ, ହୃଷୀକେଶ, କୋଣାର୍କ, ସଂଖ୍ୟା-୧୦୧, ପ୍ରଥମ ପ୍ରକାଶ, ୨୦୨୧, ପୃ. ୧୨୮।
୨. ରାୟ, ପ୍ରତିଭା, ନୀଳତୃଷ୍ଣା, ପ୍ରଥମ ପ୍ରକାଶ, ଆଦ୍ୟା ପ୍ରକାଶନୀ, ଭୁବନେଶ୍ୱର, ୧୯୮୧, ପୃ. ୪୪।
୩. —, ନୀଳତୃଷ୍ଣା, ପୃ. ୧୮୩।
୪. —, ନୀଳତୃଷ୍ଣା, ପୃ. ୭୨।
୫. —, ନୀଳତୃଷ୍ଣା, ପୃ. ୧୧୩।
୬. —, ନୀଳତୃଷ୍ଣା, ପୃ. ୧୧୦।
୭. —, ନୀଳତୃଷ୍ଣା, ପୃ. ୧୧୧।

«««

Funding Statement:	This research received no external funding
Conflict of Interest:	No
Plagiarism Test:	Yes (DrillBit) Similarity Index: 0 %
Ethical Approval:	Not applicable
License:	Asprushyataa Prasanga Banam Neelatrushnaa: Eka Anushilana © 2025 by Deepak Mallik is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/

ଗବେଷଣା ଚର୍ଚ୍ଚା

ଭାଷା ଗବେଷଣାରେ ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତି ଓ ପ୍ରକ୍ରିୟାକରଣ

ଡ. ସୌମ୍ୟଜିତ୍ ପଣ୍ଡା[୧]
ଡ. ଜୟନ୍ତ କୁମାର ଦାସ[୨]

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

Email: soumyajit.ac@gmail.com / dasjkfmu@gmail.com

ଗବେଷଣାରେ ତଥ୍ୟର ଭୂମିକା ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ। ତଥ୍ୟ ବିନା କୌଣସି ଗବେଷଣାର ପରିଣାମ ବା ନିଷ୍କର୍ଷ ବିଶ୍ୱସନୀୟ ହୋଇପାରେନାହିଁ। ତଥ୍ୟ ଗବେଷଣାକୁ ପ୍ରାମାଣିକ, ଯଥାର୍ଥ ଓ ବିଜ୍ଞାନସମ୍ମତ କରିଥାଏ। ଭାଷା ଗବେଷଣାରେ ଧ୍ୱନି, ଶବ୍ଦ, ବ୍ୟାକରଣ, ସାହିତ୍ୟ, ଉପଭାଷା, ପାଣ୍ଡୁଲିପି କିମ୍ବା ଲୋକସଂସ୍କୃତି ସବୁକୁ ତଥ୍ୟ ଭାବେ ବ୍ୟବହାର କରାଯାଏ। ଯେତେବେଳେ ଏହି ସବୁକୁ ସୁନିୟୋଜିତ ଓ ପ୍ରଣାଳୀବଦ୍ଧ ଭାବରେ ସଂଗ୍ରହ କରାଯାଏ, ସେତେବେଳେ ତହିଁରୁ ମିଳୁଥିବା ନିଷ୍କର୍ଷ ନିର୍ବିକଳ୍ପ, ପୁନରୁତ୍ପାଦନୀୟ ଓ ପ୍ରାମାଣିକ ହୋଇଥାଏ।

ଗବେଷଣାର ଆଦି କାଳରୁ ବିଶ୍ୱରେ ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ ପ୍ରଣାଳୀ ବ୍ୟବହୃତ ହୋଇଆସିଛି। ସେଥି ମଧ୍ୟରୁ କ୍ଷେତ୍ର ଅଧ୍ୟୟନ (field study) ମାଧ୍ୟମରେ ତଥ୍ୟ ସଂଗ୍ରହ ସୁପ୍ରାଚୀନ। ଏହି ପର୍ଯ୍ୟାୟରେ ଗବେଷକମାନେ ସିଧାସଳଖ ସମ୍ପୃକ୍ତ ସ୍ଥଳ ବା ବ୍ୟକ୍ତି ବିଶେଷ ଜରିଆରେ ଗବେଷଣା କରି ପ୍ରତ୍ୟକ୍ଷ ଅନୁଭବ ଓ ସୂଚନା ସଂଗ୍ରହ କରନ୍ତି। ଏଥିରେ ସାକ୍ଷାତକାର (interview) ଏବଂ ପ୍ରଶ୍ନାବଳୀ/ସର୍ବେକ୍ଷଣ (questionnaire/survey)ର ପ୍ରୟୋଗ କରି ଗବେଷକମାନେ ଲୋକମାନଙ୍କଠାରୁ ସ୍ପଷ୍ଟ ତଥ୍ୟ ପ୍ରାପ୍ତ କରନ୍ତି। ଏହି ସାକ୍ଷାତକାର ପ୍ରଣାଳୀରେ ସଂରଚିତ(structured), ଅର୍ଦ୍ଧ-ସଂରଚିତ (semi-structured), ଅସଂରଚିତ (unstructured) ପ୍ରକାରର ପ୍ରୟୋଗ ଦେଖାଯାଏ। ତଥ୍ୟର ପର୍ଯ୍ୟବେକ୍ଷଣ (observation), ସମବେଶୀ (participant) କିମ୍ବା ଅସମବେଶୀ (non-participant) ହୋଇପାରେ। ଯାହାକୁ ପରବର୍ତ୍ତୀ ସମୟରେ ତଥ୍ୟଶୋଧନ (Data Analysis)ମାଧ୍ୟମରେ ବିବେଚନା କରାଯାଏ।

ଓଡ଼ିଆ ଭାଷାର କିଛି ବିଶେଷତା ବା ବୈଶିଷ୍ଟ୍ୟ ତଥ୍ୟ ସଂଗ୍ରହକୁ ଅଲଗା ପ୍ରସଙ୍ଗୀକରଣ କରାଇଥାଏ। ଏହାର ପ୍ରାଚୀନ ଇତିହାସ, ସମୃଦ୍ଧ ସାହିତ୍ୟିକ ଧାରା, ବିବିଧ ଉପଭାଷା, ସ୍ୱତନ୍ତ୍ର ଲିପି ପରମ୍ପରା ଓ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଗବେଷଣାରେ ଏକ ଦୃଢ଼ ଭିତ୍ତି ଭୂମି ପ୍ରଦାନ କରେ। ଉପକୂଳ, ପଶ୍ଚିମ, ଦକ୍ଷିଣ ଓ ଅଦିବାସୀ ଅଞ୍ଚଳର ୩୦ରୁ ଅଧିକ ଉପଭାଷା ଓଡ଼ିଆ ଭାଷାର ସମପର୍ଣ୍ଣତାକୁ ପ୍ରକାଶ କରେ। Unicode ସ୍ୱୀକୃତ ଓଡ଼ିଆ ଲିପିରେ ଆଜି ବିଶ୍ୱସ୍ତରରେ ଡିଜିଟାଲ ତଥ୍ୟ ସଂଗ୍ରହ ସମ୍ଭବ ହୋଇପାରୁଛି।

ଓଡ଼ିଆରେ ତଥ୍ୟ ସଂଗ୍ରହର ମାଧ୍ୟମ ବହୁବିଧ। କ୍ଷେତ୍ର ସର୍ବେକ୍ଷଣ ମାଧ୍ୟମରେ ଗ୍ରାମ, ଜନସମାଜ ଓ ଅଦିବାସୀ ଅଞ୍ଚଳରୁ ସିଧାସଳଖ ତଥ୍ୟ ସଂଗ୍ରହ କରାଯାଏ। ଲୋକସାହିତ୍ୟ ଯଥା- ଗୀତ, କାହାଣୀ, ଲୋକୋକ୍ତି ଆଦି ଭାଷାର ଜୀବନ୍ତ ତଥ୍ୟ। ପାଣ୍ଡୁଲିପି ଓ ପୁରୁଣା ପୁସ୍ତକରେ ଓଡ଼ିଆ ଜାତି ଓ ସଂସ୍କୃତିର ଇତିହାସଭିତ୍ତିକ ତଥ୍ୟ ରହିଛି। ଏହା ସହିତ ଶବ୍ଦକୋଷ, ପଦକୋଷ, ସମ୍ବାଦପତ୍ର, ପତ୍ରିକା, ରେଡିଓ ଓ ଟିଭିରେ ଭାଷାର ଆଧୁନିକ ଓ ସଂସ୍କରିତ ରୂପ ଦେଖିବାକୁ ମିଳେ। ଡିଜିଟାଲ ସଂଗ୍ରହ ଯଥା- ଓଡ଼ିଆ ଉଇକିସୋର୍ସ (Odia Wikisource), ଡିଜିଟାଲ କର୍ପସ (Digital Corpus), ଓ ଭାଷା ଗ୍ରନ୍ଥାଗାର (Bhasa Granthagara) ଆଦି ମାଧ୍ୟମରେ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଯାଇପାରୁଛି। ତେବେ ଗବେଷଣା ସମୟରେ ଏହି ତଥ୍ୟସଂଗ୍ରହର କିଛି ନିୟମ ଶୃଙ୍ଖଳା ରହିଛି କାରଣ ଗବେଷଣା କାର୍ଯ୍ୟର ମୂଳଭିତ୍ତି ହେଉଛି ତଥ୍ୟ। ଯେକୌଣସି ବିଷୟର ଗଭୀର ଅନୁସନ୍ଧାନ ପାଇଁ ଯେତେବେଳେ ଗବେଷକ ନିଜେ ତଥ୍ୟ ସଂଗ୍ରହ କରନ୍ତି, ସେହି ତଥ୍ୟକୁ ପ୍ରାଥମିକ ତଥ୍ୟ (Primary Data) ବୋଲି କୁହାଯାଏ। ଏହା ଗବେଷଣାର ମୂଳ ଓ ସର୍ବାଧିକ ପ୍ରାମାଣିକ ତଥ୍ୟ ଯାହା ସିଧାସଳଖ ଉତ୍ସ ଠାରୁ ମିଳେ। ଏହି ତଥ୍ୟ ଅନ୍ୟ କାହାରି ଦ୍ୱାରା ପୂର୍ବରୁ ସଂଗୃହୀତ ହୋଇ ନଥାଏ, ବରଂ ଗବେଷକ ନିଜେ ପ୍ରଥମ ଥର ପାଇଁ ଏହାକୁ ସଂଗ୍ରହ ଓ ନିର୍ମାଣ କରନ୍ତି। ଏହି କାରଣରୁ ପ୍ରାଥମିକ ତଥ୍ୟକୁ "ମୂଳ ତଥ୍ୟ" ବା "ଜୀବନ୍ତ ତଥ୍ୟ" ବୋଲି ମଧ୍ୟ କୁହାଯାଏ।

ଗବେଷଣାରେ ତଥ୍ୟର ଭୂମିକା ଆତ୍ମା ସମାନ। ବିଶ୍ୱସ୍ତରରେ ବ୍ୟବହୃତ ବିଭିନ୍ନ ପ୍ରଣାଳୀକୁ ଓଡ଼ିଆର ବିଶେଷ ପରିପ୍ରେକ୍ଷୀରେ ମେଳାଇଲେ, ଭାଷାଗତ ଓ ସାହିତ୍ୟିକ ଗବେଷଣାର ଗୁଣମାନ ଉନ୍ନତ

ହୋଇପାରେ। MLA style citation ମାଧ୍ୟମରେ ସୁସଂଗଠିତ ଭାବରେ ତଥ୍ୟ ପ୍ରସ୍ତୁତ କଲେ, ଓଡ଼ିଆ ଗବେଷଣା ପ୍ରମାଣାଧିକ, ବୈଜ୍ଞାନିକ ଓ ଆନ୍ତର୍ଜାତୀୟ ସ୍ୱୀକୃତ ରୂପ ନେଇପାରିବ।

ପ୍ରାଥମିକ ତଥ୍ୟର ଅର୍ଥ ଓ ସ୍ୱଭାବ

ସେହି ସମସ୍ତ ତଥ୍ୟକୁ ପ୍ରାଥମିକ ତଥ୍ୟ (Primary Data) ବୋଲି କୁହାଯାଏ, ଯାହା ଗବେଷକ ନିଜେ ସିଧାସଳଖ ମୂଳ ଉତ୍ସଠାରୁ ସଂଗ୍ରହ କରନ୍ତି। ଏହି ତଥ୍ୟ ପୂର୍ବରୁ କୌଣସି ପ୍ରକାଶିତ ସାଧନରେ ଉପଲବ୍ଧ ନଥିବା ସହିତ ଏହା ନୂତନ ସୂଚନା ପ୍ରଦାନ କରିଥାଏ। ଏହା ଗବେଷଣା ପ୍ରକ୍ରିୟାର ଅତ୍ୟନ୍ତ ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯାଇଥାଏ। ଗବେଷକ ନିଜର ଶୋଧକାର୍ଯ୍ୟ ପାଇଁ ପ୍ରାଥମିକ ତଥ୍ୟକୁ ସଂଗ୍ରହ କରନ୍ତି, ଯାହା ପୂର୍ବରୁ ଅନ୍ୟ ଲୋକ କିମ୍ବା ପ୍ରକାଶିତ ଗ୍ରନ୍ଥ ବା ସାଧନରେ ବ୍ୟବହୃତ ହୋଇନଥାଏ। ଫଳରେ ଏହା ଗବେଷକର ମୌଳିକ କାର୍ଯ୍ୟ ଭାବରେ ବିବେଚିତ ହୋଇଥାଏ।

ପ୍ରାଥମିକ ତଥ୍ୟ ସଂଗ୍ରହ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ଗବେଷକଙ୍କର ନିଜର ଶୋଧକାର୍ଯ୍ୟକୁ ପ୍ରାମାଣିକ ଓ ନୂତନ ଦୃଷ୍ଟିଭଙ୍ଗୀ ପ୍ରଦାନ କରିବା। ଏହି ତଥ୍ୟ ସିଧାସଳଖ ଉତ୍ସରୁ ଆସିଥାଏ, ଯାହା ବସ୍ତୁ, ବ୍ୟକ୍ତି, ସମାଜ, ଘଟଣା, ସ୍ଥାନ, କାର୍ଯ୍ୟକ୍ରମ ଓ ପ୍ରକୃତି ଆଦିରୁ ସ୍ୱଅର୍ଜିତ ଅନୁଭବ ଓ ପ୍ରମାଣ ସମୃଦ୍ଧ ହୋଇଥାଏ। ପ୍ରାଥମିକ ତଥ୍ୟକୁ ଗବେଷଣାର ମୂଳ ଶକ୍ତି ଭାବେ ଚିହ୍ନଟ କରାଯାଏ, କାରଣ ଏହା ନୂତନ, ନିଶ୍ଚିତ, ପ୍ରତ୍ୟକ୍ଷ ଓ ଉଦ୍ଦେଶ୍ୟପୂର୍ଣ୍ଣ ହୁଏ।

ପ୍ରାଥମିକ ତଥ୍ୟର କିଛି ସ୍ୱଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ:

୧. **ନୂତନ ଓ ଅପ୍ରକାଶ୍ୟତା:** ପ୍ରାଥମିକ ତଥ୍ୟ ପ୍ରଥମଥର ପାଇଁ ସଂଗ୍ରହ ହୁଏ। ଗବେଷକ ନିଜ ଶୋଧକାର୍ଯ୍ୟ ପାଇଁ ଏହା ସଂଗ୍ରହ କରନ୍ତି, ଯାହାକି ପୂର୍ବରୁ କୌଣସି ପ୍ରକାଶିତ ସାଧନରେ ଉପଲବ୍ଧ ନଥାଏ। ଉଦାହରଣ ସ୍ୱରୂପ, ଯଦି କୌଣସି ନିର୍ଦ୍ଦିଷ୍ଟ ଗ୍ରାମୀଣ ଭାଷା ଓ ସଂସ୍କୃତିର ଲୋକଗୀତ ସଂଗ୍ରହ କରାଯାଉଛି, ସେହି ସଂଗ୍ରହ ପ୍ରଥମଥର ପାଇଁ ସାକ୍ଷାତକାର ଓ ଲେଖାଦ୍ୱାରା ସଂପାଦିତ ହୋଇଥାଏ।

୨. **ନିଶ୍ଚିତ ଓ ଆଧୁନିକ:** ଗବେଷକ ନିଜେ ତଥ୍ୟ ସଂଗ୍ରହ କରିଥିବାରୁ, ଏହା ଅଧିକ ଭରସାଯୋଗ୍ୟ ଓ ନିଶ୍ଚିତ ହୋଇଥାଏ। ପୂର୍ବରୁ ଉପଲବ୍ଧ ତଥ୍ୟରେ ସାମାନ୍ୟ ତ୍ରୁଟି କିମ୍ବା ଅପୂର୍ଣ୍ଣ ତଥ୍ୟ ଥାଇପାରେ; କିନ୍ତୁ ପ୍ରାଥମିକ ତଥ୍ୟ ଏହାର ସମ୍ଭାବନା କମ କରେ। ଉଦାହରଣ ସ୍ୱରୂପ, କୌଣସି ଏକ ଗବେଷଣା ବିଷୟରେ ସାମ୍ପ୍ରତିକ ସର୍ବେକ୍ଷଣ ସମୟରେ ଗବେଷକ ଅନୁଗତ ଲୋକଙ୍କର ପ୍ରତିକ୍ରିୟା ସଂଗ୍ରହ କରି, ତଥ୍ୟର ନିଶ୍ଚିତତା ଓ ଭରସାଯୋଗ୍ୟତାକୁ ନିର୍ଣ୍ଣୟ କରନ୍ତି।

୩. **ସଜୀବ ଓ ପ୍ରତ୍ୟକ୍ଷ:** ପ୍ରାଥମିକ ତଥ୍ୟ ସିଧାସଳଖ ଅନୁଭବ ଉପରେ ଭିତ୍ତି କରିଥାଏ। ଗବେଷକ ବ୍ୟକ୍ତି, ସମାଜ କିମ୍ବା କୌଣସି ଘଟଣାକୁ ସଜୀବ ସଜ୍ଞାନ ଭାବର ଦେଖି, ଶୁଣି, ଲେଖି କିମ୍ବା ଫଟୋ/ଭିଡିଓ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥାନ୍ତି। ଏହି ତଥ୍ୟ ସଂଗ୍ରହ ଗବେଷକଙ୍କୁ ତଥ୍ୟର ପ୍ରତ୍ୟକ୍ଷ ମୂଲ୍ୟ ବୁଝିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ, ଗ୍ରାମୀଣ ଉତ୍ସବ, ଲୋକ ନୃତ୍ୟ, ଭାଷା ଅନୁଷ୍ଠାନ ଇତ୍ୟାଦିରେ ଗବେଷକ ପ୍ରାଥମିକ ତଥ୍ୟ ପ୍ରତ୍ୟକ୍ଷ ଭାବରେ ସାକ୍ଷାତକାର ଏବଂ ଫଟୋଗ୍ରାଫ୍ ଦ୍ୱାରା ସଂଗ୍ରହ କରିଥାନ୍ତି।

୪. **ବିଶେଷ ଉଦ୍ଦେଶ୍ୟପୂର୍ଣ୍ଣ:** ପ୍ରାଥମିକ ତଥ୍ୟ ସଂଗ୍ରହ ସଦା ଗବେଷକଙ୍କର ନିଜ ବିଷୟ ଅନୁସାରେ ହୋଇଥାଏ। ଉଦାହରଣ ସ୍ୱରୂପ, ଯଦି ଓଡ଼ିଆ ଭାଷାର ଶବ୍ଦ ବ୍ୟବହାର, ଅଭିବ୍ୟକ୍ତି ଶୈଳୀ କିମ୍ବା ଲେଖନ ରୂପ ଉପରେ ଗବେଷଣା କରାଯାଉଛି, ତେବେ ଗବେଷକ ନିଜର ଲକ୍ଷ୍ୟ ଅନୁସାରେ ଆବଶ୍ୟକ ତଥ୍ୟ ସଂଗ୍ରହ କରନ୍ତି।

ପ୍ରାଥମିକ ତଥ୍ୟ ସଂଗ୍ରହ ପ୍ରଣାଳୀ

ପ୍ରାଥମିକ ତଥ୍ୟ ସଂଗ୍ରହ ପାଇଁ ଗବେଷକ ବିଭିନ୍ନ ପ୍ରକାର ପଦ୍ଧତି ଅନୁସରଣ କରନ୍ତି। ସେଗୁଡ଼ିକ ମଧ୍ୟରୁ ମୁଖ୍ୟ ହେଉଛି—

୧. କ୍ଷେତ୍ରକର୍ମ (Field Work)

ପ୍ରାଥମିକ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ କ୍ଷେତ୍ରକର୍ମ ହେଉଛି ସବୁଠୁ ମୁଖ୍ୟ ଓ ପ୍ରଚଳିତ ପଦ୍ଧତି। ଏହି ପଦ୍ଧତିରେ, ଗବେଷକ ନିଜେ ସିଧାସଳଖ ଉତ୍ସ ନିକଟକୁ ଯାଇ, ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ସଜୀବ ତଥ୍ୟ ସଂଗ୍ରହ କରନ୍ତି। କ୍ଷେତ୍ରକର୍ମ ମାଧ୍ୟମରେ ଗବେଷକଙ୍କୁ ଲୋକଙ୍କର ଜୀବନ, ଭାଷା, ଚାଲିଚଳନ ଏବଂ ମନୋଭାବ ସହିତ ଏକ ସଜୀବ ଅନୁଭବ ମିଳେ, ଯାହା କୌଣସି ପୁସ୍ତକ କିମ୍ବା ଦ୍ୱିତୀୟ ସ୍ରୋତରେ ପ୍ରାପ୍ୟ ହୋଇପାରେନାହିଁ।

କ୍ଷେତ୍ରକାର୍ଯ୍ୟରେ ଗବେଷକ ପ୍ରଥମେ ସମ୍ପୃକ୍ତ ଅଞ୍ଚଳକୁ ଯାଆନ୍ତି, ଯାହାର ଲୋକସଂସ୍କୃତି, ସାହିତ୍ୟ, ଭାଷା କିମ୍ବା ସାମାଜିକ ପ୍ରଥା ପରମ୍ପରା ଉପରେ ଗବେଷଣା କରିବାକୁ ଚାହାଁନ୍ତି। ଏଠାରେ ସେମାନେ ସିଧାସଳଖ ସାକ୍ଷାତକାର (Interview), ପ୍ରତ୍ୟକ୍ଷ ଅବଲୋକନ (Observation) କରିବା ସହିତ କେବଳ ଲୋକଙ୍କର କଥା ନୁହେଁ, ସେମାନଙ୍କର ଅଭ୍ୟାସ, ଚାଲିଚଳଣୀ ଓ ପ୍ରତିକ୍ରିୟାକୁ ଅନୁଧ୍ୟାନ କରିବା ସହିତ ସେସବୁକୁ ଲେଖି ରଖନ୍ତି।

ଉଦାହରଣ ସ୍ୱରୂପ, ଯଦି ଗବେଷଣା ବିଷୟ ଓଡ଼ିଶାର ଜନଜାତୀୟ ଭାଷାର ଭିନ୍ନତା ଉପରେ ହୁଏ, ତେବେ ଗବେଷକ ସେମାନଙ୍କ ଅଞ୍ଚଳକୁ ଯାଇ ଭାଷାର ଉଚ୍ଚାରଣ, ଶବ୍ଦ ଚୟନ, ବ୍ୟାକରଣ ଓ ଅନ୍ୟ ଲେଖନ ଶୈଳୀ ନିଜେ ଶୁଣିବା ଓ ଦେଖିବା ସହିତ ଏହାକୁ ଲିପିବଦ୍ଧ କରିପାରନ୍ତି। ଏହା ସହିତ ସେ ଗ୍ରାମବାସୀଙ୍କର ସାମ୍ପ୍ରତିକ ଜୀବନ ଓ

ଅଭିବ୍ୟକ୍ତିର ପ୍ରକାର ମଧ୍ୟ ଅବଲୋକନ କରିପାରନ୍ତି। ଏହି ପଦ୍ଧତି ଗବେଷକଙ୍କୁ ତଥ୍ୟ ସହିତ ଏକ ସଜୀବ ଅନୁଭବ ଦିଏ, ଯାହା ଅନ୍ୟ କୌଣସି ପୁସ୍ତକ କିମ୍ବା ସାଧନରେ ମିଳିପାରେ ନାହିଁ।

କ୍ଷେତ୍ରକର୍ମ ଏକ ସର୍ବବ୍ୟାପୀ ଓ ବ୍ୟାପକ ପଦ୍ଧତି ଯାହା ଗବେଷକଙ୍କୁ ନିଜ ଶୋଧର ଲକ୍ଷ୍ୟ ଅନୁସାରେ ତଥ୍ୟ ସଂଗ୍ରହ କରିବାରେ ସହାୟତା କରେ। ଏହି ପଦ୍ଧତି ଦ୍ୱାରା ଗବେଷକ ତଥ୍ୟର ଭରସାଯୋଗ୍ୟତା, ପ୍ରତ୍ୟକ୍ଷତା ଓ ସଠିକତା ବୃଦ୍ଧି କରିପାରନ୍ତି। ଏହି ପଦ୍ଧତି ପ୍ରାଥମିକ ତଥ୍ୟ ସଂଗ୍ରହର ଏକ ଅତ୍ୟନ୍ତ ଦରକାରୀ ଉପାୟ ଯାହା ଗବେଷକଙ୍କୁ ଆବଶ୍ୟକୀୟ ଅନୁଭୂତିଲବ୍ଧ ତଥ୍ୟ ଦେଇ ତାଙ୍କର ଶୋଧକାର୍ଯ୍ୟର ଗୁଣବତ୍ତା ବଢ଼ାଇବାରେ ସହାୟକ ହୋଇଥାଏ।

ପ୍ରଶ୍ନାବଳୀ ଓ ସର୍ଭେ: ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତି

ପ୍ରାଥମିକ ତଥ୍ୟ ସଂଗ୍ରହ ପ୍ରକ୍ରିୟାର ଅନ୍ୟ ଏକ ମୁଖ୍ୟ ପଦ୍ଧତି ପ୍ରଶ୍ନାବଳୀ (Questionnaire) ଓ ସର୍ଭେ (Survey) ପଦ୍ଧତି। ଏହି ପଦ୍ଧତିରେ ଗବେଷକ ନିଜର ଗବେଷଣା କର୍ମର ଲକ୍ଷ୍ୟ ଅନୁସାରେ ପ୍ରଶ୍ନ ତିଆରି କରନ୍ତି ଏବଂ ସେଗୁଡ଼ିକୁ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରନ୍ତି। ପ୍ରଶ୍ନଗୁଡ଼ିକ ଲିଖିତ ଭାବରେ (Written Questionnaire) କିମ୍ବା ମୌଖିକ ଭାବରେ (Oral Survey) ଦିଆଯାଇପାରେ। ଏହି ପଦ୍ଧତି ଗବେଷକଙ୍କୁ ଉଦ୍ଦିଷ୍ଟ ଗୋଷ୍ଠୀର ମନୋଭାବ, ଜ୍ଞାନ, ଅନୁଭବ ଓ ଅଭିମତ ସମ୍ପର୍କରେ ସଠିକ ତଥ୍ୟ ସଂଗ୍ରହ କରିବାରେ ସହାୟତା କରେ।

ପ୍ରଶ୍ନାବଳୀ ତିଆରି କରିବା ସମୟରେ, ଗବେଷକଙ୍କୁ ନିମ୍ନଲିଖିତ ବିଷୟବସ୍ତୁକୁ ଧ୍ୟାନରେ ରଖିବା ନିହାତି ଆବଶ୍ୟକ। ଯଥା- ପ୍ରଶ୍ନ ସଂକ୍ଷିପ୍ତ, ସଠିକ ଓ ଲକ୍ଷ୍ୟପୂର୍ଣ୍ଣ ହେବା ଆବଶ୍ୟକ। ପ୍ରଶ୍ନ ମୁଖ୍ୟତଃ ନିର୍ଦ୍ଦିଷ୍ଟ ତଥ୍ୟ ଜାଣିବାକୁ ଲକ୍ଷ୍ୟ କରି ତିଆରି କରାଯିବା ଉଚିତ। ଏହି ପଦ୍ଧତି ଗବେଷକଙ୍କୁ ଏକ ସଂଗଠିତ ତଥ୍ୟ ସଂଗ୍ରହର ମାଧ୍ୟମ ଦେଇଥାଏ, ଯାହା ନିଜର ଶୋଧକାର୍ଯ୍ୟର ପରିଣାମକୁ ସଠିକ ଭାବେ ପ୍ରଦର୍ଶିତ କରିପାରେ।

ଉଦାହରଣ ସ୍ୱରୂପ, ଯଦି ଗବେଷଣା ଓଡ଼ିଆ ଭାଷା ବ୍ୟବହାର ଉପରେ କରାଯାଉଛି, ତେବେ ଗବେଷକ ଏପରି ପ୍ରଶ୍ନ ତିଆରି କରିପାରନ୍ତି -

- ଆପଣ ଘରେ କେଉଁ ଭାଷା ବ୍ୟବହାର କରନ୍ତି ?
- ଶିକ୍ଷାକ୍ଷେତ୍ରରେ ଓଡ଼ିଆ ବ୍ୟବହାର କେତେ ମାତ୍ରାରେ ହୁଏ ?
- ଆପଣଙ୍କ ଦୃଷ୍ଟିରେ ଓଡ଼ିଆ ଭାଷାର ଗୁରୁତ୍ୱ କ'ଣ ?

ଆପଣ ପ୍ରାଶାସନିକ କାର୍ଯ୍ୟକ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର କରନ୍ତି କି?

ଏଭଳି ପ୍ରଶ୍ନ ଦ୍ୱାରା ଗବେଷକ ବିଭିନ୍ନ ବୟସର ଶିକ୍ଷିତ ଓ ସାମାଜିକ ଶ୍ରେଣୀର ଲୋକଙ୍କର ମନୋଭାବ ଓ ଭାଷା ବ୍ୟବହାର ସଂଗ୍ରହ କରିପାରନ୍ତି। ପ୍ରଶ୍ନାବଳୀ ଓ ସର୍ଭେ ମାଧ୍ୟମରେ ସଂଗୃହୀତ ତଥ୍ୟ ଗବେଷକଙ୍କୁ ଏକ ସଠିକ ଏବଂ ଭରସାଯୋଗ୍ୟ ତଥ୍ୟର ଆଧାର ପ୍ରଦାନ କରେ, ଯାହା ଗବେଷଣାର ନିଷ୍କର୍ଷ ନିର୍ଣ୍ଣୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସର୍ଭେ ପ୍ରକ୍ରିୟାରେ, ଗବେଷକ ତଥ୍ୟ ନିର୍ବାଚନ ପାଇଁ ନମୁନା (Sample) ନିର୍ଦ୍ଦିଷ୍ଟ କରନ୍ତି। ଏହା ଗବେଷଣା କାର୍ଯ୍ୟରେ ଉଦ୍ଦିଷ୍ଟ ଗୋଷ୍ଠୀକୁ ଗୁରୁତ୍ୱ ପ୍ରଦାନ କରିବା ସହିତ, ସଂଗୃହିତ ତଥ୍ୟର ସଠିକତା ଓ ମହତ୍ୱ ବୃଦ୍ଧି କରିଥାଏ। ଏହି ପଦ୍ଧତି ଏକ ଅନ୍ୟ ପ୍ରକାର ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତି କ୍ଷେତ୍ରକର୍ମ ସହ ମିଶି ଗବେଷକଙ୍କୁ ବ୍ୟାପକ ଓ ବିସ୍ତୃତ ତଥ୍ୟ ପ୍ରଦାନ କରିପାରେ।

ପ୍ରଶ୍ନାବଳୀ ଓ ସର୍ଭେ ମାଧ୍ୟମରେ ଗବେଷକଙ୍କୁ ନିଜ ଗବେଷଣାର ବିଶିଷ୍ଟ ଦୃଷ୍ଟିକୋଣ ମିଳେ, କାରଣ ସେମାନେ ଲୋକଙ୍କର ବ୍ୟକ୍ତିଗତ ଅନୁଭବ, ଧାରଣା ଓ ମନୋଭାବ ଦେଖି ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରନ୍ତି। ଏହି ତଥ୍ୟଦ୍ୱାରା ଗବେଷକ ଭାଷା ଅଧ୍ୟୟନ, ସାମାଜିକ ଅନୁଶୀଳନ ଓ ସାମ୍ପ୍ରତିକ ପ୍ରବୃତ୍ତି ଉପରେ ଗଭୀର ଗବେଷଣା କାର୍ଯ୍ୟ କରିପାରନ୍ତି।

ସାକ୍ଷାତକାର (Interview) ମାଧ୍ୟମରେ ପ୍ରାଥମିକ ତଥ୍ୟ ସଂଗ୍ରହ

ଏହା ପ୍ରଶ୍ନାବଳୀ ଓ ସର୍ଭେ ସହିତ ସମ୍ପୃକ୍ତ ଏକ ବିଭାଗ ତଥା ପ୍ରାଥମିକ ତଥ୍ୟ ସଂଗ୍ରହ ପଦ୍ଧତିର ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଉପାୟ। ଏହି ପଦ୍ଧତିରେ ଗବେଷକ ନିଜେ ବ୍ୟକ୍ତିଗତ ଭାବେ ଲୋକଙ୍କ ସହିତ କଥା ହୋଇ ସଂଗ୍ରହ କରାଯାଉଥିବା ତଥ୍ୟକୁ ପ୍ରାଥମିକ ତଥ୍ୟ ଭାବେ ଗ୍ରହଣ କରନ୍ତି। ସାକ୍ଷାତକାର ଗବେଷକଙ୍କୁ ମନୋଭାବ, ଅଭିଜ୍ଞତା, ଭାବନା, ଅଭିମତ ଓ ଅନ୍ୟାନ୍ୟ ସବିଶେଷ ସୂଚନା ସଂଗ୍ରହ କରିବାର ସୁଯୋଗ ଦିଏ, ଯାହା ଅନ୍ୟ କୌଣସି ପଦ୍ଧତିଦ୍ୱାରା ସହଜରେ ମିଳେନାହିଁ।

ସାକ୍ଷାତକାର ଦୁଇ ପ୍ରକାର:

ସଂରଚିତ (Structured Interview):

ସଂରଚିତ ସାକ୍ଷାତକାରରେ ଗବେଷକ ନିର୍ଦ୍ଦିଷ୍ଟ ପ୍ରଶ୍ନ ତିଆରି କରନ୍ତି ଓ ଏହାର ଉତ୍ତର ନିର୍ଦ୍ଦିଷ୍ଟ ଭାବରେ ଗ୍ରହଣ କରାଯାଏ। ପ୍ରତ୍ୟେକ ସମ୍ପୃକ୍ତ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେଇଥାନ୍ତି, ଯାହା ତଥ୍ୟର ସଂଗଠିତତା ଓ ସଠିକତା ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହି ପଦ୍ଧତି ଖାସକରି ପରିସଂଖ୍ୟାନମୂଳକ ଶୋଧ ପାଇଁ ଉପଯୁକ୍ତ, ଯେଉଁଥିରେ ଗବେଷକ ତଥ୍ୟକୁ ସଂଖ୍ୟାତ୍ମକ ଭାବରେ ବିଶ୍ଳେଷଣ କରିପାରନ୍ତି। ଉଦାହରଣ ସ୍ୱରୂପ, ଯଦି ଗବେଷଣା ଓଡ଼ିଆ ଭାଷାର ବ୍ୟବହାର ଉପରେ ହୁଏ, ଗବେଷକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଦେଇପାରନ୍ତି (ଉଦାହରଣପାଇଁ ପ୍ରଶ୍ନାବଳୀ ଓ ସର୍ଭେ ପ୍ରଭାଗ ଦେଖନ୍ତୁ)ଏହି ପ୍ରଶ୍ନର

ଉତ୍ତର ସଂଗଠିତ ଭାବରେ ତଥ୍ୟ ଦେବାରେ ସହାୟକ ହୋଇଥାଏ।

ଅସଂରଚିତ (Unstructured Interview):

ଅସଂରଚିତ ସାକ୍ଷାତକାର ଖୋଲା ଭାବରେ ହୋଇଥାଏ, ଯେଉଁଥିରେ ଗବେଷକ ଏକ ବିଷୟ ଆଧାରିତ ଆଲୋଚନା ଆରମ୍ଭ କରନ୍ତି। ଏହି ପଦ୍ଧତିରେ ପ୍ରଶ୍ନଗୁଡ଼ିକ ଆପେକ୍ଷିକ ଭାବରେ ଓ ପ୍ରତିକ୍ରିୟା ଅନୁଯାୟୀ ନିର୍ମିତ ହୁଏ। ଗବେଷକଙ୍କୁ ଏହା ଲୋକମାନଙ୍କର ବ୍ୟକ୍ତିଗତ ଅନୁଭବ, ଭାବନା ଓ ଦୃଷ୍ଟିକୋଣ ବୁଝିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ, ଯଦି ଓଡ଼ିଆ ଭାଷାଭାଷୀ ଏକ ଗାଁରେ ଭାଷା ସଂରକ୍ଷଣ ଓ ପ୍ରଚାର ଉପରେ ଗବେଷଣା କରାଯାଉଛି, ଗବେଷକ ଗ୍ରାମବାସୀଙ୍କ ସହିତ ଖୋଲା ଆଲୋଚନା କରିପାରନ୍ତି ଯେ କିପରି ସେମାନେ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ବ୍ୟବହାର କରନ୍ତି, କେଉଁ ଭାଷା ଅଧିକ ପ୍ରଚଳିତ, ଏବଂ ତାଙ୍କର ଭାଷା ପ୍ରତି ଦୃଷ୍ଟିକୋଣ କ'ଣ।

ସାକ୍ଷାତକାର ଗବେଷଣାକୁ ବ୍ୟକ୍ତିଗତ ଓ ସମ୍ବେଦନଶୀଳ ତଥ୍ୟ ଦେଇଥାଏ। ଏହି ପଦ୍ଧତି ଭାଷା ଓ ସଂସ୍କୃତି ଗବେଷଣାରେ ଅତ୍ୟନ୍ତ ଉପଯୁକ୍ତ, କାରଣ ଗବେଷକ ଲୋକମାନଙ୍କର ସାଂସ୍କୃତିକ ପ୍ରଥା, ଅଭିବ୍ୟକ୍ତି ଓ ଜୀବନଶୈଳୀ ସହିତ ସିଧାସଳଖ ସଂଯୋଗ ସ୍ଥାପନ କରିପାରନ୍ତି।

ସାକ୍ଷାତକାରଦ୍ୱାରା ସଂଗ୍ରହ କରାଯାଇଥିବା ତଥ୍ୟ ନିଜର ଗବେଷଣାକୁ ସଠିକ ଓ ସଂଗଠିତ ଆଧାର ପ୍ରଦାନ କରେ। ଏହି ପଦ୍ଧତି ଗବେଷକଙ୍କୁ ତଥ୍ୟର ଭରସାଯୋଗ୍ୟତା, ସଠିକତା ଓ ପ୍ରତ୍ୟକ୍ଷତା ବୃଦ୍ଧି କରିବାରେ ସହାୟତା କରେ, ଯାହା ଗବେଷଣାର ଉଚ୍ଚ ମାନ ଏବଂ ଗୁଣବତ୍ତା ନିଶ୍ଚିତ କରିଥାଏ।

ଅଭିଲେଖ ଓ ନିଜସ୍ୱ ଟୀକା (Field Notes) ମାଧ୍ୟମରେ ପ୍ରାଥମିକ ତଥ୍ୟ ସଂଗ୍ରହ

ପ୍ରାଥମିକ ତଥ୍ୟ ସଂଗ୍ରହର ଅନ୍ୟ ଏକ ମୁଖ୍ୟ ଉପାୟ ହେଉଛି ଅଭିଲେଖ ଓ କ୍ଷେତ୍ର ଟୀକା (Field Notes)। ଏହି ଟୀକା ଗବେଷକଙ୍କର କ୍ଷେତ୍ରକାର୍ଯ୍ୟ ସମୟରେ ସ୍ୱଅନୁଭୂତିଲବ୍ଧ ଅନୁଭବ, ପର୍ଯ୍ୟବେକ୍ଷଣ, ପ୍ରତ୍ୟକ୍ଷ ଦୃଷ୍ଟିକୋଣ ଓ ମାନବୀୟ ସମ୍ପର୍କ ପର୍ଯ୍ୟାୟର ସୂଚନାକୁ ଲିପିବଦ୍ଧ କରିଥାଏ। ଏହା ଗବେଷଣାର ତାତ୍ତ୍ୱିକ ଯୋଗ୍ୟତା, ଗୁଣମାନ ଓ ସଠିକତା ବଢାଇଥାଏ। ଅଭିଲେଖ ଓ ଟୀକାର ପ୍ରଥମ ଧାରା ହେଉଛି ସିଧାସଳଖ ଦୃଷ୍ଟିକୋଣରୁ ତଥ୍ୟ ସଂଗ୍ରହ। ଗବେଷକ ନିଜେ ଗ୍ରାମ, ସହର, ଜନଜାତୀୟ କ୍ଷେତ୍ର କିମ୍ବା ବାହ୍ୟ ସମାଜକୁ ଯାଇ ସମ୍ପୂର୍ଣ୍ଣ ନିଜ ଦୃଷ୍ଟିକୋଣରୁ ଅବଲୋକନ କରନ୍ତି। ସେମାନେ ଅନୁଧ୍ୟାନ କରନ୍ତି, କିପରି ଲୋକମାନେ ଭାଷା ବ୍ୟବହାର କରୁଛନ୍ତି, କେଉଁ ପରିସ୍ଥିତିରେ କେଉଁ ଶବ୍ଦ ବ୍ୟବହାର ହୁଏ, ଏବଂ ଲୋକମାନଙ୍କର ଦୈନନ୍ଦିନ ଆଚରଣ, ପରମ୍ପରା ଓ ସଂସ୍କୃତି ଆଧାରରେ ଭାଷାର କିପରି ପ୍ରଭାବ ରହିଛି।

ଏହି ଟୀକା ସଂଗ୍ରହ ପାଇଁ ବିଭିନ୍ନ ପଦ୍ଧତି ଅଛି। ପ୍ରାୟତଃ ଗବେଷକ ଦୃଶ୍ୟ, ଶବ୍ଦ, ଚାଲିଚଳଣୀ, ପରିବେଶ ଓ ସମାଜିକ ପରିସ୍ଥିତିର ନିର୍ଦ୍ଦିଷ୍ଟ ସୂଚନାକୁ ଲେଖନ କରନ୍ତି। ଏହି ସୂଚନା ସଂଗ୍ରହରେ ସଂରଚିତ ଟୀକା ଓ ଅସଂରଚିତ ଟୀକା ଦୁଇ ପ୍ରକାରରେ ବିଭକ୍ତ। ସଂରଚିତ ଟୀକାରେ ଗବେଷକ ନିଜ ପ୍ରଶ୍ନାବଳୀ, ପରିମାଣତ୍ମକ ତଥ୍ୟ ଓ ପ୍ରାୟୋଗିକ ନୀତିକୁ ଲେଖନ କରନ୍ତି। ଅସଂରଚିତ ଟୀକାରେ ସେମାନେ ସ୍ୱତନ୍ତ୍ର ଭାବରେ ମନୋଭାବ, ଅନୁଭବ, ଅଭିଗ୍ରହଣ ଓ ଦୃଷ୍ଟିକୋଣର ଅନୁଧ୍ୟାନକୁ ଗୁରୁତ୍ୱ ଦିଅନ୍ତି। ଏହି ପଦ୍ଧତିର ଏକ ମୁଖ୍ୟ ଲାଭ ହେଉଛି ସଂଗଠିତ ତଥ୍ୟ ଏବଂ ପ୍ରମାଣ ନିର୍ମାଣ। ଗବେଷକଙ୍କ ଟୀକା ପରବର୍ତ୍ତୀ ତଥ୍ୟ ବିଶ୍ଳେଷଣ, ନିଷ୍କର୍ଷ ତିଆରି, ଏବଂ ପ୍ରକାଶନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ଗବେଷକଙ୍କୁ ବ୍ୟକ୍ତିଗତ ଅଭିଜ୍ଞତା ପ୍ରଦାନ କରେ, ଯାହା କୌଣସି ପୁସ୍ତକ ଅଥବା ଦ୍ୱିତୀୟ ସ୍ରୋତଦ୍ୱାରା ସହଜରେ ମିଳେନାହିଁ।

ଅଭିଲେଖ ଓ ନିଜସ୍ୱ ଟୀକା ସଂସ୍କୃତି, ଭାଷା ଓ ସମାଜକୁ ନିବିଡ଼ ଭାବରେ ବୁଝିବାରେ ସହାୟତା କରେ। କୌଣସି ସ୍ଥାନର ଲୋକସଂସ୍କୃତି, ଲୋକକଥା, ଗୀତ, ଓ ଅନ୍ୟାନ୍ୟ ମୌଖିକ ପ୍ରଥାଗୁଡ଼ିକ ସଂଗ୍ରହିତ ଟୀକା ମାଧ୍ୟମରେ ସହଜରେ ବିଶ୍ଳେଷଣ କରିହୁଏ। ଏହା ଭବିଷ୍ୟତର ଗବେଷଣା ପାଇଁ ଏକ ମୂଲ୍ୟବାନ ସୂଚନା ଏବଂ ପ୍ରମାଣ ଭାବରେ କାର୍ଯ୍ୟ କରେ।

ପ୍ରାଥମିକ ତଥ୍ୟ ସଂଗ୍ରହର ସମସ୍ୟା ଓ ସାବଧାନତା

ପ୍ରାଥମିକ ତଥ୍ୟ ହେଉଛି ସେହି ସମସ୍ତ ତଥ୍ୟ ଯାହା ଗବେଷକ ନିଜେ ମୂଳ କ୍ଷେତ୍ରରୁ ସଂଗ୍ରହ କରନ୍ତି, ଅର୍ଥାତ ପୂର୍ବରୁ ଏହା ସଂଗୃହୀତ ହୋଇନଥାଏ। ଅନ୍ୟ କାହାରି ପୂର୍ବ ରେକର୍ଡ ବା ଦ୍ୱିତୀୟକ ତଥ୍ୟ ଏକ୍ଷେତ୍ରରେ ଗ୍ରହଣୀୟ ନୁହେଁ। ଏହି ତଥ୍ୟ ହୋଇପାରେ ସାକ୍ଷାତକାର, ପ୍ରଶ୍ନାବଳୀ, କ୍ଷେତ୍ର ଅଭିଲେଖ, ନିଜସ୍ୱ ପର୍ଯ୍ୟବେକ୍ଷଣ ଓ ଅନୁଭବ ଆଧାରିତ। ଏହା ଗବେଷଣାର ମୂଳ ସ୍ରୋତ ଭାବରେ ଗଣ୍ୟ ହୋଇଥାଏ। କିନ୍ତୁ ଏହା ସଂଗ୍ରହ କରିବା ସହଜ ନୁହେଁ। ଏଥିରେ ଅନେକ ପ୍ରାୟୋଗିକ ଅର୍ଥ, ନୀତିଗତ ଓ ସାମାଜିକ ସମସ୍ୟା ରହିପାରେ। ସେହିପରି ସଠିକ ତଥ୍ୟ ପାଇଁ ଗବେଷକଙ୍କୁ ଅନେକ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ସେଗୁଡ଼ିକ ବିଷୟରେ ନିମ୍ନମତେ ଆଲୋଚନା କରାଗଲା।

୧. ଭରସା ଓ ସମ୍ପର୍କ ଗଢ଼ିବାର ସମସ୍ୟା

ପ୍ରାଥମିକ ତଥ୍ୟ ସଂଗ୍ରହର ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ସୂଚନାଦାତାଙ୍କ ସହ ଭରସା ନିର୍ମାଣ କରିବା। ଗବେଷକ ଯେତେବେଳେ ଗ୍ରାମାଞ୍ଚଳ କିମ୍ବା ବାହ୍ୟସମାଜରେ ନୂଆ ଲୋକ ଭାବେ

ପ୍ରବେଶ କରନ୍ତି, ସେଠାର ଲୋକମାନେ ପ୍ରଥମେ ତାଙ୍କୁ ସନ୍ଦେହ ଓ ଅବିଶ୍ୱାସ ଦୃଷ୍ଟିରେ ଦେଖନ୍ତି। ସେମାନେ ଭାବନ୍ତି ଯେ ଗବେଷକ ତାଙ୍କ ତଥ୍ୟକୁ ଭଲ ଉଦ୍ଦେଶ୍ୟରେ ବ୍ୟବହାର କରିବେ କି ନାହିଁ? ଆହୁରି ମଧ୍ୟ ଏହା ଦ୍ୱାରା ସେମାନେ ବିପଦରେ ପଡ଼ିବେ ନାହିଁ ତ?

ଉଦାହରଣ ସ୍ୱରୂପ, ଯଦି ଗବେଷକ ମୟୂରଭଞ୍ଜ ଜିଲ୍ଲାର 'ହୋ' ଜନଜାତି ଭାଷା ଉପରେ ଗବେଷଣା କରୁଛନ୍ତି, ସେଠାର ଲୋକମାନେ ତାଙ୍କୁ ବାହାର ଲୋକ ଭାବି ସହଜରେ ଭରସା କରିବେ ନାହିଁ। ତେଣୁ ଗବେଷକଙ୍କୁ ଧୀରେ ଧୀରେ ସେମାନଙ୍କ ସହିତ ଆସ୍ଥା, ସମ୍ମାନ ଓ ସମ୍ପର୍କ ଗଢ଼ିବାକୁ ପଡ଼େ। ସେମାନଙ୍କ ସାଂସ୍କୃତିକ ଆଚରଣ, ଖାଦ୍ୟ ଓ ଜୀବନଶୈଳୀକୁ ଆପଣେଇବାକୁ ପଡ଼ିବ ଓ ସେମାନଙ୍କ ଜୀବନରେ ଭାଗୀଦାର ହେବା ଦ୍ୱାରା ଏହି ଭରସା ଗଢାଯାଇ ପାରିବ ଯାହା ସମୟ ସାପେକ୍ଷ। ମାତ୍ର ଗବେଷକଙ୍କୁ ଧୈର୍ଯ୍ୟ ଓ ସତର୍କତା ସହିତ କାର୍ଯ୍ୟ କରିବାକୁ ପଡିବ।

୨. ଭାଷା ଓ ଆଞ୍ଚଳିକ ଭିନ୍ନତାର ସମସ୍ୟା

ଭାଷା ଗବେଷଣାରେ ଏହି ସମସ୍ୟା ବିଶେଷ ଭାବରେ ଦେଖାଯାଏ। ଓଡ଼ିଆ ଭାଷାର ଆଞ୍ଚଳିକ ପ୍ରଭେଦ ବହୁବିଧ। ସେଗୁଡିକ ହେଉଛି- ବ୍ରହ୍ମପୁରୀ, ସମ୍ବଲପୁରୀ, ମୟୂରଭଞ୍ଜୀୟ, ବଲେଶ୍ୱରୀ, କଟକୀ ଇତ୍ୟାଦି। ଏହାର ଉଚ୍ଚାରଣ, ଶବ୍ଦ ବ୍ୟବହାର ଓ ବ୍ୟାକରଣୀୟ ଗଠନ ଭିନ୍ନ ହୋଇଥାଏ। ଉଦାହରଣ ସ୍ୱରୂପ, "ଯିବି" କୁ କେତେକ ଅଞ୍ଚଳରେ "ଯିମିଁ" କୁହାଯାଏ ଓ ଆଉ କେତେକ ଅଞ୍ଚଳରେ "ଯିମା"। ଯଦି ଗବେଷକ ଏହି ଭିନ୍ନତାକୁ ଠିକ୍ ଭାବରେ ଲିପିବଦ୍ଧ ନ କରନ୍ତି, ତେବେ ତଥ୍ୟର ଭୁଲ ହୋଇପାରେ। ତେଣୁ ଗବେଷକଙ୍କୁ ସୂଚନାଦାତାଙ୍କ ଭାଷା ଶୈଳୀ, ଉଚ୍ଚାରଣ ଓ ସ୍ୱରଧ୍ୱନି ଅନୁସାରେ ସଠିକ ଭାବେ ତଥ୍ୟ ଲେଖିବା ଦରକାର।

୩. ସମୟ, ଅର୍ଥ ଓ ଯାତ୍ରା ସମସ୍ୟା

ପ୍ରାଥମିକ ତଥ୍ୟ ସଂଗ୍ରହ ଏକ ଦୀର୍ଘ ଓ ଶ୍ରମସାଧ୍ୟ ପ୍ରକ୍ରିୟା। ଗବେଷକଙ୍କୁ ଦୂର ଦୂର ଅଞ୍ଚଳକୁ ଯାଇ ସୂଚନା ସଂଗ୍ରହ କରିବାକୁ ପଡ଼େ। ଯାତ୍ରା, ଆବାସ ଓ ଖାଦ୍ୟ ଖର୍ଚ୍ଚ ଅଧିକ ହେବା ସହିତ ସମୟ ମଧ୍ୟ ବହୁତ ଲାଗିପରେ। ଉଦାହରଣ ସ୍ୱରୂପ- ଯଦି କେହି ଗବେଷକ କୋରାପୁଟ ଜିଲ୍ଲାର ଦେଶିଆ ଭାଷା ଉପରେ ଗବେଷଣା କରୁଛନ୍ତି, ତେବେ ସେମାନଙ୍କୁ ପାହାଡ଼ ଓ ଅଗମ୍ୟ ଅଞ୍ଚଳ ଦେଇ ଯିବାକୁ ପଡ଼େ। ଏଥି ପାଇଁ ନା କେବଳ ଅଧିକ ଅର୍ଥର ଆବଶ୍ୟକ ପଡେ, ଅପିତୁ ସୁରକ୍ଷାଗତ ବାଧା ଓ ସମୟସାପେକ୍ଷ ମଧ୍ୟ ହୋଇଥାଏ। ବିଶେଷକରି ଜନଜାତି ସମ୍ପର୍କିତ ଗବେଷଣା ସମୟରେ ଏହିପରି ସମସ୍ୟା ଦେଖାଦେଇଥାଏ।

୪. ତଥ୍ୟର ସତ୍ୟତା ଓ ମାନବୀୟ ଘଟକ

ପ୍ରାଥମିକ ତଥ୍ୟ ସଂଗ୍ରହ ମାନବ ସହିତ ସିଧା ଯୋଗାଯୋଗ ମାଧ୍ୟମରେ ହେଉଥିବାରୁ ଗବେଷଣା ସହିତ ସମ୍ପର୍କିତ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ଘଟକ ବା ସୂଚନାଦାତା ଏଠି ବଡ଼ ଭୂମିକା ନିର୍ବାହ କରେ। କେବେ କେବେ ସୂଚନାଦାତା ନିଜକୁ "ସୁନ୍ଦର ଭାବେ ପ୍ରଦର୍ଶନ" କରିବା ଇଚ୍ଛାରେ ଅସତ୍ୟ କିମ୍ବା ଅର୍ଦ୍ଧସତ୍ୟ ଆଧାରିତ ତଥ୍ୟ ଦେଇଥାନ୍ତି। ଆଉ କେବେ କେବେ ସେମାନେ ଭୟ କରନ୍ତି ଯେ ତାଙ୍କ କଥା ପ୍ରକାଶ କଲେ, ସେଥିରେ ନିଜ ଗୋପନୀୟତା ହାନୀ ହେବ ଏବଂ ସେମାନଙ୍କ ସମାଜ ବା ସମ୍ପ୍ରଦାୟ ପ୍ରତି ବିପଦ ସୃଷ୍ଟିହେବ। ଉଦାହରଣ ସ୍ୱରୂପ, ଯଦି ଗବେଷକ ଏକ ଗାଁରେ ବିବାହ ପ୍ରଥା ବା ଲିଙ୍ଗଗତ ସମ୍ପର୍କ ପ୍ରଚଳନ ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି, ତେବେ ସୂଚନାଦାତା ସତ୍ୟ କହିବାରେ ଅସହଜ ଅନୁଭବ କରିପାରନ୍ତି। ଏପରି ସମୟରେ ଗବେଷକଙ୍କୁ ସେମାନଙ୍କ ଭାବନା ଓ ଗୋପନୀୟତାକୁ ସମ୍ମାନ କରି ଗବେଷଣା ନୀତିଶାସ୍ତ୍ର ଅନୁସରଣ କରିବା ଆବଶ୍ୟକ।

୫. ଗୋପନୀୟତା ଓ ନୀତିଗତ ସାବଧାନତା

ଗବେଷଣାରେ ଗୋପନୀୟତା ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଗବେଷକ ଯେତେବେଳେ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ତଥ୍ୟ ସଂଗ୍ରହ କରନ୍ତି, ସେହି ତଥ୍ୟ ତାଙ୍କ ସମ୍ମତି ବିନା ପ୍ରଚାର ବା ପ୍ରକାଶ କରିବା ଅନୈତିକ ଓ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଙ୍ଘନ ବୋଲି ଗଣାଯିବ ଯାହା ଏକ ଦଣ୍ଡନୀୟ ଅପରାଧ। ଉଦାହରଣ ସ୍ୱରୂପ, ଯଦି ଗବେଷକ ଓଡ଼ିଶାର କୌଣସି ଲୋକଗୀତରେ ନାରୀଙ୍କ ଭୂମିକା ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି, ତେବେ ଯଦି ସେ ସମ୍ମତି ନଦିଅନ୍ତି ସେହି ଗୀତର ଗାୟିକାଙ୍କ ନାମ ଓ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିବା ଠିକ୍ ନୁହେଁ । ଏହାପାଇଁ ଗବେଷକଙ୍କୁ ସମ୍ମତିପତ୍ର (consent form) ରଖିବା ଏବଂ ସେମାନଙ୍କ ଇଚ୍ଛା ଅନୁସାରେ ତଥ୍ୟ ବ୍ୟବହାର କରିବା ଉଚିତ। ଏହା ଗବେଷଣାର ନୀତିଗତ ମୂଲ୍ୟବୋଧକୁ ସୁନିଶ୍ଚିତ କରେ।

୬. ତଥ୍ୟ ରେକର୍ଡ ଓ ବିଶ୍ଲେଷଣର ସମସ୍ୟା

କ୍ଷେତ୍ରକର୍ମ ସମୟରେ ଗବେଷକଙ୍କୁ ସେହି ସମସ୍ତ ତଥ୍ୟ ଯଥା, ଶବ୍ଦ, ଧ୍ୱନି, ଅଭିନୟ, ଭାବଭଙ୍ଗୀ ଇତ୍ୟାଦି ଠିକ୍ ଭାବେ ରେକର୍ଡ କରିବା ଦରକାର। କିନ୍ତୁ ଅନେକ ସମୟରେ ଗ୍ରାମାଞ୍ଚଳର ପରିସ୍ଥିତିରେ ଶବ୍ଦ ରେକର୍ଡିଂ ଯନ୍ତ୍ର ଠିକ୍ ଭାବରେ କାମ ନ କରିପାରେ କିମ୍ବା ପରିବେଶର ଶବ୍ଦ ତଥ୍ୟକୁ ଅସ୍ପଷ୍ଟ କରିଦିଏ। ଏହା ଛଡ଼ା ଗବେଷକ ଯେତେବେଳେ ନିଜସ୍ୱ ଫିଲ୍ଡ ନୋଟ୍ ଲେଖନ୍ତି, ସେଠାରେ ନିଜର ଭାବନା ମିଶିଯାଇପାରେ ଯାହା ତଥ୍ୟର ପ୍ରାମାଣିକତାକୁ ପ୍ରଭାବିତ କରେ। ତେଣୁ ତଥ୍ୟ ସଂଗ୍ରହ ପରେ ସେଗୁଡ଼ିକୁ ଶୁଦ୍ଧ ଭାବରେ ବିଶ୍ଲେଷଣାତ୍ମକ ଓ ବିବରଣାତ୍ମକ ଭାବରେ ପୁନଃ ସଂଗଠିତ କରିବା ଆବଶ୍ୟକ।

୭. ସମୟ ସହିତ ଭାଷା ଓ ସମାଜର ପରିବର୍ତ୍ତନ

ଭାଷା ଓ ସମାଜ ଗତିଶୀଳ। ଯେତେବେଳେ ଗବେଷକ ତଥ୍ୟ

ସଂଗ୍ରହ କରନ୍ତି, ସେ ସମୟରେ ଯାହା ରହିଥାଏ, କିଛି ବର୍ଷ ପରେ ସେହି ରୂପ ଓ ପ୍ରଚଳନ ବଦଳିଯାଏ। ତେଣୁ ଗବେଷକଙ୍କୁ ତଥ୍ୟ ସଂଗ୍ରହ ସମୟରେ ସମୟ-ପରିପ୍ରେକ୍ଷୀ (contextual) ତଥ୍ୟ ମଧ୍ୟ ଲେଖିବା ଆବଶ୍ୟକ। ଉଦାହରଣ ସ୍ୱରୂପ, ୧୯୨୦ ମସିହାରେ ଓଡ଼ିଆ ଭାଷାରେ "କମ୍ପ୍ୟୁଟର" ଶବ୍ଦ ପ୍ରାୟ ନଥିଲା, କିନ୍ତୁ ଏବେ ସେହି ଶବ୍ଦ ସାଧାରଣ ହୋଇଯାଇଛି। ଯଦି ଗବେଷକ ଏହି ଭାଷା ପରିବର୍ତ୍ତନକୁ ନୋଟ୍ ନକରିବେ, ତେବେ ଭବିଷ୍ୟତ ଗବେଷଣାରେ ତଥ୍ୟ ଅସମ୍ପୂର୍ଣ୍ଣ ହୋଇଯିବ।

୮. ସାବଧାନତା ଓ ପରାମର୍ଶ

ପ୍ରାଥମିକ ତଥ୍ୟ ସଂଗ୍ରହ ସଫଳ କରିବା ପାଇଁ ନିମ୍ନ ସାବଧାନତା ଅବଲମ୍ବନ ଆବଶ୍ୟକ -

- ପୂର୍ବ ଯୋଜନା ଓ ପରୀକ୍ଷାମୂଳକ ଅଧ୍ୟୟନ କରି ଯନ୍ତ୍ର ଓ ପ୍ରଶ୍ନାବଳୀ ପରୀକ୍ଷା କରିବା।
- ସୂଚନାଦାତାଙ୍କ ସହ ସ୍ପଷ୍ଟ ଓ ସହଜ ଭାଷାରେ ଆଲୋଚନା କରିବା।
- ତଥ୍ୟ ସଂଗ୍ରହ ସମୟରେ ସମ୍ମତି ଓ ଗୋପନୀୟତା ରକ୍ଷା କରିବା।
- ସମସ୍ତ ରେକର୍ଡିଂ ଓ ନୋଟକୁ ସଫଳ ଭାବେ ଶୃଙ୍ଖଳିତ କରି ରଖିବା।
- ତଥ୍ୟ ବିଶ୍ଳେଷଣରେ ବ୍ୟକ୍ତିଗତ ମତାମତକୁ ଦୂରେ ରଖିବା।

ଉପସଂହାର

ଗବେଷଣାରେ ତଥ୍ୟସଂଗ୍ରହର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେହେତୁ ଗବେଷଣା ଏକ ଯୁକ୍ତିସମ୍ମତ ଓ ବୈଜ୍ଞାନିକ ପଦ୍ଧତି ଭାବରେ ବିବେଚିତ ହୋଇଥାଏ, ଗବେଷଣା ସମୟରେ ଗବେଷକକୁ ଏହାର ନ୍ୟାୟିକ ଦିଗ ପ୍ରତି ସର୍ବଦା ସଚେତନ ରହିବାକୁ ପଡେ। ତଥ୍ୟସଂଗ୍ରହ ଗବେଷଣାର ପ୍ରାରମ୍ଭିକ କାର୍ଯ୍ୟ ହେଲେ ହେଁ ଏଥିପ୍ରତି ବିଶେଷ ଧ୍ୟାନଦେବାର ଆବଶ୍ୟକତା ରହିଛି। କାରଣ ତଥ୍ୟସଂଗ୍ରହକୁ ଆଧାର କରି ଗବେଷଣା କାର୍ଯ୍ୟ ଅଗ୍ରସର ହୋଇଥାଏ। ତଥ୍ୟସଂଗ୍ରହ ଯେତେ ସୁସଙ୍ଗଠିତ, ବିଷୟଭିତ୍ତିକ, ସ୍ୱଚ୍ଛ ଓ ଗବେଷଣା ବିଧାନଯୁକ୍ତ ହେବ ଗବେଷଣା କାର୍ଯ୍ୟ ସେହି ପରିମାଣରେ ମୌଳିକ ଓ ଉପାଦେୟ ହୋଇପାରିବ। ତେଣୁ ପ୍ରାଥମିକ ପର୍ଯ୍ୟାୟର ତଥ୍ୟ ସଂଗ୍ରହ ସମୟରେ କ୍ଷେତ୍ର ଅଧ୍ୟୟନ, ସାକ୍ଷାତକାର, ପ୍ରଶ୍ନାବଳୀ, ସର୍ବେକ୍ଷଣ ଇତ୍ୟାଦି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଗବେଷଣାର ପ୍ରସଙ୍ଗ ଅନୁଯାୟୀ କେଉଁ ପ୍ରକାର ତଥ୍ୟସଂଗ୍ରହ କରିବା ଆବଶ୍ୟକ ତାହା ଗବେଷକ ସ୍ଥିର କରିଥାଏ। ଅନାବଶ୍ୟକ ତଥ୍ୟସଂଗ୍ରହ ସର୍ବଦା ଗବେଷଣା କାର୍ଯ୍ୟକୁ ଭାରକ୍ରାନ୍ତ କରିଥାଏ। ପ୍ରାଥମିକ ତଥ୍ୟ ଯେତେ ମୌଳିକ ହେବ ଗବେଷଣାର ନିଷ୍କର୍ଷ ସେହି ପରିମାଣରେ ଯୁକ୍ତିନିଷ୍ଠ ଓ ନୂତନ ସିଦ୍ଧାନ୍ତମୂଳକ ହେବା ସହିତ ପରବର୍ତ୍ତୀ ଗବେଷକମାନଙ୍କ ପାଇଁ ପଥ ପ୍ରଦର୍ଶନ କରିବାରେ ସହାୟକ ହୋଇପାରିବ।

ଗବେଷଣା ସନ୍ଦର୍ଭ:

୧. Bird, Steven, Gary Simons, and John Lee. "Ten Simple Rules for Digital Archiving of Language Data." *2003.*

୨. CIIL Archives Guidelines. *Best Practices in Language Data Archiving.* 2020.

୩. OLAC. *OLAC Metadata Standard Documentation.*

୪. Kothari, C. R. *Research Methodology: Methods and Techniques.* New Delhi: New Age International Publishers, 2014.

୫. Boersma, Paul, and David Weenink. *PRAAT: Doing Phonetics by Computer.* University of Amsterdam, 2023.

୬. Max Planck Institute for Psycholinguistics. *ELAN User Manual.* Nijmegen, The Netherlands, 2022.

«««

ସା କ୍ଷା ତ କା ର

ଗାଳ୍ପିକା ଡ.କବିତା ବାରିକଙ୍କ ସାମଗ୍ରିକ କୃତି ଓ କୃତିତ୍ୱ ; ଆଳାପ ଓ ପ୍ରତ୍ୟାଳାପ

ରାଜସ୍ମିତା ସାହୁ

ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ଗାଳ୍ପିକା ଡ.କବିତା ବାରିକ ଜଣେ ସୁନାମଧନ୍ୟା ଲେଖିକା । ସେ ଓଡ଼ିଆ ସାହିତ୍ୟକୁ ଭେଟି ଦେଇଛନ୍ତି ସଂଖ୍ୟାଧିକ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା, ଜୀବନୀ ଓ ଆତ୍ମଜୀବନୀ । ଡ.ବାରିକ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ ସେ ବିଶେଷ ପ୍ରତିଷ୍ଠା ଅର୍ଜନ କରିଛନ୍ତି ନାରୀ କଥାକାର ଭାବରେ । ମାନବିକ ମୂଲ୍ୟବୋଧ ତଥା ନୈତିକ ଆଦର୍ଶବାଦୀ ଭାବଧାରାର ଜୟଗାନ କରିଉଠିଛି ତାଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ । ସମାଜରେ ଘଟୁଥିବା ବିଭିନ୍ନ ଘଟଣାକୁ ପୂର୍ଣ୍ଣ ବାସ୍ତବିକତାର ଚିତ୍ର ଦେବାରେ ସେ ସଫଳ ହୋଇଛନ୍ତି । ଡ.ବାରିକ ଆପଣାର ଦୃଷ୍ଟି ଓ ଦର୍ଶନ ସଂପର୍କରେ ସମ୍ୟକ ଧାରଣା କରିବାକୁ ଯାଇ ଯଥାର୍ଥରେ କହିଛନ୍ତି- "ମୋର ଯେତେ ଦୂର ଧାରଣା ଲେଖକଟିଏ ସମାଜସେବୀ ହୋଇପାରେ କିନ୍ତୁ ଆସ୍ଥା ରଖିବା ଦରକାର ଯେ ତାର କଲମ ନିଶ୍ଚିତ ଭାବରେ ସମାଜକୁ ବଦଳାଇ ପାରିବାର ଶକ୍ତି ସଂଚାର କରିପାରିବ । ବିଶ୍ୱର ବିଭିନ୍ନ ସମୟରେ ବିଭିନ୍ନ ପୁସ୍ତକ ସମାଜର ବିଭିନ୍ନ ପ୍ରଚଳିତ ପ୍ରଥାକୁ କୁସଂସ୍କାରକୁ ଉତ୍ପାଟନ କରିଥିବାର ଉଦାହରଣ କିଛି କମ୍ ନୁହେଁ । ସେହି ଧାରାରେ ଗୁଣ୍ଡୁଚି ମୂଷା ଭଳି ମୋ କ୍ଷୁଦ୍ର ପ୍ରୟାସ ଅରୁଣାମାନଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ।" (ପୁନଶ୍ଚ ଉତ୍କଳପ୍ରଭା, ଶାରଦୀୟ ସଂଖ୍ୟା-୨୦୧୭,ପୃଷ୍ଠା ସଂଖ୍ୟା-୨୯) ତାଙ୍କ ରଚନାରେ ପୃଥିବୀ, ଲାଞ୍ଚ, ମିଛ, ଦୁର୍ନୀତି ନେଇ ରାଜନୀତି କରୁଥିବା ମଣିଷମାନଙ୍କୁ ସେ ବ୍ୟଙ୍ଗାତ୍ମକ ଦୃଷ୍ଟିରେ ପରଖନ୍ତି । ସଚେତନ କରାନ୍ତି ପୁଣି ଦୟା ମଧ୍ୟ କରନ୍ତି । ତାଙ୍କ ଗଳ୍ପରେ ଚରିତ୍ରଗୁଡ଼ିକ ପାଠକକୁ ଯେପରି ନିଜେ ଅଙ୍ଗେ ଲିଭେଇଥିବା ଘଟଣା ଭଳି ମନେହୋଇଥାଏ ।

ସାରସ୍ୱତ ସାଧିକା ଡ.କବିତା ବାରିକଙ୍କ ଜନ୍ମ ୧୯୬୦ମସିହା ଜୁନ୍ ୫ତାରିଖ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହର ନିକଟବର୍ତ୍ତୀ ବେଲଗଡ଼ିଆ ଗ୍ରାମରେ । ପିତା-ସ୍ୱର୍ଗତ ରବୀନ୍ଦ୍ର ନାଥ ବାରିକ ଓ ମାତା-ସ୍ୱର୍ଗତ ଇନ୍ଦୁମତୀ ଦେବୀ । ପିତା ମାତାଙ୍କର ପାଂଚଟି ସନ୍ତାନ ଥିବାରୁ ଡ.ବାରିକଙ୍କର ସ୍ଥାନ ଥିଲା ତୃତୀୟ । ଲେଖିକାଙ୍କ ଉପରେ ଦୁଇ ବଡ଼ ଭାଇ ଭଉଣୀ ଓ ତଳେ ଥିଲେ ଦୁଇ ସାନ ଭାଇ ଭଉଣି । ଲେଖିକାଙ୍କ ବାଲ୍ୟ ନାମ ଇତିଲୀ (ଇତି) । ସମସ୍ତ ଭାଇ ଭଉଣୀମାନଙ୍କ ମଧ୍ୟରେ ଲେଖିକାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ଥିଲା ସବୁଠୁ ଅଧିକ ।

ଡ.ବାରିକଙ୍କ କୃତିତ୍ୱ ପଛରେ ଏକ ମାତ୍ର ପ୍ରେରଣା ସାଜିଥିଲେ ତାଙ୍କର ପିତା ରବୀନ୍ଦ୍ରନାଥ ବାରିକ । ପିଲା ଦିନରୁ ସେ ଥିଲେ ମାତୃହରା । ଛଅ ବର୍ଷ ବୟସରେ ତାଙ୍କ ସାନ ଭାଇ ତପନକୁ ହରାଇଥିଲେ । ବାଲ୍ୟକାଳରୁ ବିଭିନ୍ନ ପାରିବାରିକ ଦୁଃଖ ଯନ୍ତ୍ରଣା, ଆର୍ଥିକ ଅନଟନ ମଧ୍ୟରେ କାଳ କାଟି ଥିବାରୁ ଲେଖିକା ନିଜ ଆତ୍ମ ଜୀବନୀରେ କହନ୍ତି "ମୋ ଚାରିପଟେ ଅନେକ ସୁହୃଦୟଙ୍କ କୋଳାହଳ ସତ୍ତ୍ୱେ କେହି ଯେମିତି ମୋତେ ମାୟାର ନିବିଡ଼ ବନ୍ଧନରେ ବାନ୍ଧି ପାରିନାହାଁନ୍ତି । ମୁଁ ପ୍ରତିକୂଳ ପରିସ୍ଥିତି ଭିତରେ, ସଂଗ୍ରାମ କରି କରି ଶକ୍ତ ହୋଇଯାଇଛି । ପିଲାଦିନରୁ ସଂଘର୍ଷ କରି ଜୀଇଁ ପାରିଥିବାରୁ ଅଜାଣତରେ ସୁନାଭଳି ଝଟକୁଛି ନିଜ ଗୋଡ଼ରେ ଆଜି ଠିଆ ହୋଇପାରିଛି, ଯାହାକୁ କୁହାଯାଇପାରେ ସେଲଫମୋଡ଼ ।" (କବିତା ବାରିକଙ୍କ ଆତ୍ମଜୀବନୀ, ନିଜ କଥା, ପୃଷ୍ଠା ସଂଖ୍ୟା-୨୭) ନିଜ ଜୀବନର ଅଙ୍ଗେ ନିଭା ଯନ୍ତ୍ରଣାକୁ ସେ ପରିପ୍ରକାଶ କରିଥିଲେ ଅନେକ ଉପନ୍ୟାସ ଓ ଗଳ୍ପ ମାଧ୍ୟମରେ । ମାଙ୍କର ଖଇ, ଝୁଣା ଭିତରେ ନେଇଯାଇଥିବା ଦୃଶ୍ୟକୁ ଦେଖାଇଥିଲେ 'ସ୍ମୃତିର ସହର' ଓ 'ମାଆ ଚାଲିଗଲା ପରେ' ଗଳ୍ପରେ, 'ସଂପର୍କ'

ଉପନ୍ୟାସ ମାଧ୍ୟମରେ । ବାପାଙ୍କୁ ନାୟକ କରି ସେ ରଚନା କରିଛନ୍ତି 'ମନର ଘର' ଉପନ୍ୟାସ । ତାଙ୍କ ରଚିତ ପ୍ରଥମ ଲେଖା 'ଅନ୍ୟ ପୃଥିବୀର ମଣିଷ' (୧୯୭୮) କିନ୍ତୁ ପ୍ରଥମ ପ୍ରକାଶିତ ଗଳ୍ପ 'ମୋନାଲିସାର ହସ' (୧୯୭୮) ଓ ତା ପରେ ୧୯୭୯ରେ 'ଅନ୍ୟ ପୃଥିବୀର ମଣିଷ' ଗଳ୍ପଟି ପ୍ରକାଶିତ ।

ଓଡ଼ିଆ ଭାଷା ସାହିତ୍ୟରେ ଖୁବ୍ ରୁଚି ଥିବାରୁ ସେ ଯଥାର୍ଥ କୃତିତ୍ୱର ସହ ଓଡ଼ିଆରେ ଏମ୍.ଏ.,ଏମ୍.ଫିଲ୍., ପିଏଚ୍.ଡି., ଡି.ଲିଟ୍. କରିଛନ୍ତି । କିଛିମାସ ଆଇ.ସି.ଡି.ଏସ୍.ର ସୁପରଭାଇଜର ଭାବେ କାର୍ଯ୍ୟ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ବାରିପଦା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରଥମେ ଅଧ୍ୟାପିକା ପରେ ପ୍ରାଧ୍ୟାପିକା ଭାବେ ଅବସର ନେଇଛନ୍ତି । ଛାତ୍ର ଜୀବନରୁ ଅନେକ ପତ୍ର ପତ୍ରିକା ଓ ଖବରକାଗଜର ସଂପାଦନା କାର୍ଯ୍ୟ ତୁଲାଇ ଅଧ୍ୟାପିକା କବିତା ବାରିକ ସହିତ ଆଉ ଏକ ବିଶ୍ଳେଷଣ ସଂପାଦିକା ଯୋଡ଼ି ହୋଇଯାଇଛି । ୧୮୯୧ ମସିହାରେ ମୟୂରଭଞ୍ଜ, ବାରିପଦାରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ବହୁ ଚର୍ଚ୍ଚିତ ସାହିତ୍ୟ, ସଂସ୍କୃତି ସଂପନ୍ନ 'ଉକଳପ୍ରଭା' (୧୮୯୧-୧୮୯୫) ଶହେ ଷୋହଳ ବର୍ଷ ପରେ ପତ୍ରିକାଟି 'ପୁନଃଶ୍ଚ ଉକଳପ୍ରଭା' ନାମରେ ବାରିପଦାରୁ ତ୍ରୈମାସିକ ସାହିତ୍ୟ ପତ୍ରିକା ଭାବେ ୨୦୧୧ ମସିହାରେ ରଥ ସଂଖ୍ୟାରୁ ୨୦୧୮ ମସିହା ପର୍ଯ୍ୟନ୍ତ ତାଙ୍କ ସଂପାଦନାରେ ପ୍ରକାଶ ପାଇଛି । ନନ୍ଦିନୀ ଶତପଥୀଙ୍କ ପ୍ରତିଷ୍ଠାତାରେ ଦୈନିକ ସମ୍ବାଦ ଧରିତ୍ରୀର ଏକ ସାପ୍ତାହିକ ଫିଚର ତାଙ୍କ ସଂପାଦନାରେ ପ୍ରକାଶ ପାଇଥିଲା

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଥିଲାବେଳେ ୧୯୮୧ ମସିହାରେ 'ପର୍ଦ୍ଦା ପଛରେ ଛାୟୀ' ଉପନ୍ୟାସଟି ପାଇଁ ଡ.ବାରିକ ବହୁ ଚର୍ଚ୍ଚିତ । ପରବର୍ତ୍ତୀ ସମୟରେ 'ସ୍ମୃତିର ସହର' ନାମକ ଗଳ୍ପ ୧୯୮୨ମସିହା ମାର୍ଚ୍ଚ ମାସରେ ଝଙ୍କାର ଭଳି ପ୍ରତିଷ୍ଠିତ ପତ୍ରିକାରେ ପ୍ରକାଶ ପାଇ ତାଙ୍କୁ ବହୁ ଖ୍ୟାତି ଆଣି ଦେବା ସହିତ ଲେଖା ଲେଖି କରିବାକୁ ପ୍ରେରଣା ଯୋଗାଇଥିଲା । ପରେ ପରେ 'ଗଳ୍ପଝର', 'ସମାରୋହ', 'ଇସ୍ତାହାର', 'ସୁଚରିତା', 'ଗୋକର୍ଣ୍ଣିକା', 'ଅମୃତାୟନ' ପ୍ରଭୃତି ପତ୍ରିକାରେ ତାଙ୍କର ଗଳ୍ପ ସବୁ ପ୍ରକାଶିତ ହୋଇ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ଅଦ୍ୟାବଧି ଲେଖିକାଙ୍କ ୧୮ଟି ଗଳ୍ପ ସଂକଳନ, ୮ଟି ଉପନ୍ୟାସ ଓ ୧୮ଟି ଗବେଷଣାତ୍ମକ ପ୍ରବନ୍ଧ, ୨ଟି ଆତ୍ମଜୀବନୀ ଓ ଗୋଟିଏ ଜୀବନୀ ପ୍ରକାଶିତ । ନାରୀବାଦକୁ ନେଇ 'ବାମା' (୨୦୧୧) ଓ କବିତା ବାରିକଙ୍କ ଆତ୍ମଜୀବନୀ 'ନିଜକଥା' (୨୦୧୩) ତାଙ୍କୁ ବେଶ୍ ଲୋକପ୍ରିୟତା ଆଣିଦେଇଛି । ଡ.ବାରିକଙ୍କ ଅନେକ ରଚନା ଭାରତରେ ପ୍ରଚଳିତ ହେଉଥିବା ବିଭିନ୍ନ ଭାଷା ଯେପରିକି- ହିନ୍ଦୀ, ବଙ୍ଗଳା, ଇଂରାଜୀ ଓ ମରାଠୀରେ ଅନୁଦିତ ହୋଇଛି । ସାହିତ୍ୟ ସାଧିକା ଡ.ବାରିକଙ୍କର ଗଳ୍ପରେ ଥିବା ହସଲୁହର କଥା ହିଁ ତାଙ୍କୁ ଆଜି ଭାରତର ବିଭିନ୍ନ ସ୍ଥାନରେ ପହଂଚାଇପାରିଛି ।

କବିତା ବାରିକଙ୍କ ସୃଷ୍ଟି ସମ୍ଭାର

ଗଳ୍ପ ସଂକଳନ

୧. ଭିନ୍ନ ସହର (୧୯୮୭)- ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।
୨. ଛକ (୧୯୯୦)- ଓଡ଼ିଶା ବୁକଷ୍ଟୋର, କଟକ
୩. ସଂଜ ଯେବେ ଆସେ (୧୯୯୯)- ଓଡ଼ିଶା ବୁକଷ୍ଟୋର, କଟକ ।
୪. ଗଙ୍ଗାସ୍ନାନ (୨୦୦୦)- ଓଡ଼ିଶା ଲେଖକ ସମବାୟ ସମିତି ଲିଃ, ଭୁବନେଶ୍ୱର ।
୫. ଜୀବନ କେବେ କେମିତି (୨୦୦୧)- ଲାର୍କ ବୁକସ, ଭୁବନେଶ୍ୱର ।
୬. ପବିତ୍ର ନିରଞ୍ଜନା (୨୦୦୪)- ଦିବ୍ୟଜ୍ୟୋତି ପ୍ରକାଶନୀ, ଭୁବନେଶ୍ୱର ।
୭. ଭଲ ଦିନର ଠିକଣା (୨୦୦୮)- ହାଇଫେନ୍, ବାଲେଶ୍ୱର ।
୮. ଅଧାଗଢ଼ା ସଂପର୍କ (୨୦୧୩)- ଶ୍ରଦ୍ଧା ପ୍ରକାଶନୀ, ବାଲେଶ୍ୱର
୯. ନିଃସର୍ତ୍ତ ଉଚ୍ଚାରଣ (୨୦୧୪) – ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର ।
୧୦. ପୁଣି ଜଣେ ଅରୁଣା ସାନ୍ ବାଗ୍ (୨୦୧୫), ଲେଖାଲେଖି, ଭୁବନେଶ୍ୱର ।
୧୧. ଚରିତ୍ରମାନେ (୨୦୧୬)- ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର ।
୧୨. ସ୍ୱୟଂସିଦ୍ଧା (୨୦୧୯)- ଲେଖାଲେଖି ପବ୍ଲିକେଶନ, ଭୁବନେଶ୍ୱର ।
୧୩. ମୁଢ଼ିବାଲୀ (୨୦୨୦) – ବନଫୁଲ, କେନ୍ଦ୍ରାପଡ଼ା, କଟକ ।
୧୪. ରାତିର ବାସନ୍ତୀ (୨୦୨୧) – ଏଥୋନାବୁକ୍ସ, ଭୁବନେଶ୍ୱର ।
୧୫. ଅଧା ଅଧା ସଂପର୍କ (୨୦୨୨) –ଲେଖାଲେଖି ପବ୍ଲିକେଶନ, ଭୁବନେଶ୍ୱର ।
୧୬. ବାପାଙ୍କ ସାଇକେଲ ବୋଉର ଲଣ୍ଠନ (୨୦୨୪), ରହଚିରା ପ୍ରକାଶନ, ଭୁବନେଶ୍ୱର ।
୧୭. ଦଗ୍ଧ କାଶତଣ୍ଡୀ ପୋଡ଼ା ଶୈଶବ (୨୦୨୪), ଆଦିତ୍ୟ ଭାରତ, କଟକ ।
୧୮. ଜରାନିବାସ (୨୦୨୫), ଟାଇମ୍ ପାସ୍, ଭୁବନେଶ୍ୱର ।

ଅନୁଦିତ ଗଳ୍ପ ସଂକଳନ

୧. ନିଃସଙ୍ଗ ପ୍ଲାଟଫର୍ମ (ବଙ୍ଗଳାରେ) ପ୍ରକାଶକ- ଅନୁୟ ବଙ୍ଗଳାଦେଶ, ଢାକା ।
୨. ସ୍ୱୟଂସିଦ୍ଧା (ହିନ୍ଦୀ) ପ୍ରକାଶକ- ଶବନମ୍ ବୁକ୍ସ, କଟକ, ପ୍ରଥମ ସଂସ୍କରଣ-୨୦୨୨ ।

ଉପନ୍ୟାସ

୧. ପର୍ଦ୍ଦା ପଛର ଗୀତ (୧୯୮୧)- ବୁକସ୍ ଏଣ୍ଡ ବୁକସ୍, କଟକ ।
୨. ସଂପର୍କ (୧୯୯୨)- ଓଡ଼ିଶା ବୁକଷ୍ଟୋର, କଟକ ।
୩. ମନର ଘର (୧୯୯୩)- ଗ୍ରନ୍ଥ ମନ୍ଦିର, କଟକ ।

୪. ଜୀବନ ନଈ (୨୦୦୨)- ବିଦ୍ୟାପୁରୀ, କଟକ ।

୫. ଇପସିତ ସକାଳ (୨୦୦୪)- ଗ୍ରନ୍ଥ ମନ୍ଦିର, କଟକ ।

୬. ପୃଷ୍ଠା (୨୦୧୬)- ବିଦ୍ୟାପୁରୀ, କଟକ ।

୭. ଆମେ ହାରିନାହୁଁ - (୨୦୨୨), ଗ୍ରନ୍ଥମନ୍ଦିର, କଟକ ।

୮. ହୀରାକୁଦ ବନ୍ଧକହେ – (୨୦୨୫), ପେନ୍‌ଇନ୍ ବୁକ୍ସ, ଭୁବନେଶ୍ୱର।

ପ୍ରବନ୍ଧ ସଂକଳନ

୧. ମୋ ଦୃଷ୍ଟିରେ ନାରୀ (୧୯୯୭)- ଲାର୍କ ବୁକସ୍, ଭୁବନେଶ୍ୱର ।

୨. ଶହେ ବର୍ଷର ଓଡ଼ିଆ କ୍ଷୁଦ୍ର ଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ-୧୮୯୮-୧୯୯୮, (୧୯୯୯) ବିଦ୍ୟାପୁରୀ, କଟଜ ।

୩. କୁନ୍ତଳା କୁମାରୀ କୃତି ଓ କୃତିତ୍ୱ (୨୦୦୪), ବିଦ୍ୟାପୁରୀ, କଟକ ।

୪. ଚେତନା (୨୦୧୦)- ସତ୍ୟନାରାୟଣ ବୁକଷ୍ଟୋର, କଟକ ।

୫. ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ (୨୦୧୧)- ହାଇଫେନ୍, ବାଲେଶ୍ୱର ।

୬. ବାମା (୨୦୧୧)- ପୁନଶ୍ଚ ଉକ ଳପ୍ରଭା ପ୍ରକାଶନୀ, ବାରିପଦା ।

୭. ଶହେ ବର୍ଷର ଓଡ଼ିଆ ଗଳ୍ପକୁ ଲେଖିକାଙ୍କ ଅବଦାନ (୨୦୧୭)- ଲେଖାଲେଖି, ଭୁବନେଶ୍ୱର ।

୮. ଓଡ଼ିଆ ସାହିତ୍ୟର ବିକାଶରେ ମୟୂରଭଞ୍ଜ (୨୦୧୯) – ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା ।

୯. ବାମାବାଦୀ ସାହିତ୍ୟ : ପରଂପରା ଓ ପ୍ରୟୋଗ (୨୦୧୯)- ଲେଖାଲେଖି ଭୁବନେଶ୍ୱର ।

୧୦. ଓଡ଼ିଆ ଗଳ୍ପରେ ମାନବିକ ଚେତନା (ଫକୀର ମୋହନ ଠାରୁ ସ୍ୱାଧୀନତା ପର୍ଯ୍ୟନ୍ତ) ୨୦୧୯, ମୀତା ବୁକସ୍, କଟକ ।

୧୧.ନାରୀ ବିମର୍ଶ : ଚେତନା ଓ ଚିନ୍ତନ (୨୦୨୧)- ଗ୍ରନ୍ଥମନ୍ଦିର, କଟକ ।

୧୨.ସାହିତ୍ୟର ବିବିଧ ରୂପତତ୍ତ୍ୱ (୨୦୨୧) – ବିଦ୍ୟାପୁରୀ, କଟକ ।

୧୩. ଶହେ ତେଇଶ ବର୍ଷର ଓଡ଼ିଆ ଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ (ବର୍ଦ୍ଧିତ ସଂସ୍କରଣ), ବିଦ୍ୟାପୁରୀ, କଟକ (୨୦୨୨)

୧୪. ଶହେ ପଚିଶ ବର୍ଷର ଓଡ଼ିଆ ଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ (ବର୍ଦ୍ଧିତ ସଂସ୍କରଣ), ବିଦ୍ୟାପୁରୀ, କଟକ (୨୦୨୪)

୧୫. ଓଡ଼ିଆ ଗଳ୍ପ, ଗାଳ୍ପିକ, ବିଶ୍ଳେଷଣ (୨୦୨୫), ବିଦ୍ୟାପୁରୀ, କଟକ।

୧୬. ଓଡ଼ିଶାର ସାଂସ୍କୃତିକ ପଟ୍ଟଭୂମିରେ ମୟୂରଭଞ୍ଜ (୨୦୨୫), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ।

୧୭. ଆଧୁନିକ ଓଡ଼ିଆ କବିତା, ଗଳ୍ପର ଚେତନା ସ୍ଥିତି ଓ ଧାରା – ଫ୍ରେଣ୍ଡସ ପବ୍ଲିଶର୍ସ, କଟକ (୨୦୨୫)

୧୮. ମୟୂରଭଞ୍ଜର ଇତିହାସ (୨୦୨୫), ପ୍ରାଚୀ ସାହିତ୍ୟ ପ୍ରକାଶନ, କଟକ ।

ସଂପାଦନା ପୁସ୍ତକ

୧. ଓଡ଼ିଆ ଲେଖିକାଙ୍କ ନିର୍ବାଚିତ ଗଳ୍ପ(ସଂପାଦନା) (୨୦୧୮)- ନେ.ବିଟି, ନିୟୁଦିଲ୍ଲୀ

୨. କବିତା ବାରିକଙ୍କ ନିର୍ବାଚିତ ଗଳ୍ପ (୨୦୨୩), ବନଫୁଲ, ଭୁବନେଶ୍ୱର ।

୩ . କବିତା ବାରିକଙ୍କ ଗଳ୍ପସମଗ୍ର (୨୦୨୪), ପ୍ରଥମ ଭାଗ, ବିଦ୍ୟାପୁରୀ, କଟକ ।

ଆତ୍ମଜୀବନୀ

୧. ନିଜକଥା (ପ୍ରଥମ ଭାଗ)୨୦୧୩ -ପଢ଼ାପଢ଼ି ପବ୍ଲିକେଶନ, ଭୁବନେଶ୍ୱର ।

୨.ମୋ ଜୀବନ କେବେ କେମିତି (ଦ୍ୱିତୀୟ ଭାଗ) ୨୦୨୨- ଏଥେନା ବୁକ୍ସ, ଭୁବନେଶ୍ୱର ।

୩. ଏବେ ଫେରିବାର ବେଳ (ତୃତୀୟ ଭାଗ) ଏଥୋନାବୁକ୍ସ, ଭୁବନେଶ୍ୱର (୨୦୨୫), ପ୍ରକାଶ ପାଇବାକୁ ଯାଉଅଛି ।

ଜୀବନୀ

୧. ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ- ରାଇରଙ୍ଗପୁରରୁ ରାଇସିନା,ବିଦ୍ୟାପୁରୀ, କଟକ, ପ୍ରଥମ ସଂସ୍କରଣ-୨୦୨୨ ।

ପୁରସ୍କାର ଓ ସମ୍ମାନ

ଲେଖିକା ଡ.କବିତା ବାରିକ ନିଜ ପ୍ରତିଭା, ସୃଜନୀ ବା କୃତି କୃତିତ୍ୱ ନିମନ୍ତେ ବିଭିନ୍ନ ଅନୁଷ୍ଠାନ, ସାଂସ୍କୃତିକ ସଂସ୍ଥା ବହିମେଳା ତରଫରୁ ଯେଉଁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି । ତାହା ନିମ୍ନରେ ଏକ ତାଲିକା ପ୍ରଦାନ କରାଯାଇଛି ।

୧. ପି.କେ. ମହାନନ୍ଦିଆ ବୃତ୍ତି (୧୯୮୬), ସୁଇଡ଼େନ ।

୨. ପ୍ରଜାତନ୍ତ୍ର ବିଷୁବ ପୁରସ୍କାର (୧୯୮୮), କଟକ ।

୩. ବାର୍ତ୍ତା ଉର୍ମି ସମ୍ମାନ (୧୯୯୦), ବାଲେଶ୍ୱର ।

୪. ଅଧୁନା ଗଳ୍ପ ସମ୍ମାନ (୧୯୯୦), ପୁରୀ ।

୫. ଗଙ୍ଗାଧର ମେହେର ପରିଷଦ ଗଳ୍ପ ସମ୍ମାନ (୧୯୯୦), ସୁନ୍ଦରଗଡ଼।

୬. ପୂଜ୍ୟପୂଜା ବାରିପଦା ପକ୍ଷରୁ ଗଳ୍ପ ସମ୍ମାନ (୧୯୯୯), ବାରିପଦା ।

୭. କହ୍ନେଇ ଗଳ୍ପ ସମ୍ମାନ (୨୦୦୧), ବାଲେଶ୍ୱର ।

୮. ଆଗାମୀ ଶତାବ୍ଦୀ ଗଳ୍ପ ସମ୍ମାନ (୨୦୦୨), କଟକ ।

୯. ଜୀବନ ରଙ୍ଗ ଗଳ୍ପ ସମ୍ମାନ (୨୦୦୨), କଟକ ।

୧୦. ତୀରତରଙ୍ଗ ଗଳ୍ପ ସମ୍ମାନ (୨୦୦୩), ଭୁବନେଶ୍ୱର ।

୧୧. ରାଜଧାନୀ ପୁସ୍ତକ ମେଳା ପୁରସ୍କାର (୨୦୦୩), ଭୁବନେଶ୍ୱର ।

୧୨. ସୁଧନ୍ୟା ଗଳ୍ପ ସମ୍ମାନ (୨୦୦୫), ଭୁବନେଶ୍ୱର ।

୧୩. ସୁଧାଂଶୁ ବାଳା ଉପନ୍ୟାସ ସମ୍ମାନ (ଓଡ଼ିଶା ଲେଖିକା ସଂସଦ),

୨୦୦୭, ଭୁବନେଶ୍ୱର ।

୧୪. ସାଗରିକା ଗଳ୍ପ ସମ୍ମାନ (୨୦୦୮), ବାଲେଶ୍ୱର ।

୧୫. ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ (୨୦୦୯), ବାଲେଶ୍ୱର ।

୧୬. ଦୀନକୃଷ୍ଣ ସ୍ମୃତି ପରିଷଦ, ଜଳେଶ୍ୱର ତରଫରୁ ସମ୍ମାନ (୨୦୦୯), ଜଳେଶ୍ୱର, ବାଲେଶ୍ୱର ।

୧୭.ପୂଜ୍ୟପୂଜା, ବାରିପଦା ପକ୍ଷରୁ ଭଞ୍ଜପତୀ ସମ୍ମାନ (୨୦୦୯), ବାରିପଦା ।

୧୮. ସୁବ୍ରତ ରଥ ସ୍ମାରକୀ ଗଳ୍ପ ପୁରସ୍କାର (୨୦୧୧), ଗଙ୍ଗାଧର ରଥ ଫାଉଣ୍ଡେସନ, କଟକ ।

୧୯.କଳିଙ୍ଗ ପୁସ୍ତକ ମେଳା ପୁରସ୍କାର, (ବାମା ପୁସ୍ତକ ପାଇଁ) ଭୁବନେଶ୍ୱର।

୨୦. ମା ଟାଙ୍କରା ଶୁଣୀ ସମ୍ମାନ (୨୦୧୨), ରାଢ଼ୋ, ମୟୂରଭଞ୍ଜ ।

୨୧. ଅବସର ବିଷୁବ ଗଳ୍ପ ପୁରସ୍କାର (୨୦୧୩), ବାସୁଦେବପୁର, ଭଦ୍ରକ ।

୨୨. ସାହିତ୍ୟ ଭାରତୀ ସମ୍ମାନ (୨୦୧୪), ସାହିତ୍ୟ ସଂସଦ, ରାଢ଼ୋ, ମୟୂରଭଞ୍ଜ ।

୨୩. କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ଗଳ୍ପ ପୁରସ୍କାର (୨୦୧୪), କଟକ ।

୨୪. କାଦମ୍ବିନୀ ଗଳ୍ପ ପୁରସ୍କାର (୨୦୧୪), ଭୁବନେଶ୍ୱର ।

୨୫. ଓଡ଼ିଆ ସାହିତ୍ୟ ସମାଜ ସମ୍ମାନ (୨୦୧୪), ୩୫ତମ ବାର୍ଷିକ ଉତ୍ସବରେ ସମ୍ମାନ ପ୍ରଦାନ ଖରିଆ କଲେଜ, ବାଲେଶ୍ୱର ।

୨୬. ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ତରଫରୁ ଆର୍ନ୍ତଜାତୀୟ ମହିଳା ସଶକ୍ତି କରଣ ଦିବସରେ ସମ୍ମାନ (୨୦୧୪), ବାରିପଦା ।

୨୭. ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି- ଏକାଡ଼େମୀ, କଟକ ତରଫରୁ ଉପନ୍ୟାସ ସମ୍ମାନ (୨୦୧୪) ଏକାମ୍ର ପୁସ୍ତକ ମେଳା, ଭୁବନେଶ୍ୱର ।

୨୮. ଆରଣ୍ୟକ ସାହିତ୍ୟ ସଂସଦ ଗଳ୍ପ ସମ୍ମାନ (୨୦୧୫), ବେତନଟୀ, ମୟୂରଭଞ୍ଜ ।

୨୯. ଚାଳିଶତମ ବସନ୍ତ ସମାରୋହ ସମ୍ମାନ (୨୦୧୭), ମ୍ୟୁଜିକ ସର୍କଲ, ରାଉରକେଲା ।

୩୦. ସାହିତ୍ୟ ଶ୍ରୀ ସମ୍ମାନ (୨୦୧୭), ଇମାମୀ ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ତରଫରୁ, ବାଲେଶ୍ୱର ।

୩୧.ସତ୍ୟବାଦୀ ପତ୍ରିକା (ସମାଜ) – ସମ୍ମାନିତ- ୨୦୧୭, କଟକ ।

୩୨.ସତ୍ୟବାଦୀ ପତ୍ରିକା (ସମାଜ) – ସମ୍ମାନିତ- ୨୦୧୮,କଟକ ।

୩୩. ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ (୨୦୧୯), ଭୁବନେଶ୍ୱର ।

୩୪. କୁମୁଦିନୀ ସ୍ମୃତି ପୁସ୍କାର (୨୦୧୯), ଗୋକୁଳାନନ୍ଦ ପାଉଣ୍ଡେସନ, କଟକ ।

୩୫. ସାରଳା ସାହିତ୍ୟ ସମ୍ମାନ (୨୦୧୯), କଟକ ।

୩୬. ଲେଖାଲେଖି ବରେଣ୍ୟ ପ୍ରତିଭା ସମ୍ମାନ (୨୦୧୯), ଭୁବନେଶ୍ୱର ।

୩୭. ଗୋକର୍ଣ୍ଣିକା ଗଳ୍ପ ସମ୍ମାନ (୨୦୧୯), ଜାରକା, ଧର୍ମଶାଳା, କଟକ ।

୩୮. ରଙ୍ଗରାଗ ଗଳ୍ପ ସମ୍ମାନ (୨୦୨୦), ବାସୁଦେବପୁର, ଭଦ୍ରକ ।

୩୯. ବନଫୁଲ ରୌପ୍ୟଜୟନ୍ତୀ ଗଳ୍ପ ସମ୍ମାନ (୨୦୨୦), କେନ୍ଦ୍ରାପଡ଼ା, କଟକ ।

୪୦. ଫକୀରମୋହନ ଗଳ୍ପ ସମ୍ମାନ (୨୦୨୧) ଫକୀର ମୋହନ ସାହିତ୍ୟ ସଂସଦ, ବାଲେଶ୍ୱର ।

୪୧. ଗଳ୍ପ ସମ୍ମାନ- ଚେତାବନୀ ସାହିତ୍ୟ ସଂସଦ (୨୦୨୨), କେସିଙ୍ଗା, କଳାହାଣ୍ଡି ।

୪୨. ଭୂମି ଗୌରବ ସମ୍ମାନ (୨୦୨୪), ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ବାରିପଦା ।

୪୩. ଅଜୟ ଦାଶ ସ୍ମୃତି ସମ୍ମାନ (୨୦୨୪), ଅଜୟ ଦାଶ ସ୍ମୃତି କମିଟି, ବାରିପଦା ।

୪୪. ବାଣୀପୀଠ ସର୍ବୋଚ୍ଚ ପୁରସ୍କାର (୨୦୨୪), ବଡ଼ସାହି, ମୟୂରଭଞ୍ଜ।

ସଭ୍ୟା

ଆଜୀବନ ସଦସ୍ୟା – ଓଡ଼ିଶା ଲେଖିକା ସଂସଦ, ଭୁବନେଶ୍ୱର ।

ଆଜୀବନ ସଦସ୍ୟା – ଉତ୍କଳ ସାହିତ୍ୟ ସମାଜ, କଟକ ।

ଆଜୀବନ ସଦସ୍ୟା - ଦୀନକୃଷ୍ଣ ସ୍ମୃତି ପରିଷଦ, ଭୁବନେଶ୍ୱର ।

ସଦସ୍ୟା – ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୧୪-୨୦୧୬ ।

ସଂପାଦନା

ପୁନଶ୍ଚ ଉତ୍କଳପ୍ରଭା – ୨୦୧୧-୨୦୧୮ ।

ଓଡ଼ିଆ ଲେଖିକାଙ୍କ ଗଳ୍ପ – ୨୦୧୮ – ଏନ୍.ବି. ଟି., ନିୟୁଦିଲ୍ଲୀ ।

ସହସଂପାଦିକା

ଖବର କାଗଜ – ୧୯୮୪-୮୫

ସମ୍ବାଦ- ୧୯୮୫- ୮୬

ଧରିତ୍ରୀ – ୧୯୮୬- ୮୭

ଓଡ଼ିଆ ସାହିତ୍ୟରେ ଜଣେ ବହୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ ରୂପରେ ଡ.କବିତା ବାରିକ ହୋଇ ପାରିଛନ୍ତି ପ୍ରତିଭାତ । ତାଙ୍କର 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ ୧୮୯୮-୧୯୯୮' ଏକ ଉପାଦେୟ ପୁସ୍ତକ ଉପରେ ଗ୍ରହଣ କରାଯାଇଛି । ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ସାହିତ୍ୟର ଉତ୍ତର ଅଶୀ ସମାଲୋଚନା କ୍ଷେତ୍ରରେ କବିତା ବାରିକ ଯେ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିବେ ଏଥିରେ ଦ୍ୱିମତ ଥାଇ ନପାରେ । ଜଣେ ସାମାଜିକ ପ୍ରତିବଦ୍ଧତା ଥିବା ଲେଖିକା ଭାବରେ କବିତା ବାରିକଙ୍କୁ ନିର୍ବିବାଦରେ ଗ୍ରହଣ କରାଯାଇପାରେ । ସାମାଜିକ ପ୍ରତିବଦ୍ଧତାର ଆବଶ୍ୟକତାକୁ ଯୁଗେ ଯୁଗେ ସାହିତ୍ୟ ସମାଲୋଚକମାନେ ସ୍ୱତଃସ୍ଫୁର୍ତ୍ତ ରୂପରେ ସ୍ୱୀକାର

କରିଆସିଛନ୍ତି । ତେଣୁ ଏପରି ଏକ ଦୁରୂହ କାର୍ଯ୍ୟରେ ମନୋନିବେଶ କରିବା ପାଇଁ ଯେଉଁ ଶକ୍ତି, ସାହସ,ଉଦ୍ଯୋଗ, ତ୍ୟାଗ, ନିଷ୍ଠା ଓ ମାନସିକତାର ଆବଶ୍ୟକତା ରହିଛି, ତାହା ଆଲୋଚ୍ୟ ସାହିତ୍ୟ ସାଧିକା ଡ.ବାରିକଙ୍କ ପାଖରେ ବହୁ ଭାବରେ ଗଚ୍ଛିତ ହୋଇ ରହିଥିବାର ପ୍ରତୀୟମାନ ହୋଇଥାଏ । ଏଣୁ ନିରହଂକାର ଚିତ୍ତରେ ସମାଲୋଚନା କରିବାର ଗୁରୁ ଦାୟିତ୍ୱ ନିର୍ବାହ କରିବାରେ ଡ.ବାରିକଙ୍କର ଉଦ୍ୟମ ଖୁବ୍ ପ୍ରଶଂସନୀୟ ।

ସହାୟକ ଗ୍ରନ୍ଥସୂଚୀ

୧. ବାରିକ ଡ.କବିତା, ବାମା, ପୁନଶ୍ଚ ଉକଳପ୍ରଭା, ପ୍ରଥମ ସଂସ୍କରଣ-୨୦୧୧ ।

୨. ବାରିକ ଡ.କବିତା (ସଂପାଦିକା), ନିଜକଥା (ଆତ୍ମଜୀବନୀ) ପଢ଼ାପଢ଼ି, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୧୩ ।

୩. ବାରିକ ଡ.କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ, ବିଦ୍ୟାପୁରୀ, ପ୍ରଥମ ପ୍ରକାଶ-୧୯୯୯।

୪. ପାତ୍ର ରଞ୍ଜିତା, କବିତା ବାରିକଙ୍କ ସୃଷ୍ଟିର ଦିଗ ଓ ଦିଗନ୍ତ,ପଢ଼ାପଢ଼ି, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୧୩ ।

୫. ବାରିକ ଡ.କବିତା (ସଂପାଦିକା), ପୁନଶ୍ଚ ଉକଳପ୍ରଭା (ପତ୍ରିକା), ଶାରଦୀୟ ସଂଖ୍ୟା-୨୦୧୫)

୬. ବାରିକ ଡ.କବିତା (ସଂପାଦିକା), ପୁନଶ୍ଚ ଉକଳପ୍ରଭା (ପତ୍ରିକା), ଶାରଦୀୟ ସଂଖ୍ୟା-୨୦୧୬)

୭. ବାରିକ ଡ.କବିତା (ସଂପାଦିକା), ପୁନଶ୍ଚ ଉକଳପ୍ରଭା (ପତ୍ରିକା), ଶାରଦୀୟ ସଂଖ୍ୟା-୨୦୧୭)

ସାକ୍ଷାତକାର

୧. ଓଡ଼ିଆ ସାହିତ୍ୟରେ ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ ଗଳ୍ପ ବିଭାଗଟିରେ ଆପଣଙ୍କ ଅଧିକ ଆସକ୍ତି କାହିଁକି ?

ଉ- ମୁଁ ପ୍ରଥମେ ଗଳ୍ପରେ ପାଠିକା ଥିଲି । ଫକୀରମୋହନଙ୍କ ଗଳ୍ପ ଥିଲା ମୋର ଆଦ୍ୟ ପ୍ରେରଣା । ପରେ ବିଭିନ୍ନ ଗାଳ୍ପିକଙ୍କ ଗଳ୍ପ ମୋତେ ଆକୃଷ୍ଟ କରିଥିଲା । ମୁଁ ବି ଗଳ୍ପ ଲେଖିବି ଏମିତି ଏକ ସମ୍ଭାବନା ମୋ ଭିତରେ ଜନ୍ମ ନେଇଥିଲା ।

୨. ସାଂପ୍ରତିକ ସମୟରେ ଆପଣ ଜଣେ ବିଶିଷ୍ଟ ଗଳ୍ପିକା । ଗଳ୍ପ ରଚନା କ୍ଷେତ୍ରରେ ଆପଣଙ୍କର ଅନୁଭବ ଓ ଅନୁଭୂତି ବହୁ ଚର୍ଚ୍ଚିତ, ତେଣୁ ଅନୁଗ୍ରହ କରି ଆପଣ ଆପଣଙ୍କ ଗଳ୍ପ ସଂପର୍କରେ କିଛି କୁହନ୍ତୁ।

ଉ- ମୋ ପାଠକ/ପାଠିକାମାନେ ଯଦି ମୋତେ ସାଂପ୍ରତିକ ସମୟର ଜଣେ ବିଶିଷ୍ଟ ଗାଳ୍ପିକା ଭାବରେ ଗ୍ରହଣ କରିଛନ୍ତି । ତାହାଲେ ତୋ ମୋର ଖୁସି ହେବାର କଥା । ମୋର ଏପର୍ଯ୍ୟନ୍ତ ଅଠରଟି ଗଳ୍ପ ସଂକଳନର ପ୍ରକାଶ ପାଇ ସାରିଲାଣି । ମହାରାଜ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦାରେ ପଢୁଥିଲା ବେଳେ ପ୍ରକାଶ ପାଉଥିବା ଭଂଜଭାରତୀରେ ମୋର ଗଳ୍ପ 'ମୋନାଲିସାର ହସ' ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ବାଣୀବିହାରରେ ପଢ଼ିଲା ବେଳେ ମୋର ଗଳ୍ପଝର, ଝଙ୍କାର, ଇସ୍ତାହାର, ଗୋକର୍ଣ୍ଣିକା, ସୁଚରିତା ପ୍ରଭୃତିରେ କ୍ରମଶଃ ଗଳ୍ପ ସବୁ ପ୍ରକାଶ ପାଇବାକୁ ଲାଗିଲା । ସେତେବେଳେ ପାଠକମାନେ ଗଳ୍ପଟିଏ ପଢ଼ି ଚିଠି ପଠାଉଥିଲେ । ଆଜି ଭଳି ଟି.ଭି., ମୋବାଇଲ, କମ୍ପ୍ୟୁଟର ନଥିଲା । ପତ୍ର ପତ୍ରିକା, ବହି ଥିଲା ସାହିତ୍ୟ ପ୍ରେମୀଙ୍କ ମାଧ୍ୟମ । ତେଣୁ ପାଠକମାନେ ମୋର ପ୍ରେରଣା ପାଲଟିଗଲେ । ମୋ ନିଜ ଜୀବନ, ମୋ ଚରିତ୍ର ଓ ଘଟଣା ଗଳ୍ପର ବିଷୟ ବସ୍ତୁ, ଚରିତ୍ର ସାଜିଲେ । ତେଣୁ ସମାଜ ହିଁ ମୋ ଗଳ୍ପର ସାଉଁଟାଭୂମି । ଅନେକ ନିଛକ ଘଟଣା ମୋ ଗଳ୍ପର ବିଷୟବସ୍ତୁ ପାଲଟିଛନ୍ତି ।

୩. ସାହିତ୍ୟରେ ବହୁ ପୁସ୍ତକ ରଚନା କରିଥିଲେ ମଧ୍ୟ ଆପଣଙ୍କର ସବୁଠୁ ପ୍ରିୟ ପୁସ୍ତକଟିର ନାମ କଣ ?

ଉ- ମାଆଟିଏ ବହୁ ସନ୍ତାନର ଜନନୀ ହୋଇଥିଲେ କେଉଁ ପିଲାଟା ଭଲ, ଖରାପ କହିବା ହୁଏତ ଶୋଭନୀୟ ନୁହେଁ । ପୁସ୍ତକଟିଏ ପ୍ରକାଶିତ ହେଲା ପରେ ମନେ ହୁଏ ଏଇଟା ମୋର ଭଲ ବହି । ତେବେ ପରବର୍ତ୍ତୀ ସମୟରେ ଭାବେ ଆହୁରି ଭଲ ଲେଖିବାର ଥିଲା । ସେ ଯାହା ହେଉ 'ବାମା', ଆତ୍ମଜୀବନୀ, ନିଜକଥା ସହିତ ମୋତେ ପ୍ରାୟ ମୋର ସବୁ ଗଳ୍ପ ସଂକଳନ ପ୍ରିୟ ବୋଲି କହିବି । ନିର୍ଦ୍ଦିଷ୍ଟ ଭାବରେ କହିବା ସମ୍ଭବପର ନୁହେଁ ।

୪. ସାଂପ୍ରତିକ ସମୟରେ ସମାଜରେ ବିଭିନ୍ନ ପ୍ରକାର ସମସ୍ୟା ଥିବା ସତ୍ତ୍ୱେ ଆପଣ କାହିଁକି ନାରୀ ସମସ୍ୟାକୁ ଆପଣଙ୍କର ଗଳ୍ପର ମୁଖ୍ୟ ସ୍ୱର ଭାବେ ଦର୍ଶାଇଛନ୍ତି ?

ଉ- ସାଂପ୍ରତିକ ସମୟର ବହୁ ସାମାଜିକ ସମସ୍ୟା ମୋ ଗଳ୍ପରେ ରହିଛି। ଯେମିତି ବିସ୍ଥାପିତଙ୍କୁ ନେଇ 'ପାନବରଜ', 'ଭିଟାମାଟିରେ ଏନକାଉଣ୍ଟର', ଅନ୍ଧବିଶ୍ୱାସକୁ ନେଇ 'ଚାହାଣୀ','ଦେବୀ'ଗଳ୍ପ, ପୁଅ ବୋହୂର ଅବହେଳାର ଶିକାର ବାପାମାଙ୍କୁ ନେଇ 'ଜିରା ନିବାସ', ମଣିଷର ଦାରିଦ୍ର୍ୟକୁ ନେଇ 'ମଣିଷହାଟ', 'ଭୋକ' ଏମିତି ଅନେକ ଗଳ୍ପ। ତେବେ ମୁଖ୍ୟତଃ ନାରୀ ହୋଇଥିବାରୁ ନାରୀର ପୀଡ଼ା, ଦୁଃଖ, ନିର୍ଯ୍ୟାତନା, ବ୍ୟଥା, ମୋତେ ବ୍ୟଥିତ କରିଛି । ସେମାନଙ୍କୁ

ମୁଖ୍ୟସ୍ରୋତରେ ଆଣିବା, ଅଧିକାର ସଚେତନ କରାଇବା, ପୁରୁଷର ଅତ୍ୟାଚାର, ନିର୍ଯ୍ୟାତନା,ପାଶବିକତାର ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ମୁଁ ଅନେକ ନାରୀବାଦୀ ଗଳ୍ପ ଲେଖିଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ସମାଜର ବିଭିନ୍ନ ସମସ୍ୟା ସହିତ ନାରୀମାନଙ୍କର ସମସ୍ୟା ଅନେକ । ତେଣୁ ମୁଁ ଏହାକୁ ଗ୍ରହଣ କରୁଛି । ଅନ୍ଧବିଶ୍ୱାସ, ନିର୍ଯ୍ୟାତନା ଭିତରେ ସଢୁଥିବା ନାରୀମାନଙ୍କ ଭିତରେ ଶିକ୍ଷା, ଆତ୍ମବିଶ୍ୱାସ, ପ୍ରତିରୋଧ, ସଚେତନ ସୃଷ୍ଟି କରିବା ପାଇଁ ହିଁ ମୋର ଲେଖନୀ ସଦା ପ୍ରତିକ୍ରିୟାଶୀଳ ।

୫. ଆପଣ ଆପଣଙ୍କ ବହୁ ଗଳ୍ପ ଓ ଉପନ୍ୟାସରେ ନାରୀକୁ କେନ୍ଦ୍ର କରି ଲେଖାଯାଇଛି । ଆପଣଙ୍କ ଏହି ଲେଖନୀ ଦ୍ୱାରା ଅନୁପ୍ରାଣୀତ ହୋଇ ନାରୀ ଦିନେ ଉଚ୍ଚ ଶିଖରରେ ପହଂଚି ପାରିବ କି ?

ଉ- ସେ ବିଶ୍ୱାସ ନଥିଲେ କାହିଁକି ଲେଖକ ହେଉକି ଲେଖିକା ଗଳ୍ପ, ଉପନ୍ୟାସ ଲେଖିଥାନ୍ତେ ? ତେବେ ଏସବୁ ଲେଖା ସେମାନଙ୍କ ପାଖରେ ପହଂଚିବା ଦରକାର ବା ସେମାନେ ଖୋଜି ଖୋଜି ପଢ଼ିବା ଆବଶ୍ୟକ । ତା ନହେଲେ ଲେଖାର କୌଣସି ମୂଲ୍ୟ ନାହିଁ । ମୁଁ କିନ୍ତୁ ଏଦିଗରେ ବଡ଼ ଆଶାବାଦୀ । ଜଣେ ବି ନାରୀ ଯଦି ମୋ ଲେଖାକୁ ଆଧାର କରି ଉଚ୍ଚ ଶିଖରରେ ପହଂଚିଥିବ ବା ପହଂଚିବ ତାହେଲେ ଭାବିବି ମୋ ଲେଖା ସାର୍ଥକ ହେଲା ।

୬. ଆଜିର ଏହି ଆଧୁନିକ ଦୁନିଆରେ ପୁରୁଷ ଓ ନାରୀର ସ୍ଥାନ ହୋଇ ଯାଇଛି ସମାନ । ପୁରୁଷ ତୁଳନାରେ ନାରୀ ମଧ୍ୟ ଆଜି କିଛି କମ୍ ନୁହେଁ, କିନ୍ତୁ ଆପଣଙ୍କ ଗଳ୍ପରେ ନାରୀର ସରଳତା ଗୁଣକୁ ହିଁ କେବଳ ଦେଖାଯାଇଛି । ଆଜିର ଆଧୁନିକ ନାରୀ ସଂପର୍କରେ ଆପଣଙ୍କ ମତାମତ କଣ ?

ଉ- ମୋର କେଉଁ ଗଳ୍ପରେ ନାରୀର କେବଳ ସରଳତା ଦେଖିଲ ? ସେମାନେ ତ ବିଦ୍ରୋହୀ ନାରୀ । ନିଜକୁ ସ୍ୱାବଲମ୍ବନଶୀଳା କରି ନିଜେ ନିଜର ପରିଚୟ ସୃଷ୍ଟି କରିବା ଲାଗି ସଦା ସଂଗ୍ରାମରତା । ଯେମିତି ମୋର ଗଳ୍ପ 'ଅସ୍ତିତ୍ୱ', 'ଟିକି ଅଗଣାର ଝିଅ', 'ଦେହଖେଳ', 'ମୁକ୍ତି', 'ନାରୀ', 'କାଗଜ ଡଙ୍ଗାରେ ସମୟ', 'ଏଇଠୁ ଆରମ୍ଭ' ପ୍ରଭୃତି ବହୁ ଗଳ୍ପ ରହିଛି । ଆଜିର ଆଧୁନିକା ନାରୀମାନେ ପରଂପରା ଭୁଲିଛନ୍ତି । ସେମାନେ ନିଜର ସଂସ୍କୃତି ପ୍ରତି ଆଦୌ ସଚେତନ ନୁହଁନ୍ତି । ପ୍ରସାଧନ, ପୋଷାକ, ସ୍ମାର୍ଟଫୋନର ଦୁନିଆ ଭିତରେ ହଜିଛନ୍ତି । ଆଜି ଯେଉଁ ସବୁ ଘଟଣା ଝିଅମାନଙ୍କୁ ନେଇ ଘଟୁଛି ସେଥିରେ ସେମାନେ ମଧ୍ୟ ଦାୟୀ ବୋଲି ମତ ପ୍ରକାଶ ପାଉଛି । କହିବା ବାହୁଲ୍ୟ, ଆଜି ଏକ ଘଡ଼ିସନ୍ଧି ଭିତରେ ନାରୀ ଗତି କରୁଛି । ସେମାନେ ଯେତିକି ପ୍ରତିଭାମୟୀ, ସ୍ୱାବଲମ୍ବନଶୀଳା ସେତିକି ମଧ୍ୟ ସ୍ୱେଚ୍ଛାଚାରିଣୀ ଅବାଧ୍ୟ।

୭. ବାମାବାଦୀ ଚେତନା ଲେଖିବା ପଛରେ ଆପଣଙ୍କ ପ୍ରେରଣା କିଏ ?

ଉ- ବାମାବାଦୀ ଚେତନା ଲେଖିବା ପଛରେ ମୋ ପ୍ରେରଣା ସେହି ନାରୀମାନେ ଯାହାଙ୍କ ଜୀବନର ପୀଡ଼ା, ବ୍ୟଥା, ହେଉଥିବା ପାଶବିକତା, ଅଜ୍ଞାନତା, ଦାରିଦ୍ର୍ୟ ମୋତେ ବ୍ୟଥିତ ତଥା ଦୁଃଖିତ କରିଛି । ସେଥିପାଇଁ ତାଙ୍କୁ ଅଜ୍ଞାନ ଅନ୍ଧକାର ଭିତରୁ ଟାଣିଆଣି ନିଜକୁ ଚିହ୍ନିବା, ଜାଣିବା, ବିରୋଧ କରିବା, ସର୍ବୋପରି ନିଜ ଗୋଡ଼ରେ ଠିଆ ହେବାର ରାସ୍ତା ମୁଁ ମୋ ଲେଖନୀ ମାଧ୍ୟମରେ ପ୍ରୟାସ କରିଛି ।

୮. ସୃଜନ ନିମିତ୍ତ କେଉଁ ବିଶେଷ ସମୟକୁ ଆପଣ ଲୋଡ଼ିଥାନ୍ତି ? ସୃଜନ ସଂଘର୍ଷ ହୋଇଥାଏ କି ?

ଉ- ସେମିତି କିଛି ନିର୍ଦ୍ଦିଷ୍ଟ ସମୟ କହି ହେବନାହିଁ । ନିଜେ ଜଣେ କର୍ମଜୀବୀ, ବିବାହିତା ନାରୀ ହୋଇଥିବାରୁ ଜୀବିକା, ସଂସାର ଭିତରୁ ମୋତେ ସମୟ ବାହାର କରିବାକୁ ପଡ଼େ । ସୃଜନ ସଂଘର୍ଷ କଣ ? ଲେଖିବା ପାଇଁ ଯଦି କିଛି ମନକୁ ଆସେ, ସମୟ ନଥାଏ ତାକୁ ସୂଚନାରେ ଟିପି ଦେଇ ପରବର୍ତ୍ତୀ ସମୟରେ ଲେଖିଥାଏ । ନିହାତି, ମାଆଟିଏ ଗର୍ଭବେଦନା ପରେ ପିଲା ଜନ୍ମ କଲାପରେ ଯେମିତି ହାଲୁକା ହୋଇଯାଏ, ସେମିତି ଲେଖାଟିଏ ଲେଖିସାରି ସ୍ରଷ୍ଟା ହାଲୁକା ହୋଇଯାଏ।

୯. ଆପଣଙ୍କ ଲେଖିବାର ପ୍ରେରଣା ଆପଣଙ୍କ ପିତା ବ୍ୟତୀତ ଆପଣ ଆଉ କାହାକୁ ଦର୍ଶାଇବେ ?

ଉ- ମୋ ବାପାଙ୍କ ପରେ ମୋର ଜୀବନର ଅନୁଭୂତି, ପାରିପାର୍ଶ୍ୱିକ ପୃଥିବୀ, ଦେଖୁଥିବା ଘଟଣା ମୋର ପ୍ରେରଣା ପାଲିଟିଛି । ବ୍ୟକ୍ତି ବିଶେଷ କହିଲେ, ବାପାଙ୍କ ପରେ ନିର୍ଦ୍ଦିଷ୍ଟ ଭାବରେ କାହାର ନାଁ ନେବା ସମ୍ଭବ ନୁହେଁ । ବିଭିନ୍ନ ସମୟରେ ସାଙ୍ଗସାଥୀ, ଘଟଣା ପ୍ରତିଘଟଣା ଏମିତି ଅନେକ ପ୍ରେରଣା ପାଲଟିଛନ୍ତି । ସେଥିରେ ମୋ ସ୍ୱାମୀ, ପୁଅ କିଛି ବନ୍ଧୁବାନ୍ଧବୀକୁ ବି ଅନ୍ତର୍ଭୁକ୍ତ କରାଯାଇପାରେ।

୧୦. ଅଧ୍ୟୟନ ବ୍ୟତୀତ ଆପଣ କାହାକୁ ସବୁଠୁ ଅଧିକ ଭଲ ପାଆନ୍ତି ?

ଉ- ଅଧ୍ୟୟନ ବ୍ୟତୀତ ଲେଖାଲେଖି ହିଁ ମୋ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଜୀବିକା ଦୃଷ୍ଟିରୁ ଅଧ୍ୟୟନ କରିବାକୁ ପଡ଼େ । ପଢ଼ିବା ପଢ଼ାଇବା ଅଧ୍ୟାପନାର ବିଶିଷ୍ଟ । ଏହାଛଡ଼ା ନିଜ ବହି ପଢ଼ିବାକୁ ଭଲଲାଗେ । ଅଧ୍ୟାପନା ଜୀବିକା ହେଲାବେଳେ, ଲେଖାଲେଖି ମୋ ଜୀବନ । ଏତଦ୍ୱ୍ୟତୀତ ଆଉ ଅଧିକା ଭଲ ପଇବା କଥା ଯଦି କୁହାଯିବ, ତେବେ ମୁଁ ବହୁତ ଭ୍ରମଣପ୍ରିୟ । ବୁଲାବୁଲିରେ ବିଭିନ୍ନ ସ୍ଥାନ ଦେଖିବାରେ ଆଗ୍ରହ ଅଛି । ଗଛ ଲଗାଇବା, ବଗିଚାର ଯତ୍ନନେବା, ପୁରୁଣା ହିନ୍ଦୀ, ଓଡ଼ିଆ ଗୀତ ଶୁଣିବା ମୋର ଅନ୍ୟତମ ସଉକ । ଏହାଛଡ଼ା ଯଦି ଆହୁରି ଭଲ ପାଇବା କଥା ଉଠେ ତେବେ ସମୁଦ୍ର, ନୀଳ ଆକାଶ, ନିର୍ଜ୍ଜନତା ଆଉ ଚା ମୋତେ ଭଲ ଲାଗେ ।

«««

"କୌଣସି ସାଧୁ କାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ପ୍ରାଣପଣେ ଲାଗି ପଡ଼ିଲେ ଦୟାମୟ ପ୍ରଭୁ ସହାୟ ହୁଅନ୍ତି"

-ବ୍ୟାସକବି ଫକୀରମୋହନ ସେନାପତି

ବାଲେଶ୍ୱରରେ ପ୍ରଥମ ଛାପାଖାନା, ଆତ୍ମଜୀବନୀଚରିତ

ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।

ଇ-ମେଲ୍- bindubimarsha@gmail.com

ଦୂରଭାଷ- ୯୪୩୯୫୧୫୫୭୯

www.bindubimarsha.in

3049-2807

9 773049 280009

Price - ₹200/-